commonwealth sport
ଅହମ୍ମଦାବାଦରେ
୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା
▶ପୃଷ୍ଠା ୧୬ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-110 ◆THURSDAY ◆16 OCTOBER 2025 ◆PAGE-16 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୧୦ ◆ଗୁରୁବାର ◆୧୬ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୬ ◆ଟ.୬.୦୦


॥ ମାନସ ମଙ୍ଗରାଜ ॥

# ବ୍ୟତିକ୍ରମ

**କର୍ଦ୍ଦମାକ୍ତ ରାଜନୀତି ତାଙ୍କ ବ୍ୟକ୍ତିତ୍ୱକୁ ଛୁଇଁ ପାରିନାହିଁ; ବ୍ୟକ୍ତିଗତ ବିଦ୍ୱେଷ, ପାରସ୍ପରିକ ଆକ୍ଷେପ, କୁତ୍ସାରଟନା ତାଙ୍କ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିବାକୁ ସକ୍ଷମ ହୋଇନାହିଁ। ତାଙ୍କ ମତରେ ରାଜନୀତି ଓ ନୀତି ପରସ୍ପର ଅଙ୍ଗାଙ୍ଗୀ ଜଡ଼ିତ। ନୀତିହୀନ ରାଜନୀତି ସମାଜ ପାଇଁ କ୍ଷତିକାରକ ଓ ବିନା ନୀତିରେ ରାଜନୀତି ମୂଲ୍ୟହୀନ।**

ସେ ରାସ୍ତାକୁ ଓହ୍ଲାଇଲେ ଲୋକଙ୍କ ଥାଟପଟାଳି ଭାଙ୍ଗେ, ହାତ ହଲାଇଦେଲେ ଅୟୁତ ହୃଦୟରେ ଆନନ୍ଦର ପ୍ଲାବନ ଖେଳିଯାଏ। ଆଉ ହସିଦେଲେ ଚିର ସୁଗନ୍ଧିତ ଫୁଲର ବାସ୍ନାରେ ମହକି ଯାଏ କୋଟିକୋଟି ଲୋକଙ୍କ ମନ। ଓଡ଼ିଶା ହେଉଛି ତାଙ୍କର ଜୀବନ, ଓଡ଼ିଶାବାସୀ ହେଉଛନ୍ତି ତାଙ୍କର ପରିବାର, ପ୍ରତ୍ୟେକ ଜୀବନ ତାଙ୍କ ପାଇଁ ମୂଲ୍ୟବାନ। କୋଟିକୋଟି ଓଡ଼ିଆ ପରିବାରର ସେ ଅଘୋଷିତ ମୁରବୀ। କ୍ଷମତାରେ ଥାଆନ୍ତୁ ବା ନ ଥାଆନ୍ତୁ, ଓଡ଼ିଶା ପାଇଁ ତାଙ୍କ ଜୀବନ ଉତ୍ସର୍ଗୀକୃତ ଓ ପ୍ରତି ଓଡ଼ିଆର ବ୍ୟଥା ତାଙ୍କ ପାଇଁ ମର୍ମାନ୍ତିକ। ଦୀର୍ଘ ୨୪ ବର୍ଷ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ନବୀନ ପଟ୍ଟନାୟକ କେବଳ ଶାସନରେ ରେକର୍ଡ କରି ନାହାନ୍ତି; ଓଡ଼ିଶାକୁ ବିକାଶର ନଭଶ୍ଚୁମ୍ବୀ ଶିଖରରେ ପହଞ୍ଚାଇବାକୁ ସକ୍ଷମ ହୋଇଛନ୍ତି। ତାଙ୍କର ନୀତି ଦେଶରେ 'ନବୀନ ନୀତି' ରୂପେ ପରିଚିତି ପାଇଛି, ତାଙ୍କର ଆଦର୍ଶ ସାରା ଦେଶରେ ପ୍ରଶଂସିତ ହୋଇଛି, ତାଙ୍କର ପ୍ରତ୍ୟେକ କାର୍ଯ୍ୟକ୍ରମ ଅନ୍ୟ ରାଜ୍ୟ ପାଇଁ ଅନୁକରଣୀୟ ହୋଇଛି। ତାଙ୍କର ଯୋଜନା 'ନିତି' ବୈଠକରୁ ଆରମ୍ଭ କରି ଜାତିସଂଘ ପର୍ଯ୍ୟନ୍ତ ଗ୍ରହଣୀୟ ହୋଇଛି। କର୍ଦ୍ଦମାକ୍ତ ରାଜନୀତି ତାଙ୍କ ବ୍ୟକ୍ତିତ୍ୱକୁ ଛୁଇଁ ପାରିନାହିଁ; ବ୍ୟକ୍ତିଗତ ବିଦ୍ୱେଷ, ପାରସ୍ପରିକ ଆକ୍ଷେପ, କୁତ୍ସାରଟନା ତାଙ୍କ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିବାକୁ ସକ୍ଷମ ହୋଇନାହିଁ। ତାଙ୍କ ମତରେ ରାଜନୀତି ଓ ନୀତି ପରସ୍ପର ଅଙ୍ଗାଙ୍ଗୀ ଜଡ଼ିତ। ନୀତିହୀନ ରାଜନୀତି ସମାଜ ପାଇଁ କ୍ଷତିକାରକ ଓ ବିନା ନୀତିରେ ରାଜନୀତି ମୂଲ୍ୟହୀନ। କ୍ଷମତା ହାସଲ ରାଜନୀତିର ଉଦ୍ଦେଶ୍ୟ ନୁହେଁ; ଉଚ୍ଚ ରାଜନୈତିକ ମୂଲ୍ୟବୋଧ ଦ୍ୱାରା ଲୋକଙ୍କ କଲ୍ୟାଣ କରିବା ଏହାର ପ୍ରମୁଖ ଲକ୍ଷ୍ୟ। ମହାତ୍ମା ଗାନ୍ଧୀଙ୍କ ଅହିଂସା, ଗୌତମବୁଦ୍ଧଙ୍କ ଅଷ୍ଟାଙ୍ଗ ମାର୍ଗ, ମହାବୀର ଜୈନଙ୍କ ନିଷ୍କାମ ସାଧନା ଓ ଭୀମଭୋଇଙ୍କ ଜୀବନ ଦର୍ଶନର ଏକ ମିଳିତ ସମ୍ମିଶ୍ରଣ ହେଉଛି ନବୀନଙ୍କ ଜୀବନ। ସେହି ଦୃଷ୍ଟିରୁ ନବୀନ ହେଉଛନ୍ତି ଜଣେ ବ୍ୟତିକ୍ରମ ମୁଖ୍ୟମନ୍ତ୍ରୀ, ଭିନ୍ନ ରାଜନେତା।

ନିରାସକ୍ତି ହେଉଛି ମଣିଷର ସର୍ବୋଚ୍ଚ ଗୁଣ ଓ ଏହା ମଣିଷକୁ ଏକ ମଣିରେ ପରିଣତ କରିପାରେ। ରାଜପଦ ତ୍ୟାଗ କରି ଲୁମ୍ବିନୀ ଓ ବର୍ଦ୍ଧମାନର ଯୁବରାଜ ଯେଉଁ ପଥକୁ ବାଛିଥିଲେ, ତାହା ଥିଲା ସାଧାରଣ ମାନବିକ ପ୍ରକୃତିର ସମ୍ପୂର୍ଣ୍ଣ ବିପରୀତ। ଯୁବରାଜ ଗୌତମ ଉଭୟ ଆସକ୍ତି ତ୍ୟାଗ କରି ନିରାସକ୍ତ ହୋଇଥିଲେ। ଅନୁରୂପ ଭାବରେ ବୁଦ୍ଧ ଓ ମହାବୀରଙ୍କ ପଦାଙ୍କ ଅନୁସରଣ କରି ଏକ ସୁସ୍ଥ, ସ୍ୱଚ୍ଛନ୍ଦ, ସାବଲୀଳ ଜୀବନ ଛାଡ଼ି ଏକ ଆର୍ଥିକ ରୁଗ୍ଣ, ବାତ୍ୟା ବିଧ୍ୱସ୍ତ ରାଜ୍ୟର ଶାସନ ଭାର ନେବାକୁ ଆଗେଇ ଆସିଥିଲେ ନବୀନ ପଟ୍ଟନାୟକ। ସମ୍ଭ୍ରାନ୍ତ ବନ୍ଧୁଙ୍କ ସାନ୍ନିଧ୍ୟ ଛାଡ଼ି ଓଡ଼ିଶାର ଚାଷୀ, ମହିଳା, ଆଦିବାସୀଙ୍କ ସେବା କରିବା ଲାଗି ପଣ କରିଥିଲେ। ଏହାର ଫଳଶ୍ରୁତି ଥିଲା ଅତ୍ୟନ୍ତ ଚମକପ୍ରଦ। ବଦଳି ଯାଇଥିଲା ଦେଶର ସବୁଠୁ ଦୁର୍ବଳ, ଆର୍ଥିକ ରୁଗ୍ଣ, ମହାବାତ୍ୟା ଓ ମହାମାରୀ ପ୍ରବଣ ଓଡ଼ିଶାର କାୟାକଳ୍ପ। ତାଙ୍କ ହାତର କାଉଁରୀ ଛୁଆଁ ଓଡ଼ିଶାର ସଫଳତା ଓ ସୁନାମକୁ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବାକୁ ସକ୍ଷମ ହୋଇଥିଲା।




ଓଡ଼ିଆଙ୍କ ବିକାଶ, ସମୃଦ୍ଧ ଓଡ଼ିଶା ଗଠନ ନିମନ୍ତେ ସ୍ୱପ୍ନ ଦେଖୁଥିବା ପ୍ରବାଦପୁରୁଷ ବିଜୁବାବୁଙ୍କ ପଦାଙ୍କ ଅନୁସରଣ କରି ନବୀନ ଆଙ୍କିଥିଲେ ବିକାଶ ନକ୍ସା। ତାଙ୍କର ଦାରିଦ୍ର୍ୟ ଦୂରୀକରଣ, ସାମାଜିକ ସୁରକ୍ଷା, ମହିଳା ଓ କୃଷକଙ୍କ ସଶକ୍ତିକରଣ, ଶିଳ୍ପ ସ୍ଥାପନ, ସ୍ଥାନୀୟ ନିଯୁକ୍ତି କାର୍ଯ୍ୟକ୍ରମ ବଦଳାଇ ଦେଇଥିଲା ଓଡ଼ିଶାର ରୂପରେଖ। ସାଧାରଣ ଗରିବ ରୋଗୀର ଘରୋଇ ଡାକ୍ତରଖାନାରେ ଚିକିତ୍ସା ସ୍ୱପ୍ନକୁ ପୂରଣ କରିଥିଲା 'ବିଏସ୍‌କେୱାଇ'। ରାଜ୍ୟର ୮୦ଲକ୍ଷ ମହିଳାଙ୍କୁ ଆର୍ଥିକ ଓ ସାମାଜିକସ୍ତରରେ ସ୍ୱାବଲମ୍ବୀ କରିଥିବା 'ମିଶନ ଶକ୍ତି' ଦେଶର ଶ୍ରେଷ୍ଠ ମଡେଲ ଭାବରେ ବିବେଚିତ ହୋଇଥିଲା। ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିଥିଲା 'କାଳିଆ' ଓ 'ବଳରାମ' ପରି ଯୋଜନା।


ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କୁ ପ୍ରାଧାନ୍ୟ ଓଡ଼ିଶାକୁ ସାରା ଦେଶରେ ଦେଇଥିଲା ନୂଆ ପରିଚୟ। ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ୧୫% ସଂରକ୍ଷଣ, 'ନୂଆ-ଓ' ଯୋଜନାରେ କଲେଜ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୧୨ ହଜାର ଟଙ୍କା ପର୍ଯ୍ୟନ୍ତ ବୃତ୍ତି ଥିଲା ସମ୍ପୂର୍ଣ୍ଣ ନୂତନ ପଦକ୍ଷେପ। ରୂପାନ୍ତରଣ ଯୋଜନାରେ ରାଜ୍ୟର ଶିକ୍ଷାନୁଷ୍ଠାନ ନୂତନ ରୂପ। ପରିକ୍ରମା ପ୍ରକଳ୍ପ ଶ୍ରୀକ୍ଷେତ୍ର ପୁରୀର ଛବିକୁ ବଦଳାଇ ଦେଇଥିଲା। ରୂପାନ୍ତରଣ ଢାଞ୍ଚାରେ ବଦଳିଥିଲା ମହାପ୍ରଭୁ ଲିଙ୍ଗରାଜ, ତାରାତାରିଣୀ, ସମଲେଶ୍ୱରୀ ସହ ରାଜ୍ୟର ପ୍ରମୁଖ ଧାର୍ମିକ ପୀଠର କାୟାକଳ୍ପ। ସରକାରରେ ସ୍ୱଚ୍ଛତା ସହ ପ୍ରଶାସନକୁ ଦକ୍ଷ କରାଯିବା ନିମନ୍ତେ ଆରମ୍ଭ ହୋଇଥିଲା 'ମୋ ସରକାର'। ସରକାରୀ କାର୍ଯ୍ୟାନ୍ୱୟନ ପଦ୍ଧତିକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ନିମନ୍ତେ କାର୍ଯ୍ୟକାରୀ ହୋଇଥିଲା '୫-ଟି' ବ୍ୟବସ୍ଥା। ନବୀନଙ୍କ ପଦକ୍ଷେପର ଫଳଶ୍ରୁତି ସ୍ୱରୂପ ଖାଦ୍ୟ ସୁରକ୍ଷା ଯୋଜନାରେ ଓଡ଼ିଶାକୁ ମିଳିଥିଲା ଅନ୍ତର୍ଜାତୀୟ ସମ୍ମାନ। ବିପର୍ଯ୍ୟୟ ପରିଚାଳନାରେ ବିପୁଳ ସଫଳତା ପାଇଁ ମିଳିତ ଜାତିସଂଘ ଦେଇଥିଲା ସ୍ୱୀକୃତି। କ୍ରୀଡ଼ା କ୍ଷେତ୍ରର ରୂପାନ୍ତରଣ ଓ କ୍ରୀଡ଼ା ଆୟୋଜନରେ ସଫଳତା ପାଇଁ ଦେଶର କ୍ରୀଡ଼ା ହବ୍‌ରେ ପରିଣତ ହୋଇଥିଲା ଓଡ଼ିଶା। ଭୋକର ଭୂଗୋଳ ଓଡ଼ିଶା ଦେଶର ୪ର୍ଥ ଶ୍ରେଷ୍ଠ ଚାଉଳ ଯୋଗାଣକାରୀ ଓ ନିଅଣ୍ଟିଆରୁ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇ ପାରିଥିଲା। ଜଳସେଚନ, ଜଳ ଯୋଗାଣ, ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ସାମାଜିକ କଲ୍ୟାଣ କ୍ଷେତ୍ରରେ ଓଡ଼ିଶା ବିକାଶର ଅଗ୍ରଦୂତ ସାଜିଥିଲା, ସରକାରୀ ସେବା ହୋଇଥିଲା ଲୋକାଭିମୁଖୀ।

ସମାନତା ହେଉଛି ଏକ ରାଜନୈତିକ ମୂଲ୍ୟବୋଧ, ଯାହା ସୁନିଶ୍ଚିତ କରିବା ଶାସନ ମୁଖ୍ୟଙ୍କ ଦାୟିତ୍ୱ। ଜ୍ୟାମିତିକ ସମାନତା ରାଜନୈତିକ ନ୍ୟାୟ ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଥାଏ ଓ ସାଧାରଣ ଲୋକଙ୍କ କଲ୍ୟାଣକୁ ସୁନିଶ୍ଚିତ କରିଥାଏ। ଶାସ୍ତ୍ରରେ କୁହାଯାଇଛି, ଯେଉଁଠି ଆଇନ ନ୍ୟାୟସଙ୍ଗତ ନୁହେଁ, ତେବେ ତାହା ଅଦରକାରୀ ଓ ସାଧାରଣ ଲୋକଙ୍କ ପାଇଁ ଅହିତକର। ନବୀନ ଏହାକୁ ବୁଝିଥିଲେ ଓ କାର୍ଯ୍ୟରେ ବି ପରିଣତ କରିଥିଲେ। ସେଇଥିପାଇଁ ନବୀନ ଭିନ୍ନ, ଅନନ୍ୟ ଓ ସ୍ୱତନ୍ତ୍ର। ରାଜନୀତିର ସମୟ ଚକ୍ର ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ପଦଚ୍ୟୁତ କରିଛି ସିନା; ଏବେ ବି ସେ ରାଜ୍ୟର କୋଟିକୋଟି ଲୋକଙ୍କ ହୃଦୟର ମୁଖ୍ୟମନ୍ତ୍ରୀ।

ଆଜି ତାଙ୍କ ଜନ୍ମ ଦିନ। ଏହି ଅବସରରେ ତାଙ୍କୁ ଅୟୁତ ଅୟୁତ ଶୁଭ କାମନା ଜଣାଉଛୁ ଓ ଦୀର୍ଘ ନିରାମୟ ଜୀବନ କାମନା କରୁଛୁ।

ସାଂସଦ, ରାଜ୍ୟସଭା



# ଯୌତୁକ ନିଷେଧ ଆଇନ ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ

ଦେବଗଡ଼,୧୫।୧୦(ସମିସ): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ବୁଧବାର ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଯୌତୁକ ନିଷେଧ ଆଇନ ୧୯୬୧ର ଦିନିକିଆ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପଙ୍କଜିନି ସାହୁଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ୍ ଚୋପଦାର, ଓଡ଼ିଶା ଜୀବିକା ମିଶନ ଜିଲ୍ଲା ପରିଚାଳକ ଶିଶିର ଷଡଙ୍ଗୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଶିବିରର ଶୁଭାରମ୍ଭ କରିଥିଲେ। ଶିବିରରେ ମହିଳା ମାନଙ୍କୁ କିପରି ଯୌତୁକ ନିର୍ଯାତନାରୁ ରୋକାଯାଇ ପାରିବ ଏବଂ ସରକାରଙ୍କର ଯୌତୁକ ନିରୋଧ ଆଇନ ବିଷୟରେ ବିଭିନ୍ନ ଆଇନଗତ ସହାୟତା ସମ୍ପର୍କୀତ ଆଲୋଚନା କରିଥିଲେ। ଶିବିରର ପ୍ରଶିକ୍ଷକ ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଚୋପଦାର, ଜିଲ୍ଲା ଆଇନ ସେବା ପ୍ରାଧିକରଣରୁ ଆଇନ ବିଶେଷଜ୍ଞ ରଞ୍ଜନ ସାହୁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଜିତା'ରୁ ରୂପେଶ ବେହେରା ଓ ଶ୍ରଦ୍ଧାଞ୍ଜଳି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ସୁରକ୍ଷା ଅଧିକାରୀଣୀ ଜ୍ୟୋତ୍ସ୍ନା ତନ୍ତୀ, ମହିଳା ସଶକ୍ତି କେନ୍ଦ୍ର ପ୍ରୋଗ୍ରାମ ଅଧିକାରୀ ତାରାକାନ୍ତି ମହାନନ୍ଦିଆ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧ୍ୟକ୍ଷ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, 'ସପୋର୍ଟ'ର ନିର୍ଦ୍ଦେଶକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଜିତା' ସମ୍ପାଦକ, ସିଏସଡିଆର ସମ୍ପାଦକ ସକ୍ଷୀ ପରିଚାଳକ, ହବ୍ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ହବ ଜିଲ୍ଲା ସଂଯୋଜକ ସତ୍ୟବ୍ରତ ବେହେରା ସଂଯୋଜନା କରିଥିଲେ।

# ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

ଦେବଗଡ଼,୧୫।୧୦(ସମିସ): ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମହିମା ହେମ୍ବ୍ରମ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ୩ଟି ବ୍ଲକ୍‌ରୁ ମୋଟ ୯ଟି ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିଚାରକ ଭାବେ ବରିଷ୍ଠ ନାଟ୍ୟକାର ପ୍ରଦୀପ ଅମାନ୍ତ, ନାଟ୍ୟ ଅଭିନେତା ରାକେଶ ଶତପଥୀ ଦାୟିତ୍ୱ ବହନ କରିଥିଲେ। ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ସେଣ୍ଢୋ ବିଜ୍ଞାନ ଶିକ୍ଷକ ହେମନ୍ତ ହସ୍ତୀଙ୍କ ନିର୍ଦ୍ଦେଶିତ ନାଟକରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନିଖୁଣ ଅଭିନୟ ହୋଇଥିଲା ଏବଂ ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଜୋନାଲ ସ୍ତରରେ ଭାଗ ନେବା ନିମନ୍ତେ ମନୋନୀତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଇପ୍ସିତା ପଟ୍ଟନାୟକଙ୍କ ସଭାପତିତ୍ୱରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର କୃତୀ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

# ଜୁଆଖେଳ ଅଭିଯୋଗରେ ୫ କୋର୍ଟ ଚାଲାଣ

## ● ନଗଦ ଟଙ୍କା ସହ ବିଭିନ୍ନ ସାମଗ୍ରୀ ଜବତ

ଝାରସୁଗୁଡ଼ା,୧୫।୧୦(ସମିସ): ବେଆଇନ ଜୁଆ ଖେଳ ବେଳେ ବ୍ରଜରାଜନଗର ଥାନା ପୁଲିସ ମାଡ଼ି ବସିବା ସହ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବ୍ରଜରାଜନଗର ଥାନା ଅଞ୍ଚଳର ଧର୍ମେନ୍ଦ୍ର ଯାଦବ (୩୩), ସମୀର ଭାଇନା(୧୯), କିଶୋର ସିଂହ(୨୨), ରଞ୍ଜିତ ରାୟ(୨୮), ରୋହିତ ସିଂହ(୩୫) ବୋଲି ପୁଲିସ ତରଫରୁ ସୂଚନା ଦିଆଯାଇଛି। ଝାରସୁଗୁଡ଼ା ପୁଲିସ ପକ୍ଷରୁ ଅପରାଧ ନିୟନ୍ତ୍ରଣ ଏବଂ ବେଆଇନ କାର୍ଯ୍ୟକୁ ରୋକିବା ନେଇ 'ଅପରେସନ ନେତ୍ର' ଜାରି ରହିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବିଳମ୍ବିତ ରାତିରେ ବ୍ରଜରାଜନଗର ଥାନା ଲମଟିବାହାଲ ରୋହିଦାସପଡା ଅଞ୍ଚଳରେ ବେଆଇନ ଜୁଆ ଖେଳ ଚାଲିଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ବ୍ରଜରାଜନଗର ପୁଲିସ ପକ୍ଷରୁ ଏକ ଟିମ ଜୁଆ ଖେଳ ଉପରେ ଚଢ଼ଉ କରି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଥିବା ନେଇ ବ୍ରଜରାଜନଗର ପୁଲିସ ତରଫରୁ ସୂଚନା ଦିଆଯାଇଛି। ଅଭିଯୁକ୍ତ ମାନଙ୍କ ନିକଟରୁ ୩୪୭୦ ନଗଦ ଟଙ୍କା, ୨ ବିଡା ତାସ, ୪ଟି ବାଇକ, ୬ଟି ମୋବାଇଲ ଫୋନ ଜବତ କରାଯାଇଛି।

# ଡ.ଅବଦୁଲ କଲାମଙ୍କ ଜନ୍ମ ଜୟନ୍ତୀ ଏବଂ ବିଶ୍ୱ ହାତଧୁଆ ଦିବସ



ଝାରସୁଗୁଡ଼ା,୧୫।୧୦(ସମିସ): ଡିଏଭି ପବ୍ଲିକ ସ୍କୁଲ ତରଫରୁ ଯୁବପୀଢ଼ି ପ୍ରେରଣା ସ୍ରୋତ ତଥା ଶୃଙ୍ଖଳା ଓ ସମର୍ପଣର ଆଦର୍ଶ ପୁରୁଷ ବୋଲି ବିବେଚିତ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ମିସାଇଲ ମ୍ୟାନ ଡ.ଏପିଜେ ଅବଦୁଲ କଲାମଙ୍କ ୯୫ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ଡିଏଭି ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡ.କଲାମଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏତଦ୍‌ବ୍ୟତୀତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ତଥା ହାତ ଧୋଇବାର ଯୁକ୍ତିଯୁକ୍ତ ପ୍ରକ୍ରିୟା ବିଷୟରେ ଜାଗୃତି ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନଦ୍ୱାରା ଅନୁମୋଦିତ ହାତ ଧୋଇବା ପ୍ରକ୍ରିୟା ପରୀକ୍ଷାମୂଳକ ଭାବେ ପ୍ରଦର୍ଶନ କରି 'ପରିଷ୍କାର ହାତ ସୁସ୍ଥ ଜୀବନ'ର ବାର୍ତ୍ତା ଦେଇଥିଲେ। ଅଧ୍ୟକ୍ଷ ଶ୍ରୀ ଦେବତା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷା ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପୁରୁଣା ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି

# ଯୁବ ଏକତା ମଞ୍ଚ ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ





ଦେବଗଡ଼,୧୫।୧୦(ସମିସ)

ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ସ୍ଥାନାନ୍ତର ପରଠାରୁ ଜିଲ୍ଲାରେ ଜନ ଅସନ୍ତୋଷ କୁହୁଳୁଛି। ସ୍ୱାସ୍ଥ୍ୟସେବା ଦାବିରେ ପୂର୍ବରୁ ପ୍ରତିବାଦ ହୋଇଆସୁଥିଲେ ମଧ୍ୟ ପ୍ରଶାସନ ଜନତାଙ୍କ ଅସୁବିଧା ପ୍ରତି ଭ୍ରୂକ୍ଷେପ ନ କରିବାରୁ ବୁଧବାର ଏନେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ଆନ୍ଦୋଳନ ନାଟକୀୟ ଭାବେ ଶେଷ ହୋଇଛି। ଜିଲ୍ଲାପାଳଙ୍କ ଉପେକ୍ଷାରୁ ଜନସାଧାରଣ କଲବଲ ହୋଇଆସୁଥିବା ବେଳେ ଜନପ୍ରତିନିଧି ବିଧାୟକଙ୍କୁ ମଧ୍ୟ ଏଥିରୁ ନିସ୍ତାର ମିଳିନାହିଁ। ଜିଲ୍ଲାପାଳଙ୍କ ଅପେକ୍ଷାରେ ଶେଷରେ ବିଧାୟକଙ୍କୁ ମଧ୍ୟ ନିରାଶ ହେବାକୁ ପଡ଼ିଛି।

ପ୍ରକାଶ ଯେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୁଆଁବାଲିରୋଇକୁ ସ୍ଥାନାନ୍ତର ପରଠାରୁ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନାନା ଦୁର୍ଦ୍ଦଶା ଭୋଗୁଛନ୍ତି। ଏନେଇ ଜିଲ୍ଲା ପ୍ରଶାସନ ଠାରୁ ରାଜ୍ୟ ସରକାରଙ୍କ ପାଖରେ ଜିଲ୍ଲା ଯୁବ ଏକତା ମଞ୍ଚ ନେତୃତ୍ୱରେ ଜନସାଧାରଣ ବାରମ୍ବାର ଦାବି ଜଣାଇବା ସହ ବିକ୍ଷୋଭ ହୋଇଆସୁଛି। ମାତ୍ର ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ସମସ୍ୟା ସମାଧାନ ପରିବର୍ତ୍ତେ କେବଳ ଦିନ ଗଡ଼ାଇ ଚାଲିଛନ୍ତି। ଏପରିକି ପ୍ରଶାସନର ଅଣଦେଖାରୁ ଅତିଷ୍ଠ ହୋଇ ପୁରୁଣା ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବିରେ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଦେବଗଡ଼ ବନ୍ଦ ଆନ୍ଦୋଳନ ହୋଇଥିଲା। ଜନସାଧାରଣଙ୍କ ସମ୍ପୂର୍ଣ୍ଣ ସମର୍ଥନ ମଧ୍ୟ ମିଳିଥିଲା। ତେବେ ଜିଲ୍ଲା ପ୍ରଶାସନ ଏକ ମାସ ମଧ୍ୟରେ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇ କେବଳ ଆନ୍ଦୋଳନକାରୀ ମାନଙ୍କୁ ଭୂଆଁ ବୁଲାଇ ବସି ରହିଥିଲା। ଫଳରେ ଗତକାଲି ଅପରାହ୍ଣରେ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପ୍ରଶାସନକୁ ପୁଣିଥରେ ଗୋଟିଏ ସପ୍ତାହର ମହଲତ ଦେଇ ଚେତାଇ ଦେବା ପାଇଁ ଆଜିର ପ୍ରତିବାଦ ଶୋଭାଯାତ୍ରା ଓ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ଅନୁଯାୟୀ ଆଜି ପୂର୍ବାହ୍ନରେ ଯୁବ ଏକତା ମଞ୍ଚ ଆବାହକ ସୁରଞ୍ଜିତ ମହାପାତ୍ରଙ୍କ ଆହ୍ୱାନ କ୍ରମେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, କାଉନସିଲର ଧର୍ମେନ୍ଦ୍ର ଦେବତା, ସ୍ୱେଚ୍ଛାସେବୀ ପ୍ରଫୁଲ୍ଲ ନାଏକଙ୍କ ସମେତ ଶତାଧିକ ଜନସାଧାରଣ ପ୍ରତିବାଦ ଶୋଭାଯାତ୍ରାରେ ବାହାରିଥିଲେ। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବା ଚେଷ୍ଟା ବେଳେ ପୁଲିସ ସହ ସାମାନ୍ୟ ଧସ୍ତାଧସ୍ତି ହୋଇଥିଲା। ପରେ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲାବାସୀଙ୍କୁ ପୁରୁଣା ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ ପାଇଁ ଧାରଣାରେ ବସିଥିଲେ। ଉପଜିଲ୍ଲାପାଳ ପରକ୍ଷିତ ସାହୁ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ପୁଲିସ ଭ୍ୟାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆଲୋଚନା ପାଇଁ ଡାକି ନେଇଥିଲେ। ସେଠାରେ ବିଧାୟକଙ୍କ ସମେତ ଯୁବ ଏକତା ମଞ୍ଚର ସଦସ୍ୟ ଓ ଆନ୍ଦୋଳନକାରୀ ମାନେ ଦୀର୍ଘ ସମୟ ଅପେକ୍ଷା କରିବା ପରେ ମଧ୍ୟ ଜିଲ୍ଲାପାଳ ଆଲୋଚନା ପାଇଁ ଆସି ନଥିଲେ। ତେବେ କେବଳ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କୁ ପଠାଇଥିଲେ। ଏହାର ପ୍ରତିବାଦରେ ଜିଲ୍ଲାପାଳ ଆସିଲେ ହିଁ ଆଲୋଚନା ହେବା ଦାବିରେ ଆନ୍ଦୋଳନକାରୀ ଅଡ଼ି ବସିଥିଲେ। ଅନ୍ୟପକ୍ଷେ ଜିଲ୍ଲାପାଳ ମଧ୍ୟ ଆଲୋଚନା ପାଇଁ ନ ଆସିବା ଜିଦରେ ଅଟଳ ରହିବାରୁ ସେଠାରେ ପ୍ରବଳ ଉତ୍ତେଜନା ଦେଖା ଦେଇଥିଲା। ଶେଷରେ ଏକ ସପ୍ତାହ ମହଲତ ସମୟ ମଧ୍ୟରେ ଦାବି କାର୍ଯ୍ୟକାରୀ ନ ହେଲେ ଆଗାମୀ ଦିନରେ ଚରମ ଆନ୍ଦୋଳନ ମଞ୍ଚ ପକ୍ଷରୁ ଚେତାବନୀ ଦେଇ ଆନ୍ଦୋଳନକାରୀ ଫେରିଥିଲେ।

**● ଆସିଲେନି ଜିଲ୍ଲାପାଳ, ବସି ରହିଲେ ବିଧାୟକ**

**● ବ୍ୟାପକ ଉତ୍ତେଜନା**

## ଜିଲ୍ଲାପାଳଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ

ଦେବଗଡ଼: ଦେବଗଡ଼ ଜିଲ୍ଲାର ଯୁବ ଏକତା ମଞ୍ଚ ପକ୍ଷରୁ ଆଜି ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ବିରୁଦ୍ଧରେ ନିନ୍ଦା ପ୍ରସ୍ତାବ ପାରିତ କରାଯାଇଛି। ସ୍ଥାନୀୟ ଗୋପାଳଜୀଉ ମନ୍ଦିର ପ୍ରାଙ୍ଗଣରେ ମଞ୍ଚ ପକ୍ଷରୁ ଏକ ଜନସଭା ଆୟୋଜନ କରାଯାଇ ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀ, ରାଜନୈତିକ ଦଳର ସଦସ୍ୟଙ୍କ ସମେତ ଶତାଧିକ ଜନତା ଏକତ୍ରିତ ହୋଇଥିଲେ। ଜିଲ୍ଲାର ସାମୂହିକ ସମସ୍ୟା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦାବି ପ୍ରଦାନ ସହ ଆଲୋଚନା ପାଇଁ ଯାଇଥିବା ବେଳେ ଜିଲ୍ଲାପାଳ କଥାଦେଇ ସେମାନଙ୍କ ନିକଟକୁ ନ ଆସିବା ସମଗ୍ର ଜିଲ୍ଲାବାସୀଙ୍କ ପାଇଁ ଅପମାନ ବୋଲି ମତ ପ୍ରକାଶ କରିଥିଲେ। ସେହିପରି ସରକାରୀ ଦଳର ଇଙ୍ଗିତରେ କାର୍ଯ୍ୟ କରୁଥିବା ଅଭିଯୋଗ କରି ଜିଲ୍ଲାପାଳ ଶ୍ରୀ ସାହୁ ଜିଲ୍ଲାପାଳ ପଦବୀର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଥିବା ସଭାରେ ମତ ପ୍ରକାଶ ପାଇଥିଲା। ଜିଲ୍ଲାପାଳ ନିଜ ପଦବୀର ଅପବ୍ୟବହାର କରି ଜିଲ୍ଲାବାସୀଙ୍କୁ ବେଖାତିର କରିଥିବାରୁ ଜିଲ୍ଲାବାସୀଙ୍କ ପକ୍ଷରୁ ମଞ୍ଚ ନିନ୍ଦା ପ୍ରସ୍ତାବ ଉପସ୍ଥାପନ କରିଛି।

# କଣ୍ଢେଲ ଲକ୍ଷ୍ମୀପୂଜା ଫୁଟବଲ ଟୁର୍ଣ୍ଣାମେଣ୍ଟରେ କତରାପାଲୀ ଚାମ୍ପିଅନ



ଦେବଗଡ଼,୧୫।୧୦(ସମିସ): ଜିଲ୍ଲାର ପ୍ରସିଦ୍ଧ କଣ୍ଢେଲ ଗଜଲକ୍ଷ୍ମୀ ପୂଜା ଅବସରରେ ଅଗ୍ରଗତି ସଙ୍ଘ ଆନୁକୂଲ୍ୟରେ ଆୟୋଜିତ ଲକ୍ଷ୍ମୀପୂଜା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଆଜିର ଫାଇନାଲ ମ୍ୟାଚ୍‌ରେ ଖଜୁରୀବାହାଲ ଦଳକୁ ୨-୦ ଗୋଲରେ ପରାସ୍ତ କରି କତରାପାଲୀ ଚାମ୍ପିଅନ ହୋଇଛି। ଅଗ୍ରଗତି ସଙ୍ଘ ସଭାପତି ଦୟାନିଧି ବେହେରାଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବିରଞ୍ଚି ନାରାୟଣ ବେହେରା, ବସନ୍ତ ସାହୁ ଓ ହର୍ଷବର୍ଦ୍ଧନ ସାହୁ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ କତରାପାଲି ଦଳକୁ ଟ୍ରଫି ସହ ନଗଦ ୨୫ ହଜାର ଟଙ୍କା ଓ ଉପ ବିଜେତା ଖଜୁରୀବାହାଲ ଦଳକୁ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ। ପ୍ରତିଯୋଗିତାକୁ ପାପାଲି ପାଲ, କୃଷ୍ଣ ନାୟକ, ସୁମନ ରାଉତ, ବିପିନ ପାତ୍ର ଓ ସରୋଜ ଗଡନାୟକ ପରିଚାଳନା କରିଥିଲେ। ଶେଷରେ ରାଜକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାଙ୍କ ପାଇଁ ପାରିବାରିକ ହିଂସା ସୁରକ୍ଷା ଆଇନ୍ ତାଲିମ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୧୫।୧୦(ସମିସ): ସମାଜ ମଙ୍ଗଳ ବିଭାଗ ଆନୁକୁଲ୍ୟରେ ମହିଳା ମାନଙ୍କ ପାଇଁ ପାରିବାରିକ ହିଂସା ସୁରକ୍ଷା ଆଇନ୍ ୨୦୦୫ ଉପରେ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପୁଣ୍ୟବତି ହେଲେନ ଖେସ୍, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମହିଳା ମାନଙ୍କ ପାଇଁ ପାରିବାରିକ ହିଂସା ସୁରକ୍ଷା ଆଇନ୍ ୨୦୦୫ ଉପରେ ଆଲୋକପାତ କରିଥିଲେ। ଏହା ପରେ ରେସକ୍ୟୁ ପର୍ସନ ଭାବେ ସେହାଡା ନିର୍ଦ୍ଦେଶିକା ଆନନ୍ଦିନି ପାଢ଼ୀ ପାରିବାରିକ ଆଇନ୍‌ର ଉଦ୍ଦେଶ୍ୟ, ପରିଧି, ପୀଡିତାଙ୍କ ପାଇଁ ନିରାପଦ ଯୋଜନା ଏବଂ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବେଷ୍ଟ ପ୍ରାକ୍ଟିସ ଓ ବିଭିନ୍ନ କେସ୍‌ର ସଫଳ କାହାଣୀ ବର୍ଣ୍ଣନା କରିଥିଲେ। ଅନ୍ୟତମ ରେସକ୍ୟୁ ପର୍ସନ ଭାବେ ଯାଜ୍ଞସେନୀ ମହାନନ୍ଦ, ଆଇନଜୀବୀ ବୋନେଲା ନଗେଶ୍ୱରି ମହିଳା ସୁରକ୍ଷା ଆଇନ୍ ଅଧୀନ ଆଭ୍ୟନ୍ତରୀଣ ସହଯୋଗ, ପୋଲିସ, ୱାନ ଷ୍ଟପ୍ ସେଣ୍ଟର, ଶକ୍ତିସଦନ ରହିବା ଆଦି ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମହିଳା, ଶିଶୁ ଡେସ୍କ ଅଧିକାରୀ, ପାରା ଲିଗାଲ ଭଲେଣ୍ଟିଅର, ସିଡିପିଏ, ସୁପରଭାଇଜର, ୱାନ ଷ୍ଟପ୍ ସେଣ୍ଟର କର୍ମକର୍ତ୍ତା, ଶକ୍ତିସଦନ୍ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କ୍ରୀଷ୍ଟାପ୍ରିୟା ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଶିକ୍ଷକଙ୍କ ଡଷ୍ଟର ମାଡ଼ରେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ଆହତ

ଝାରସୁଗୁଡ଼ା,୧୫।୧୦(ସମିସ): ଝାରସୁଗୁଡ଼ାର ଏକ ଘରୋଇ ସ୍କୁଲରେ କ୍ରୀଡା ଶିକ୍ଷକଙ୍କ ଡଷ୍ଟର ମାଡରେ ଜଣେ ଛାତ୍ରୀଙ୍କ ମୁଣ୍ଡ ଫାଟି ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ଛାତ୍ରୀଙ୍କୁ ପ୍ରଥମେ ଲଇକେରା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)କୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଛାତ୍ରୀଙ୍କ ବାପା ଲଇକେରା ଥାନାରେ ଶିକ୍ଷକ ନାମରେ ଏତଲା ଦେଇଛନ୍ତି। କୋମଳମତି ଶିଶୁକୁ ଡଷ୍ଟରରେ ମାଡ ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ମାଡ ମାରିଥିବା ନେଇ ସିସିଟିଭିରେ ସ୍ପଷ୍ଟ ଭାବେ ଜଣାପଡୁଛି। ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ୍ ଅଧୀନ ବାଗଡିହି ସ୍ଥିତ ସେଣ୍ଟ ଆର୍ନଲ୍ଡ ସ୍କୁଲରେ ଏହି ଘଟଣା ଘଟିଛି। ମଙ୍ଗଳବାର ଦ୍ୱିତୀୟ ଶ୍ରେଣୀ ପିଲାଙ୍କର ଜଣେ ଶିକ୍ଷୟିତ୍ରୀ କୌଣସି କାରଣରୁ ଅନୁପସ୍ଥିତ ଥିଲେ। ଫଳରେ ପିରିୟଡ଼ ବଦଳ ହୋଇ କ୍ରୀଡା ଶିକ୍ଷକ ପୁଷ୍କର ବର୍ମା କ୍ଲାସ ନେଉଥିଲେ। କୌଣସି କାରଣରୁ ଶିକ୍ଷକ ଜଣକ ଉତକ୍ଷିପ୍ତ ହୋଇ ଡଷ୍ଟର ଉଠାଇ ସମ୍ପୃକ୍ତ ଛାତ୍ରୀଙ୍କୁ ଲକ୍ଷ୍ୟ କରି ଫିଙ୍ଗିଥିଲେ। ଏହା ଛାତ୍ରୀଙ୍କ ମୁଣ୍ଡରେ ବାଜିବାରୁ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ରକ୍ତ ଦେଖି ଅନ୍ୟ ଛାତ୍ରୀମାନେ ଚିତ୍କାର କରିଥିଲେ। ଚିତ୍କାର ଶୁଣି ଅନ୍ୟ ଶିକ୍ଷକମାନେ ଦୌଡି ଆସିଥିଲେ। ତୁରନ୍ତ ସ୍କୁଲ କର୍ତ୍ତୃପକ୍ଷ



ଛାତ୍ରୀଙ୍କ ଅଭିଭାବକଙ୍କୁ ଡାକି ଛାତ୍ରୀଙ୍କୁ ନେଇଯିବାକୁ କହିଥିଲେ। ଅଭିଭାବକ ସ୍କୁଲରେ ପହଞ୍ଚି ଝିଅର ଅବସ୍ଥା ଦେଖି ଚିନ୍ତିତ ହୋଇଯାଇଥିଲେ ଏବଂ ଛାତ୍ରୀଙ୍କୁ ବାଗଡିହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣା ବିଷୟରେ ପରିବାର ଲୋକେ ଜାଣିବା ପରେ ଛାତ୍ରୀଙ୍କ ବାପା ମହେଶ ଅଗ୍ରୱାଲ ଲଇକେରା ଥାନାରେ ଶିକ୍ଷକ ପୁଷ୍କର ବର୍ମାଙ୍କ ନାମରେ ଏତଲା ଦେଇଛନ୍ତି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ପରିବାର ଦାବି କରୁଥିବା ବେଳେ ଏହାକୁ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡିଛି।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ଦେବଗଡ଼,୧୫।୧୦(ସମିସ)

ବାରକୋଟ ବ୍ଲକ୍ ଗୁରୁସଙ୍ଗ କ୍ଲଷ୍ଟର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ସିଆରସିସି କୁମୁଦବନ୍ଧୁ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ମୁଖ୍ୟ ଅତିଥି ଗୁରସଙ୍ଗ ସରପଞ୍ଚ ଭବାନୀକାନ୍ତ ବିଶ୍ୱାଳ, ମୁଖ୍ୟ ବକ୍ତା ସମାଜସେବୀ ଚନ୍ଦ୍ରମଣି ନାୟକ, ସମ୍ମାନିତ ଅତିଥି ପୂର୍ବତନ ସିଆରସିସି ନିତ୍ୟାନନ୍ଦ ଗଡନାୟକ ଓ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗଗନ ବିହାରୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ସଞ୍ଜୟ ମହନ୍ତ ସଭାର ସଂଯୋଜନା କରିଥିବା ବେଳେ ଶିକ୍ଷକ ବାବୁଲି ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ କ୍ଲଷ୍ଟର ଅଧୀନସ୍ତ ସମସ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂଗୀତ, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ତର୍କ, ସାଧାରଣଜ୍ଞାନ, ସୁନ୍ଦର ହସ୍ତାକ୍ଷର, ନୃତ୍ୟ ଆଦି ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ସେହିପରି ନିପୁଣ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।



କାର୍ଯ୍ୟକ୍ରମ ଆୟୋଜନରେ ଆଶିଷ ସାହୁ, ସୁରେଶ ଚନ୍ଦ୍ର ବେହେରା, ମୋହିନୀ ପ୍ରଧାନ, ମୋହିନୀ ସାହୁ, କହେଁଇ କିଶାନ, କ୍ଷୀରୋଦ୍ରୀ ବେହେରା, ସୁଶାନ୍ତ ସାହୁ, ସରୋଜିନୀ ସେଠି, ବିଦ୍ୟୁତପ୍ରଭା ସ୍ୱାଇଁ ପ୍ରମୁଖ ଦାୟିତ୍ୱ ବହନ କରିଥିଲେ। କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବେଲପାହାଡ଼ କ୍ଲଷ୍ଟର

ଝାରସୁଗୁଡ଼ା: ଗିରଧରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ ବେଲପାହାଡ କ୍ଲଷ୍ଟର ଆନୁକୂଲ୍ୟରେ ସ୍ଥାନୀୟ ସମତା ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ବେଲପାହାଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର ଭୋଇ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମଟି ଉଦ୍‌ଘାଟନ କରିଥିଲେ। ସିଆରସିସି ଯୁବରାଜ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନଗେନ୍ଦ୍ର ନାଏକ, ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲ, ପ୍ରଧାନଶିକ୍ଷୟିତ୍ରୀ ନଳିନୀ ପ୍ରଭା ରାଉତ, ଗାୟତ୍ରୀ ଭଇଁସାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ କୁଶ ସା ମଞ୍ଚ ସଞ୍ଚାଳନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ୧୩ଟି ସରକାରୀ ବିଦ୍ୟାଳୟର ୪ଟି ବର୍ଗରେ ୧୧୨ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ବ୍ଲକ୍ ସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମରେ ଶିକ୍ଷକ ତରୁଣ ନାହାକ, ସୁରମା ପଟେଲ, ପଦ୍ମାବତୀ ପଡ଼ିଆରୀ, ଗିରିଜା ଗର୍ଡିଆ, ଗୀତାଞ୍ଜଳି ପଡ଼ିଆରୀ, ସୁରମା ପାଢ଼ୀ, ସାରଦା ବାନୀ, ସୁଜାତା ସାହୁ, ତୁଳରାମ ବନଛୋର, ରାଜ ପଶାୟତ, ସୌଦାମିନୀ ପଶାୟତ, ବନିତା ପିଙ୍ଗ, ମଞ୍ଜୁଶ୍ରୀ କିସାନ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇବା ସହିତ କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ।

# ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ କଳା ଉତ୍ସବ

ଦେବଗଡ଼,୧୫।୧୦(ସମିସ): ସମଗ୍ର ଶିକ୍ଷା ଦେବଗଡ଼ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ବାଳକ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଳିକା ଶିକ୍ଷା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ମୁଖ୍ୟ ଅତିଥି ଓ ରିଆମାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବନିତା ବେହେରା, ତିଳେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚ ପରିଚାଳନା କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭବାନୀକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୩ଟି ବ୍ଲକ୍‌ରୁ ପ୍ରତିଯୋଗିତାରେ ଚୟନ ହୋଇ ଆସିଥିବା ୬୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ର, ଚିତ୍ରକଳା, ଏକକ ଓ ଦଳଗତ ସଂଗୀତ, ଏକକ ଓ ଦଳଗତ ନୃତ୍ୟ, ବାଦ୍ୟ କଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଦେବଗଡ଼ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଚିତ୍ରକର ଜନ୍ମାଜୟ ନାୟକ ଓ ସାମ୍ବାଦିକ ଶିବାଶିଷ ଝାଙ୍କର ଦାୟିତ୍ୱ ବହନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କ ସଭାପତିତ୍ୱରେ ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜ ମୁଖ୍ୟ ଅତିଥି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ ଘୁଟା ସମ୍ମାନିତ ଅତିଥି ଭାବେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରୋଗ୍ରାମର ଶ୍ରୀନିବାସ ପଣ୍ଡା, ଆକାଉଣ୍ଟାଣ୍ଟ ସଞ୍ଜୀବ ମିଶ୍ର, ଝରଣା ବେହେରା, ଦୀପିକା ମିଶ୍ର, ଶଶାଙ୍କ ଚୌଧୁରୀ, ସିଆରସିସି ଚୂଡାମଣି ସାହୁ, ଭେନସ ପ୍ରଧାନ, ଅଶୋକ ସାହୁ, ଦାଶରଥି ପ୍ରଧାନ, ପ୍ରଭାତ ପ୍ରଧାନ, ପ୍ରଦୀପ ଅଟି ପ୍ରମୁଖ ଉପସ୍ଥିତ ଥିଲେ।

### ୫ ଗଞ୍ଜେଇ ମାଫିଆ ଗିରଫ

# ଦୁଇ ଆମେରିକା ନିର୍ମିତ ପିସ୍ତଲ ଜବତ



ଜୟପୁର,୧୫ । ୧୦(ସମିସ): କୋରାପୁଟ ଜିଲ୍ଲା ପୁଲିସ ପକ୍ଷରୁ ଅପରାଧି ଏବଂ ଗଞ୍ଜେଇ ମାଫିଆ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜୋରଦାର କରାଯାଇଛି । ଜଣେ ଦୁର୍ଦ୍ଦାନ୍ତ ଅପରାଧି ତଥା ଗଞ୍ଜେଇ ମାଫିଆଙ୍କ ସମେତ ସମୁଦାୟ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରଯାଇଛି । ଆଜି ଜୟପୁର ଏସଡିପିଓ କାର୍ଯ୍ୟାଳୟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଜିଲ୍ଲା ଏସପି ରୋହିତ ବର୍ମା ଏବଂ ଏସଡିପିଓ ପାର୍ଥ କାଶ୍ୟପ ଉପସ୍ଥିତ ରହି ସୂଚନା ଦେଇଥିଲେ । ଗିରଫ ଅଭିଯୁକ୍ତ ମାନଙ୍କ ମଧ୍ୟରୁ ଦୁର୍ଦ୍ଦାନ୍ତ ଅପରାଧି ତଥା ଗଞ୍ଜେଇ ମାଫିଆ ଜିଲ୍ଲାର ଜୟପୁର ସଦରଥାନା କୁସୁମପୁଟ ଗ୍ରାମର ଲାଲ ବାହାଦୁର ଦର୍ଜି ଓରଫ ଲାଲୁ (୩୪), ମାଛକୁଣ୍ଡ ଥାନା ବାଲେଲ ଗ୍ରାମ ତ୍ରିନାଥ ଖରା (୩୦, ସୁରେଶ ବିଶୋୟୀ ଓରଫ ବୁଟିଆ (୨୨), ସଞ୍ଜୟ ଖରା (୧୯) ଏବଂ ଯୋଗେଶ ଖରା (୨୦) । ସେମାନଙ୍କ ନିକଟରୁ ୩୫୦ କିଲୋ ଗଞ୍ଜେଇ , ବୋଲେର (ଓଆର ୧୦ ଏଚ ୦୮୩୭)୨ଟି ଆମେରିକା ନିର୍ମିତ ପିସ୍ତଲ, ମୋବାଇଲ ଅନ୍ୟାନ୍ୟ ପରିଚୟ ପତ୍ର କାଗଜପତ୍ର ଜବତ କରାଯାଇଛି । ଏମାନଙ୍କୁ ମଧ୍ୟରେ ଅଭିଯୁକ୍ତ ଲାଲ ବାହାଦୁର ଦର୍ଜି ଜଣେ ଦୁର୍ଦ୍ଦାନ୍ତ ଅପରାଧି ହୋଇଥିବା ବେଳେ ତାଙ୍କ ନାମରେ ବିଭିନ୍ନ ଥାନାରେ ନାବାଳିକା ଦୁଷ୍କର୍ମ, ଗଞ୍ଜେଇ ଚାଲାଣ, ଚକାୟତି, ଧମକ ଚମକ ଦେଇ ଟଙ୍କା ଆଦାୟ, ଅପରାଧି କାର୍ଯ୍ୟ ପାଇଁ ଅପରାଧି ମାନଙ୍କୁ ଏକତ୍ରିତ କରିବା ପ୍ରଭୃତି ୨୦ଟି ମାମଲା ରହିଛି । ଅଭିଯୁକ୍ତ ମାନଙ୍କୁ ଜିଲ୍ଲାର ବାଡୁଆ ଥାନା ପୁଲିସ ପକ୍ଷରୁ ଗିରଫ କରାଯାଇଥିବା ସହ ଏକ ମାମଲା ରୁଜୁ କରାଯାଇଛି । ଏହି ଅବସରରେ ପାଡୁଆ ଥାନା ଅଧିକାରୀ ଅଶୋକ କୁମାର ବିଶୋୟୀ, ଜୟପୁର ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଦିଆଲ ପରବ ପାଇଁ ଡମ ସମାଜ ଏକଜୁଟ୍

ଲକ୍ଷ୍ମୀପୁର,୧୫।୧୦(ସମିସ): ଆଗକୁ ଆସୁଛି ଦିଆଲ୍ ପରବ । ଏହି ଦିଆଲ୍ ପରବ ହେଉଛି ଡମ୍ ମାନଙ୍କ ପାଇଁ ସ୍ୱତନ୍ତ୍ର ଅଟେ । ଏହି ପରବକୁ ପ୍ରତି ଡମ୍ ଗାଁ ମାନଙ୍କରେ ସ୍ୱତନ୍ତ୍ର ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷ ଲକ୍ଷ୍ମୀପୁରରେ ୪୦ରୁ ଅଧିକ ଡମ୍ ଗାଁ ଲୋକ ମିଶି ଏକାଠି ପାଳନ କରିବା ପାଇଁ ବୈଠକ ଆୟୋଜନ କରାଯାଇଥିଲା। ଚଳିତ ବର୍ଷ ବ୍ଲକର ସବୁ ଗାଁର ଲୋକେ ଗୋଟିଏ ସ୍ଥାନରେ ଏହି ପର୍ବ ପାଳନ କରିବା ପାଇଁ ପ୍ରଥମେ ୧୦ଜଣିଆ ଏକ ଅସ୍ଥାୟୀ କମିଟି ଗଠନ କରାଯାଇ ଥିଲା । ଏହି କମିଟି ଦିଆଲ୍ ପରବ କିପରି ପାଳନ ହେବ ପ୍ରତି ଗାଁ ର ଲୋକଙ୍କ ସହ ଯୋଗାଯୋଗ କରିବା ସହ ଅନ୍ୟ ମାନଙ୍କ ସହାୟତାରେ ଏହା କିପରି ଉତ୍ସବମୁଖର ହେବ ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି । ସେମାନେ ହେଲେ ଯଥା ଉପଦେଷ୍ଟା ଇଷ୍ଟ ସଗରିଆ, କୈଳାସ ଖୋସ୍ଲା, ସତ୍ୟବାନ୍ ଖରା ଓ ନାଏକ ହେଲେ ବିଶ୍ୱଜିତ୍ ଗରଡା, ବୁଲୁ ଖରା ଧାଙ୍ଗଡାମାଝୀ ହେଲେ ପତାଲେଶ୍ୱର୍ ଖରା, ଦୀନବନ୍ଧୁ ହିଆଲ, କୋଷାଧ୍ୟକ୍ଷ ହେଲେ ଚିତ୍ତରଞ୍ଜନ ବାଘ, ଜଗଦୀଶ ଖରାଙ୍କୁ ଏଭଳି ଦାୟିତ୍ୱ ଅସ୍ଥାୟୀ ଭାବେ ଦିଆଗଲା । ପ୍ରଥମ ଥର କରି ଦେ ଡମ୍ ସମାଜର ଦିଆଲ୍ ପରବ ପାଳନ ପାଇଁ ସଜବାଜ ହେଉଥିବା ଦେଖି ସମସ୍ତଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି ।

# ମାଓ ସାମଗ୍ରୀ ଓ ବିସ୍ଫୋରକ ଜବତ



ମାଲକାନଗିରି, ୧୫ ।୧୦(ସମିସ): ମାଲକାନଗିରି ପୋଲିସ ଦ୍ୱାରା ତଲାସି ଅଭିଯାନ ବେଳେ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରାଯାଇଛି । ମାଲକାନଗିରି ଜିଲ୍ଲାର କାଲିମେଳା ଥାନା ଅନ୍ତର୍ଗତ ମଧୁମାଲ ଏବଂ ଚିଲକାଲମାମଡି ସଂରକ୍ଷିତ ଜଙ୍ଗଲରେ ମାଲକାନଗିରିର ଡିଭିଏଫ ଯବାନଙ୍କ ଦ୍ୱାରା ମାଓ ଦମନ ନିମନ୍ତେ ତଲାସି ଅଭିଯାନ କରାଯାଉଥିବା ବେଳେ ମାଓବାଦୀଙ୍କ ଦ୍ୱାରା ଲୁଚାଇ ରଖା ଯାଇଥିବା ଏକ ଡମ୍ପକୁ ଜବତ କରଯାଇଥିଲା । ଏହା ମଧ୍ୟରେ ବନ୍ଧୁକ ତିଆରି ଏବଂ ଅନେକ ଉପକରଣ, ବିସ୍ଫୋରକ ସହ ମାଓ ସାମଗ୍ରୀ ଠାବ କରାଯାଇଥିଲା । ଏହି ସାମଗ୍ରୀ ଗୁଡିକ ଏଓବି ଏସ ଜେଡସି ମାଓ ସଂଗଠନର ବୋଲି ଜଣାପଡିଛି । ତେବେ ଏହି ସାମଗ୍ରୀ ଗୁଡିକୁ ମାଓବାଦୀ ମାନେ ନିରୀହ ନାଗରିକ ଏବଂ ସୁରକ୍ଷା ବାହିନୀ ବିରୁଦ୍ଧରେ ବ୍ୟବହାର କରିବା ଉଦ୍ଦେଶ୍ୟରେ ଲୁଚାଇ ରଖିଥିବା ଜଣାପଡିଛି । ଜବତ ସାମଗ୍ରୀ ମଧ୍ୟରେ ୩ଟି ଆଇଡି ବୋମା, ୫ଟି ଡେଟୋନେଟର, ୪ ମିଟର କୋଡେକ୍ସ ତାର, ଜେନେରେଟର, ୱେଲ୍ଡିଂ ମେସିନ୍, ବିସ୍ଫୋରକ ସାମଗ୍ରୀ, ବନ୍ଧୁକ ତିଆରି ସାମଗ୍ରୀ ସହ ବହୁ ମାଓ ସମଗ୍ରୀ ରହିଛି ।

### ● ଗୁଣି ଗାରେଡି ସନ୍ଦେହରୁ ବିବାଦ


# ସୁବାଇ ଗ୍ରାମ ବିବାଦ ସମାଧାନ

ନନ୍ଦପୁର, ୧୫।୧୦(ସମିସ): ଗୁଣି ଗାରେଡ଼ିକୁ ସନ୍ଦେହ କରି ସୀମାନ୍ତ ପାଙ୍ଗଲୁଙ୍ଗ ଗ୍ରାମ ପଞ୍ଚାୟତ ମାରିପୁଟ ଗ୍ରାମରେ ଅଘଟଣ ପରି ନନ୍ଦପୁର ଥାନା ଅନ୍ତର୍ଗତ ସୁବାଇ ଗ୍ରାମରେ ଅନ୍ଧ ବିଶ୍ୱାସରୁ ଉନ୍ମତ୍ତ କାଣ୍ଡ ହୋଇଥିଲା । ଏହି ଘଟଣାଟି ନନ୍ଦପୁର ଥାନାରେ ପହଞ୍ଚିବା ପରେ ଏସଡିପିଓ ଦେବେନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରୀ ଘଟଣାକୁ ଅତି ଗୁରୁତର ସହ ନେଇ ନନ୍ଦପୁର ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ବରିଷ୍ଠ ନେତା ଗୋପାଳକୃଷ୍ଣ ବେବର୍ତ୍ତା, ସ୍ଥାନୀୟ ସୁବାଇ ସରପଞ୍ଚଙ୍କ ସହ ସୁବାଇ ଗ୍ରାମ ପଞ୍ଚାୟତର ବୁଦ୍ଧିଜୀବୀ ଯୋଗ ଦେଇ ଉଭୟ ପକ୍ଷ ମଧ୍ୟରେ ଆପୋଷ ସମାଧାନ କରିଥିଲେ ।

### ● ହସ୍ପିଟାଲରେ ପତି-ପତ୍ନୀ ଝଗଡ଼ା

# ଆତ୍ମହତ୍ୟା କଲା ସ୍ୱାମୀ


ପଟ୍ଟାଙ୍ଗି,୧୫।୧୦(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ଇନ୍ଦ୍ରା କଲୋନୀ ନିକଟ ଏକ ଗଛରେ ସ୍ତ୍ରୀର ଚୁନୀ ଦ୍ୱାରା ଫାଶୀ ହୋଇ ଆତ୍ମହତ୍ୟା କଲା ସ୍ୱାମୀ । ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ ଗଣ୍ଡଗୋଳ ଯୋଗୁଁ ଏହି ଘଟଣା ଘଟିଛି । ପଟ୍ଟାଙ୍ଗି ପୋଲିସର ସୂଚନା ଅନୁଯାୟୀ ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ଖୁଡି ପଞ୍ଚାୟତ ଡୁମୁରିଗୁଡ଼ା ଗ୍ରାମର ଅଞ୍ଜିତ ଖିଲ ଆଜି ନିଜ ସ୍ତ୍ରୀଙ୍କ ସହ ମିଶି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲା । ଉକ୍ତ ସମୟରେ ସ୍ୱାମୀ ଏବଂ ସ୍ତ୍ରୀ ମଧ୍ୟରେ କୌଣସି ବିଷୟ ନେଇ ବଚସା ହୋଇଥିଲା । ଏହାପରେ ସ୍ୱାମୀ ଅଞ୍ଜିତ, ସ୍ତ୍ରୀର ଚୁନିକୁ ଧରି ଦୌଡ଼ି ପଳାଇଥିଲା । କିଛି ସମୟ ପରେ ଇନ୍ଦ୍ରା କଲୋନୀ ନିକଟ ଏକ ଗଛରେ ଏକ ଯୁବକର ମୃତଦେହ ଝୁଲୁ ଥିବା ନେଇ ପୋଲିସକୁ ସୂଚନା ମିଳିଥିଲା । ପଟ୍ଟାଙ୍ଗି ଥାନା ଅଧିକାରୀ ପ୍ରଭାତ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏସ ଆଇ କୁଞ୍ଜଲତା ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି । ଏଥିନେଇ ଏକ ଅପମୃତ୍ୟୁ ମାମଲା କେଶ ନଂ ୨୦/୨୫ ରୁଜୁ କରାଯାଇ ତଦନ୍ତ କରାଯାଉଥିବା ନେଇ ପୋଲିସ ସୂଚନା ଦେଇଛି ।






































## ଏପଟେ ଚାରାରୋପଣ; ସେପଟେ ଗଛକଟା

# ଗ୍ୟାସ୍ ଷ୍ଟକ୍‌ୟାର୍ଡ ଯୋଗୁଁ କଟୁଛି ମୂଲ୍ୟବାନ ଗଛ

**ଯଖପୁରା, ୧୫।୧୦(ସମିସ)**

ସରକାରଙ୍କ ଜଙ୍ଗଲ ବିଭାଗ ପକ୍ଷରୁ ଗଛ ପାଇଁ ଅନେକ ଗୁଡ଼ିଏ ସ୍ଲୋଗାନ ଦିଆଯାଉଥିବା ବେଳେ ଏହାକୁ ପ୍ରକୃତ ପକ୍ଷରେ କାର୍ଯ୍ୟକାରୀ କରାଯାଉନାହିଁ। ସରକାରଙ୍କ ତରଫରୁ ପ୍ରଚୁର ଅର୍ଥ ବ୍ୟୟ ବରାଦ କରାଯାଇ ରାସ୍ତା କଡ଼ରେ ହେଉ ଅବା ଅନ୍ୟ ସ୍ଥାନମାନଙ୍କରେ ଗଛ ଲଗାଯାଇଥାଏ। ଗଛର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବନବିଭାଗକୁ ଏଥିପ୍ରତି ସଚେତନ ଅଛି ବୋଲି କହୁଥିବା ବେଳେ ବଡ଼ ବଡ଼ ଗଛ ସବୁ କଟାଯାଉଛି। ସେମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଦାନଗଦି ବ୍ଲକ ମାନତିରା ପଞ୍ଚାୟତର ମାନତିରା ଥିବା ଗ୍ୟାସ୍ ଷ୍ଟକୟାଡରେ। ବନବିଭାଗ ପକ୍ଷରୁ ଗଛ କାଟିବା ପାଇଁ କମ୍ପାନୀକୁ ଅନୁମତି ମିଳିଛି କି ନାହିଁ ବନ ବିଭାଗ ଜାଣିନଥିବା କହିଛନ୍ତି। ଗ୍ୟାସ୍ ଷ୍ଟକୟାର୍ଡ ପାଇଁ ନିର୍ମିତ ପାଚେରି ଭିତରେ ଓ ବାହାରେ ଅନେକ ଗୁଡ଼ିଏ ବଡ଼ ବଡ଼ ଗଛ କାଟି ଦିଆଯାଇଛି। ଏହା ପରେ ମଧ୍ୟ ରାସ୍ତା କଡ଼ରେ ଗ୍ୟାସ୍ ପାଇପ୍ ଲାଇନ୍ ବିଛାଇବା ନାଁରେ ବହୁ ଗଛ କଟାଯାଉଛି। ଗ୍ୟାସ ପାଇପ



ଲାଇନ ବିଛାଇବା ନାଁରେ ଗଛ କାଟା ଓ ରାସ୍ତା ତାଡ଼ି ମନଇଛା ଖୋଲା ମେଲା ଭାବେ ଛାଡି କାର୍ଯ୍ୟ କରୁଛି ଗେଲ ଇଣ୍ଡିଆ କମ୍ପାନୀ। ଜିଲ୍ଲା ପ୍ରଶାସନ ଓ ବନ ବିଭାଗର ବିନା ଅନୁମତିରେ ଗ୍ରାମାଞ୍ଚଳରେ ଥିବା ବଡ଼ ବଡ଼ ଗଛ କାଟି ସଫା କରିଦିଆଯାଉଛି। ରାସ୍ତା କଡ଼ରେ ୧୦ ରୁ ୨୦ ଫୁଟ ଗଭୀର ଗାଡ଼ କରିଥିବାରୁ ଗାଁରେ ଗୋରୁ, ଗାଈ, ଛେଳି, ମେଣ୍ଢା ଖସି ପଡୁଥିବାର ଅଭିଯୋଗ ହୋଇଛି। ଏହି ରାସ୍ତା ଦେଇ ପ୍ରତିଦିନ କାରଖାନାକୁ ଶ୍ରମିକ ଓ ଛାତ୍ରଛାତ୍ରୀ ଯିବା ଆସିବା କରୁଥିବାରୁ ଏହି ରାସ୍ତା ଏବେ ସମସ୍ତଙ୍କ ପାଇଁ ବିପଜ୍ଜନକ ହୋଇରହିଛି। ସୁରକ୍ଷା ନଥିବାରୁ କୌଣସି ମୁହୂର୍ତ୍ତରେ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି।

ଗ୍ୟାସ୍ ଷ୍ଟକୟାର୍ଡ କାର୍ଯ୍ୟ ଉପରେ ବନ ବିଭାଗ ତଥ୍ୟ ଅନୁଯାୟୀ କୌଣସି ଗଛ କଟା ପାଇଁ ଅନୁମତି ଦିଆଯାଇନାହିଁ। ପ୍ରଶାସନ ପକ୍ଷରୁ ସୂଚିତ ଥିଲା କି ଯଦି ଆବଶ୍ୟକ ହୁଏ, ତେବେ ବନବିଭାଗ ଓ ଭୂଅର୍ଜନ ବିଭାଗର ମିଳିତ ଅନୁମୋଦନ ପରେ ଆବଶ୍ୟକ ଥିବା ଗଛ କଟାଯାଇ ପାରିବ। ଯାହାକି ଏ ପର୍ଯ୍ୟନ୍ତ ଭୂଅର୍ଜନ ବିଭାଗରୁ ଗଛ କଟା ପାଇଁ ଅନୁମତି ମିଳିନାହିଁ। ଏହି ଘଟଣା ଉପରେ ଦାନଗଦି ତହସିଲଦାର କହିଛନ୍ତି କି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ତଦନ୍ତ ପାଇଁ ରିପୋର୍ଟ ଆସିଛି। ମାନତିରା ରେଭିନ୍ୟୁ ଇନ୍ସପେକ୍ଟରଙ୍କୁ ତଦନ୍ତ ଭାର ଦିଆଯାଇଛି ଏବଂ ରିପୋର୍ଟ ପରେ ଗେଲ୍ ଇଣ୍ଡିଆ କମ୍ପାନୀ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯେଉଁ ସ୍ଥାନରେ ଏବେ ଗ୍ୟାସ ଷ୍ଟକ୍‌ୟାର୍ଡ ନିର୍ମାଣ କାର୍ଯ୍ୟ ଚାଲୁଛି; ସେହି ସ୍ଥାନରେ ବନବିଭାଗ ପକ୍ଷରୁ ବହୁ ବର୍ଷ ପୂର୍ବେ ବୃକ୍ଷରୋପଣ କରାଯାଇଥିଲା। ମାତ୍ର ଏବେ ସେହି ଗଛ କଟା ଯାଉଥିବା ବେଳେ ବନବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ସାଧାରଣରେ ଅସନ୍ତୋଷ ଦେଖାଯାଇଛି।

## ଦଶରଥପୁରରେ ବିଜେଡିର ପଦଯାତ୍ରା



**ଦଶରଥପୁର, ୧୫।୧୦(ସମିସ):** ଦଶରଥପୁର ବ୍ଲକ ଅଧୀନ ଚିଓ୍ୱାଳ ପଞ୍ଚାୟତରେ ବିଜେଡି ପକ୍ଷରୁ ପଞ୍ଚାୟତସ୍ତରୀୟ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପଞ୍ଚାୟତ ଅନ୍ତର୍ଗତ ଝାଡ଼ଙ୍ଗା ସ୍ଥିତ ରକ୍ଷାକାଳୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସ୍ୱତନ୍ତ୍ର ସଭାରେ ସ୍ଥାନୀୟ ସରପଞ୍ଚ ବିଜୟଲକ୍ଷ୍ମୀ ଶତପଥୀ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ବ୍ଲକ ବିଜେଡି ସଭାପତି ଅଜୟ ମହାନ୍ତି, ସ୍ଥାନୀୟ ସମିତିସଭ୍ୟ ବିଶ୍ୱଜିତ ରାୟ, ଯୁବନେତା ମନୋଜ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ସୀତାକାନ୍ତ ଶତପଥୀ, ସୁରେଶ ରାଉତ, ଉତ୍ତମ ପରିଡ଼ା, ଅରୁଣ ସାମଲ, ଶରତ ଚନ୍ଦ୍ର ରାୟ, ଅଜୟ ରାଉତ, ଜନାର୍ଦ୍ଦନ ସାହୁ, ଅଭିମନ୍ୟୁ ମହାନ୍ତି, ରାଜକିଶୋର ମିଶ୍ର, ଚନ୍ଦ୍ରଶେଖର ମହାନ୍ତି, ସୁଦର୍ଶନ ମଲ୍ଲିକ, ଅନନ୍ତ ମଲ୍ଲିକ ପ୍ରମୁଖ ବିଜେଡି କାର୍ଯ୍ୟକର୍ତ୍ତା ନିକଟସ୍ଥ ଝାଡ଼ଙ୍ଗା, ରତନପାଳ, ସ୍ୱାଇଁ ସାହିରେ ପଦଯାତ୍ରା କରିଥିଲେ।

## ଦୁର୍ଘଟଣାରେ କଲେଜ ଛାତ୍ରୀ ଗୁରୁତର

**କବାଟବନ୍ଧ, ୧୫।୧୦(ସମିସ):** ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ଚଢ଼େଇଧରା ନିକଟରେ ଏକ ଦୁର୍ଘଟଣାରେ କଲେଜ ଛାତ୍ରୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଗୁରୁତର ଆହତ ଛାତ୍ରୀ ଜଣଙ୍କ ସ୍ଥାନୀୟ ଜେନାପୁର ଥାନା ଅନ୍ତର୍ଗତ ସାହାଣୀଡ଼ିହ ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁର ଗ୍ରାମର ଲକ୍ଷ୍ମଣ ଦଳାଇଙ୍କ ଝିଅ ବୈଶାଖୀ ଦଳାଇ ବୋଲି ଜଣାପଡ଼ିଛି। ଖବର ମୁତାବକ ବୈଶାଖୀ ଚଣ୍ଡିଖୋଲ କଲେଜରେ ଯୁକ୍ତ ୨ରେ ପାଠ ପଢ଼ନ୍ତି। ବୁଧବାର ବୈଶାଖୀ ଏବଂ ତାଙ୍କର ଜଣେ ସାଙ୍ଗ ସୋନାଲି ଉଭୟ ଲିଫ୍ଟ ସାହାଯ୍ୟରେ ଏକ ମୋଟର ସାଇକଲରେ ଘରକୁ ଫେରୁଥିଲେ। ଫେରିବା ସମୟରେ ଚଢ଼େଇଧରା ଛକ ନିକଟରେ ଭାରସାମ୍ୟ ହରାଇ ଏକ ତେଲ ଟ୍ୟାଙ୍କର ସହିତ ଧକ୍କା ଲାଗିଥିଲା। ଫଳରେ ବାଇକ୍‌ଟି ରାସ୍ତାରେ କିଛି ବାଟ ଘୋଷାଡ଼ି ହୋଇ ଯାଇଥିଲା। ଏଥିରେ ବୈଶାଖୀଙ୍କ ବାମ ପଟ ହାତରେ ଗହୀର କ୍ଷତ ହୋଇଛି। ଖବର ପାଇ ଚଢ଼େଇଧରା ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ବଡ଼ଚଣା ମେଡିକାଲକୁ ନେଇଥିଲେ। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତରିତ କରିଥିଲେ।

## ଧାର ଟଙ୍କା ମଗାକୁ କେନ୍ଦ୍ରକରି ଗଣ୍ଡଗୋଳ; ୨ ଗୁରୁତର

**ଧର୍ମଶାଳା, ୧୫।୧୦(ସମିସ):** ଧର୍ମଶାଳା ଥାନା ଜାଲସୁଖା ଗ୍ରାମରେ ଧାର ଟଙ୍କା ମଗାକୁ କେନ୍ଦ୍ରକରି ଦୁଇ ଜଣଙ୍କ ମଧ୍ୟରେ ମାର୍‌ପିଟ ଘଟି ଉଭୟ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଜାଲସୁଖା ଗ୍ରାମରେ ରହୁଥିବା କୁଳମଣି ଦେଉରୀଙ୍କ ପୁଅ ଚିତ୍ତରଞ୍ଜନ ଦେଉରୀ ସେହି ଗ୍ରାମର ନରୀ ଦାସଙ୍କ ପୁଅ ସୁକାନ୍ତ ଦାସକୁ ଧାର ଟଙ୍କା ମାଗିବାରୁ ସୁକାନ୍ତ ତାକୁ ମରଣାନ୍ତକ ଆକ୍ରମଣ କରିଥିଲା। ଫଳରେ ଉଭୟଙ୍କ ମଧ୍ୟରେ ମାରପିଟ ଲାଗିବା ଯୋଗୁଁ ଉଭୟ ଗୁରୁତର ଆହତ ହୋଇଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ୧୧୨କୁ ଫୋନ କରିବା ପରେ ପୁଲିସ ସେଠାରେ ପହଞ୍ଚି ଉଭୟଙ୍କୁ ଆଣି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତଖାନାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏସମ୍ପର୍କରେ ଚିତ୍ତରଞ୍ଜନଙ୍କ ସମ୍ପର୍କିୟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ନଂ. ୬୪୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

## ମା'ମଙ୍ଗଳା ନାଟ୍ୟ ପରିଷଦର ସମ୍ମିଳନୀ

**ବଡ଼ଚଣା, ୧୫।୧୦(ସମିସ):** ଚଣ୍ଡିଖୋଲ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ମା' ମଙ୍ଗଳା ନାଟ୍ୟ ପରିଷଦର ଏକ ସମ୍ମିଳନୀ ଅନୁଷ୍ଠାନର ସଭାପତି ପ୍ରକାଶ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ନିକଟସ୍ଥ ସୁଙ୍ଗୁଡ଼ା, ନିଶିମଳା, ଖୋସାଲିପୁର, ନୂଆସୁଙ୍ଗୁଡା ଗ୍ରାମର ନାଟ୍ୟ ଅନୁଷ୍ଠାନ ଗୁଡ଼ିକ ଯୋଗଦେଇଥିଲେ। ଅନୁଷ୍ଠାନର ଉପସଭାପତି ସ୍ମୃତିରଞ୍ଜନ ମାହାଲା, ସମ୍ପାଦକ ଦେବଦତ୍ତ ଜେନା, ସହ ସମ୍ପାଦକ ପବିତ୍ର ମୋହନ ଜେନା, କୋଷାଧ୍ୟକ୍ଷ ସଞ୍ଜୀବ ବଳ, ବରିଷ୍ଠ କଳାକାର ଅକ୍ଷୟ କୁମାର ସ୍ୱାଇଁ, ନାଟ୍ୟ ନିର୍ଦ୍ଦେଶକ ହରି ସାମନ୍ତ, ପ୍ରଫୁଲ୍ଲ ମହାରଣା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁଙ୍ଗୁଡ଼ା କାର୍ତ୍ତିକେୟ ପୁସ୍ତକାଗାର ନାଟ୍ୟ ପରିଷଦର ସଭାପତି ମନୋଜ କୁମାର ସାହୁ, ସମ୍ପାଦକ ଦିଲ୍ଲୀପ କୁମାର ବଳ, ନିଶିମଳା ସତ୍ୟ ନାରାୟଣ ନାଟ୍ୟ ପରିଷଦର ସଭାପତି ତପନ କୁମାର ଜେନା, ସମ୍ପାଦକ ଉତ୍ତମ କୁମାର ଜେନା, ଉପସଭାପତି ଅଟଳ ଜେନା, ମା'ନଲୁଆଶୁଣି ନାଟ୍ୟ ପରିଷଦର ସଭାପତି ସୁକାନ୍ତ କୁମାର ଜେନା, ସମ୍ପାଦକ ବିଶ୍ୱଜିତ ଜେନା, ଲକ୍ଷ୍ମୀ ନାରାୟଣ ନାଟ୍ୟ ପରିଷଦ ନୂଆ ସୁଙ୍ଗୁଡ଼ାର ସଭାପତି ବନମାଳୀ ସେନାପତି ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ଡିସେମ୍ବର ୨୫ତାରିଖରେ ଚଣ୍ଡିଖୋଲ ମହୋତ୍ସବ ଅବସରରେ ଅନୁଷ୍ଠିତ ହେବାକୁ ଥିବା ଏହି ନାଟ୍ୟ ମହୋତ୍ସବରେ ରେ ଲଟେରୀ ମାଧ୍ୟମରେ ନାଟ୍ୟ ପରିଷଦ ସେମାନଙ୍କର ନାଟକ ପରିବେଷଣ କରିବା ସ୍ଥିର ହୋଇଥିଲା। ଏହି ବନ୍ଧୁମିଳନ ଉତ୍ସବରେ ୪ଟି ଗ୍ରାମର ଶତାଧିକ କଳାକାର ଯୋଗ ଦେଇଥିଲେ।

## ବଳଦେବଜିଉ ହାଇସ୍କୁଲରେ 'ସୁରଭି' କାର୍ଯ୍ୟକ୍ରମ

**ଧର୍ମଶାଳା, ୧୫।୧୦(ସମିସ):** ଧର୍ମଶାଳା ବ୍ଲକ ଦେଓଦା ଗ୍ରାମସ୍ଥିତ ବଳଦେବଜିଉ ସରକାରୀ ହାଇସ୍କୁଲରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅରୁଣ କୁମାର ସରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପ୍ରବୋଧ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ପରୀକ୍ଷିତ ପ୍ରଧାନ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କୃତ ପ୍ରଦାନ କରିଥିଲେ।



ଶିକ୍ଷକ କୃଷ୍ଣଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବାଙ୍କସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବାରିକ, ନୀଳକଣ୍ଠପୁର ପ୍ରକଳ୍ପ ଉପ୍ରା ସ୍କୁଲର ପ୍ରଧାନ ଶିକ୍ଷକ ଚିନ୍ମୟ ଦାସ, ମାଝିପାଟଣା ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ କୁମାର ପ୍ରଧାନ, ଶିକ୍ଷକ ନାରାୟଣ ଚନ୍ଦ୍ର ସାହୁ, ହୃଷୀକେଶ ନାୟକଙ୍କ ସମେତ ହାଇସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଛବି ମଲିକ ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟରେ ହାତଧୁଆ ଦିବସ

**ପାଣିକୋଇଲି, ୧୫।୧୦(ସମିସ):** କୋରାଇ ଶିକ୍ଷା ମଣ୍ଡଳ ଅଧୀନସ୍ଥ ନୂଆପଦା ସରକାରୀ ଉପ୍ରା ବିଦ୍ୟାଳୟରେ ବିଶ୍ୱ ହାତଧୁଆ ଦିବସ ପାଳନ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ମଲ୍ଲିକ, ଜଳ ଓ ପରିମଳ ବିଭାଗ ଅଧିକାରୀ ସୁଧାକର ପଣ୍ଡା, ପରିଚାଳନା କମିଟିର ସଭାପତି ଅଶୋକ କୁମାର ଦାସ, ସଦସ୍ୟ ଗୟାଧର ସ୍ୱାଇଁ, ପୂର୍ବତନ ସଭାପତି ରବିନାରାୟଣ ଭୂୟାଁ, ବ୍ଲକ ଜଳ ଓ ପରିମଳ ବିଭାଗ ଆୟୋଜକ ଚନ୍ଦନ କୁମାର ଦାସ ପ୍ରମୁଖ ଯୋଗ ଦେଇ ହାତଧୁଆ ଦିବସ ପାଳନର




ତାତ୍ପର୍ଯ୍ୟ ସମ୍ପର୍କରେ ମତ ଦେଇଥିଲେ। ଛାତ୍ରୀ ସୁଶ୍ରୀ ସ୍ମୃତିରେଖା ଭୂୟାଁ ସ୍ୱାଗତ ନୃତ୍ୟ ମାଧ୍ୟମରେ ସ୍ୱାଗତ ଜଣାଇଥିଲେ। ପୁରାତନ ଛାତ୍ରୀ ସୋହାନୀ ଦାସ ଓ ରଶ୍ମିତା ଦାସ ପିଲାମାନଙ୍କୁ ହାତ ଧୋଇବାର ଉପାୟ ପର୍ଯ୍ୟାୟ କ୍ରମେ ଶିଖାଇଥିଲେ। ଶିକ୍ଷକ ତାରିଣୀ ପ୍ରସାଦ ରାୟ, ବଳରାମ ବେହେରା ପରିଚାଳନାରେ ସହଯୋଗ କରିଥିବା ବେଳେ ଶିକ୍ଷୟତ୍ରୀ ସସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ବିଭାଗ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ପାଣିକୋଇଲି, ୧୫।୧୦(ସମିସ):** ପାଣିକୋଇଲିସ୍ଥିତ ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀ ପ୍ରଥମ ବର୍ଷର ପିଲାମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡ. ପ୍ରତାପ ଚନ୍ଦ୍ର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ମଦନ ମୋହନ ପାତ୍ର, ସମ୍ମାନିତ ଅତିଥିଭାବେ ପାର୍ବତୀ ନାଥ ଯୋଗଦେଇ ପାଠ ପଢ଼ି ଭଲ ମଣିଷ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମଧୁସ୍ମିତା ମହାରଣା, ଶତାବ୍ଦୀ ସ୍ମରଣିକା ସ୍ୱାଇଁ, ଦେବାଶିଷ ସାହୁ, ସୁଧାଂଶୁ ଶେଖର ସାହୁ, ରାଜଶ୍ରୀ ରାଉତ, ଦିପ୍ତିମୟୀ ଧଳ, ଶୁଭଶ୍ରୀ ଜେନା, ପୂଜାରାଣୀ ରାଉତ, ମମିତା ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପିକା ସାଗରିକା ରଥ ଧନ୍ୟବାଦ ଦେଇଥିଲେ।

## 'ସ୍ମୃତି ଓ ପ୍ରଣତି'ର ବାର୍ଷିକ ଉତ୍ସବ


**ଯାଜପୁର, ୧୫।୧୦(ସମିସ):** ଯାଜପୁରର ଜଣାଶୁଣା ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ 'ସ୍ମୃତି ଓ ପ୍ରଣତି'ର ବାର୍ଷିକ ଉତ୍ସବ ଏବଂ ପ୍ରଦ୍ୟୁମ୍ନ କିଶୋର ବଳଙ୍କ ୯୩ତମ ଜୟନ୍ତୀ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସଭାପତି ଶିଶିର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗରିଆପୁରସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ନଭେମ୍ବର ୧୦ ତାରିଖ ଅପରାହ୍ନରେ ଯାଜପୁର ଟାଉନ୍‌ଠାରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଥିବା ସୂଚନା ଦିଆଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଚଳିତ ବର୍ଷ ତିନି ଜଣଙ୍କୁ ଏଥିରେ ସମ୍ମାନିତ କରାଯିବ। ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ନାୟକ ପ୍ରାକ୍ ସୂଚନା ରଖିଥିଲେ। ସଂଗଠନ ସମ୍ପାଦକ ପ୍ରଫେସର ଡ. ଦାମୋଦର ବେହେରା ଉତ୍ସବର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର କର୍ମକର୍ତ୍ତା ବିଶିଷ୍ଟ ଚିକିତ୍ସକ ଡା. ରାଜକିଶୋର ପଣ୍ଡା, ଶିକ୍ଷା ସଂଗଠକ ଡ. ନିତ୍ୟାନନ୍ଦ ମିଶ୍ର, ଆଡଭୋକେଟ୍ ଶୁଭ୍ରାଂଶୁ କୁମାର ରାୟ, ଶିକ୍ଷାବିତ ସୁବାସ ମହାପାତ୍ର, ସାମ୍ବାଦିକ ଶେଖ୍ ମନିରୁଦ୍ଦିନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ସୁବାସ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।


## 'ଶିକ୍ଷକମାନଙ୍କ ଦକ୍ଷତା ବିକାଶ' ଆଲୋଚନାଚକ୍ର




**ବଡ଼ଚଣା, ୧୫।୧୦(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଶିକ୍ଷା ବିଭାଗ ପକ୍ଷରୁ ୨୦୨୦ ଜାତୀୟ ଶିକ୍ଷାନୀତି ଅନୁଯାୟୀ ଶିକ୍ଷକମାନଙ୍କ ଦକ୍ଷତା ବିକାଶ ଶୀର୍ଷକ ଏକ ଆଲୋଚନାଚକ୍ର ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପିକା ନିରୁପମା ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଡ. ଯୁଧିଷ୍ଠିର ଖଟୁଆ ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ପୁସ୍ତକର ବୋଝ ନ ଦେଇ ସେମାନଙ୍କ ମନପସନ୍ଦର ବିଷୟ ସ୍ଥିର କରାଇବାକୁ ସୁଯୋଗ ଦେବାକୁ କହିଥିଲେ। ଅଧ୍ୟାପିକା ଶ୍ରାବଣୀକନ୍ୟା ସ୍ୱାଗତିକା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ହେମଲତା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ସୃଷ୍ଟି ଶୋଭନା ବାରିକ ଓ ଯୁକ୍ତ ୩ ଶେଷବର୍ଷ ଛାତ୍ରୀ ପ୍ରିୟଙ୍କା ସାହୁ ସନ୍ଦର୍ଭ ପାଠ କରିଥିଲେ।




## ପିକ୍‌ଅପ ଭ୍ୟାନରୁ ଗୋରୁ ଚମଡ଼ା ଉଦ୍ଧାର

**ବାଲିଚନ୍ଦ୍ରପୁର/ଧର୍ମଶାଳା, ୧୫।୧୦(ସମିସ):** ଗୋରୁ ଚମଡ଼ା ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍ ଗାଡିକୁ ଆଜି ବାଲିଚନ୍ଦ୍ରପୁର ଥାନା ପୁଲିସ ଜବତ କରିଛି। ତେବେ ଗାଡ଼ି ଜବତ ସମୟରେ କୌଶଳକ୍ରମେ ଚାଳକ ଜଣକ ଫେରାର ହୋଇଯାଇଥିଲା। ପୁଲିସ ସୂଚନା ମୁତାବକ



ଯାଜପୁର ସଦର ଅନ୍ତର୍ଗତ ବ୍ରହ୍ମବରଦା ଅଞ୍ଚଳରୁ ଏହି ଗୋରୁ ଚମଡ଼ା ଭର୍ତ୍ତି ଗାଡ଼ିଟି ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳିପୁର ଅଞ୍ଚଳକୁ ଆସୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବଜରଙ୍ଗ ଦଳର କର୍ମୀମାନେ ବ୍ରହ୍ମବରଦା ଥାନାକୁ ଖବର ଦେବା ସହିତ ସେମାନେ ଗାଡ଼ିଟିକୁ ପିଛା କରିଥିଲେ। ତେବେ ଗାଡ଼ିଟି ଆସି ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅରେଇକଣା ଅଞ୍ଚଳରେ ପହଞ୍ଚିବା ପରେ ଖବର ପାଇ ବାଲିଚନ୍ଦ୍ରପୁର ଥାନା ପୁଲିସ ସେଠାରେ ପହଞ୍ଚି ଗାଡ଼ିଟିକୁ ଜବତ କରି ଥାନାକୁ ଆଣିଥିଲେ। ପରେ ଥାନା କେଶ ନମ୍ବର ୩୧୨/୨୫ରେ ଏକ ମାମଲା ରୁଜୁ କରାଯାଇ ଏନେଇ ତଦନ୍ତ ଚାଲୁ ରହିଥିବା ନେଇ ଥାନାଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି।

## ସିଜେଆଇ ଉପରେ ଆକ୍ରମଣର ପ୍ରତିବାଦ

**ବ୍ୟାସନଗର, ୧୫।୧୦(ସମିସ)**

ଚିଫ୍ ଜଷ୍ଟିସ ଅଫ ଇଣ୍ଡିଆ (ସିଜେଆଇ)ଙ୍କ ଉପରେ ହୋଇଥିବା ଆକ୍ରମଣକୁ ପ୍ରତିବାଦ କରାଯାଇଛି। ବୁଧବାର ମଧ୍ୟାହ୍ନରେ ଯାଜପୁରରୋଡ଼ଠାରେ ବିଭିନ୍ନ ଗଣ ସଂଗଠନ ପକ୍ଷରୁ ପଦଯାତ୍ରା କରି ପ୍ରତିବାଦ କରିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର ଏଡିଏମ ସପନ କୁମାର ନନ୍ଦଙ୍କ ଜରିଆରେ ପଠାଯାଇଥିବା ଜଣାପଡ଼ିଛି। ସିଭିଲ ସୋସାଇଟି ଫୋରମ ଯାଜପୁର, ମୂଳ ନିବାସୀ ଯୁବ ଛାତ୍ର ସମ୍ମୁଖ୍ୟ, ସାମାଜିକ ସମତା ଅଭିଯାନ, ଆମ୍ବେଦକର ଫାଉଣ୍ଡେସନ,




ଭୀମ ଆର୍ମି ଭଳି ସଂଗଠନର ମିଳିତ ଆହ୍ୱାନ କ୍ରମେ ଉକ୍ତ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଗଣ ସଂଗଠନର ଆବାହକ ବିଶ୍ୱନାଥ ପାତ୍ର, ରସାନନ୍ଦ ମଲ୍ଲିକ, ହୃଷୀକେଶ ଜେନାଙ୍କ ତତ୍ତ୍ୱାବଧାନରେ ବୁଧବାର ସକାଳୁ ଯାଜପୁରରୋଡ଼ ଆଦର୍ଶ ଥାନା ଆଇଆଇସିଙ୍କୁ ଏକ ଲିଖିତ ଅଭିଯୋଗ କରି ସଂଗଠନ ପକ୍ଷରୁ ଏକ ପଦଯାତ୍ରା କରାଯାଇ ଯାଜପୁରରୋଡ୍‌ର ଗୋପବନ୍ଧୁ ଛକ ଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରମିକ ନେତା ପ୍ରଫୁଲ୍ଲ ନାୟକ, ସାମାଜିକ ସମତା ଅଭିଯାନର କାଳନ୍ଦୀ ମଲ୍ଲିକ, ହୃଷୀକେଶ ଜେନା, ରସାନନ୍ଦ ମଲ୍ଲିକ, ଆମ୍ବେଦକର ଫାଉଣ୍ଡେସନର କାର୍ତ୍ତିକ ମଲ୍ଲିକ, ଦୁଷ୍ମନ୍ତ ଜେନା, ସୁରେନ୍ଦ୍ର ମଲ୍ଲିକ, ଭିମ ଆର୍ମିର ସସ୍ମିତା ଜେନା, ରମେଶ ମଲ୍ଲିକ, ରଞ୍ଜିତ ଜାମୁଡ଼ା, ସନ୍ଧ୍ୟାରାଣୀ ମଲ୍ଲିକ, ଏସସି ଏସଟି ଜଏଣ୍ଟ କମିଟିର ଯଶୋବନ୍ତ ଜେନା, ମୂଳ ନିବାସୀ ଯୁବ ଛାତ୍ର ସାମ୍ମୁଖ୍ୟର ରବୀନ୍ଦ୍ର ପାତ୍ର, କ୍ଷେତ୍ରବାସୀ ମଲ୍ଲିକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ଜିଲ୍ଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା




ବ୍ରହ୍ମପୁର,୧୫ ।୧୦(ସମିସ): ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଭାତି କୁମାରୀ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରତିଯୋଗିତାରେ ୧୨ଟି ବିଦ୍ୟାଳୟର ମୋଟ ୭୨ଜଣ ପ୍ରତିଯୋଗୀ ନିଜ ନିଜର ଗାଇଡ଼ଙ୍କ ସହ ଅଂଶଗ୍ରହଣ କରିଥିଲେ। ସମାଜ ପ୍ରତି ରହିଥିବା ଲୋକଙ୍କ ଦାୟିତ୍ୱବୋଧ, ପରିବେଶ ସୁରକ୍ଷା, ଲିଙ୍ଗଗତ ସମାନତା, ସୁସ୍ଥ ସମାଜ ଗଠନ ସମ୍ପର୍କିତ ବିଷୟକୁ ନେଇ ପ୍ରତିଯୋଗୀମାନେ ଲୋକନୃତ୍ୟ ମାଧ୍ୟମରେ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ବିଚାରକ ରୂପେ ଖଲ୍ଲିକୋଟ ଡିଆଇଇଟିର ଶିକ୍ଷକ ନିହାରିକା ସାମନ୍ତରା, ପ୍ରାକ୍ତନ ପ୍ରଧାନଶିକ୍ଷକ ହରେକୃଷ୍ଣ ପଣ୍ଡା, ଜୟନ୍ତ ଆଚାର୍ଯ୍ୟ ଓ ଶିବ ବାରିକ ପ୍ରମୁଖ ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ ପଣ୍ଡା ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିହାର ରଞ୍ଜନ ଦାଶ ଓ ସରୋଜ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୪୫୦ କିଲୋ ଗଞ୍ଜେଇ ଜବତ ଜଣେ ଗିରଫ



### ଝାଡ଼ଖଣ୍ଡକୁ ଚାଲାଣ ବେଳେ ମାଡ଼ିବସିଲା ଅବକାରୀ ଗୁଇନ୍ଦା


### ଚାଳକ ଜାଣିନାହାନ୍ତି କ'ଣ ନେଉଥିଲେ

ବ୍ରହ୍ମପୁର,୧୫ ।୧୦(ସମିସ): ଝାଡଖଣ୍ଡକୁ ଗଞ୍ଜେଇ ଚାଲାଣ ବେଳେ ମାଡ଼ି ବସିଲା ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ। ପିକ୍‌ଅପ ଗାଡ଼ି ସହ ସାଢ଼େ ଚାରି କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ଜଣକ ହେଲେ ଉତ୍ତରପ୍ରଦେଶ ମାଲ୍‌କାପୁରର ପ୍ରଭିଜ୍ (୩୨) । ସେ ମାତ୍ର ୨୦ହଜାର ଟଙ୍କା ପାଇଁ ଏହି ଗଞ୍ଜେଇ ଚାଲାଣ କରୁଥିବା ଅବକାରୀ ବିଭାଗ ଜାଣିବାକୁ ପାଇଛି।

ସୂଚନା ଅନୁଯାୟୀ, ଗଜପତି ଜିଲ୍ଲାରୁ ଏକ ଗଞ୍ଜେଇ ଗାଡ଼ି ବ୍ରହ୍ମପୁର ଅଭିମୁଖେ ଯାଉଥିବା ଅବକାରୀ ଗୁଇନ୍ଦା ବିଭାଗ ଅଧ୍ୟକ୍ଷ ପ୍ରବୀର କୁମାର ପ୍ରଧାନଙ୍କୁ ସୂଚନା ମିଳିଥିଲା। ଏକ ସ୍ୱତନ୍ତ୍ର ଟିମ୍ ଫାଷ୍ଟଗେଟ ନିକଟରେ ଧରିବାକୁ ଛକି ରହିଥିଲା। ଦିଗପହଣ୍ଡି ପଟୁ ଦ୍ରୁତ ଗତିରେ ଆସୁଥିବା ପିକ୍‌ଅପ୍ ଭ୍ୟାନକୁ ଉକ୍ତ ଟିମ୍ ଅଟକାଇ ଯାଞ୍ଚବେଳେ ସେଥିରୁ ୧୫ ବସ୍ତା ଗଞ୍ଜେଇ ମିଳିଥିଲା। ପ୍ରତି ବସ୍ତାରେ ୩୦କିଲୋ ଲେଖାଏଁ ଗଞ୍ଜେଇ ରହିଥିଲା। ଉକ୍ତ ଗଞ୍ଜେଇକୁ ଜବତ କରି ସମ୍ପୃକ୍ତ ଅଭିଯୁକ୍ତକୁ କାବୁ କରାଯାଇଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪୫ଲକ୍ଷ ଟଙ୍କା ହେବ। ଚାଲାଣକାରୀ ଜଣକ ମାତ୍ର ୨୦ହଜାର ଟଙ୍କା ପାଇଁ ଏହି ଗାଡ଼ିର ଡ୍ରାଇଭର ଭାବେ କାମ କରୁଥିଲେ। ଉତ୍ତର ପ୍ରଦେଶର ରଣା ନାମକ ଜଣେ ବ୍ୟବସାୟୀ ତାଙ୍କୁ ଓଡ଼ିଶା ପଠାଇବା ସହ ଜିନିଷ ଆଣିବା ପାଇଁ କହିଥିଲେ। କିନ୍ତୁ କ'ଣ ଜିନିଷ ଆଣିବେ ସେନେଇ କିଛି ଜାଣିନଥିବା ଚାଲାଣକାରୀ କହିଛନ୍ତି।

## ଗଞ୍ଜେଇ ଜବତ, ଜଣେ ଗିରଫ

ବ୍ରହ୍ମପୁର,୧୫ ।୧୦(ସମିସ): ବଡ଼ବଜାର ଥାନା ପୁଲିସ ଶ୍ରୀକ୍ଷେତ୍ର ବିହାର ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କଠାରୁ ଗଞ୍ଜେଇ ଜବତ କରିଛି। ସମ୍ପୃକ୍ତ ବ୍ୟକ୍ତି ଜଣକ ଏକ ବ୍ୟାଗରେ ଗଞ୍ଜେଇ ଧରି ଛିଡ଼ା ହୋଇଥିବା ନେଇ ପୁଲିସ ଜାଣିବା ପରେ ଥାନା ଅଧିକାରୀ ବାବା ଶଙ୍କର ସରଫଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେହି ବ୍ୟକ୍ତି ଜଣକ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା।




# ଶ୍ରୀମଦ୍ ଭଗବତ୍ ଗୀତା ପ୍ରବଚନମାଳା ଉଦ୍‌ଘାଟିତ



ବ୍ରହ୍ମପୁର,୧୫ ।୧୦(ସମିସ): ରାମଚନ୍ଦ୍ରପୁର ପ୍ରଭୁ ଉପହାର ରିଟ୍ରିଟ୍ ସେଣ୍ଟରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତିକୁଣ୍ଡ ପକ୍ଷରୁ ଶ୍ରୀମଦ୍ ଭଗବତ୍ ଗୀତା ପ୍ରବଚନ ମାଳାର ଉଦ୍‌ଘାଟନ ହୋଇଯାଇଛି। ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ସବଜୋନ୍ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଭଗିନୀ ମଞ୍ଜୁଙ୍କ ପ୍ରଥମ ପୁଣ୍ୟସ୍ମୃତି ଦିବସ ପାଳନ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିଷ୍ଟ ବିଶ୍ୱବିଦ୍ୟାଳୟର କୁଳପତି ଭ୍ରାତା ଡା. ପ୍ରିୟଦର୍ଶନ ପାତ୍ର ଯୋଗଦେଇ ଶ୍ରୀମଦ୍ ଭଗବତ୍ ଗୀତା ହେଉଛି ସଫଳ ଜୀବନଯାପନର ଧର୍ମଗ୍ରନ୍ଥ ଓ କର୍ମଗ୍ରନ୍ଥ ବୋଲି କହିଥିଲେ। ଅନ୍ତଃରାଷ୍ଟ୍ରୀୟ ପ୍ରେରକ ବକ୍ତା ରାଜଯୋଗିନୀ ବ୍ରହ୍ମାକୁମାରୀ ଡା. ଉଷାଦିଦିଜୀ କହିଥିଲେ, ନକାରାତ୍ମକ ଚରିତ୍ର ସର୍ବତ୍ର ବ୍ୟାପ୍ତ ଥିବା ସମୟରେ ପରମାତ୍ମା ଶିବଙ୍କର ଏକ ସାଧାରଣ ମାନବ ଶରୀରରେ ଦିବ୍ୟ ଅବତରଣ ହେବା ପୂର୍ବକ ବାସ୍ତବ ଗୀତାଜ୍ଞାନର ସ୍ପଷ୍ଟୀକରଣ ପ୍ରାପ୍ତ ହୁଏ ଯଦ୍ୱାରା ପ୍ରତ୍ୟେକ ଆତ୍ମା ପରମାତ୍ମାଙ୍କ ପ୍ରକୃତି ଶକ୍ତିକୁ ଜାଣିପାରି ନମ୍ରତାର ସହ ପରିଚାଳିତ ହେବା ଦ୍ୱାରା ଆସୁରୀ ପ୍ରବୃତ୍ତିର ଦମନ ହୋଇ ଦୈବୀ ପ୍ରବୃତ୍ତିର ଜାଗରଣ ହୁଏ ବୋଲି ନିଜ ବକ୍ତବ୍ୟର କହିଥିଲେ।

ବର୍ତ୍ତମାନ ସମୟରେ ଗୀତାଜ୍ଞାନର ଆବଶ୍ୟକତାକୁ ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ସବଜୋନ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ମାଳା ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ କୁମାରୀ ଆଦିତ୍ରୀ ଏବଂ ଅଭିସ୍କା ସ୍ୱାଗତ ନୃତ୍ୟ ପରିବେଷଣ କରିଥିବା ବେଳେ ମାଉଣ୍ଟ ଆବୁରୁ ଆସିଥିବା ବ୍ରହ୍ମାକୁମାରୀ ଅସ୍ମିତା ସଭାକାର୍ଯ୍ୟ ପରିଚାଳନା କରିଥିଲେ।

## ପୋଷଣ ମାସ ପାଳନକୁ ନେଇ ସଚେତନତା


ବ୍ରହ୍ମପୁର, ୧୫ ।୧୦ (ସମିସ): ପୋଷଣ ମାସ ପାଳନ ଅବସରରେ ରାମଲିଙ୍ଗେଶ୍ୱର ସେକ୍ଟର ଅନ୍ତର୍ଗତ ବାଲାଜୀପେଣ୍ଠ ସାହିରେ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ-୨ ଅଧିକାରୀ କଳ୍ପନା ପାଢ଼ୀ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏଅବସରରେ ଲୋକ ନୃତ୍ୟ ଦାସକାଠିଆ ମାଧ୍ୟମରେ ଶେଖର ଏବଂ ସାଥୀ ପୋଷଣ, ସୁଭଦ୍ରା ଯୋଜନା ଭଳି ବିଭିନ୍ନ ମାତୃ ଓ ଶିଶୁ ବିକାଶ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପରିଦର୍ଶିକା ଜି. ରାଜଲକ୍ଷ୍ମୀ, ବାଲାଜୀପେଣ୍ଠ ଅଙ୍ଗନବାଡି କର୍ମୀ ସୁମତି ସାହୁ, ଆଶା କର୍ମୀ ସୁଜାତା ସାହୁ, ଅଙ୍ଗନବାଡି ସହାୟିକା ସୋନମ୍‌ଙ୍କ ସମେତ ରାମଲିଙ୍ଗେଶ୍ୱର ସେକ୍ଟରେ ଥିବା ବହୁ ଅଙ୍ଗନବାଡି କେନ୍ଦ୍ର କର୍ମଚାରୀ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।




## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୭ ଜଣିଆ ନାକ୍ ଟିମ୍

ବ୍ରହ୍ମପୁର,୧୫ ।୧୦(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆଜି ଅନ୍‌ଲାଇନ ମାଧ୍ୟମରେ ୭ ଜଣିଆ ନାକ ଟିମ ରହି ନାକ ମାନ୍ୟତା ପାଇଁ ଆଲୋଚନା କରିଥିଲେ। ଆଜି ସକାଳ ୯ଟାରେ ଆଇକ୍ୟୁଏସି କକ୍ଷରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ସମେତ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, କୁଳସଚିବ ସଚ୍ଚିଦାନନ୍ଦ ନାୟକ, ଆଇକ୍ୟୁଏସିର ନିର୍ଦ୍ଦେଶକ ପ୍ରଫେସର ପ୍ରସନ୍ନ କୁମାର ଦୀକ୍ଷିତ, ଯୁଗ୍ମ ନିର୍ଦ୍ଦେଶକ ଡ଼.ଲକ୍ଷ୍ମୀଧର ରାଉତ ଏବଂ ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ ଉପସ୍ଥିତ ରହି ବିଶ୍ୱବିଦ୍ୟାଳୟର ନାକ ମାନ୍ୟତା ପାଇଁ ଆବଶ୍ୟକ ଥିବା ତଥ୍ୟକୁ ଅନଲାଇନରେ ଉପସ୍ଥାପନ କରିଥିଲେ। ପ୍ରାୟ ୧୦ ଘଣ୍ଟା ଅନଲାଇନ ମାଧ୍ୟମରେ ନାକ ଟିମ ଆଲୋଚନା କରିଥିଲେ। ତାହାସହ କୁଳପତି ୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ପରେ ନାକ ମାନ୍ୟତା ଜଡ଼ିତ ପ୍ରାୟ ୫୦ଟି ତଥ୍ୟ ଦାୟିତ୍ୱରେ ଥିବ ସମସ୍ତ ଅଧିକାରୀ ସହଯୋଗରେ ପ୍ରଦାନ କରାଯାଇଥିଲା। ପରେ ନାକ୍ ପକ୍ଷରୁ ତଥ୍ୟ କୁଳପତିଙ୍କୁ ପ୍ରଦାନ କରିଥିଲେ। କୁଳପତି ସେହି ତଥ୍ୟକୁ ପୁଣି ରହିଥିବା ଭୁଲକୁ ସଂଶୋଧନ କରି ପୁଣି ପ୍ରଦାନ କରିଥିଲେ। ନାକ୍ ଟିମ ଖୁବ୍‌ଶୀଘ୍ର ମାନ୍ୟତା ପତ୍ର ପ୍ରଦାନ କରିବେ ବୋଲି ସୂଚନା ମିଳିଛି। ଏନେଇ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ସହ ଯୋଗାଯୋଗ ବେଳେ ଚଳିତ ମାସ ଅଗଷ୍ଟ ମାସରେ ନାକ୍ 'ଏ' ଗ୍ରେଡ଼ (୩.୦୪) ମାନ୍ୟତା ପାଇଥିବା ବେଳେ ପୁଣି ସେହି ମାସରେ ପୁନଃ ପରିଦର୍ଶନ ପାଇଁ ଆବେଦନ କରାଯାଇଥିଲା। ଯାହାର ଆବଶ୍ୟକ ତଥ୍ୟ ନାକ ଟିମ ପ୍ରଦାନ କରାଯାଇଛି। ମିଳିଥିବା ପଏଣ୍ଟରୁ ଅଧିକ ପାଇବା ଏବଂ 'ଏ +'ମାନ୍ୟତା ମିଳିବ ବୋଲି ଆଶା ରହିଥିବା କୁଳପତି କହିଛନ୍ତି।








# ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଅବଦୁଲ କଲାମଙ୍କ ଜୟନ୍ତୀ



କଟକ,୧୫।୧୦(ସମିସ): ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବକ୍ସି ବଜାରଠାରେ ଭାରତର ପୂର୍ବତନ ରାଷ୍ଟ୍ରପତି ଓ ବିଶିଷ୍ଟ ବୈଜ୍ଞାନିକ ଡ ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ପାଳନ କରାଯାଇଛି। ଅବଦୁଲ କଲାମଙ୍କ ଫଟୋରେ ସଂଘର କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କର୍ମକର୍ତ୍ତାମାନେ କଲାମଙ୍କ ଜୀବନୀ ଉପରେ ଆଲୋଚନା କରି କହିଲେ ଅବଦୁଲ କଲାମ ରେଳ ଷ୍ଟେସନରେ ପେପର ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେ ବିଶିଷ୍ଟ ବୈଜ୍ଞାନିକ ହୋଇଥିଲେ। ତା'ପରେ ଭାରତର ରାଷ୍ଟ୍ରପତି ହୋଇଥିଲେ। ତାଙ୍କର ଜୀବନ କାଳ ସଂଘର୍ଷମୟ ଥିଲା। ଏହି ସଭାରେ ସଂଘର ଉପସଭାପତି ପିତାମ୍ବର ବେହେରା, ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହସମ୍ପାଦକ ପ୍ରଶାନ୍ତ ସାହୁ, ମିଡିଆ ସେଲ୍ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, କମିଟି ସଭ୍ୟ କେ ବେଣୁ ରାଓ, ହାଡିବନ୍ଧୁ ବେହେରା, ଦୀପ୍ତିରଞ୍ଜନ ପଟ୍ଟନାୟକ, ଶିବୁ ନାୟକ, ଦୁର୍ଗାପ୍ରସାଦ ଛାଟୋଇ, ହେମନ୍ତ ପଟ୍ଟନାୟକ, ସନ୍ତୋଷ ଦତ୍ତ, ବିଜୟ ସାହୁ ଓ ଯାମିନୀ ଘୋଷ ପ୍ରମୁଖ ଯୋଗଦାନ କରିଥିଲେ।

## ଦୀପାବଳି ପ୍ରଦୂଷଣ ଉପରେ ଲାଗିବ କି ରୋକ୍ ?

# ନିୟମାବଳୀ କରି ଚୁପ୍ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ




କଟକ,୧୫ ।୧୦(ସମିସ): ଆଗକୁ ଦୀପାବଳି ଆସୁଥିବା ବେଳେ ଏହି ସମୟରେ କଟକ ସହରରେ ବାୟୁ ପ୍ରଦୂଷଣ ସ୍ଥିତି ବିଗୁଡିବାର ଆଶଙ୍କା ଉପୁଜିଛି। ପ୍ରତିବର୍ଷ ଉଚ୍ଚ ଶବ୍ଦ ଯୁକ୍ତ ବାଣଫୁଟା ,ବିକ୍ରି ଉପରେ ରହିଥିବା କଟକଣା ତଥା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀକୁ କଡାକଡି ପାଳନ କରାଯାଉନାହିଁ। ଏଥର ମଧ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମାତ୍ର ଦୁଇ ଘଣ୍ଟା ବାଣ ଫୁଟାକୁ ଅନୁମତି ଦେଇଛି। ପ୍ରଦୂଷଣ ସୃଷ୍ଟି କରୁଥିବା ବାଣ ଫୁଟାଇବାକୁ ନିଷିଦ୍ଧ କରାଯାଇଛି। ହେଲେ ପ୍ରତିବର୍ଷ ଏଭଳି କିଛି ନିୟମାବଳୀ ସମ୍ପର୍କିତ ବିଜ୍ଞପ୍ତି ଜାରି କରି ଚୁପ ବସୁଛି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ। ଏଥର ଏଭଳି ସ୍ଥିତିର ଯେ ପୁନରାବୃତ୍ତି ନହେବ ତାହା କିଏ କହିବ। ଗତ ବର୍ଷ ମଧ୍ୟ ଦୀପାବଳି ପ୍ରଦୂଷଣ କଟକ ସହରରେ ବେଶ ଚିନ୍ତାଜନକ ଥିଲା। ଏହି ସମୟରେ ସମସ୍ତ କଟକଣା ସତ୍ତ୍ୱେ ସହରର ଏୟାର କ୍ୱାଲିଟି ଇଣ୍ଡେକ୍ସ(ଏକ୍ୟୁଆଇ) ଅଧିକ ରହିଥିଲା। ସାଧାରଣତଃ ଶୀତ ଋତୁରେ ଏହି ସାନ୍ଦ୍ରତା ବୃଦ୍ଧି ପାଇଥାଏ। ତେବେ ବାରୁଦ ଜଳିବା କାରଣରୁ ବାୟୁମଣ୍ଡଳ ଅଧିକ ପ୍ରଦୂଷିତ ହୋଇଯାଇଥାଏ। ଗୋଟିଏ ପଟରେ ସୁପ୍ରିମକୋର୍ଟ ୧୨୫ଡେସିବେଲରୁ ଅଧିକ ଶବ୍ଦ ଉତ୍ପନ୍ନକାରୀ ବାଣ ବିକ୍ରି, ଫୁଟାଇବା ଉପରେ କଟକଣା ଜାରି କରିଛନ୍ତି। ହାଇକୋର୍ଟ ମଧ୍ୟ ଗତ ୨୦୨୧ରେ ଏହି ନିର୍ଦ୍ଦେଶାବଳୀକୁ ପାଳନ କରିବା ସହ କେବଳ ସବୁଜ ବାଣ ବିକ୍ରିକୁ ଅନୁମତିପ୍ରଦାନକରିଥିଲେ। ଏନଫୋର୍ସମେଣ୍ଟ ଦାୟିତ୍ୱ ପୁଲିସର ହୋଇଥିଲେ ମଧ୍ୟ କେବଳ ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ଶବ୍ଦ ପ୍ରଦୂଷଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଜଣାପଡିଛି। ଗତ ୨୦୨୨-୨୩ରେ ବାର୍ଷିକ ହାରାହାରି ଏୟାର କ୍ୱାଲିଟି ଇଣ୍ଡେକ୍ସ ଯାହା ରହିଥିଲା ଗତବର୍ଷ ତାହା ଠାରୁ ଅଧିକ ରହିଥିଲା। ମିଳିଥିବା ସୂଚନାନୁସାରେ ସାରା ଦେଶରେ ୧୨୧ ସ୍ଥାନକୁ ବାୟୁ ପ୍ରଦୂଷଣ ବୃଦ୍ଧିକୁ ଦୃଷ୍ଟିରେ ରଖି ନିୟମିତ ଯାଞ୍ଚ ନିୟମିତ କରିବା ଉପରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଗୁରୁତ୍ୱ ଦେଇଥିଲା। ଓଡିଶାର ୭ଟି ସହରକୁ ଚିହ୍ନଟ କରାଯାଇଥିଲା ଯେଉଁଥିରେ କଟକ ସହର ରହିଛି। ଅନ୍ୟପଟରେ ସାଧାରଣ ଦିନରେ ବିପର୍ଯ୍ୟସ୍ତ ରାସ୍ତାଘାଟ ଓ ବିଭିନ୍ନ ନିର୍ମାଣ କାମ ପାଇଁ ବାୟୁମଣ୍ଡଳକୁ ଦୂଷିତ ଧୂଳିକଣା ଆଚ୍ଛାଦିତ କରୁଛି। ଏହା ପ୍ରଦୂଷଣ ସ୍ତର ବୃଦ୍ଧିରେ ସହାୟକ ହେଉଛି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ କହିଛନ୍ତି। ସାଧାରଣତଃ ଶୀତ ଋତୁରେ ଧୂଳିକଣା ସ୍ତର ଅଧିକ ରହିଥାଏ। କମ ତାପମାତ୍ରା ହେତୁ ଏହା ବାୟୁ ପ୍ରଦୂଷଣର କାରଣ ହୋଇଥାଏ ବୋଲି ସେ କୁହନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନଙ୍କ କହିବାନୁସାରେ ଦୀପାବଳି ବାୟୁ ପ୍ରଦୂଷଣର ସ୍ତର ଆଜମା ରୋଗୀଙ୍କ ପାଇଁ ବିପଜ୍ଜନକ ଅଟେ। ଏହ ଚିନ୍ତାର କାରଣ ହୋଇଥିବା ବେଳେ ଆଗକୁ ପ୍ରଶାସନ କିଭଳି ଭାବେ ମିଳିତ ଭାବେ ଏହା ଉପରେ ପଦକ୍ଷେପ ନେଉଛି ତାକୁ ନେଇ ଅପେକ୍ଷା ରହିଛି।

# ବିଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ



କଟକ,୧୫।୧୦(ସମିସ): ଯୋଷୋପଡ଼ାସ୍ଥିତ କେଳି କଦମ୍ବ ଉଚ୍ଚ ବିଦ୍ୟାଳୟରେ ସାହିତ୍ୟ ପତ୍ରିକା କାୟାକଳ୍ପ ପକ୍ଷରୁ ବିଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ବିପ୍ଳବ ମିଶ୍ରଙ୍କ ସଭାପତିତ୍ୱରେହୋଇଯାଇଛି। କାର୍ଯ୍ୟକ୍ରମକୁଲେଖିକାଜ୍ୟୋତ୍ସ୍ନାମିଶ୍ରଉଦଘାଟନକରିଥିଲେ। ସମାଜସେବୀ ଅଜୟ ପଟ୍ଟନାୟକ, କ୍ଷୀରୋଦ ବାରିକ ଅତିଥି ଭାବରେ ଯୋଗଦେଇଥିଲେ। ତ୍ରିଲୋଚନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ନିରୂପମା ତରାଇ ସ୍କୋରର ଥିଲେ। ସୁପ୍ରିୟା ପ୍ରିୟଦର୍ଶିନୀ ଦାସ, ତେଜସ୍ୱିନୀ ଖୁଣ୍ଟିଆ, ସାଇ ଅରବିନ୍ଦ ଶ୍ରେଷ୍ଠ ପ୍ରତିଯୋଗୀ ହୋଇଥିଲେ। ସମସ୍ତ କୃତି ପ୍ରତିଯୋଗୀଙ୍କୁ ସମାଜସେବୀ ଭାଗିରଥି ମିଶ୍ରଙ୍କ ସ୍ମୃତିରେ ପୁରସ୍କାର ପ୍ରଦାନ କରାଯାଇଥିଲା। ବିନୋଦ ବିହାରୀ ବେହେରା ଧନ୍ୟବାଦ ଦେଇଥିଲେ।

# ମରଣାନ୍ତକ ଆକ୍ରମଣ ଉଦ୍ୟମ; ଜଣେ ଗିରଫ

କଟକ,୧୫।୧୦(ସମିସ): ପୂର୍ବ ବିବାଦକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ଉଦ୍ୟମ ହୋଇଛି। ଏହି ଘଟଣାରେ ମର୍କତନଗର ଥାନା ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରିଛି। ସେ ହେଉଛି ସତୀଚୌରା ଇମାମପଡା ବସ୍ତିର ସେକ ଅନୱର(୩୩)। ସୂଚନା ଅନୁସାରେ, ଇମାମପଡା ବସ୍ତିର ଅନୱର ଓ ସେଖ ବାବୁ ମଧ୍ୟରେ କୌଣସି ଏକ ଘଟଣାକୁ ନେଇ ବିବାଦ ଲାଗିରହିଥିଲା। ଏହାକୁ ନେଇ ଜଣଙ୍କ ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ମଧ୍ୟ ହୋଇଛି। ତେବେ ମଙ୍ଗଳବାର ପୂର୍ବ ବିବାଦକୁ ନେଇ ଦୁଇ ଜଣ ପୁଣିଥରେ ମୁହାଁମୁହିଁ ହୋଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଅନୱର ଏକ ଭୁଜାଲି ଧରି ସେକ ବାବୁଙ୍କୁ ଆକ୍ରମଣ ଉଦ୍ୟମ କରିଥିଲା। ବାବୁ ଜୀବନ ବିକଳରେ ଦୌଡି ପଳାଇଥିଲେ।

# ଡ୍ରିମ୍ସରେ ପୂର୍ବତନ ରାଷ୍ଟ୍ରପତି ଡ. କଲାମଙ୍କୁ ଶ୍ରଦ୍ଧାଞ୍ଜଳି



କଟକ, ୧୫।୧୦ (ସମିସ): ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶିଷ୍ଟ ବୈଜ୍ଞାନିକ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି 'ଭାରତ ରତ୍ନ' ଡ. ଏପିଜେ ଅବଦୁଲ କଲାମ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଡ. କଲାମଙ୍କ ୯୪ତମ ଜୟନ୍ତୀ ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ତାଙ୍କର ପ୍ରତିମୂର୍ତ୍ତିରେ ବରିଷ୍ଠ ପଦାଧିକାରୀ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ଅଭାସୀ ମାଧ୍ୟମରେ ଡ. କଲାମଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ରଛାତ୍ରୀ ରାଷ୍ଟ୍ର ନିର୍ମାଣରେ ବ୍ରତି ହେବାକୁ ଦିଗ୍‌ଦର୍ଶନ ଦେଇଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଡ. କଲାମ୍‌ଙ୍କ ଜୀବନବ୍ୟାପୀ ସାଧନା ଓ ସଫଳତା ଉପରେ ଆଲୋକପାତ କରି 'ସ୍ୱପ୍ନ ନିଦ୍ରିତରେ ନୁହେଁ, ଜାଗ୍ରତ ଅବସ୍ଥାରେ ଦେଖିବା ଉଚିତ୍' ଭଳି କଲାମଙ୍କ କାଳଜୟୀ ଉକ୍ତିକୁ ଛାତ୍ରଛାତ୍ରୀ ଅନୁଶୀଳନ କଲେ ଲକ୍ଷ୍ୟରେ ପହଞ୍ଚି ପାରିବେ ବୋଲି କହିଥିଲେ। ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ସ୍କୁଲ ଅଫ ଏଗ୍ରିକଲଚର ଡିନ୍ ଡ. କୁମ୍ଭକର୍ଣ୍ଣ ରାଉତ, ଅଧ୍ୟାପକ ଡ. ଅଜିତ ମହାପାତ୍ର ପ୍ରମୁଖ ମହାକାଶ ଗବେଷଣା ଓ ଦେଶର ପ୍ରତିରକ୍ଷା ବିଶେଷ କରି କ୍ଷେତ୍ରକୁ ଡ. କଲାମ୍‌ଙ୍କ ଅବଦାନ ଅବିସ୍ମରଣୀୟ ବୋଲି ବର୍ଣ୍ଣନା କରିଥିଲେ। ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ୭୮ ଲକ୍ଷ ସାଇବର ଠକେଇ ମାମଲା

# ୬ ଅଭିଯୁକ୍ତଙ୍କୁ ହାଇକୋର୍ଟଙ୍କ ସର୍ତ୍ତମୂଳକ ଜାମିନ


କଟକ, ୧୫ ।୧୦ (ସମିସ): ଅନଲାଇନ ଟ୍ରେଡିଂ ଜରିଆରେ ଜଣେ ଅଭିଯୋଗକାରୀଙ୍କଠାରୁ ୭୮ଲକ୍ଷ ଟଙ୍କା ଠକେଇ ମାମଲାର ୬ ଅଭିଯୁକ୍ତଙ୍କୁ ହାଇକୋର୍ଟ ଆଜି ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ୧ ଲକ୍ଷ ଟଙ୍କା ଲେଖାଁଏ ଦୁଇ ଜଣ ଜାମିନଦାର ବଦଳରେ ପ୍ରତି ଅଭିଯୁକ୍ତଙ୍କୁ ନିମ୍ନ ଅଦାଲତ ସର୍ତ୍ତମୂଳକ ଜାମିନରେ ଛାଡିବେ ବୋଲି ହାଇକୋର୍ଟ କହିଛନ୍ତି। ୬ ଅଭିଯୁକ୍ତ ରବି ରାଜ, ଶ୍ରୀତମ ମେହେର, ଅନୀଲ ନାଏକ, ବିଶ୍ୱମ୍ବର ଖର୍ସେଲ, ବିଜୟ ମେହେର, ରାଜେଶ ତାଣ୍ଡିଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀମାନେ କୌଣସି ଅପରାଧ କରିବେ ନାହିଁ ଏବଂ ଆବଶ୍ୟକ ସମୟରେ ତଦନ୍ତକାରୀ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥିତ ରହିବେ। କୋର୍ଟ ଏବଂ ତଦନ୍ତକାରୀ ସଂସ୍ଥାକୁ ସେମାନଙ୍କ ବାସସ୍ଥାନ ବିଷୟରେ ଜଣାଇବେ ଏବଂ ସେମାନଙ୍କର ମୋବାଇଲ୍ ନମ୍ବର, ଆବାସିକ ଠିକଣା, ଯଦି କିଛି ଥାଏ ତେବେ ଇ-ମେଲ୍ ଏବଂ ସେମାନଙ୍କର ବାସସ୍ଥାନର ପ୍ରମାଣ ପାଇଁ ଅନ୍ୟାନ୍ୟ କାଗଜପତ୍ର ପ୍ରଦାନ କରିବେ ବୋଲି ହାଇକୋର୍ଟ ସର୍ତ୍ତ ରଖିଛନ୍ତି। ସୂଚନାଥାଉକି, ସମୀର ପ୍ରତାପ ହରିଚନ୍ଦନ ୭୮ ଲକ୍ଷ ଟଙ୍କା ଠକେଇ ନେଇ କଟକର ସାଇବର ଥାନାରେ ଏକ ଏଫଆଇଆର ଦାଖଲ କରିଥିଲେ।


# ସିଏମ୍‌ସି ପକ୍ଷରୁ କାଳୀପୂଜା ପ୍ରସ୍ତୁତି





କଟକ,୧୫।୧୦(ସମିସ): କାଳୀପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ନିମନ୍ତେ ସହିଦ ଭବନରେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୦ରେ କାଳୀ ପୂଜା ଏବଂ ୨୪ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ କାଳୀ ପୂଜାକୁ ଶାନ୍ତି ଶୃଙ୍ଖଳାରେ ପାଳନ କରିବା ପାଇଁ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତି ଗ୍ରହଣ କରାଯାଇଛି।


ପୂଜା ସମୟରେ ୨୪ ଘଣ୍ଟିଆ ପାନୀୟ ଜଳ ବିଭିନ୍ନମଣ୍ଡପନିକଟରେଦୈନନ୍ଦିନସଫେଇଏବଂ ପରିମଳ ବ୍ୟବସ୍ଥା ସୁଧାରିବା ପାଇଁ ଆଲୋଚନା କରାଯାଇଥିଲା। ପୂଜା ସମୟରେ ଯେପରି ବିଦ୍ୟୁତ୍ କାଟ ନହେବ ସେଥିପାଇଁ ବିଦ୍ୟୁତ୍ ବିଭାଗ ସତର୍କ ଦୃଷ୍ଟି ଦେବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ଭସାଣି ଶୋଭାଯାତ୍ରାରେ ବିଦ୍ୟୁତ୍ ଖୁଣ୍ଟ ଯେପରି କୌଣସି ସମସ୍ୟା ସୃଷ୍ଟି ନହେବ ଏବଂ ସେଥିପାଇଁ ବିଦ୍ୟୁତ୍ ବିଭାଗ ସମସ୍ତ ପ୍ରକାର ପଦକ୍ଷେପ ନେବା ପାଇଁ ନିବେଦନ କରାଯାଇଛି। ପୂଜା ସମୟରେ ଦେଖାଯାଉଥିବା ସମସ୍ୟା ସମ୍ପର୍କରେ ପୂଜା କମିଟିର କାର୍ଯ୍ୟକର୍ତ୍ତା ନିଗମ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ଟ୍ରାଫିକ ସଞ୍ଚାଳନ କରୁଥିବା ବିଭାଗକୁ ସତର୍କ କରି ଦିଆଯାଇଛି। ବିଶେଷ କରି ଭସାଣି ବେଳେ ବ୍ୟାପକ ଫୋର୍ସ ମୁତୟନ ରହିବେ। ଏନେଇ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଯେ କେହି ନିୟମ ଉଲ୍ଲଙ୍ଘନ କରିବେ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ପୁଲିସ ବିଭାଗ ପକ୍ଷରୁ ଚେତେଇ ଦିଆଯାଇଛି। ନିଗମର କମିସନର କିରଣଦୀପ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ, କଟକ ମହାନଗର ପୂଜାକମିଟି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ ସିଂହ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ରାଉତ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ମୋନାଲିଶା ଦାସ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୁଲିଆ, କଟକ ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।





# ବିଧାୟକଙ୍କ ମନ୍ତବ୍ୟକୁ ବିରୋଧ

## ସାହୁ ସମାଜ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବରଗଡ଼, ୧୫।୧୦(ସମିସ)



ସାହୁ ସମାଜକୁ ଆକ୍ଷେପ କରି ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଦେଇଥିବା ଏକ ବୟାନକୁ ନେଇ ବିରୋଧର ସ୍ୱର ଉଠିଛି। ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି ସାହୁ ସମାଜର ପ୍ରତିନିଧି ମଣ୍ଡଳୀ। ବିଧାୟକଙ୍କ ଦ୍ୱାରା ସାହୁ ସମାଜକୁ ବିକାଶ ବିରୋଧୀ ଭଳି ଚିତ୍ରଣ କରାଯିବା ଦୁର୍ଭାଗ୍ୟର କଥା ବୋଲି ଶୁଭେନ୍ଦୁ ସାହୁ କହିଛନ୍ତି। ସେହିପରି ଜଣେ ଜନପ୍ରତିନିଧି ଏପରି ବୟାନ ଦେବା ଉଚିତ ନଥିଲା ବୋଲି ଶ୍ରୀ ସାହୁ କହିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀର ଭବାନୀ ସାହୁ ବିଧାୟକ ସମସ୍ତ ସାହୁ ସମାଜକୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି କହିଛନ୍ତି। ସୋମବାର ଜିଲ୍ଲାପାଳ ଅଫିସରେ ଧନୁଯାତ୍ରା ସମ୍ପର୍କିତ ପ୍ରସ୍ତୁତି ବୈଠକରେ ସାମ୍ବାଦିକ ମାନଙ୍କୁ ସମ୍ବୋଧନ କରୁଥିବା ବେଳେ "ଏତିକିରେ ଥାଉ ଇତି ଚକ୍ର ସାହୁ" ବୋଲି ବିଧାୟକ ବୟାନ ଦେଇଥିଲେ। ଯାହାକି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ପ୍ରତିନିଧି ମଣ୍ଡଳୀରେ ସାହୁ ବର୍ଗ ଲେଖୁ ଥିବା ଜାତି ଯଥା କୁଲିତା, ତୈଲିକ, ଗୁଡ଼ିଆ, କଂସାରୀ, ସୁନାରି, ଶୁଣ୍ଢୀ ପରି ଅନେକ ଅନ୍ୟାନ ପଛୁଆ ବର୍ଗ (ଓବିସି) ଲୋକ ଉପସ୍ଥିତ ଥିଲେ। ସାମାନଙ୍କ ମଧ୍ୟରୁ ସୁଶାନ୍ତ ସାହୁ, ସୁଦାମ ସାହୁ, ଶ୍ରୀପତି ଭୋଇ, ବିବେକାନନ୍ଦ ଭୋଇ, ନକୁଳ ସାହୁ, ଲଳିତ ପଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ପୋଷଣ ମାସ ପାଳନର ଜିଲ୍ଲାସ୍ତରୀୟ ଶୁଭାରମ୍ଭ



ବରଗଡ଼, ୧୫।୧୦(ସମିସ): ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଅଷ୍ଟମ ପୋଷଣ ମାସ ୨୦୨୫ ପାଳନର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରାଣୀ ନେପାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀଙ୍କ ସମେତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୋଇ, ଅତିରିକ୍ତ କୃଷି ଉଦ୍ୟାନ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଡ.ବି ଯୋଶୀ, ଡିପିଏଚଓ, ଅତିରିକ୍ତ କୃଷି ଅଧିକାରୀ ଡ.ଅଞ୍ଜନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ମାଁ ମାନେ ଶିଶୁ ମାନଙ୍କୁ କିପରି ଉତ୍ତମ ପୋଷଣ ଖାଦ୍ୟ ସହ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିବା ତା ଉପରେ ଆଲୋଚନା କରିଥିଲେ। ଏକ ପେଡ୍ ମାଁ କେ ନାମ ସଭାରେ ଉପସ୍ଥିତ ଜନସାଧାରଣ ଓ କର୍ମଚାରୀ ମାନଙ୍କୁ ଗଛ ଟିଏ ଲଗାଇବା ପାଇଁ ଆହ୍ୱାନ କରିଥିଲେ। ଲୋକଙ୍କୁ ସଚେତନ କରିବା ପାଇଁ ମାଣ୍ଡିଆରେ ତିଆରି ବିଭିନ୍ନ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶିତ କରାଯାଇଥିଲା। ପୋଷଣ ମାସର କାର୍ଯ୍ୟକ୍ରମ ଉପରେ ବିଭିନ୍ନ ସ୍କୁଲ କଲେଜ ଗୁଡିକୁ ନେଇ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଆଇସିଡିଏସ ସିଡିପିଓ, ଏଲଏସ, ପୋଷଣ କୋଡିନେଟର ଏବଂ ଅଙ୍ଗନବାଡି କର୍ମୀ ଯୋଗ କରିଥିଲେ। ଶେଷରେ ତରୁଣସେନ୍ ପୃଷେଠ ସିଡିସି ସଭାରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଦୁର୍ଘଟଣାରେ ବାଇକ ଆରୋହୀ ଗୁରୁତର

## ● ଦେବଦୂତ ସାଜିଲେ ପଦ୍ମନାଭ

ଅମ୍ବାଭୋନା, ୧୫।୧୦(ସମିସ): ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକ ଅଧୀନ ବଡ ଦର୍ଲିପାଲି ନିକଟରେ ଗତକାଲି ବିଳମ୍ବିତ ରାତିରେ ଏକ ବାଇକ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକଙ୍କ ଜଡାମୁଡା ଗାଁର ଦୀପକ ଖଡିଆ (୨୧) ବୋଲି ଜଣା ପଡ଼ିଛି। ଦୀପକ ତାଙ୍କ ଗାଁର ଆଉ ଦୁଇ ଯୁବକଙ୍କ ସହିତ ଛତିଶଗଡ଼ର ସରିଆ ଅଞ୍ଚଳକୁ ଯାତ୍ରା ଦେଖିବା ପାଇଁ ବାଇକରେ ଯାଉଥିଲେ। ବାଟରେ ବୁଲାଣି ରାସ୍ତା ପାଖରେ ନିୟନ୍ତ୍ରଣ ହରାଇବାରୁ ଗଛରେ ତାଙ୍କ ବାଇକ ପିଟି ହୋଇଥିଲା। ଫଳ ସ୍ୱରୂପ ଦୀପକଙ୍କ ମୁଣ୍ଡରେ ଗୁରୁତର ଆଘାତ ହୋଇ, ମୁହଁ, ଆଖି ଓ ଗୋଡ, ହାତରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଏହି ସମୟରେ ଯାତ୍ରା ଦେଖିବାକୁ ଯାଉଥିବା ଅଟଳ ପରିବାରର ସଦସ୍ୟ ଅମ୍ବାଭୋନା ଗାଁର ପଦ୍ମନାଭ ତନସନା ଆହତ ଦୀପକଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ସାହାଯ୍ୟରେ ଭୁକ୍ତା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବରଗଡ଼ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ପଦ୍ମନାଭ ଆହତଙ୍କ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରି ଘଟଣା ବିଷୟରେ ସୂଚନା ଦେଇଥିଲେ ଓ ପୁଲିସକୁ ବାଇକ ଦୁର୍ଘଟଣା ବିଷୟରେ ଖବର କରିଥିଲେ।

# ଚୁଲଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ଗୃହ ଶିଳାନ୍ୟାସ

ବରଗଡ଼, ୧୫।୧୦(ସମିସ): ଖରମୁଣ୍ଡା ଅତାବିରା ବ୍ଲକ ଅଧୀନ ଚୁଲଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ କୋଠରୀ ନିର୍ମାଣ ସକାଶେ ଶିଳାନ୍ୟାସ ହୋଇଯାଇଛି। ଏମସିଏଲ (ସିଏସଆର) ପାଣ୍ଠିରୁ ୩୫ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଶ୍ରେଣୀ ଗୃହ ନିର୍ମାଣ ପାଇଁ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଶିଳାନ୍ୟାସ କରିଥିଲେ। ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାର, ଜିଲ୍ଲା ଯୋଜନା ସଂଯୋଜକ ରାଜେଶ ସାହୁ, ଏମସିଏଲର ଡେପୁଟି ଜେନେରାଲ ମ୍ୟାନେଜର ଶୁଭ୍ରଜ୍ୟୋତି ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭଗବାନ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷକ ରଣଜିତ ସାହୁ ବିବରଣୀ ପାଠ କରିଥିବା ବେଳେ ସହକାରୀ ଶିକ୍ଷକ ସୁଶୀଳ ପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗାଁର ଶିକ୍ଷା ପ୍ରେମୀ ପୃଥ୍ୱୀରାଜ ପାତ୍ର ସଭା ସଂଯୋଜନା କରିଥିଲେ। ଅନ୍ୟ ଅତିଥି ଭାବେ ସିଏସଆର ଆସିଷ୍ଟାଣ୍ଟ ମ୍ୟାନେଜର ସୋନୀ କୁମାରୀ ତଥା ସ୍ଥାନୀୟ ସରପଞ୍ଚ କଳାସାହେବ ଭୋଇ, ସମିତି ସଭ୍ୟ ଆଦିତ୍ୟ ରାଉତ ମଞ୍ଚାସୀନ ଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ଓ ଶିକ୍ଷକ ସୁଶୀଲ ପତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଦିଲ୍ଲୀପ ପଟ୍ଟନାୟକ, ଗଣେଶରାମ ସାହୁ, ତରଣୀସେନ ସାହୁ, ଜଗଦୀଶ ପ୍ରଧାନ, ଅକ୍ଷୟ ସାହୁ, ହିମାଂଶୁ ବାରିକ, ସୁଶାନ୍ତ ସାହୁ, ଧର୍ମରାଜ ପାତ୍ରଙ୍କ ସମେତ ଅନ୍ୟ ମାନେ ସହଯୋଗ କରିଥିଲେ।

# ଦୃଷ୍ଟି ବାଧିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଶ୍ୱ ଧଳାବାଡ଼ି ଦିବସ



ବରଗଡ଼, ୧୫।୧୦(ସମିସ): ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ବରଗଡ଼ ଦୃଷ୍ଟି ବାଧିତ ବିଦ୍ୟାଳୟ ପକ୍ଷରୁ ବିଶ୍ୱ ଧଳାବାଡି ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଭୟ ପଧାନ ଓ ମୋବିଲିଟି ଇନଷ୍ଟ୍ରକ୍ଟର ସୁଶାନ୍ତ ତ୍ରିପାଠୀ, ଶିକ୍ଷକ ତେଜରାଜ ସେଠ, ଲଡୁକିଶୋର ବେହେରାଙ୍କ ତତ୍ତ୍ୱାବଧାନରେ ଧଳାବାଡ଼ିର ଉପଯୋଗୀତା ଓ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ସମସ୍ତଙ୍କୁ ସଚେତନ ହେବା ପାଇଁ ଆହ୍ୱାନ ଦିଆଯାଇଥିଲା। ବଧିର ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ, ମାନସିକ ଅନଗ୍ରସର ବିଦ୍ୟାଳୟର ପ୍ରଧାନଶିକ୍ଷକ ନେପାଳ ଦୁଆନ ଦିବସ ପାଳନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବରଗଡ଼ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅମ୍ବୁଜ ପଧାନ ଅତିଥି ଭାବେ ଏକ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ।

# କ୍ଲଷ୍ଟରସ୍ତରୀୟ 'ସୁରଭି' ଶିଶୁ ପ୍ରତିଭା ମହୋତ୍ସବ





ବିଜେପୁର, ୧୫।୧୦(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକର ବିଭିନ୍ନ କ୍ଲଷ୍ଟରରେ ଶିଶୁ ପ୍ରତିଭା ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବାନ୍ଧୁପାଲି କ୍ଲଷ୍ଟରର ବଲଣ୍ଡା ସେବାଶ୍ରମ ବିଦ୍ୟାଳୟରେ ସିଆରସିସି ସୀତାରାମ ଦୀପଙ୍କ ଆବାହକତ୍ୱରେ ତଥା ସ୍କୁଲର ପ୍ରଧାନଶିକ୍ଷକ ନିଳାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିବାକର ବରିହା ମୁଖ୍ୟ ଅତିଥି, ସନ୍ତୋଷ ବାଗ, କୈଳାସ ରାଜହଂସ, ଅନିରୁଦ୍ଧ ସାହୁ, ଗୌତମ କନ୍ଧେର ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ହାସ୍ୟ ଅଭିନେତା ବିନ୍ଦୁ ମଲ୍ଲିକ ସମସ୍ତଙ୍କୁ ହସାଇ ହସାଇ ବେଦମ କରିଥିଲେ। ଯୋଖିପାଲି କ୍ଲଷ୍ଟରର ପୁଞ୍ଜିପଥର ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ସିଆରସିସି ତ୍ରିନାଥ ସେଠଙ୍କ ଆବାହକତ୍ୱରେ ତଥା ପ୍ରଧାନଶିକ୍ଷକ ସୀତାକାନ୍ତ ବଢ଼େଇଙ୍କ ଅଧ୍ୟକ୍ଷତାରେ ଡୁଙ୍ଗୁରିପାଲି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ସାମନ୍ତ ସାହୁ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିବାକର ବରିହା, ପଞ୍ଚମ ତନସନା, ସିଆରସିସି ରାଜେଶ୍ୱର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ କୃଷ୍ଣ ଚନ୍ଦ୍ର ନାଏକ ସଭାକୁ ପରିଚାଳନା କରିଥିଲେ। ବଡବାଉଁଶେନ କ୍ଲଷ୍ଟରର ମହୁଲପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ଦୁର୍ବାଦଳ ବଡଗୋଛିଆଙ୍କ ଆବାହକତ୍ୱରେ ତଥା ପ୍ରଧାନଶିକ୍ଷକ ଧର୍ମରାଜ ବାରିକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସରପଞ୍ଚ ମଙ୍ଗଳୁ ସାହୁ, ଯୋଖିପାଲି ସରପଞ୍ଚ ସବିତା ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଟିଗଣ୍ଡପାଲି କ୍ଲଷ୍ଟରର ଧୁମାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ପ୍ରଭାତ ରଞ୍ଜନ ସାହୁଙ୍କ ଅବାହକତ୍ୱ ତଥା ପ୍ରଧାନଶିକ୍ଷକ ମୁକୁନ୍ଦ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବ ସ୍କୁଲ ଚେୟାରମ୍ୟାନ ଦୁର୍ଯ୍ୟୋଧନ ମେହେର ମୁଖ୍ୟ ଅତିଥି, ଶଶି ଭୂଷଣ ସାହୁ, ସିଆରସିସି ସୀତାରାମ ଦୀପ ଅତିଥି ଭାବେ ଯୋଗ ଦେଇଥିଲେ। ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଟିଗଣ୍ଡପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ, ଚାରପାଲି ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ଧୁମାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତୃତୀୟ ହୋଇଥିଲେ। ଶିକ୍ଷକ ସଂଘର ସଭାପତି ସନ୍ତୋଷ ବାଗ, ବାଲାଜୀରାଓ ମୋରେ, କଳାକାର ରାଜେଶ୍ୱର ବେହେରା ବିଚାରକ ଦାୟିତ୍ୱ ସମ୍ପାଦନ କରିଥିଲେ। ଶିକ୍ଷକ ଦୁର୍ଲ୍ଲଭ ମେହେର ସମାରୋହକୁ ସଂଯୋଜନା କରିଥିଲେ। ସୌମ୍ୟରଞ୍ଜନ ପଧାନ ଅମୀୟ ପ୍ରସାଦ ଭୋଇ, ସିଆରସିସି ଡୋଳାମଣି କୁମ୍ଭାର, ପଦ୍ମନାଭ ଦାଶଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ● ଚନ୍ଦ୍ରମଣିପୁର କ୍ଲଷ୍ଟର

ଝାରବନ୍ଧ: ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅଧୀନ ଚନ୍ଦ୍ରମଣିପୁର କ୍ଲଷ୍ଟରର ସମସ୍ତ ବିଦ୍ୟାଳୟକୁ ନେଇ ସୁରଭି ୨୦୨୫ କାର୍ଯ୍ୟକ୍ରମ ସରକାରୀ ଉପ୍ରା ବିଦ୍ୟାଳୟ ଡୁଡୁକିଦାଦର ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଲୀଳା ମହାନନ୍ଦଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କନ୍ଦାଡଙ୍ଗର ସରପଞ୍ଚ ସୁନୀଳ ରାୟ ଯୋଗଦେଇ ଥିବା ବେଳେ ସିଆରସିସି ରାଜେନ୍ଦ୍ର ମହାକୁର ଆୟୋଜକ, ଏବିଇଓ ଦୟାନିଧି କୈବର୍ତ୍ତ, ଲେରଗାଁ ସିଆରସିସି ଜଗଦିଶ ସେଠ, ସ୍କୁଲ ଚେୟାରମ୍ୟାନ ରୋହିତ ମହାନନ୍ଦ, ଏମଏସଏ ସଭାପତି ବିନୋଦ ବିହାରୀ ବାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଏବିଇଓ ବିଶିକେସନ ଶତପଥୀ ଯୋଗ ଦେଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତ୍ୟୁଷ ରଞ୍ଜନ ଭୋଇ, ମଧୁସୂଦନ ସାହୁ ଓ ଦୁଖନାଶନ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ଲୀଳା ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ନୃସିଂହନାଥରେ ବିଶ୍ୱ ଖାଦ୍ୟ ଦିବସ



ପାଇକମାଳ, ୧୫।୧୦(ସମିସ): ଅହିଂସା କ୍ଲବ୍ ରାଇଜ ଏଗେନ୍ଷ୍ଟ ହଙ୍ଗର ଇଣ୍ଡିଆ ତଥା ସହଯୋଗୀ ଅନୁଷ୍ଠାନ ଆରସିଡିଶି, ନିର୍ମାଣ, ଭିତ୍ତିଭୂମି, ପ୍ରଗତି କୋରାପୁଟ, ଆସ୍ଥା, କ୍ରପ ଫର୍ ଏଚଡିଓ ଓଡ଼ିଶା ବିହନ ସୁରକ୍ଷା ମଞ୍ଚ ତରଫରୁ ମାର୍ଯ୍ୟାର କେଶରୀ ଧର୍ମଶାଳା ନୃସିଂହନାଥ ଠାରେ ବିଶ୍ୱ ଖାଦ୍ୟ ଦିବସ ଆରମ୍ଭ ହୋଇଯାଇଛି। ଦୁଇ ଦିନ ଧରି ବିଶ୍ୱ ଖାଦ୍ୟ ଦିବସ ପାଳନ ଅବସରରେ ବୁଧବାର ପ୍ରଥମ ଦିନରେ ଗୋପୂଜା କାର୍ଯ୍ୟକ୍ରମ ରଖାଯାଇଥିଲା। ଗୋପୂଜକ ଭାବେ ସ୍ୱାମୀ କ୍ରୀଷ୍ଣାନନ୍ଦ ମହାରାଜ ହରିହରାନନ୍ଦ ଗୋକୁଳାଶ୍ରମ ପୁରୀରୁ ଆସିଥିଲେ। ଗୋ ପୂଜାରେ କର୍ତ୍ତା ଭାବେ ରାମ ଗୁପ୍ତା, ତପନ ବଢ଼େଇ ଓ, ରୁକ୍ମଣ ଶତପଥୀ, ଫୁଲେଶ୍ୱର ରଣା, ଦିଶ୍ରି, ଓମ୍ ପ୍ରକାଶ ମେହେର ଯୋଗ ଦେଇଥିଲେ। ଅତିଥି ମାନଙ୍କ ମଧ୍ୟରେ ଡି.ନାରାୟଣ ବ୍ରହ୍ମପୁର, ଦ୍ୱାଦଶ ପ୍ରଧାନ, ସ୍ୱର୍ଣ୍ଣପ୍ରଭା ପାଢ଼ୀ, ସୁଶାନ୍ତ ସାହୁ ଓ ସଙ୍ଗୀତା ସାହୁ ପ୍ରମୁକ ଉପସ୍ଥିତ ଥିଲେ। ଅହିଂସା କ୍ଲବ୍ ସମ୍ପାଦକ ଶିବ ପ୍ରସାଦ ସାହୁ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। କ୍ରିଷ୍ଣା ନନ୍ଦ ମହାରାଜ ଗୋ ସେବା ଓ ତାହାର ମହତ୍ତ୍ୱ ବିଷୟରେ ଚାଷୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ପାଇକମାଳ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀଙ୍କୁ ନେଇ କୁଇଜ୍, ବକ୍ତୃତା ଓ ଗଳ୍ପ ଲିଖନ କାର୍ଯ୍ୟକ୍ରମ କରାଯାଇଥିଲା। ଅହିଂସା କ୍ଲବ୍‌ର ସଦସ୍ୟ ଗୌରଚରଣ ସାହୁ, ବିଦ୍ୟାଚରଣ ପିଞ୍ଜରା, ତୁଳସୀରାମ ବିଶ୍ୱାଳ, ଯମୁନା ବାଗ, ପାର୍ବତୀ ସାହା, ପୁରନ୍ଦର ରଣା, ଡମ୍ବରୁଧର ବଛା, କ୍ଷମା ଭୋଇ, ରାକେଶ ପ୍ରଧାନ, ନୀଳମଣି ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ।

# ବିଶ୍ୱ ହାତଧୂଆ ଦିବସ

## ● ନୂଆଗଡ଼ ହାଇସ୍କୁଲ

ଭଟଲି, ୧୫।୧୦(ସମିସ): ଭଟଲି ବ୍ଲକ୍ ଅଧୀନ ନୂଆଗଡ଼ ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ହାତଧୂଆ ଦିବସ ପାଳିତ ହୋଇଛି। ଶିକ୍ଷକ ଗଜାନନ ବେହେରାଙ୍କ ଅଧ୍ୟକ୍ଷତାରେ ଓ ଆନନ୍ଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୟାନିଧି ପ୍ରଧାନ ମୁଖ୍ୟ ଅତିଥି ଭାବେ ବିଶ୍ୱ ହାତଧୂଆ ଦିବସ ପାଳନର ପୃଷ୍ଠଭୂମି ଓ ଏ ଦିଗରେ ସଂକ୍ରମଣ ନିୟନ୍ତ୍ରଣର ଜନକ ଡ.ଇଗନାଜ୍‌ଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଶ୍ୱ ହାତଧୂଆ ଦିବସର ପ୍ରସଙ୍ଗ 'ହାତ ଧୋଇବାରେ ନାୟକ ହୁଅନ୍ତୁ' ଉପରେ ଆଲୋଚନା ଚକ୍ରରେ ଶିକ୍ଷକ ରାଜେଶ ପଟେଲ, ଆନନ୍ଦ ସାହୁ, ଶିକ୍ଷୟିତ୍ରୀ ସୁମିତ୍ରା ପଟେଲ, ଜୁଲି ସରାଫ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପାଣ୍ଡବ ପ୍ରଧାନ, ଓକିଲ ଖମାରୀ ଓ ଅଶୋକ ସାହୁ ସହଯୋଗ କରିଥିଲେ।

## ● ପଞ୍ଚାୟତ ଉଚ୍ଚବିଦ୍ୟାଳୟ

ପଦ୍ମପୁର: ରାଜବୋଡାସମ୍ବର ବ୍ଲକ ଅଧୀନ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପୁରେନା ପରିସରରେ ଜିଲ୍ଲା ଜଳ ଓ ପରିମଳ ମିଶନ ବରଗଡ଼ ସୌଜନ୍ୟରୁ ରାଜବୋଡାସମ୍ବର ବ୍ଲକ ଆନୁକୂଲ୍ୟରେ ବିଶ୍ୱ ହାତଧୂଆ ଦିବସ ପାଳିତ ହୋଇଛି। ସ୍ଥାନୀୟ ସରପଞ୍ଚ ଡଲି ବେହେରା ମୁଖ୍ୟ ଅତିଥି ଓ ପଞ୍ଚସଖା ଶିକ୍ଷାସେତୁର ସଭାପତି ସଞ୍ଜୀବ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଧାନଶିକ୍ଷକ ପ୍ରମୋଦ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ଜଳ ଓ ପରିମଳ ମିଶନର ବ୍ଲକ ସଂଯୋଜକ ବିଜୟ ମହଲା ଓ ମାଷ୍ଟର ଟ୍ରେନର ସୁଶାନ୍ତ ମହପାତ୍ର ଯୋଗଦେଇ ହାତ ଧୋଇବାର ଉପାଦେୟତା ବୁଝାଇବା ସହ ହାତଧୂଆର ପ୍ରଣାଳୀ ନିଜେ ଛାତ୍ରଛାତ୍ରୀଙ୍କୁ ଅଭ୍ୟାସ କରାଇଥିଲେ।

# ବୁରୋମୁଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ସମ୍ବର୍ଦ୍ଧନା ସମାରୋହ

ଗାଇସିଲେଟ, ୧୫।୧୦(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ବୁରୋମୁଣ୍ଡାରାଜ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବୁରୋମୁଣ୍ଡାରେ ପ୍ରଧାନଶିକ୍ଷକଙ୍କ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅର୍ଜୁନ ତାଣ୍ଡିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ପ୍ରଣୟ ସାହୁ, ସମ୍ମାନିତ ଅତିଥି ଏବିଓ ଧବଳେଶ୍ୱର ବରିହା, ବୁରୋମୁଣ୍ଡା ବଡିସି ସରୋଜ ଭୂଷଣ ସାହୁ, ଅଧ୍ୟକ୍ଷ ଆଶୁତୋଷ ସାହୁ, ନିମନ୍ତ୍ରିତ ଅତିଥି ରଜେସ ବଳିଆ, ଜମରତଳା ପ୍ରଧାନଶିକ୍ଷକଙ୍କ ସ୍ମୃତି ଚାରଣ କରିଥିଲେ। ଦିବ୍ୟ କିଶୋର ପଣ୍ଡା, ଦଶମଣି ସାହୁ, ପ୍ରଧାନଶିକ୍ଷକ ଡାପ୍ରେମାନନ୍ଦ ବେହେରାଙ୍କ ବଦଳି ପରିପ୍ରେକ୍ଷୀରେ ସ୍ମୃତିଗାଥା ଭାବ ବିହ୍ୱଳ କରିଥିଲା। ଅତିଥି ପରିଚୟ ହିନ୍ଦୀ ଶିକ୍ଷକ ରାମ ପଟେଲ, ସଂଯୋଜନା ପଞ୍ଚାନନ ମାଝୀ, ସୁବଳ ଠାକୁର, ମୋହନ ପ୍ରଧାନ, ନିବେଦିତା ପାଣିଗ୍ରାହୀ, ମାମୀ ପ୍ରଧାନ, ନିହାରୀକା ଯୋଷୀ, ମୋନାଲିସା ଠାକୁର, ରଜତ ଚୈହାନ, ବୈଲୋଚନ ସେଠ, ତିଳୋତ୍ତମ ବିଶି, ମନୋଜ ପାଢ଼ୀ ପ୍ରମୁଖ କାବ୍ୟ କବିତା ମାଧ୍ୟମରେ ଯଶକୀର୍ତ୍ତୀ ଗାନ କରିଥିଲେ। ସମ୍ବର୍ଦ୍ଧିତ ଶିକ୍ଷକମାନଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ କରାଯାଇଥିଲା। ଆଖ ପାଖ ହାଇସ୍କୁଲ ସହକାରୀ ଶିକ୍ଷକ, ପ୍ରଧାନଶିକ୍ଷକ ମଧ୍ୟ ଅଭିଭାଷଣ ରଖିଥିଲେ।

# ଡୁମାଳ ମହାସଭା ପାଇଁ ପ୍ରସ୍ତୁତି ବୈଠକ

ବରଗଡ଼, ୧୫।୧୦(ସମିସ): ବରଗଡ଼ ଜିଲ୍ଲା ଡୁମାଳ ପରିଷଦ ପକ୍ଷରୁ ବୁଧବାର ପତ୍ରାପାଲି କେନ୍ଦ୍ର ଠାରେ ଏକ ଜିଲ୍ଲା ସ୍ତରୀୟ ବୈଠକ ଜିଲ୍ଲା ସଭାପତି ଗଣେଶ ପାଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ଦୟାସାଗର ମେଣ୍ଡଲି ଯୋଗ ଦେଇଥିଲେ। ଜିଲ୍ଲାର ୧୨ଟି କେନ୍ଦ୍ରରୁ ସଭାପତି, ସମ୍ପାଦକ ଯୋଗ ଦେଇଥିଲେ। ସର୍ବ ପ୍ରଥମେ ମାଁ ମହେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ପତ୍ରାପାଲି କେନ୍ଦ୍ର ତରଫରୁ ଅତିଥି ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ତାପରେ ଆଗାମୀ ଦିନରେ ଜିଲ୍ଲା ସ୍ତରୀୟ ଓ ରାଜ୍ୟ ସ୍ତରୀୟ ମହାସଭା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜାତିର ପରିବାର ସର୍ଭେ କାମର ପୂର୍ଣ୍ଣତା ଓ ସବୁ କେନ୍ଦ୍ରର ଗ୍ରାମ୍ୟ କମିଟି ମାନ ଗଠନ ପ୍ରତି ଜୋର୍ ଦିଆଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ସଭାନେତ୍ରୀ ହେମାବତି କରନ, ଜିଲ୍ଲା ସମ୍ପାଦକ ସୁବାସ ଚନ୍ଦ୍ର ଥାଟୀ, କୋଷାଧ୍ୟକ୍ଷ ଲୋକନାଥ ଖେତି, ଭୁବନେଶ୍ୱର ମହାକୁର, ମଙ୍ଗନ୍ ଖମାରୀ, ଧ୍ୱଜ ମହାକୁର, ଜିତେନ୍ ବେହେରା, କରମଚାନ୍ଦ ପ୍ରଧାନ, ମଣ୍ଟୁ ଛନ୍ଦ, ଶିବ କର୍ଣ୍ଣ, ସୁରେଶ ଗେଜୋରାମ ଗେକୋ ଓ ମାହେଶ୍ୱରୀ ସେନାର ଆଶିଷ ମହାକୁର, ଦିବସ ପଧାନ, ରିକନ୍ ମେଣ୍ଡଲି ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଜିତେନ ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ।

## ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକଆଉଟ୍ ଫୁଟବଲ ପ୍ରତିଯୋଗିତା

# ପ୍ରଥମ ସେମି: ବରାହଗୋଡ଼ାକୁ ହରାଇ ଗର୍ଭନା ଦଳ ଫାଇନାଲରେ

ବରଗଡ଼, ୧୫।୧୦(ସମିସ)



ବରଗଡ଼ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକଆଉଟ୍ ଫୁଟବଲ ପ୍ରତିଯୋଗିତାର ଆଜି ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ବରାହଗୋଡା ଦଳକୁ ହରାଇ ଗର୍ଭନା ଦଳ ପ୍ରତିଯୋଗିତାର ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟଚକୁ ଗର୍ଭନା ଦଳ ବରାହଗୋଡା ଦଳ ବିପକ୍ଷରେ ୪-୧ ଗୋଲରେ ଜିତି ନେଇଥିଲା। ଦଳ ପକ୍ଷରୁ ନରେନ୍ଦ୍ର ପାତ୍ର ୨ଟି ଗୋଲ ଦେଇଥିବା ବେଳେ ଉମା ଶଙ୍କର ମୁକ୍ତିଆ, ବଳିଆ ମଲ୍ଲିକ ଗୋଟିଏ ଲେଖାଁଏ ଗୋଲ ଦେଇଥିଲେ। ବରାହଗୋଡା ଦଳ ପକ୍ଷରୁ ଆଦିତ୍ୟ ସେଟ୍ ଏକମାତ୍ର ଗୋଲଟି ଦେଇଥିଲେ। ଆଜିର ଖେଳ ସୁନିଲ ବାଗ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅଜୟ ପ୍ରଧାନ, ସଚିନ ଭୁଏ ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ଶଙ୍କର୍ଷଣ ପ୍ରଧାନ। ମ୍ୟାଚ୍ କମିଶନର ଅଛନ୍ତି ସଚ୍ଚିଦାନନ୍ଦ ପଣ୍ଡା। ମ୍ୟାଚ୍ ପରେ ଗର୍ଭନା ଦଳର ବଳିଆ ମଲ୍ଲିକଙ୍କୁ ଗାଗାରିନ ମିଶ୍ର, ଗୋକୁଳ ଗହୀର, ଜୟ ମେହେର ଓ ରମାକାନ୍ତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ। ଗୁରୁବାର ଦିନ ଦ୍ୱିତୀୟ ସେମି ଫାଇନାଲରେ ୟୁନାଇଟେଡ ସ୍ପୋର୍ଟସ କ୍ଲବ୍ ଦଳକୁ କଦଳୀପାଲି ଦଳ ଭେଟିବ।

# ଜିଲ୍ଲାସ୍ତରୀୟ ବାଳିକା ଖୋ ଖୋ ଚାମ୍ପିଅନସିପ୍

## ● ବାଳିକା ବର୍ଗରେ ଗାଇସିଲେଟ ବ୍ଲକ୍ ଚାମ୍ପିଅନ

ବରଗଡ଼, ୧୫।୧୦(ସମିସ): ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ୧୪ ଓ ୧୭ ବର୍ଷରୁ କମ ବାଳିକା ବିଭାଗର ବାଳିକା ଖୋ ଖୋ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି। ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସିମେଣ୍ଟ ନଗର ଠାରେ ଦୀର୍ଘ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାକୁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଦ୍ୱିତୀୟ ଦିବସରେ ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବକୁ ଜ୍ୟୋତିଷ ପଧାନ ଓ ସମ୍ପୂର୍ଣ ଭୋଇ ସଂଯୋଜନା କରିଥିବା ବେଳେ ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସରୋଜ ଭୁଏ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସୁରେନ୍ଦ୍ର ମହାପାତ୍ର, ଯୁବ ନେତା ଈଶ୍ୱର ବାଗ, ଆମ୍ବାପାଲି ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସର୍ବେଶ୍ୱର ରଥ ପ୍ରମୁଖ ଉପସ୍ଥିତ ଥିଲେ। ୧୪ ବର୍ଷରୁ କମ ବାଳିକା ବିଭାଗରେ ଗାଇସିଲେଟ ବ୍ଲକ ଚାମ୍ପିଅନ ଘୋଷିତ ହୋଇଥିବା ବେଳେ ଝାରବନ୍ଧ ବ୍ଲକ ଉପ ବିଜେତା ଘୋଷିତ ହୋଇଥିଲା। ୧୭ ବର୍ଷରୁ କମ ବାଳିକା ବିଭାଗରେ ଗାଇସିଲେଟ ବ୍ଲକ ଚାମ୍ପିଅନ ହୋଇଥିବା ବେଳେ ପଦ୍ମପୁର ବ୍ଲକ ଉପ ବିଜେତା ଘୋଷିତ ହୋଇଥିଲେ। ଏହି ଅବସରରେ ରେଫରୀ ଭାବେ କେଶବ ପ୍ରଧାନ, ବଳିଷ୍ଠ ମହାପାତ୍ର, ଦଶରଥ ଗଡ଼ତିଆ, ବେଦବ୍ୟାସ ସାହୁ, ସୁମନ୍ତ ବାବୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



**କାଳିଆ ଜେନା ହତ୍ୟା ଉଦ୍ୟମ ଘଟଣା**

## ଯୁବନେତା ଗିରଫ; ପ୍ରତିବାଦରେ ଥାନା ଘେରାଉ

ଶେରଗଡ଼, ୧୫ ।୧୦(ସମିସ)




କାଳିଆ ଜେନାଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ପୂର୍ବରୁ ଶେରଗଡ଼ ପୁଲିସ ସୁପାରୀ କିଲର ସମେତ ମୋଟ ୧୧ଜଣଙ୍କୁ ଗିରଫ କରିଥିଲା । ବୁଧବାର ଘଟଣାର ଷଡ଼ଯନ୍ତ୍ରକାରୀ କୁହାଯାଉଥିବା ଯୁବନେତା ସନ୍ତୋଷ କୁମାର ପଟ୍ଟନାୟକ(ପିଣ୍ଟୁ)ଙ୍କୁ ଗିରଫ କରିଛି ପୁଲିସ । ଘଟଣା କ୍ରମେ, ଗତ ଜୁଲାଇ ୨୫ ରାତିରେ ନିଜ ଘର ସାମ୍ନାରେ ଥିବା ପୋଖରୀ ହିଡ଼ରେ ବସିଥିବା ବେଳେ ଶେରଗଡ଼ ବ୍ଲକର ସମାଜସେବୀ ନିରଞ୍ଜନ ଜେନା (କାଳିଆ)ଙ୍କୁ ଦୁର୍ବୃତ୍ତ ଓ ବୋମା ଓ ଗୁଳିମାଡ଼ କରିଥିଲେ । ଗୁଳି ଦେହରେ ବାଜିବା ପରେ ଜୀବନ ବଞ୍ଚାଇବା ଲାଗି କାଳିଆ ପୋଖରୀକୁ ଡେଇଁ ପଡ଼ିଥିଲେ । ଏହି ଘଟଣାରେ ପୂର୍ବରୁ ୧୧ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ବୁଧବାର ସନ୍ତୋଷଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି ।

ଏହାର ପ୍ରତିବାଦରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଶେରଗଡ଼ ଥାନା ଘେରାଉ କରିବା ସହିତ ଅଟକ ଥିବା ଆମ ସମସ୍ତଙ୍କ ପ୍ରିୟ ଯୁବନେତାଙ୍କୁ ମିଥ୍ୟା ମାମଲାରୁ ନିଃସର୍ତ୍ତ ଭାବେ ଛାଡ଼ିବା ଲାଗି ଦାବି କରିଥିଲେ । ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବାକୁ ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନାଙ୍କ ସହିତ ଶେରଗଡ଼ ଥାନା ଅଧିକାରୀ ବରେନ୍ଦ୍ର ସିଅଳ, ପାଟପୁର ଥାନାଧିକାରୀ ଦିପ୍ତୀ ରଞ୍ଜନ ବେହେରାଙ୍କ ସମେତ ଆଖପାଖ ଥାନାର ଅଧିକାରୀଙ୍କ ସହିତ ଏକ ପ୍ଲାଟୁନ ଫୋର୍ସ ମୁତୟନ ଥିଲେ । ଥାନା ଘେରାଉ ସମୟରେ ବିଧାୟକଙ୍କ ପ୍ରତିନିଧି ଦିଗାମ୍ବର ନାହାକ, ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ୫୮ ନମ୍ବର ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ବରୁଣ ପୋଲେଇ, ଠୁରୁବୁରାଇ ସରପଞ୍ଚ ପ୍ରଭାତ ଆଚାରୀ, ନରେନ୍ଦ୍ରପୁର ସମିତି ସଭ୍ୟ ଗଣପତି ପାତ୍ର, ଚିନିଶିଳ୍ପ ନିର୍ଦ୍ଦେଶକ ଶତ୍ରୁଘ୍ନ ଭୂୟାଁଙ୍କ ସହିତ ୫ ଶହରୁ ଊର୍ଦ୍ଧ୍ୱ ସମର୍ଥକ ସାମିଲ ହୋଇଥିଲେ ।

**● ବ୍ୟାଟେରି ଗାଡ଼ିରୁ ଅଗ୍ନିକାଣ୍ଡ**

## ଜଳିଗଲା ତିନି ମହଲା ଘର; ବର୍ତ୍ତିଗଲେ ୧୧ ଜଣ



**ଖଲ୍ଲିକୋଟ, ୧୫ ।୧୦(ସମିସ):** ମଧ୍ୟରାତ୍ରରେ ଖଲ୍ଲିକୋଟ ନୂଆସାହିରେ ଅଗ୍ନିକାଣ୍ଡ । ଇଭି ବାଇକ୍ ବ୍ୟାଟେରି ଚାର୍ଜବେଳେ ଅଗ୍ନିକାଣ୍ଡ ଘଟିଥିଲା । ଏହି ନିଆଁରେ ପାଖରେ ଥିବା ଗ୍ୟାସ ସିଲିଣ୍ଡର ଫାଟି ଜଳିଯାଇଛି ତିନି ମହଲା ଘର । ଘର ଭିତରୁ ତିନିଟି ପରିବାରର ୧୧ ଜଣ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି ଅଗ୍ନିଶମ ବାହିନୀ । ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୨ଟାରେ ଘଟିଥିଲା ଏହି ଅଘଟଣ ।

ଖଲ୍ଲିକୋଟ ନୂଆସାହିର ଅଜିତ ମହାନ୍ତିଙ୍କ ଘରେ ସମସ୍ତେ ଶୋଇଥିବା ବେଳେ ତଳ ମହଲାରେ ଏକ ଇଭି ବାଇକ୍ ବ୍ୟାଟେରି ଚାର୍ଜ ବସିଥିବା ବେଳେ ସର୍ଟସର୍କିଟ ହୋଇ ପ୍ରଥମେ ଇଭି ବାଇକ୍‌ଟି ଜଳିଯାଇଥିଲା । ପରେ ପାଖରେ ଥିବା ଗ୍ୟାସ ସିଲିଣ୍ଡରରେ ଲାଗିଥିଲା ନିଆଁ । ନିଆଁ ଲାଗିବାର କିଛି ସମୟ ପରେ ପ୍ରଚଣ୍ଡ ଶବ୍ଦ ସହିତ ସିଲିଣ୍ଡର୍‌ଟି ଫାଟି ଯାଇଥିଲା । ଫଳରେ ନିଆଁ ଉପର ମହଲାକୁ ବ୍ୟାପି ଯାଇଥିଲା । ବିଳମ୍ବିତ ରାତିରେ ପ୍ରଚଣ୍ଡ ଶବ୍ଦ ଶୁଣି ସାହିବାସିନ୍ଦା ଘରୁ ବାହାରି ଆସିଥିଲେ । ସେହି ଘରେ ରହୁଥିବା ତିନୋଟି ପରିବାରର ୧୧ ଜଣ ସଦସ୍ୟଙ୍କ ମଧ୍ୟରୁ ୨ ଶିଶୁ ରହିଥିବା ବେଳେ ଅନ୍ୟ ୪ ଜଣ ବାରି ପଛପଟ ରାସ୍ତା ଦେଇ ଜୀବନ ବିକଳରେ ବାହାରକୁ ଦୌଡ଼ି ଚାଲି ଆସିଥିଲେ । ଅନ୍ୟ ୬ ଜଣଙ୍କୁ ଅଗ୍ନିଶମ ବାହିନୀ ଘର ଭିତରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ଏହି ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବ ପତ୍ର ଜଳି ଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର କ୍ଷୟ କ୍ଷତି ହୋଇଥିବା ଆକଳନ କରାଯାଇଛି ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ଖଲ୍ଲିକୋଟ, ୧୫ ।୧୦(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ଭରସା ଗ୍ରାମ ନିକଟରେ ବାଇକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି । ବୁଧବାର ଅପରାହ୍ନରେ ଭରସା ଗ୍ରାମର ବାବୁଲା ପ୍ରଧାନ ଓ ମଙ୍ଗୁଲୁ ପ୍ରଧାନ ଏକ ବାଇକ୍ ଯୋଗେ ନିର୍ମଳଝରରୁ ନିଜ ଗ୍ରାମକୁ ଫେରୁଥିଲେ । ଏତିକିବେଳେ ଗାଁ ନିକଟରେ ଭାରସାମ୍ୟ ହରାଇ ରାସ୍ତା ଉପରେ ପଡ଼ି ଯାଇଥିଲେ । ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ଖଲ୍ଲିକୋଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ବାବୁଲାଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁତର ଆହତ ମଙ୍ଗୁଲୁ ପ୍ରଧାନଙ୍କ ଚିକିତ୍ସା ଚାଲିଥିବା ଜଣାପଡ଼ିଛି ।

## ବିଷଧର ସାପ ଉଦ୍ଧାର

**ଗଞ୍ଜାମ, ୧୫ ।୧୦(ସମିସ):** ଗଞ୍ଜାମ କଲେଜ ରୋଡ଼ ଆଖଣ୍ଡଳମଣି ନିକଟସ୍ଥ ଜନ ବସତି ଅଞ୍ଚଳରୁ ଏକ ବିଷଧର ସାପ ଉଦ୍ଧାର କରାଯାଇଛି । ବୁଧବାର ମଧ୍ୟାହ୍ନରେ ସାପଟି ଜନ ବସତି ଅଞ୍ଚଳରେ ବୁଲୁଥିବାବେଳେ ଘରେ ପଶିବା ଆଶଙ୍କା ଥିବାରୁ ସାପ ଧରାଳି ଅକ୍ଷୟ ବେହେରା ଖବର ପାଇ ଉଦ୍ଧାର କରି ନିରାପଦ ସ୍ଥଳରେ ଛାଡ଼ିଥିଲେ ।

## ଗିରଫ ହେଲେଣି ୬୮୪ ଜୁଆଡ଼ି

**ଛତ୍ରପୁର, ୧୫ ।୧୦(ସମିସ):** ପାର୍ବଣ ଋତୁରେ ଗଞ୍ଜାମ ପୁଲିସ୍ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ସ୍ୱତନ୍ତ୍ର ଡ୍ରାଇଭ୍ କରାଯାଇ ବିଭିନ୍ନ ଜୁଆଆଡ୍ଡା ଉପରେ ଚଢ଼ଉ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୧୪ ପର୍ଯ୍ୟନ୍ତ ଗଞ୍ଜାମ ପୁଲିସ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଚଢ଼ଉ ହୋଇଥିଲା । ୧୧୩ଟି ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯାଇ ମାମଲା ରୁଜୁ ହୋଇ ୩୫ଗାଡ଼ି ଜବତ ସହ ୨୮ ଲକ୍ଷ ୩୨ ହଜାର ୮୫୦ ଟଙ୍କା ଜବତ କରାଯାଇଛି । ସେହିପରି ୬୮୪ ଜଣ ଜୁଆଡ଼ିକୁ ଗିରଫ କରାଯାଇଛି । ସେଥି ମଧ୍ୟରୁ ଭଞ୍ଜନଗର ଥାନା ପକ୍ଷରୁ ୨୧ଟି ଜୁଆ ଆଡ୍ଡା ଉପରେ କରାଯାଇଥିବା ବେଳେ ଆସିକା, ବେଲଗାଁ ଓ ରମ୍ଭା ଥାନା ପକ୍ଷରୁ ଗୋଟିଏ ଲେଖାଏଁ ଜୁଆଆଡ୍ଡା ଉପରେ ଚଢ଼ଉ କରାଯାଇଥିବା ସୂଚନା ମିଳିଛି ।

## ଦୁଇ ବାଇକ୍ ଚୋରି

**ଗଞ୍ଜାମ, ୧୫ ।୧୦(ସମିସ):** ଗଞ୍ଜାମ ଥାନା ଅନ୍ତର୍ଗତ ପୁଇଁତୋଳା ଗ୍ରାମ ନିକଟସ୍ଥ ଜାତୀୟ ରାଜପଥ ପାର୍ଶ୍ୱ ଏକ ଦୋକାନ ନିକଟରୁ ଏବଂ ଲକ୍ଷ୍ମୀପୁର ଗ୍ରାମରୁ ରାତ୍ର ସମୟରେ ଦୁଇଟି ବାଇକ୍ ଚୋରି ହୋଇଥିବା ଗଞ୍ଜାମ ଥାନାରେ ଅଭିଯୋଗ ହୋଇଛି । ଦାମୋଦରପୁର ଗ୍ରାମର ସୁନୀଲ ବେହେରାଙ୍କ ଏକ ବାଇକ୍ ପୁଇଁତୋଳା ସ୍ଥିତ ଦୋକାନ ନିକଟରୁ ଚୋରି ହୋଇଥିଲା । ସେହିପରି ଲକ୍ଷ୍ମୀପୁର ଗ୍ରାମରୁ ମଧ ଏକ ବାଇକ୍ ଚୋରି ହୋଇଥିବା ଜଣାପଡ଼ିଛି । ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି ।

## ଯୁବନେତାଙ୍କ ବିୟୋଗରେ ଶୋକସଭା

**ରମ୍ଭା, ୧୫ ।୧୦(ସମିସ):** ସ୍ଥାନୀୟ ମିଞ୍ଚିନି ପାଟଣା ବାବା ଆଖଣ୍ଡଳ ମଣି ମନ୍ଦିର ପରିସରରେ ଟାଉନ ସଭାପତି ଶ୍ରୀକାନ୍ତ ବିଶ୍ୱାଳଙ୍କ ଅଧକ୍ଷତାରେ ଯୁବ ବିଜେଡି ନେତା ନାରାୟଣ ପଟ୍ଟନାୟକଙ୍କ ଦେହାନ୍ତରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବାଚସ୍ପତି ରାମଚନ୍ଦ୍ର ପଣ୍ଡା, ରମ୍ଭା ଏନଏସିର ପୂର୍ବତନ ଚେୟାରମ୍ୟାନ ବିଜୟ ଚନ୍ଦ୍ର ବିଶ୍ୱାଳ, ପୂର୍ବତନ ମଣ୍ଡଳ ସଭାପତି ରାଜେନ୍ଦ୍ର ପାତ୍ର, ବନବାସୀ ନାହାକ, ମନୋଜ ତରେଇ, ବାବାଜୀ ପାତ୍ର, ସୁବାଷ ଚନ୍ଦ୍ର ବେଜ, ପୂର୍ବତନ କାଉନସିଲର କାମେଶ୍ୱର ବେହେରା, ଡ଼ମ୍ବରୁଧର ପାତ୍ର, ଉମେଶ ମହାନ୍ତି, ଦୁଃଶାସନ ପାତ୍ର, ବୁଲୁ ବେହେରା, ଜିତେନ୍ଦ୍ର ନାୟକ, ମୀନକେତନ ଦୋରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ ।

## ଜିଲ୍ଲାରେ ୧.୬୧ ଲକ୍ଷ ହିତାଧିକାରୀ କରିନାହାନ୍ତି ଇ-କେୱାଇସି

**ଛତ୍ରପୁର, ୧୫ ।୧୦(ସମିସ):** ରାସନକାର୍ଡ ହାତେଇଥିବା ହିତାଧିକାରୀମାନେ ଇ-କେୱାଇସି କରିବା ବାଧ୍ୟତାମୂଳକ କରାଯାଇଛି । ଅଯୋଗ୍ୟ ହିତାଧିକାରୀଙ୍କୁ ବାଦଦେବା ସହ ନୂଆ ଯୋଗ୍ୟ ହିତାଧିକାରୀଙ୍କୁ ଯୋଡିବା ଏବଂ ମୃତ ହିତାଧିକାରୀଙ୍କ ନାମକୁ ବାଦ୍ ଦେବା ଲକ୍ଷ୍ୟ ନେଇ ଇ-କେୱାଇସିକୁ ଗୁରୁତ୍ୱ ଦିଆଯାଇଛି । ୨୦୨୪ ଅଗଷ୍ଟରୁ ଇ-କେୱାଇସି କରିବାକୁ କୁହାଯାଉଥିବା ବେଳେ ବହୁଥର ଅବଧିକୁ ମଧ ବୃଦ୍ଧି କରାଯାଇଛି । ଏବେବି ଗଞ୍ଜାମ ଜିଲ୍ଲାର ୧ ଲକ୍ଷ ୬୧ ହଜାର ୧୭୨ଜଣ ହିତାଧିକାରୀ ଇ-କେୱାଇସି କରିନାହାନ୍ତି ବୋଲି ସୂଚନା ଦେଇଛନ୍ତି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ । ଜିଲ୍ଲାରେ ୨୬ ଲକ୍ଷ ୩୯ ହଜାର ୨୭୪ ଜଣ ହିତାଧିକାରୀ ରହିଥିବା ବେଳେ ବୁଧବାର ସୁଦ୍ଧା ୨୪ ଲକ୍ଷ ୭୮ ହଜାର ୭୦ ଜଣ ହିତାଧିକାରୀ (୯୪%) ଇ-କେୱାଇସି କରିଥିବା ବେଳେ ୧ ଲକ୍ଷ ୬୧ ହଜାର ୧୭୨ଜଣ ହିତାକାରୀ କରିନାହାନ୍ତି ଇ-କେୱାଇସି । ଏହା ଜାରି ରହିଛି ଏଥି ନିମନ୍ତେ ବିଭିନ୍ନ ପଞ୍ଚାୟତସ୍ତରରେ ସଚେତନ କରାଯାଉଛି ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ କହିଛନ୍ତି ।

## ରାଜ୍ୟସ୍ତରୀୟ କବାଡ଼ି ଟିମ୍‌କୁ ସମ୍ବର୍ଦ୍ଧନା

**ଆସିକା, ୧୫ ।୧୦(ସମିସ):** ତିନି ଦିନ ଧରି ବୃନ୍ଦାବନ ବିଦ୍ୟାପୀଠ ହିଞ୍ଜିଳିକାଟୁ ଷ୍ଟାଡିୟମ୍ ପରିସରରେ ଜିଲ୍ଲାସ୍ତରୀୟ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁନରାଣୀ



ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆସିକା ବ୍ଲକସ୍ତରରୁ ଚୟନ ହୋଇଥିବା ୧୭ ବର୍ଷରୁ କମ୍ ବାଳକ ବାଳିକା ୧୪ ବର୍ଷରୁ କମ ବାଳକ ବାଳିକା ଟିମ୍ କ୍ରୀଡ଼ା ସମ୍ପାଦକ କୈଳାସ ଗୌଡ଼ଙ୍କ ସହଯୋଗ ଓ ଜେନେରାଲ ମ୍ୟାନେଜର ରୂପେ ମଦନ ମୋହନ ବଦତ୍ୟା, ମ୍ୟାନେଜର ନବଘନ ବଦତ୍ୟା, କୋଚ୍ ଉଦୟ କୁମାର ମାଝୀ, ଇନ୍ଦ୍ରଜିତ ନାହାକ, କୋଚ୍ ଚନ୍ଦ୍ରକଳା ସାହୁ ଓ ଜାନକୀ ରାଉତଙ୍କ ଦାୟିତ୍ୱରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଆସିକା ଟିମ ବିଜୟ ହାସଲ କରିଛି । ବୁଧବାର ଆସିକା ହରିହର ହାଇସ୍କୁଲ୍‌ଠାରେ ଆସିକା ବ୍ଲକ କ୍ରୀଡ଼ା ସଂଗଠନ ତରଫରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁନନ୍ଦନ ପଣ୍ଡା, ସମ୍ମାନିତ ଅତିଥି ରୂପେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାରଙ୍ଗଧର ଦାସ, ସମ୍ପାଦକ କୈଳାଶ ଗୌଡ଼, ଟେକ୍ନିକାଲ ହାଇସ୍କୁଲ କ୍ରୀଡ଼ା ଶିକ୍ଷକ, ସହ ସମ୍ପାଦକ ମଦନ ମୋହନ ବଦତ୍ୟା, ପୂର୍ବତନ କ୍ରୀଡ଼ା ସମ୍ପାଦକ ଇନ୍ଦିରା ଦାସଙ୍କ ଉପସ୍ଥିତିରେ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ନିମନ୍ତେ ଚୟନ ହୋଇଥିବା ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଲକ୍ଷାଧିକ ଟଙ୍କାର ବାଣ ଜବତ

**ପାତ୍ରପୁର, ୧୫ ।୧୦(ସମିସ):** ଜରନା ଥାନା ପକ୍ଷରୁ ପାତ୍ରପୁର ତଳ ବସଷ୍ଟାଣ୍ଡ ସ୍ଥିତ ଦୁର୍ଗା ମନ୍ଦିର ନିକଟରେ ଥିବା ଏକ ବାଣ ଗୋଦାମରେ ପୁଲିସ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଜବତ କରିଛି । ବୁଧବାର ଅପରାହ୍ନରେ ଚିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲଙ୍କ ଉପସ୍ଥିତିରେ ଜରଡ଼ା ଏସ୍‌ଆଇ ମିନାକ୍ଷୀ ଦଳବେହେରା, ଏସ୍‌ଆଇ ଦୁର୍ଯ୍ୟୋଧନ ନାୟକ ତାଙ୍କ ଟିମ୍ ପାତ୍ରପୁର ବ୍ଲକ ସଦରମହକୁମା ପାତ୍ରପୁର ତଳ ବସଷ୍ଟାଣ୍ଡ ସ୍ଥିତ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଥିବା ଏକ ଘରୁ ବିପୁଳ ପରିମାଣର ବାଣ ଜବତ କରିଥିଲେ । ଜବତ ବାଣର ଆନୁମାନିକ ମୂଲ୍ୟ ପ୍ରାୟ ପାଞ୍ଚ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ କହିଛନ୍ତି । ଜବତ ବାଣକୁ ଦୁଇଟି ଗାଡ଼ିରେ ଥାନାକୁ ଅଣାଯାଇଛି ।



## ବ୍ଲକସ୍ତରୀୟ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ

**ସୋରଡା, ୧୫ ।୧୦(ସମିସ):** ସୋରଡା ଗୋଷ୍ଠି ଶିକ୍ଷା ଅଞ୍ଚଳରେ ଦିବ୍ୟାଙ୍ଗ ଛାତଛାତ୍ରୀଙ୍କ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।




କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର କ୍ରୀଡା ଶିକ୍ଷକ ମାନେ ସହଯୋଗ କରିଥିଲେ । ସ୍ଥାନୀୟ ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ବିଡିଓ ତନ୍ମୟ ପାତ୍ର, ନୋଡ଼ାଲଅଫିସର ସଞ୍ଜୀବ ରାଜ୍‌ସେନାପତି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶିଳା କୁମାରୀ ପାତ୍ର, ବିଆରସିସି ଚିନ୍ତାମଣି ତ୍ରିପାଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସମାଜ ମଙ୍ଗଳ ଅଧିକାରୀ ବିଶ୍ୱାମିତ୍ର । ଦଳାଇ, ଆରତ ସାମନ୍ତରାୟ ବି.ଆର.ଟି ଶ୍ରୀ ଜଗନ୍ନାଥ ବେହେରାଙ୍କ ଆୟୋଜନ କ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ୧୯ ବର୍ଷରୁ କମ୍ ବାଳକ ବାଳିକା ଚେସ୍ ପ୍ରତିଯୋଗିତା

**କବିସୂର୍ଯ୍ୟନଗର, ୧୫ ।୧୦(ସମିସ):** ଅଲ ଓଡ଼ିଶା ଚେସ୍ ଆସୋସିଏସନ୍, ଅଲ ଇଣ୍ଡିଆ ଚେସ ଫେଡେରେସନ ଓ ଓଡ଼ିଶା ସରକାର କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ମିଳିତ ସହଯୋଗରେ କବିସୂର୍ଯ୍ୟନଗର ସ୍ଥିତ ବିଆଇଟିସି ଠାରେ ଗତ ୧୦ ଅକ୍ଟୋବର ୨୦୨୫ରୁ ଚାଲିଥିବା ୧୯ ବର୍ଷରୁ କମ୍ ବାଳକବାଳିକା ଚେସ୍ ଚମ୍ପିଅନ୍‌ସିପ-୨୦୨୫ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଅଲ ଓଡ଼ିଶା ଚେସ ସଂଘର ସାଧାରଣ ସମ୍ପାଦକ ଦେବବ୍ରତ ଭଞ୍ଜ, ସମ୍ମାନିତ ଅତିଥି କବିସୂର୍ଯ୍ୟନଗର ମ୍ୟୁନିସିପାଲଟି ଅଧକ୍ଷ ବିକ୍ରାନ୍ତ କୁମାର ସାହୁ, ବନଦେବୀ ଆଇଟିଆଇ ପ୍ରିନ୍ସପାଲ ତଥା ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟି ଅଧକ୍ଷ ପ୍ରଭାସ ଚନ୍ଦ୍ର ନାହାକ, ଚିଫ୍ ଅର୍ବିଟର ବାଦଲ କୁମାର ସାହୁ ମଞ୍ଚାସୀନ ହୋଇ କୃତୀ ଖେଳାଳିଙ୍କୁ ଟ୍ରଫି, ମାନପତ୍ର ଓ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ । ଏଥିରେ ଓଡ଼ିଶାର ୧୪ ଜିଲ୍ଲାରୁ ମୋଟ ୬୩ଜଣ ଅଂଶଗ୍ରହଣ କରିଥିଲେ । ବାଳକ ବିଭାଗରେ ହର୍ଷିତ ରଞ୍ଜନ ସାହୁ, କଟକ ଏବଂ ବାଳିକା ବିଭାଗରେ ଯକ୍ଷିତା ରାଉତ, ଖୋର୍ଦ୍ଧା ଚାମ୍ପିଅନ୍ ହୋଇଥିଲେ । ଟୁର୍ଣ୍ଣାମେଣ୍ଟକୁ କବିସୂର୍ଯ୍ୟ ଚେସ୍ ଏକାଡେମୀର କର୍ମକର୍ତ୍ତା ଓ ଗଂଜାମ ଜିଲ୍ଲା ଚେସ୍ ସଂଘ ପରିଚାଳନା କରିଥିଲେ । ଏସ୍. ଗୋରାଚାନ୍ଦ ରେଡି ଧନ୍ୟବାଦ ପ୍ରଦାନ କରିଥିଲେ ।

## ବ୍ଲକ ବିଜେଡି ସଭାପତିଙ୍କ ପରଲୋକ

**ଦିଗପହଣ୍ଡି, ୧୫ ।୧୦(ସମିସ):** ଦିଗପହଣ୍ଡି ବ୍ଲକ ବିଜେଡ଼ି ସଭାପତି ତଥା ନିମଖଣ୍ଡିପେଣ୍ଠ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ମହାପାତ୍ର(୬୩)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି । ଦିଗପହଣ୍ଡି ଏନଏସି ୱାର୍ଡ ନଂ.୨ ବିଷ୍ଣୁପ୍ରିୟା ନଗରରେ



ରହୁଥିବା ବିଭୂତି ମଙ୍ଗଳବାର ରାତି ପ୍ରାୟ ସାଢ଼େ ୧୦ଟାରେ ଖାଇ ସାରି ବସିଥିବା ବେଳେ ଅନୁଭବ କରିବାରୁ ସହ ସ୍ତ୍ରୀଙ୍କ ଉପରେ ଟଳି ପଡ଼ିଥିଲେ । ବମକେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭଗବାନ ବାଡତ୍ୟା ଏବଂ ଫାର୍ମାସିଷ୍ଟ ସୀମାଞ୍ଚଳ ପଣ୍ଡା ତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମରଶରୀରକୁ ପୈତୃକ ଗାଁ ପନାଡ଼ ଗ୍ରାମ ସ୍ଥିତ ବାସଭବନକୁ ବୁଧବାର ସକାଳେ ନିଆଯାଇଥିଲା । ସେଠାରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ତାଙ୍କ ପରଲୋକ ଖବର ପାଇ ବିଜେଡ଼ି ରାଜ୍ୟ ପରିଷଦ ସଦସ୍ୟ ବିପ୍ଳବ ପାତ୍ର, ବିଜେଡି ଗଞ୍ଜାମ ଜିଲ୍ଲା ସଭାପତି ବିକ୍ରମ କୁମାର ପଣ୍ଡା, ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ବ୍ରହ୍ମପୁର ଏମ.ପି ପ୍ରତିନିଧି କେ.ହରିବନ୍ଧୁ ରେଡ୍ଡୀ, ଏନଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା, କାଉନସିଲର ଦୀପକ କୁମାର ମିଶ୍ର, ସୁଶାନ୍ତ କୁମାର ପାତ୍ର, ସରପଞ୍ଚ ସଂଘ ବ୍ଲକ ସଭାପତି ଫନେନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ନିଗମାନନ୍ଦ



**ପୋଲସରା, ୧୫ ।୧୦(ସମିସ):** ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ୍ ଓଡ଼ିଶାର ସହଯୋଗରେ ନବରଙ୍ଗପୁରରେ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ମା’ ଦୁର୍ଗା ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଗଞ୍ଜାମ ଜିଲ୍ଲା ପକ୍ଷରୁ ପ୍ରତିନିଧିତ୍ୱ କରିବେ ପୋଲସରାର ଉଦୀୟମାନ ଖେଳାଳି ନିଗମାନନ୍ଦ ମହାରଣା । ପୋଲସରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନବମ ଶ୍ରେଣୀର ଛାତ୍ର ନିଗମାନନ୍ଦ ଗୁପ୍ତେଶ୍ୱର ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ସଚ୍ଚିଦାନନ୍ଦ ମହାରଣା ଓ ଶିକ୍ଷୟିତ୍ରୀ କୁନି ଦେବୀଙ୍କ ପୁଅ ।

## ବାଲି ବୋଝେଇ ହାଇୱା ଜବତ, ଚାଳକ ଗିରଫ

**ବୁଗୁଡା, ୧୫ ।୧୦(ସମିସ):** ବିନା ଚାଲାଣରେ ଯାଉଥିବା ଏକ ବାଲି ବୋଝେଇ ହାଇୱାକୁ ପୁଲିସ ଜବତ କରିବା ସହ ଚାଳକକୁ ଗିରଫ କରିଛି । ଗିରଫ ଡ୍ରାଇଭର ଜଣକ ହେଲେ ନୟାଗଡ଼ ଜିଲ୍ଲା ଓଡଗାଁ ଥାନା ଅନ୍ତର୍ଗତ ପାଣିବନ୍ଧ ଗ୍ରାମର କେଦାର ନାୟକ (୪୩) । ଏନେଇ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି । ବୁଧବାର ଏଏସଆଇ ବାପୁଜୀ ଖଣ୍ଡଗିରିଙ୍କ ନେତୃତ୍ୱରେ ଗାଡ଼ିମୋଟର ଯାଞ୍ଚ ଚାଲିଥିବା ବେଳେ ବୁଗୁଡ଼ା ବଡ଼ଶଙ୍ଖଠାରେ ଏକ ବାଲି ବୋଝେଇ ହାଇୱା (ନଂ-ଓଡି ୦୨ ଡିବି ୦୭୦୫)କୁ ଅଟକାଇ ଯାଞ୍ଚବେଳେ କାଗଜପତ୍ର ନଥିବାରୁ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇଥିଲା ।

## ଚର୍ଚ୍ଚାରେ ରାସ୍ତା ଅବରୋଧ ଘଟଣା

**ବୁଗୁଡା, ୧୫ ।୧୦(ସମିସ):** ସ୍ଥାନୀୟ ହରିଶରଣପୁର ଗ୍ରାମସ୍ଥ ଠାକୁର ଚନ୍ଦ୍ରଶେଖର ସ୍ୱାମୀଙ୍କ ଜମିରେ ବୁଗୁଡା ଏନ୍‌ଏସି ପକ୍ଷରୁ ବ୍ଲକ କଲୋନୀ ନିକଟରେ ପେଭର୍ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଏବେ ତାହାକୁ ମାଟି ପକାଇ ୪ଦିନ ହେଲା ଅବରୋଧ କରାଯାଇଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ଠାକୁରଙ୍କ ଜମି ଏନ୍‌ଏସିକୁ ହସ୍ତାନ୍ତର ହୋଇନଥିବା ବେଳେ ସେଠାରେ କିପରି ଏବଂ କାହା ସ୍ୱାର୍ଥରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପେଭର୍ ରାସ୍ତା ନିର୍ମାଣ କରାଗଲା ତାହା ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଲୋକଙ୍କ କଲ୍ୟାଣ ପାଇଁ ରାସ୍ତାର ଉନ୍ନତିକରଣ ଦିଗରେ ଚନ୍ଦ୍ରଶେଖର ସ୍ୱାମୀ ମନ୍ଦିର କର୍ତ୍ତୃପକ୍ଷଙ୍କ ସକାରାତ୍ମକ ଚିନ୍ତାଧାରା ରହିଥିଲେ ହେଁ ରାସ୍ତା ପାର୍ଶ୍ୱସ୍ଥ କେତେକାଂଶ ଜମି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଅନଧିକାର ଦଖଲ ଅଭିଯୋଗରେ ଏହି ରାସ୍ତା ଅବରୋଧର ସୂତ୍ରପାତ ହୋଇଛି । ଫଳରେ ସେହି ରାସ୍ତାରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିବା ବେଳେ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତେବେ ଏନ୍‌ଏସି କର୍ତ୍ତୃପକ୍ଷ ତୁରନ୍ତ ଏହି ରାସ୍ତା ଅବରୋଧର ପ୍ରତିକାର ବ୍ୟବସ୍ଥା କରିବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ବ୍ଲକସ୍ତରୀୟ ଜନଶୁଣାଣି ଶିବିର

**ପୁରୁଷୋତ୍ତମପୁର, ୧୫ ।୧୦(ସମିସ):** ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ବ୍ଲକ ଅଧକ୍ଷା ପିଙ୍କି ବେହେରାଙ୍କ ସଭାପତିତ୍ୱରେ ମନରେଗା ଯୋଜନାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ବିଜୟ କୁମାର ବେହେରା ଯୋଗଦେଇ ପ୍ରତି ପଞ୍ଚାୟତରୁ ଆସିଥିବା ସାମାଜିକ ସମୀକ୍ଷା ରିପୋର୍ଟକୁ ତର୍ଜମା କରିଥିଲେ । ବିଭିନ୍ନ ପଞ୍ଚାୟତ ଜନପ୍ରତିନିଧିଗଣ ଉପସ୍ଥିତ ରହି ଲାଇନ ଡିପାର୍ଟମେଣ୍ଟର କାର୍ଯ୍ୟକାରିତା ଓ ସମନ୍ୱୟର ଅଭାବ ଯୋଗୁଁ ବହୁ ପଞ୍ଚାୟତରେ କାର୍ଯ୍ୟ ହୋଇପାରୁନଥିବା ଅଭିଯୋଗ କରିଥିଲେ । ପାଣିଆ ସମିତି ସଭ୍ୟ ସୀମାଞ୍ଚଳ ଗୌଡ, ପ୍ରତାପପୁର ସରପଞ୍ଚ ଦାଶ ବେହେରା ପ୍ରମୁଖ ମୃତ୍ତିକା ସଂରକ୍ଷଣ ଅଫିସର କାର୍ଯ୍ୟକାରିତା ଉପରେ ଅଭିଯୋଗ କରିଥିଲେ । ଦୀର୍ଘଦିନ ହେଲା ରାସନକାର୍ଡ଼ ପାଇଁ ଆବେଦନ କରିଥିଲେ ମଧ ହିତାଧିକାରୀଙ୍କୁ କାର୍ଡ଼ ମିଳୁ ନାହିଁ । ଯାହା ଫଳରେ ମେଡିକାଲରେ ଚିକିତ୍ସା ନ ପାଇ ଗୁରୁତର ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜନ ପ୍ରତିନିଧି ଅଭିଯୋଗ କରିଛନ୍ତି । ପଞ୍ଚାୟତରେ ଖାଦ୍ୟ ଯୋଗାଣ ବିଭାଗରେ ଖର୍ଚ୍ଚ ନେଇ ସରପଞ୍ଚମାନଙ୍କୁ ଅବଗତ କରୁନଥିବା ଅଭିଯୋଗ ପ୍ରତାପପୁର ସରପଞ୍ଚ ଦାସ ବେହେରା କରିଛନ୍ତି । ଜିଲ୍ଲା ସାମାଜିକ ସମୀକ୍ଷକ ରବୀନ୍ଦ୍ରନାଥ ମଲାଣ, ବିଡ଼ିଓ ଶରତ କୁମାର



ପାତ୍ର, ଏବିଡିଓ ନିରାକାର ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ସାବତ ପ୍ରମୁଖ ମଞ୍ଚାସିନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୂତସରସିଙ୍ଗି ସରପଞ୍ଚ ମନୋଜ ଦାସ, ଆଛୁଳି ସରପଞ୍ଚ ସୁଧାକର ଗୌଡ଼, ଭୀମପୁର ସରପଞ୍ଚ ମାମାଲି ଦାସ, ପାଣ୍ଡିଆ ସରପଞ୍ଚ ପ୍ରତିନିଧି କୈଳାସ ସେଠିଙ୍କ ସମେତ ସମସ୍ତ ପଞ୍ଚାୟତ ଜନପ୍ରତିନିଧି, ବ୍ଲକ କର୍ମଚାରୀ, ଲାଇନ୍ ଡିପାରମେଣ୍ଟ, ଶ୍ରମିକ ପ୍ରମୁଖ ଉପସ୍ଥିତ ଥିଲେ । ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ ସାବତ ଧନ୍ୟବାଦ ଦେଇଥିଲେ ।

**ଆନ୍ଦୋଳନକୁ ୭ ଦିନ ବିତିଲା**

## ବାହାରୁନି ନିଷ୍କର୍ଷ; ଚୁପ୍ ବସିଛି ପ୍ରଶାସନ

ଛତ୍ରପୁର, ୧୫ ।୧୦(ସମିସ)



ଛତ୍ରପୁର ବ୍ଲକ ଅନ୍ତର୍ଗତ ଚିକଲଖଣ୍ଡି ପଞ୍ଚାୟତର ଝରପୋଖରୀ ଗ୍ରାମରେ ଥିବା ଓମ୍ ସାଇ ପଥର କ୍ରସର ବନ୍ଦ କରିବା ଦାବିରେ ଚାଲିଥିବା ଧାରଣାକୁ ୭ ଦିନ ବିତିଛି । ମାତ୍ର ପ୍ରଶାସନ କୌଣସି ଠୋସ୍ ପଦକ୍ଷେପ ନେଉନାହିଁ । କାହା ଚାପରେ ପ୍ରଶାସନ ଚୁପ୍ ହୋଇ ବସିଛି ବୋଲି ପଶ୍ନ କରିଛନ୍ତି ଗ୍ରାମବାସୀ । ଦୀର୍ଘ ୭ ଦିନ ଧରି ଆନ୍ଦୋଳନରେ ବସି ରହିଛନ୍ତି ଝରପୋଖରୀ ଗ୍ରାମବାସୀ । ପଥର କ୍ରସରରେ ପଥର ବ୍ଲାଷ୍ଟିଂ ଯୋଗୁଁ ଗ୍ରାମର ବହୁ ଘର କାନ୍ଥ ଫାଟିବା ସହ ସ୍କୁଲର କାନ୍ଥରେ ମଧ ଫାଟ ହେଲାଣି । ଯାହାକୁ ନେଇ ଭୟଭୀତ ଗ୍ରାମବାସୀ । ସେହିପରି ଗ୍ରାମକୁ ସଂଲଗ୍ନ ହୋଇଥିବା ରାସ୍ତା ଗୁଡ଼ିକ ମଧ ଭାରୀଯାନ ଚଳାଚଳ ହେତୁ ନଷ୍ଟ ହେବାରେ ଲାଗିଲାଣି । ଏଣୁ ଉକ୍ତ କ୍ରସରକୁ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରି ଗ୍ରାମର ଛୋଟପିଲା ଠାରୁ ବୁଢା ପର୍ଯ୍ୟନ୍ତ ଖରାବର୍ଷା ଶୀତ କାକରକୁ ଖାତିର ନ କରି ଅହୋରାତ୍ର ଧାରଣାରେ ବସି ରହିଛନ୍ତି । ଏପରିକି, ସେଠାରେ ହିଁ ରୋଷେଇ କରି ଖାଉଛନ୍ତି ।

ଅନ୍ୟପଟେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ମାଇନିଂ ଅଫିସର ଦୀପକ ଜେନା ପ୍ରମୁଖ ପହଞ୍ଚି ତଦନ୍ତ ସିନା କରୁଛନ୍ତି ହେଲେ ପଥର କୁଆଁରୀ ବନ୍ଦ କରିବା ଦିଗରେ କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି । ତେବେ ଏଠି ପ୍ରଶ୍ନ ଉଠୁଛି, କାହିଁକି ପ୍ରଶାସନ ସେମାନଙ୍କ ଦାବି ପୂରଣ ଦିଗରେ ଗୁରୁତ୍ୱ ଦେଉ ନାହାନ୍ତି କିମ୍ବା ପଥର କ୍ରସର ମାଲିକଙ୍କ ସହ ଆଲୋଚନା କରି ନିଷ୍କର୍ଷ ବାହାର କରୁନାହାନ୍ତି । କାହା ଚାପରେ ପ୍ରଶାସନ ଚୁପ୍ ହୋଇ ବସିରହିଛି ନା ମାଲିକଙ୍କ ସହ ମଧୁଚନ୍ଦ୍ରିକା ରହିଛି ତାହା ତଦନ୍ତ ସାପେକ୍ଷ ।

# ବିଦାୟ ନେଲେ ମା’ ଧନଲକ୍ଷ୍ମୀ

## ବାଦ୍ୟ, ନୃତ୍ୟ, ସଙ୍ଗୀତରେ ଦୁଲୁକିଲା ସହର












ଢେଙ୍କାନାଳ, ୧୫ ।୧୦(ସମିସ)

ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଦୀର୍ଘ ୯ ଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ ବୁଧବାର ମା’ ଧନଲକ୍ଷ୍ମୀଙ୍କୁ ବାଦ୍ୟ, ନୃତ୍ୟ, ସଙ୍ଗୀତର ତାଳେ ତାଳେ ବିଦାୟ ଦିଆଯାଇଛି । ମିଳିତ ଭସାଣିରେ ସହରର ମୋଟ ୨୫ ପୂଜା ପ୍ରତିଷ୍ଠାନ ସାମିଲ ହୋଇଛନ୍ତି ।

ଚଳିତ ବର୍ଷ ସହରରେ ୩୮ଟି ପୂଜା ପ୍ରତିଷ୍ଠାନରେ ଧୁମଧାମ ସହିତ ପୂଜା ଅନୁଷ୍ଠିତ ହୋଇଥିଲା । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଐତିହ୍ୟ, ସଂସ୍କୃତି ଓ ଭାଇଚାରାକୁ ପାଥେୟ କରି ସହରବାସୀ ମା’ଙ୍କ ପାଦପଦ୍ମରେ ଗୋଟିଏ ମନ ଓ ଗୋଟିଏ ପ୍ରାଣରେ ସମର୍ପିତ ହୋଇ ପୂଜାର୍ଚ୍ଚନା କରିଥିଲେ । ପୂଜାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ବୁଧବାର ପୂର୍ବାହ୍ନରେ ମିଳିତ ଭସାଣ ଉତ୍ସବରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସପି ଅଭିନବ ସୋନକର, ନଗରପାଳ ଜୟନ୍ତୀ ପାତ୍ର, ସମାଜସେବୀ ରାମଚନ୍ଦ୍ର ପାତ୍ର, ମିଳିତ ବଜାର ପୂଜା କମିଟି ସଭାପତି ରୁଦ୍ରନାରାୟଣ ତ୍ରିପାଠୀ, ମୀନାବଜାର ପୂଜା କମିଟି ସଭାପତି, ସମ୍ପାଦକ, ସଦସ୍ୟ ସମେତ ପୁଲିସ ଅଧିକାରୀମାନେ ଉପସ୍ଥିତ ରହି ଭସାଣି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ପୂର୍ବ ନିର୍ଦ୍ଧାରିତ କ୍ରମିକ ନମ୍ବର ଅନୁସାରେ ୨୫ଟି ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ମିଳିତ ଶୋଭଯାତ୍ରାରେ ସାମିଲ ଥିବା ମୀନା ବଜାର ମେଢ଼ ପ୍ରଥମେ ଯିବାପରେ କ୍ରମାନ୍ୱୟରେ ଜବାହର ଚୌକ, ଲକ୍ଷ୍ମୀ ବଜାର, ଗଣେଶ ବଜାର, ମହାବୀର ବଜାର, କାଞ୍ଚନ ବଜାର, ଆନନ୍ଦ ବଜାର, କାରିଗର ସାହି, ବାଜିଚୌକ, ଗୁଡ଼ିଆନାଳୀ, ରାଧାକୃଷ୍ଣ ବଜାର, ପଦ୍ମ ବଜାର, ଜୁବୁଲି ଟାଉନ-୧, କ୍ରୀଷ୍ଣା ବଜାର, କୁଞ୍ଜକାନ୍ତ, କୈବଲ୍ୟ ବଜାର, ଦେଉଳସାହି, ଅନ୍ନପୂର୍ଣ୍ଣା ବଜାର ଶିମିଳିଆ, ଷ୍ଟେସନ ବଜାର, ସୁନ୍ଦରଶୁଣୀ ମାତୃ ଆସ୍ଥାନ, କଲେଜ ରୋଡ, ଗାନ୍ଧୀ ବଜାର, ଚନ୍ଦନ ବଜାର, ବସଷ୍ଟାଣ୍ଡ, ଦୁର୍ଗା ବଜାର, କାଳିକାବଜାର ଦକ୍ଷିଣକାଳୀ, ରାମେଶ୍ୱରପୁର, ନେହେରୁ ବଜାର, ଜୁବୁଲି ଟାଉନ-୩, ସ୍ୱପ୍ନେଶ୍ୱର ବଜାର କୋରିଆଁ, ଭଗବାନପୁର, ଗୋପବନ୍ଧୁ ବଜାର, ରତ୍ନ ବଜାର, ଖମାର ସାହି, କମ୍ୟୁନିଟି ସେଣ୍ଟର ହାଟରୋଡ, ଆବିନ୍ଦ ବଜାର, କଣ୍ଟାନାଳୀ ବାଇପାସ, ବନମାଳୀ ପ୍ରସାଦ, ଜେନାଦେବୀ ମନ୍ଦିର ଓ ନିର୍ମାଲ୍ୟ ବଜାର ପୂଜା ପ୍ରତିଷ୍ଠାନର ମେଢ଼ମାନେ ଶୋଭଯାତ୍ରାରେ ସହର ପରିକ୍ରମା କରିଥିଲେ । ସହରରେ ଶାନ୍ତି ଶୃଙ୍ଖଳାର ସହ ଭସାଣ ଉତ୍ସବ ସମାପନ ପାଇଁ ୨୨ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି । ସେହିପରି ଭସାଣି ଶୋଭାଯାତ୍ରାରେ ମହାକାଳ ଅଘୋରୀ ନୃତ୍ୟ, ଓଡ଼ିଶୀ ନୃତ୍ୟ, କଣ୍ଡେଇ, ବିହୁ ନୃତ୍ୟ ଆଦି ଆକର୍ଷଣୀୟ ହୋଇଥିଲା । ଭସାଣି ଦେଖିବାକୁ ସହର ମୁଖ୍ୟ ରାସ୍ତା ଲୋକାରଣ୍ୟ ହୋଇପଡ଼ିଥିଲା । ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା ।

## ଜନ୍ତୁ ଶିକାର ପାଇଁ ବୋମା ପ୍ରସ୍ତୁତ ଘଟଣାରେ ଜଣେ ଗିରଫ

### ● ବୋମା ଖାଇ କୁକୁର ମୃତ




କାମାକ୍ଷାନଗର, ୧୫ ।୧୦(ସମିସ): ମହାବିରୋଡ୍ ରେଞ୍ଜ୍ ବିରିବୋଲେଇ ପଞ୍ଚାୟତ ଜାଙ୍ଗୁ ଗ୍ରାମରେ ଜନ୍ତୁ ଶିକାର ପାଇଁ ବୋମା ପ୍ରସ୍ତୁତ ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତି ହେଲେ ସେହି ଗ୍ରାମର ନିତ୍ୟାନନ୍ଦ ସାହୁ (୬୫) । ମଙ୍ଗଳବାର ନିତ୍ୟାନନ୍ଦ ଘରେ ବୋମା ପ୍ରସ୍ତୁତ କରି ଶୁଖାଇଥିଲେ । ଏହି ସମୟରେ ଗାଁର ଜଣେ ବ୍ୟକ୍ତିଙ୍କ ପୋଷା କୁକୁର ଏକ ବୋମା ଖାଇଦେବା ଫଳରେ ତାହା ଫାଟିଯାଇ କୁକୁରର ମୁହଁ ସମ୍ପୂର୍ଣ୍ଣ ଉଡ଼ିଯାଇଥିଲା । ଘଟଣାସ୍ଥଳରେ କୁକୁରର ମୃତ୍ୟୁ ହୋଇଥିଲା । ବୋମା ଶବ୍ଦରେ ଗାଁ ଲୋକେ ଭୟଭୀତ ହୋଇଯାଇଥିଲେ । ଖବର ପାଇ ପଙ୍ଗାତିରା ବନପାଳ ହିମାଂଶୁ ଶେଖର ଟୁଡୁ ଘଟଣାସ୍ଥଳରେ ପହଞ୍ଚି ବୋମା ପ୍ରସ୍ତୁତ କରୁଥିବା ନିତ୍ୟାନନ୍ଦଙ୍କୁ ମହାବିରୋଡ୍ ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ । ଏଥିସହ ତାଙ୍କ ଘରେ ଥିବା ୩ଟି ଅଫୁଟା ବୋମା ଜବତ କରିଥିଲେ । ବୁଧବାର ଢେଙ୍କାନାଳ ଏସିଏଫ ସତ୍ୟନାରାୟଣ ସାହୁ, ମହାବିରୋଡ୍ ରେଞ୍ଜ ଅଧିକାରୀ ହରେଶ ଚନ୍ଦ୍ର କିଷାନ ଘଟଣାର ତଦନ୍ତ କରି ଜନ୍ତୁ ଶିକାର ପାଇଁ ବୋମା ପ୍ରସ୍ତୁତ ହୋଇଥିବା ଜାଣିବାକୁ ପାଇଥିଲେ । ପରେ ବନ୍ୟଜନ୍ତୁ ସୁରକ୍ଷା ଆଇନରେ ନିତ୍ୟାନନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

## ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଭେଟିଲେ ପ୍ରାକ୍ତନ ସାଂସଦ



ଖଜୁରିଆକଟା, ୧୫ ।୧୦(ସମିସ): ହିନ୍ଦୋଳ ବ୍ଲକ ବାଲିମୀ ଗ୍ରାମର ନରୋତ୍ତମ ବେହେରା ଗ୍ରାମ ପୋଖରୀକୁ ଯାଉଥିବା ବେଳେ ହାତୀ ଆକ୍ରମଣରେ ତାଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ପୂର୍ବତନ ସାଂସଦ ମହେଶ ସାହୁ ନରୋତ୍ତମଙ୍କ ପରିବାର ସଦସ୍ୟଙ୍କୁ ତାଙ୍କ ବାସଭବନରେ ଭେଟି ସମବେଦନା ଜଣାଇବା ସହ ସହଯୋଗର ହାତ ବଢ଼ାଇଛନ୍ତି । ସାରା ଓଡ଼ିଶା ତୁଳନାରେ ହିନ୍ଦୋଳରେ ହାତୀ ଆକ୍ରମଣରେ ସର୍ବାଧିକ ଲୋକଙ୍କ ମୃତ୍ୟୁ ଘଟୁଥିବା ବେଳେ ପ୍ରଶାସନ ଏବଂ ଜଙ୍ଗଲ ବିଭାଗ ଅଧିକାରୀମାନେ ଚୁପ ବସିଥିବାରୁ ସାହୁ କ୍ଷୋଭ ପ୍ରକାଶ କରିଛନ୍ତି । ପୂର୍ବତନ ସାଂସଦ ସାହୁଙ୍କ ସହ ଜିଲ୍ଲା ପରିଷଦ ସଭ୍ୟ ଗୋପାଳ ନାୟକ, ଦେବୀପ୍ରସାଦ ପଟ୍ଟନାୟକ, ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୁର୍ଘଟଣାରେ ସୁକିନ୍ଦା ବ୍ଲକ କର୍ମଚାରୀଙ୍କ ମୃତ୍ୟୁ

### ● ବାଇକ୍‌ରେ ବୁହାହେଲା ମୃତଦେହ

ଭୁବନ/ସୁକିନ୍ଦା, ୧୫ ।୧୦(ସମିସ): ୫୩ନଂ ଜାତୀୟ ରାଜପଥ ସୁକିନ୍ଦା-ଭୁବନ ରାସ୍ତାର ଅନନ୍ତପୁର ଛକ ନିକଟରେ ଏକ ଦ୍ରୁତଗାମୀ ଗାଡ଼ି ଧକ୍କାରେ ସୁକିନ୍ଦା ବ୍ଲକ ବିଏସ୍ଏସ୍ଓ ବୁଲୁ ବେହେରାଙ୍କ ମୃତ୍ୟୁ ଘଟିଛି । ବୁଧବାର ସନ୍ଧ୍ୟାରେ ବୁଲୁ କର୍ଯ୍ୟସାରି



ବାଇକ୍ ଯୋଗେ ନିଜ ଘର ଭୁବନ ଥାନା ଅନ୍ତର୍ଗତ ଚଣ୍ଡିପାଳ ଫେରୁଥିବା ସମୟରେ ଅନନ୍ତପୁର ଛକ ନିକଟରେ ଏକ ଗାଡ଼ି ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା । ବୁଲୁ ଚେତାଶୂନ୍ୟ ଅବସ୍ଥାରେ ପଡ଼ିରହିଥିଲେ । ସ୍ଥାନୀୟ ଲୋକେ ଏ ନେଇ ସୁକିନ୍ଦା ଥାନା ପୁଲିସକୁ ସୂଚନା ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବୁଲୁଙ୍କୁ ଉଦ୍ଧାର କରିବା ପରିବର୍ତ୍ତେ ପ୍ରଥମେ ରାସ୍ତା କ୍ଲିୟର କରିବାରେ ଲାଗିପଡ଼ିଥିଲା । ଦୀର୍ଘ ସମୟ ଧରି ବୁଲୁ ଚେତାଶୂନ୍ୟ ଅବସ୍ଥାରେ ରାସ୍ତାରେ ପଡ଼ିଥିବା ସୂଚନା ପାଇ ତାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଯୋଗେ ମେଡିକାଲ ନେବାକୁ ଉଦ୍ୟମ କରିଥିଲେ । ଏ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ପରେ ପୁଲିସ ବୁଲୁଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସର ଏଭଳି କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି ।

## ହିତାଧିକାରୀ ପରାମର୍ଶ କାର୍ଯ୍ୟକ୍ରମ

ଗଁଦିଆ, ୧୫ ।୧୦(ସମିସ): ଢେଙ୍କାନାଳ ଜିଲ୍ଲାରେ କ୍ଷୁଦ୍ରଚାଷୀଙ୍କ ଗ୍ରାମ୍ୟ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ଗଁଦିଆ ବ୍ଲକ କଲ୍ୟାଣ ମଣ୍ଡପରେ ସତ୍ୟଶାନ୍ତି ସେବା ପ୍ରତିଷ୍ଠାନ ଓ ଏଫସିଏଫ ଇଣ୍ଡିଆଙ୍କ ମିଳିତ ସହଯୋଗରେ ସ୍ଥାନୀୟ ହିତାଧିକାରୀ ପରାମର୍ଶ କାଯ୍ୟକ୍ରମ ଆୟୋଜିତ ହୋଇଛି । କାର୍ଯ୍ୟକ୍ରମରେ



ଗଁଦିଆ ଏବିଡିଓ ଏସ ନୈବେଦ୍ୟ, ଷଡ଼ଙ୍ଗୀ ରେଞ୍ଜ ଅଧିକାରୀ ଗିରୀଶ ଚନ୍ଦ୍ର ନାୟକ, ଅତିରିକ୍ତ ଉଦ୍ୟାନ ଅଧିକାରୀ ପ୍ରୀତିନନ୍ଦା ମହାନ୍ତି, ସତ୍ୟଶାନ୍ତି ସେବା ସଂସ୍ଥାର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସାହୁ, ନୂଆଦିଲ୍ଲୀ ଫେୟାର କ୍ଲାଇମେଟ ଫଣ୍ଡର ରାଜ୍ୟ ପରିଚାଳକ ସରୋଜ କୁମାର ସାହୁ, ସମାଜସେବୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା, ଗଁଦିଆ ଫାର୍ମର ପ୍ରଡ୍ୟୁସର କାମ୍ପାନୀ ନିର୍ଦ୍ଦେଶକ ରବୀନ ସେନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଉକ୍ତ ସଂସ୍ଥା ଚଳିତ ବର୍ଷ ଓଡ଼ିଶାରେ ୪୨୮୦ ହେକ୍ଟର ପତିତ ଜମିରେ ଚାରାରୋପଣ କରିଛି । ଢେଙ୍କାନାଳ ଜିଲ୍ଲାରେ ଚଳିତବର୍ଷ ୨୫ ହେକ୍ଟର ଜମିରେ ଓ ପୂର୍ବବର୍ଷ ୭୨୫ ହେକ୍ଟରରେ ଚାରାରୋପଣ କରାଯାଇଛି । ଏହି ଜମିରେ ଇଣ୍ଟରକ୍ରପ ଚାଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଆସନ୍ତାବର୍ଷ ଢେଙ୍କାନାଳ ଓ କେନ୍ଦୁଝର ଜିଲ୍ଲାରେ ୨ ହଜାର ହେକ୍ଟର ପତିତ ଜମିରେ ଚାରାରୋପଣ ପାଇଁ ପ୍ରସ୍ତାବ ରହିଥିବା ସଂସ୍ଥାର ନିର୍ଦ୍ଦେଶକ କହିଥିଲେ । ଚାରାରୋପଣଠାରୁ ୫ ବର୍ଷ ପାଇଁ ହିତାଧିକାରୀଙ୍କଠାରୁ କୌଣସି ଅର୍ଥରାଶି ଗ୍ରହଣ କରାଯିବନି । କେବଳ ଚାଷୀମାନଙ୍କ ସହଭାଗିତା ରହିଲେ ଚାଷୀ ଉପକୃତ ହେବେ ବୋଲି କୁହାଯାଇଛି । କାର୍ଯ୍ୟକ୍ରମରେ ୧୫୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ । ସତ୍ୟ ଶାନ୍ତି ସେବା ପ୍ରତିଷ୍ଠାନର ସଦସ୍ୟ ଶ୍ରୀକାନ୍ତ, ତୁଷାର, କେଶବ, ରଞ୍ଜିତ, ବିଶ୍ୱଜିତ, ସତ୍ୟଜିତ, ବିଶ୍ୱନାଥ, ରିଙ୍କୁ, ସୌମ୍ୟ, ପ୍ରଶାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

## ହିନ୍ଦୋଳ ମହାବିଦ୍ୟାଳୟରେ ଆନ୍ତଃ ବିଭାଗୀୟ ସମ୍ମାନ

ଖଜୁରିଆକଟା, ୧୫ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ଧଳଙ୍କ ପୌରୋହିତ୍ୟରେ ଇଂରାଜୀ ଓ ଓଡ଼ିଆ




ବିଭାଗ ମିଳିତ ସହଯୋଗରେ ଏକବିଂଶ ଶତାବ୍ଦୀର କବିତା ଶୀର୍ଷକ ସମ୍ମାନ ଅନୁଷ୍ଠିତ ହୋଇଛି । ବିଶିଷ୍ଟ କବି ଡ. ଶ୍ରୀହରି ଧଳ ଏହାକୁ ଉଦଘାଟନ କରି କବିତାରେ ଚିରନ୍ତନ ଚେତନାର ଅମୃତଧାରା ପ୍ରବାହିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟଅତିଥି ରୂପେ କବି ଡ. ସେନାପତି ପ୍ରଦ୍ୟୁମ୍ନ କେଶରୀ ଯୋଗଦେଇ କବି ହୃଦୟର ଦରଦ ଓ ଅକୁହା ଭାବେ କବିତାରେ ପରୋକ୍ଷ ଭାବେ ନିଃସୃତ ହୋଇଥାଏ ବୋଲି ମତ ଦେଇଥିଲେ । ମୁଖ୍ୟବକ୍ତା ଭାବେ କବି ଓ ସମାଲୋଚକ ଡ. ନାରାୟଣ ପଣ୍ଡା ଯୋଗଦେଇ ଏକବିଂଶ ଶତାବ୍ଦୀ କବିତା ବିଷୟରେ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ । ଓଡ଼ିଆ ବିଭାଗ ଅଧାପକ ମୁରଲୀ କିଶୋର ଜେନାମଣି ଓ ଇଂରାଜୀ ବିଭାଗ ଅଧାପକ ଶ୍ରୀକାନ୍ତ ପ୍ରଧାନ ଏକବିଂଶ ଶତାବ୍ଦୀର କବିତା ଉପରେ ଭିତ୍ତିପ୍ରବନ୍ଧ ପାଠ କରିଥିଲେ । ପ୍ରାରମ୍ଭରେ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ ପାତ୍ର ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଅଧାପକ ପାତ୍ରଙ୍କ କବିତା ସଂକଳନ କହିବାର କଥା ଉନ୍ମୋଚିତ ହୋଇଥିଲା । ଶେଷରେ ଓଡ଼ିଆ ବିଭାଗ ମୁଖ୍ୟ ଶଲ୍ୟ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରହ୍ମାକୁମାରୀ ସଂସ୍ଥା ତରଫରୁ ଚୈତନ୍ୟ ଝାଙ୍କି

ଢେଙ୍କାନାଳ, ୧୫ ।୧୦(ସମିସ): ଢେଙ୍କାନାଳ ଲକ୍ଷ୍ମୀପୂଜା ଅବସରରେ ପଲ୍ଲିଶ୍ରୀ ମେଳା ମଞ୍ଚରେ ମଙ୍ଗଳବାର ସନ୍ଧ୍ୟାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱାବିଦ୍ୟାଳୟ ଢେଙ୍କାନାଳ ଶାଖା ତରଫରୁ ମା’ ଲକ୍ଷ୍ମୀ, ସରସ୍ୱତୀ, ଦୁର୍ଗାଙ୍କ ସମ୍ପର୍କରେ ଚୈତନ୍ୟ ଝାଙ୍କି ଆୟୋଜିତ ହୋଉଥିଲା । ଜିଲ୍ଲା ସଂସ୍କୃତି ବିଭାଗ ଅନୁମତିରେ ଏହି ଈଶ୍ୱରୀୟ ଜ୍ଞାନ ଉପେର ଆଧାରିତ ଚୈତନ୍ୟ ଝାଙ୍କି ମଞ୍ଚସ୍ଥ ହୋଇଥିଲା । ଏହା ଲୋକଙ୍କୁ ବେଶ୍ ଆକର୍ଷିତ କରିଥିଲା । ଢେଙ୍କାନାଳ ଶାଖାର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଉଷାଙ୍କ ତତ୍ତ୍ୱାବଧାନରେ ଭାଇ ଭଉଣୀମାନେ ବିଭିନ୍ନ ପୌରାଣିକ ଚରିତ୍ର ମାଧମରେ ପରମାତ୍ମାଙ୍କ ବାର୍ତ୍ତା, ମା’ ଲକ୍ଷ୍ମୀଙ୍କ ଆଶୀର୍ବାଦ ବିଷୟରେ ଉପସ୍ଥାପନ କରିଥିଲେ । ଏହି ଝାଙ୍କି ମାଧ୍ୟମରେ ଜୀବନରେ ରାଜଯୋଗ, କଳିଯୁଗ, ସତ୍ୟଯୁଗ ଦ୍ୱାପର ଏବଂ ମା’ ଲକ୍ଷ୍ମୀ ପର୍ବର ମହତ୍ତ୍ୱ ବିଷୟରେ



ଜନସାଧାରଣଙ୍କୁ ସୂଚନା ଦିଆଯାଇଥିଲା । କୁମ୍ଭକର୍ଣ୍ଣ ବିଷୟରେ ତଥା ଲୋକକଳାକୁ ଉପସ୍ଥାପନ କରାଯାଇଥିଲା । ବ୍ରହ୍ମାକୁମାର ସନ୍ତୋଷ ଓ କଳାକାର ଜିତୁ ଭାଇ ମଞ୍ଚରେ ଝାଙ୍କି ବିଷୟରେ ଉପସ୍ଥାପନା କରିଥିଲେ ।

## ଫ୍ରାନ୍ସର ପାଲାଇସ ଡେସ ଫେଷ୍ଟିଭାଲରେ ଆଇଆଇଏମସି ଛାତ୍ରୀ ଅସ୍ମିତା

### ● ସୂଚନା ପ୍ରସାରଣ ମନ୍ତ୍ରଣାଳୟ ପ୍ରତିନିଧି ଦଳରେ ସାମିଲ



ଢେଙ୍କାନାଳ, ୧୫ ।୧୦(ସମିସ): ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମସି)ର ଇଂରାଜୀ ସାମ୍ବାଦିକତା ବିଭାଗ ଛାତ୍ରୀ ଅସ୍ମିତା ଅଧିକାରୀ ଫ୍ରାନ୍ସର କାନ୍ସରେ ଅନୁଷ୍ଠିତ ପାଲାଇସ ଡେସ ଫେଷ୍ଟିଭାଲରେ ଅଂଶଗ୍ରହଣ କରିଛନ୍ତି । ଏହି କାର୍ଯ୍ୟକ୍ରମ ଅକ୍ଟୋବର ୧୩ରୁ ୧୬ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ସେଠାରେ ସେ ସୂଚନା ପ୍ରସାରଣ ମନ୍ତ୍ରଣାଳୟର ପ୍ରତିନିଧି ଦଳରେ ସାମିଲ ହୋଇଛନ୍ତି । ୱେବ୍ସ ବଜାର ଗ୍ଲୋବାଲ ଆଉଟରିଚ ଜରିଆରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ସେଠାରେ ସେ ବିଭିନ୍ନ ଦେଶର ବ୍ୟକ୍ତିଙ୍କ ସାକ୍ଷାତକାର ନେବା ସହ ଜାପାନ ପ୍ରତିନିଧି ମଣ୍ଡଳୀଙ୍କ ପ୍ରଭାବଶାଳୀ ଫର୍ମାଟ ବାବଦରେ ଜାଣିବାର ସୁଯୋଗ ପାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଯୋଗଦେବା ନେଇ ତାଙ୍କୁ ଭାରତୀୟ ଜନସଞ୍ଚାର ସଂସ୍ଥାନ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀ ପକ୍ଷରୁ ପତ୍ର ମାଧ୍ୟମରେ ଅବଗତ କରାଯାଇଥିଲା । ଏଥିରେ ଯୋଗଦେଇ ଅସ୍ମିତା ବେଶ୍ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି । ସେଠାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସେ ସାମିଲ ହେଉଛନ୍ତି ଏବଂ ଏହା ତାଙ୍କୁ ଅଧିକ ଆତ୍ମବିଶ୍ୱାସୀ କରୁଥିବା କହିଛନ୍ତି । ସୂଚନାଯୋଗ୍ୟ, ଅସ୍ମିତା କୋଲକାତାର ଉର୍ମିଳା ଅଧିକାରୀ ଓ ପଳାସ ଅଧିକାରୀଙ୍କ ଝିଅ ।

## ବିଡ଼ି ମଜଦୁର ମହାସଂଘର ଅଧିବେଶନ

ଢେଙ୍କାନାଳ, ୧୫ ।୧୦(ସମିସ): ଅଖିଳ ଭାରତୀୟ ବିଡ଼ି ମଜଦୁର ମହାସଂଘର ୧୫ତମ ତ୍ରୟୋବାର୍ଷିକ ଅଧିବେଶନ ତେଲଙ୍ଗାନା ଆନୋଜିଗୁଡ଼ା ଶ୍ରୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଭାରତୀୟ ମଜଦୁର ସଂଘ ଓଡ଼ିଶା ତରଫରୁ ୫ ଜଣ ପ୍ରତିନିଧିତ୍ୱ କରିଥିଲେ । ଭାରତର ୧୪ଟି ରାଜ୍ୟରୁ ପ୍ରାୟ ୧୫୦ ଜଣ କାର୍ଯ୍ୟକର୍ତ୍ତା



ଉପସ୍ଥିତ ଥିଲେ । ଅଧିବେଶନରେ ଭାରତର ସମସ୍ତ ବିଡ଼ି କାରିଗରଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ମୁଖ୍ୟତଃ ଚାରିଟି ପ୍ରସ୍ତାବ ପାରିତ ହୋଇଛି । ନଭେମ୍ବର ୬ରୁ ୭ ତାରିଖ ମଧ୍ୟରେ ସମସ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ କେନ୍ଦ୍ର ଶ୍ରମମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି । କେନ୍ଦୁପତ୍ରରୁ ବିଡ଼ି ତିଆରି କରୁଥିବା ଭାରତର ୯୦ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ପେନସନ, ପ୍ରୋଭିଡେଣ୍ଟ ଫଣ୍ଡ, ଇଏସଆଇସି ଡାକ୍ତରଖାନାରେ ସଠିକ ଚିକିତ୍ସା ଓ ସ୍ଥଗିତ ଥିବା କଲ୍ୟାଣ ବୋର୍ଡ ପୁନଃ ଗଠନ କରି ଶ୍ରମିକଙ୍କ କଲ୍ୟାଣ ନିମିତ୍ତ ଚର୍ଚ୍ଚା ରାଜ୍ୟ ସ୍ତରରେ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଶେଷରେ ଆଗାମୀ ୩ ବର୍ଷ ପାଇଁ ଭାରତୀୟ ମଜଦୁର ସଂଘ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା । ଓଡ଼ିଶାରୁ ଶ୍ରୀନିବାସ ଖୁଣ୍ଟିଆ ଉପସଭାପତି ଓ ସମ୍ପାଦକ ଭାବେ ଚନ୍ଦ୍ରଶେଖର ଶଗଡ଼ ଚୟନ ହୋଇଛନ୍ତି । ସଭାପତି ଓମପ୍ରକାଶ ମହତୋ ଓ ସାଧାରଣ ସମ୍ପାଦକ ସୁଧୀର କୁମାର ମଧ୍ୟ ଚୟନ ହୋଇଥିଲେ । ଏଥିପାଇଁ ଢେଙ୍କାନାଳ ଜିଲ୍ଲା ସଭାପତି ଅନିଲ କୁମାର ଭୂତିଆ ସାଧୁବାଦ ଜଣାଇଛନ୍ତି ।

## ପୋଖରୀର ଭ୍ରମ ସୃଷ୍ଟି କରୁଛି ରାସ୍ତା

ଖଜୁରିଆକଟା, ୧୫ ।୧୦(ସମିସ)

ସ୍ୱାଧୀନତାର ୭୮ ବର୍ଷ ପରେ ବି ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଅନେକ ମୌଳିକ ସମସ୍ୟାରେ ଜର୍ଜରିତ । ନିର୍ବାଚନ ସମୟରେ ମିଳୁଛି କେବଳ ମିଥ୍ୟା ପ୍ରତିଶ୍ରୁତି । ପରେ ଭୋଟର ପାଲଟୁଛନ୍ତି ଭକୁଆ । ଓଡ଼ାପଡ଼ା ବ୍ଲକ ବଣିଆପଡ଼ା ଗ୍ରାମରେ ପହଞ୍ଚିବାକୁ ହେଲେ ପୋଖରୀର ଭ୍ରମ ସୃଷ୍ଟି କରୁଥିବା ଜଳପୂର୍ଣ୍ଣ କଂକ୍ରିଟ ରାସ୍ତାରେ ପ୍ରଥମେ ପାଦ ଓଦା କରିବାକୁ ପଡ଼େ । ଓଡ଼ାପଡ଼ା ବ୍ଲକଠାରୁ ମାତ୍ର ୪ କିଲୋମିଟର ଦୂରରେ ଅବସ୍ଥିତ ଏହି ଗାଁ ପୂର୍ବତନ ଓଡ଼ାପଡ଼ା ସରପଞ୍ଚ, ପୂର୍ବତନ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ତଥା ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ରେବତୀ ବେହେରାଙ୍କ ଗ୍ରାମ । ୩ ହଜାରରୁ ଅଧିକ ଲୋକ ବାସ କରୁଥିବା ଏହି ଗାଁର ମୁଖ୍ୟ ରାସ୍ତା ଜାତୀୟ ରାଜପଥ ୫୫ଠାରୁ ମାତ୍ର ଏକ କିଲୋମିଟର । ରାସ୍ତାଟି ଗ୍ରାମର ଦକ୍ଷିଣ ଦିଗରେ ଅବସ୍ଥିତ । ଯେଉଁଠି ପୂର୍ବତଟ ରେଳପଥ ମଧ୍ୟ ଯାଇଛି । ଗ୍ରାମବାସୀ ଏହି ରାସ୍ତା ଉପରେ ସର୍ବଦା ନିର୍ଭର କରନ୍ତି । ବର୍ତ୍ତମାନର ରାସ୍ତା ଏକ ପୋଖରୀର ଭ୍ରମ ସୃଷ୍ଟି କରୁଛି । ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷର ଅନ୍ୟ ଋତୁରେ କଷ୍ଟେମଷ୍ଟେ ସେହି ରାସ୍ତା ଦେଇ ପଥିକଟିଏ ଯିବା ଆସିବା କରୁଥିବା ବେଳେ ବର୍ଷାଦିନ କଥା ନ କହିବା ଭଲ । ସ୍ଥିତି ପୂରା ସାଙ୍ଘାତିକ ହୋଇପଡୁଛି । ଛାତ୍ରଛାତ୍ରୀମାନେ ପାଠପଢ଼ି ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କାଦୁଅ ଯୋଗୁଁ ହାତଗୋଡ଼ ଭାଙ୍ଗିଯିବା ଭୟରେ ବୃଦ୍ଧବୃଦ୍ଧାମାନେ ସେହି ରାସ୍ତାରେ ଯିବାଆସିବା ପାଇଁ ଅସୁରକ୍ଷିତ ମଣୁଛନ୍ତି । ବର୍ଷାଦିନରେ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧହୋଇ ସାମୟିକ ଭାବେ ବନ୍ଦ କରିବାକୁ ପଡୁଥିବା ଅଭିଯୋଗ କରିଛନ୍ତି ଅଭିଭାବକ । ମୁଖ୍ୟରାସ୍ତା ବର୍ଷତମାମ ଜଳମଗ୍ନ ରହୁଥିବାରୁ ୧୦୮ ଆମ୍ବୁଲାନ୍ସ ଠାରୁ ଆରମ୍ଭ କରି ୧୦୨ ଜନନୀ ଏକ୍ସପ୍ରେସ ମଧ୍ୟ ଯିବା ଆସିବାରେ ଅସୁବିଧା ହେଉଛି । ଏ ସମ୍ପର୍କରେ ବଣିଆପଡ଼ା ଗ୍ରାମବାସୀ ବିଡିଓଙ୍କୁ ଅଭିଯୋଗ କରିଛନ୍ତି । ତୁରନ୍ତ ରାସ୍ତା ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।








## ବିଲୁପ୍ତ ହେବାରେ ଲାଗିଛନ୍ତି କୀଟପତଙ୍ଗ

# ଆସୁଛି ଦୀପାବଳି; ଦିଶୁନାହାନ୍ତି ସଞ୍ଜପୋକ




- ଦୀପାବଳି ପୂର୍ବରୁ ଆସନ୍ତି; ଦୀପ ନିଆଁରେ ମରିଯାଆନ୍ତି
- ପ୍ରାକୃତିକ ସୁରକ୍ଷା ପାଇଁ ଟାଣି ଆଣିବ ସାଂଘାତିକ ବିପଦ
- ବାଧାପ୍ରାପ୍ତ ହେବ ପରାଗ ସଙ୍ଗମ; କମିବ କୃଷି ଉତ୍ପାଦନ



ଭୁବନେଶ୍ୱର, ୧୫ ।୧୦(ସମିସ): ଏକଦା ଦୀପାବଳି ପୂର୍ବରୁ ସଞ୍ଜ ହେଲେ ବିଭିନ୍ନ ସ୍ଥାନରେ ସଞ୍ଜପୋକ ଦେଖିବାକୁ ମିଳୁଥିଲା । କିନ୍ତୁ ସମୟକ୍ରମରେ ଅତ୍ୟଧିକ କୀଟନାଶକ ବ୍ୟବହାର ଯୋଗୁଁ ଏଭଳି ପ୍ରଜାତିର କୀଟ ବଂଶ କ୍ରମେ ଲୋପ ପାଇବାରେ ଲାଗିଛି । ଯାହା ଆଗାମୀ ଦିନରେ ପ୍ରାକୃତିକ ଭାରସାମ୍ୟ ହ୍ରାସ ପାଇବା ସହ ପ୍ରକୃତି ପ୍ରତି ସାଂଘାତିକ ବିପଦ ଟାଣି ଆଣିବ ।

ଆପଣ ଆଗରୁ ଦେଖିଥିବେ ସଞ୍ଜ ଖୋଲା ଆକାଶ ତଳେ ସଞ୍ଜ ଆଲୁଅରେ ଏକ ପ୍ରକାର ନୀଳ ରଙ୍ଗର ଛୋଟ ଛୋଟ କୀଟ ଉଡ଼ିବୁଲୁଥାନ୍ତି । ଯାହାକୁ ସଞ୍ଜ ପୋକ ବି କୁହାଯାଏ । ସାଧାରଣତଃ ଦୀପାବଳି ପାଖେଇ ଆସିଲେ ଏହି କୀଟ ଅଧିକ ଦେଖାଯାଆନ୍ତି । ସବୁଆଡ଼େ ଆଲୁଅ ଜଳୁଥିବାରୁ ଏହି କୀଟଙ୍କୁ ଅଧିକ ଦେଖିବାକୁ ମିଳୁଥିଲା । ପ୍ରକୃତିକ ଋତୁଚକ୍ର ଅନୁଯାୟୀ ବର୍ଷା ପରେ ପରେ ଏହି କୀଟମାନେ ଅଣ୍ଡା ଦିଅନ୍ତି । ଦୀପାବଳି ପାଇଁ ସବୁଆଡ଼େ ଆଲୋକମୟ ହୋଇଥିବାରୁ ଏହି କୀଟଙ୍କୁ ଅଧିକ ମାତ୍ରାରେ ଦେଖିବାକୁ ମିଳିଥାଏ । ଦୀପାବଳିରେ ବାଣ ଫୁଟାଇବା ଯୋଗୁଁ ଏହି କୀଟମାନେ ମରିଯାଆନ୍ତି । କିନ୍ତୁ ସମୟ କ୍ରମେ ଗ୍ରାମାଞ୍ଚଳର ଲୋକେ କୃଷି କ୍ଷେତ୍ରରେ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ଏବଂ ସହରାଞ୍ଚଳରେ ମଶାଧୂଆଁ ବ୍ୟବହାର ଯୋଗୁଁ ସେଭଳି କୀଟ ବଂଶ କ୍ରମେ ଲୋପ ପାଇବାରେ ଲାଗିଛନ୍ତି । ବିଶେଷକରି ରାଜଧାନୀ ସହର ସମେତ ଉପକଣ୍ଠ ଗାଁଗୁଡ଼ିକରେ ଅନେକ କୀଟପତଙ୍ଗ ଗୋବର ପୋକ, ଜୁଲୁଜୁଲିଆ ପୋକ, ସଞ୍ଜ ପୋକ, କଙ୍କି, ଝିଣ୍ଟିକା, ତେଲୁଗୁଣି ପୋକ, ଘୋଡ଼ା ପୋକ, ବମା ପୋକ, କଲିକତରା, ପୋତକ, ଗଉଡୁଣି ପୋକ, ଛାର ପୋକ, ଶାଗ ପୋକ, ମହମ କୀଟ, ମାଟି ପୋକ, ସାଧବ ବୋହୂ, ଉଇ, ଭ୍ରମର ଆଦି କୀଟ ଆଉ ଦେଖିବାକୁ ମିଳୁନାହାନ୍ତି । ଉପକଣ୍ଠ ଗାଁ ମାନଙ୍କରେ ଯାହା ବି ଚାଷ କରାଯାଉଛି ସେଥିରେ ବିଭିନ୍ନ ପ୍ରକାରର ସାର ପ୍ରୟୋଗ କରାଯିବା ସହ ଉଇମରା ଔଷଧ ପକାଯାଉଛି । ଯେଉଁଥିପାଇଁ କୀଟପତଙ୍ଗମାନେ ମରିପଡୁଛନ୍ତି । ଠିକ୍ ଏହିପରି ମଧ ସହରରେ ଗାଡ଼ିର ଧୂଆଁ ସହିତ କଳକାରଖାନାର ବିଷାକ୍ତ ଧୂଆଁ ମଶାମରା ଧୂଆଁ ଆଦି ପକାଯାଇ ପରିବେଶ ପ୍ରଦୂଷିତ ହେଉଛି । ଏଥିସହିତ ଜଳବାୟୁ ପରିବର୍ତ୍ତନ ଜନିତ କାରଣ ପାଇଁ ଏଭଳି କିଛି ପ୍ରଜାତିର କୀଟ ଲୋପ ପାଇବାରେ ଲାଗିଛି । ପରିବେଶ ବିଶେଷଜ୍ଞଙ୍କ କହିବାନୁଯାୟୀ, ଆଗରୁ ଋତୁଚକ୍ର ଠିକ୍ ଥିଲା । ବର୍ଷା ଋତୁରେ ବର୍ଷା, ଶୀତ ଋତୁରେ ଶୀତ ହେଉଥିଲା । ହେଲେ ଏବେ କେବେ ଋତୁଚକ୍ରରେ ପରିବର୍ତ୍ତନ ହେଉଛି । ଯେଉଁଥିପାଇଁ ଏହି କୀଟପତଙ୍ଗମାନେ ଜଳବାୟୁ ଉପରେ ନିର୍ଭରଶୀଳ । ପରିବେଶ ଠିକ୍ ନ ରହିଲେ ସେମାନଙ୍କ ପ୍ରଜନନ ବି ହୋଇପାରିବ ନାହିଁ । ଯାହାଦ୍ୱାରା କୀଟପତଙ୍ଗ ଲୋପ ପାଇଚାଲିନ୍ତି ।

ଦ୍ରୁତ ମାତ୍ରାରେ ସହରୀକରଣ, ବଡ଼ ଅଟ୍ଟାଳିକା ନିର୍ମାଣ ହେବା ସହ ବୃକ୍ଷଲତା ଲୋପ ପାଇ ଯାଉଛନ୍ତି । ଯେଉଁଥିପାଇଁ କୀଟମାନେ ଏହାର ଶୀକାର ହେଉଛନ୍ତି । ବର୍ତ୍ତମାନ ଏହି କୀଟମାନେ ମଧ୍ୟରୁ ୯୫ ପ୍ରତିଶତ ଲୋପ ହୋଇଯାଇଛନ୍ତି ବୋଲି କହିଛନ୍ତି ପକ୍ଷୀ ବିଶେଷଜ୍ଞ ପ୍ରମୋଦ କୁମାର ଧଳ । ସେ ଆହୁରି କହିଛନ୍ତି, କେବଳ ଏହି କୀଟ ନୁହନ୍ତି ଏହିଭଳି ଅନେକ ପତଙ୍ଗ ଆସ୍ତେ ଆସ୍ତେ ପରିବେଶରୁ ବିଲୁପ୍ତ ହେବାରେ ଲାଗିଲେଣି । ଯାହା ଆଗାମୀ ଦିନରେ ପ୍ରକୃତି ପ୍ରତି ସାଂଘାତିକ ବିପଦ ଆଣିଦେବ । ବିଶେଷକରି ପ୍ରାକୃତିକ ଉପାୟରେ ମୃତ୍ତିକା ପ୍ରକ୍ରିୟାକରଣ ଏବଂ ବିଷୋଧିକରଣ ଭଳି ବହୁ କ୍ଷେତ୍ରରେ ବାଧା ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି କରିଛି । ସେହିଭଳି ଫସଲରେ ପରାଗ ରେଣୁ ପ୍ରକ୍ରିୟାରେ ବାଧା ସୃଷ୍ଟି ହେବ ଏବଂ କୃଷି ଉତ୍ପାଦନ ହ୍ରାସ ପାଇବ । ଯେଉଁଥିପାଇଁ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି । ଦିନକୁ ଦିନ ପରିବେଶ ହିଁ ପରିବେଶ ଉପରେ ଭାରୀ ପଡୁଛି ।





# ମ୍ୟାଜିକ୍ ଦୀପ ଓ ମାଟି ଘରରେ ମନ

## ଘରସଜ୍ଜା ପାଇଁ ଟେରାକୋଟା ଫାଉଣ୍ଟେନ

ଭୁବନେଶ୍ୱର, ୧୫।୧୦(ସମିସ): ଦିନ କେଇଟା ପରେ ଆଲୋକର ପର୍ବ ଦିପାବଳୀ । ଚଳଚଞ୍ଚଳ ଦୋକାନ ବଜାର । ବିଭିନ୍ନ ରଙ୍ଗବେରଙ୍ଗର ଲିଟୁ ସାଙ୍ଗକୁ ଡିଜାଇନ ଡିଜାଇନର ଦୀପ ଲୋକଙ୍କୁ ବେଶ୍ ଆକର୍ଷିତ କରୁଛି । ସେହିଭଳି ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଛି ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା' । ଯେଉଁଠି ମାଟିର ଦୀପ ଠାରୁ ଆରମ୍ଭକରି ମାଟିର ସମସ୍ତ ଉପକରଣ ସେଠାରେ ସଜେଇ ହୋଇଛି । ଯେଉଁଠି ରାଜ୍ୟର ସମସ୍ତ ଜିଲ୍ଲାରୁ ପ୍ରାୟ ୩୫୦ ଜଣ ଟେରାକୋଟା ଏବଂ କୁମ୍ଭାର ହସ୍ତଶିଳ୍ପୀଙ୍କ ୨୧୦ଟି ଷ୍ଟଲ୍ ରହିଛି ।

ଦୀପରେ ଏବେ ବିଭିନ୍ନ ଭେରାଇଟି ଏବଂ ଡିଜାଇନ୍ ଦେଖିବାକୁ ମିଳୁଛି । ସେ ଆକୃତିରେ ହେଉ କିମ୍ବା ରଙ୍ଗରେ । ପ୍ରତି ଷ୍ଟଲରେ ଭିନ୍ନ ଭିନ୍ନ ପ୍ରକାରର ଦୀପ ପରିଲକ୍ଷିତ ହେଉଛି । ସେହିଭଳି ଏକ ଷ୍ଟଲରେ ମ୍ୟାଜିକ୍ ଦୀପ ଦେଖିବାକୁ ମିଳିଥିଲା । ତାର ମାନ ଯେପରି ମ୍ୟାଜିକ୍ ଦୀପ, କାମ ମଧ ପୁରା ମ୍ୟାଜିକ୍ ପରି । ଏହା ଦେଖିବାକୁ ସମ୍ପୂର୍ଣ୍ଣ ଭିନ୍ନ ଆକୃତିର, ଠିକ୍ କୁମ୍ଭି ପରି ଦିଶୁଥାଏ । ତାର ତଳ ପାର୍ଶ୍ୱରେ ତେଲ ଭରିବା ପାଇଁ ବାଟ ରହିଛି । ହେଲେ ଆଶ୍ଚର୍ଯ୍ୟର କଥା ତେଲ ଭରି ସାରିବା ପରେ ଦୀପକୁ ସିଧା କଲେ ସେଥିରୁ ତେଲ ଆଦୌ ବାହାରିବ ନାହିଁ । କଥାଟା ଟିକିଏ ଆଶ୍ଚର୍ଯ୍ୟ ଲାଗିଲେ ମଧ ସତ । ଏହାର ରହସ୍ୟ ହେଲା ଦୀପର ପ୍ରସ୍ତୁତ ଶୈଳୀ । ଯେତେବେଳେ ଏହାକୁ ତିଆରି କରାଯାଇଥାଏ, ଦୀପର ଭିତର ପାର୍ଶ୍ୱକୁ ତେଲ ଯିବାକୁ ଏକ ବାଟ ରଖା ଯାଇଥାଏ । ହେଲେ ଏହା ସେହି ବାଟ ଦେଇ ତେଲ ବୋହି ନଥାଏ । ଦୀପର ଉପର ପାର୍ଶ୍ୱରେ ଏକ କଣା ଥାଏ, ଯେଉଁଥିରେ ସଳିତା ପଶାଇ ଜଳାଯାଇଥାଏ । ଏହି ଦୀପ ଗୁଡିକର ମୂଲ୍ୟ ୫୦ ଟଙ୍କା ରହିଛି ଏବଂ ଏହା ପରିବା, ଫୁଲ, ଫଳ ଆକାରର ମଧ ବିକ୍ରି ହେଉଛି । ଏହି ଦୀପ ଶୈଳୀ ରାଜସ୍ଥାନରୁ ଦେଖି ଏଠାରେ ପ୍ରସ୍ତୁତ କରାଯାଉଛି ବୋଲି ଭଦ୍ରକରୁ ଆସିଥିବା ଜଣେ କାରିଗର କହିଛନ୍ତି ।





ମାଟିରେ ପ୍ରସ୍ତୁତ ଛୋଟ ଛୋଟ ଘର । ସେଥିରେ ପୁଣି ନଡାର ଛପର । ଦେଖିଲେ ମନେ ହୁଏ ଗାଁ ପରିବେଶର ସେହି ମାଟି ଚାଳଛପର ଘର ଭଳି । ଏହାକୁ ଦେଖି ମେଳାରେ ଆସୁଥିବା ଲୋକ ଘଡିଏ ରହି ତାର ପ୍ରସ୍ତୁତି ଦେଖୁଛନ୍ତି । କେହି କେହି ସାଙ୍ଗରେ କିଣି ନେଉଛନ୍ତି ତ କିଏ ମୂଲ୍ୟ ପଚାରି ଯାଉଛନ୍ତି । ଏହା କେବଳ ସଜେଇବା ପାଇଁ ନୁହଁ ବରଂ ଏଥିରେ ଦୀପ ରଖିବାର ବ୍ୟବସ୍ଥା ରହିଛି । ସେଥିପାଇଁ ଏହାକୁ ଦୀପଘର ମଧ କୁହାଯାଉଛି । ଏହାକୁ ପ୍ରସ୍ତୁତ କରୁଥିବା ମହିଳା କାରିଗର ସବିତା ଲତା ବେହେରା କୁହନ୍ତି, ତାର ମୂଲ୍ୟ ଆକୃତି ଅନୁଯାୟୀ ୧୫୦ ରୁ ୨୦୦ ରହିଛି । ଦୁଇ ଘଣ୍ଟା ଏଥିରୁ ତିନିରୁ ଚାରିଟି ପ୍ରସ୍ତୁତ ହୋଇଥାଏ ।

ବର୍ତ୍ତମାନ ସମୟରେ ଘର ସଜାଇବାକୁ ଲୋକ ବେଶ ପସନ୍ଦ କରୁଛନ୍ତି । ସେ ପୁଣି ମାଟି ଏବଂ ପଥରର ସୁନ୍ଦର ସୁନ୍ଦର ଉପକରଣ ମାଧ୍ୟମରେ । ସେଥିପାଇଁ କାରିଗର ଏବେ ଗ୍ରାହକଙ୍କ ଚାହିଦା ଦେଖି ଉପକରଣ ତିଆରି କରୁଛନ୍ତି । ଠିକ୍ ସେହିଭଳି ଟେରାକୋଟା ପ୍ରଦର୍ଶନୀରେ ମଧ ମାଟିର ସୁନ୍ଦର ଏବଂ କାରୁକାର୍ଯ୍ୟଭରା ଫାଉଣ୍ଟେନ ତିଆରି କରି ବିକ୍ରି ହେଉଛି । ଜଙ୍ଗଲ ଏବଂ ଝରଣାର ଦୃଶ୍ୟଠାରୁ ଆଦି କଳାକୃତି ହେବା ସହ ଲାଇଟ ବି ଜଳୁଛି । ଯାହାର ମୂଲ୍ୟ ମୂଲ୍ୟ ୭ ଶରୁ ଆରମ୍ଭ ହେଉଛି ବୋଲି କାରିଗର ସୁବଳ ମୁଦୁଲି କହିଛନ୍ତି ।

**● ଆଗକୁ ଦୀପାବଳି**

# ରାଜଧାନୀ ରାସ୍ତାକଡ଼ରେ କୋଲକାତା ଲ୍ୟାମ୍ପ



ଭୁବନେଶ୍ୱର, ୧୫।୧୦(ସମିସ): ଆଗକୁ ଦୀପାବଳି । ଆଉ ମାତ୍ର କେଇଟା ଦିନର ଅପେକ୍ଷା । ଛୋଟ ଛୋଟ ଛୁଆଙ୍କଠାରୁ ଆରମ୍ଭକରି ବଡ଼ମାନଙ୍କ ମଧ୍ୟରେ ଏହି ଦିନ ପାଇଁ ଉତ୍ସାହ ଆରମ୍ଭ ହୋଇଗଲାଣି । ଦୀପାବଳିକୁ ଆଲୋକର ଦିନ ବୋଲି କୁହାଯାଏ । ସେଥିପାଇଁ ଚଳଚଞ୍ଚଳ ରାଜଧାନୀ ବଜାର । ରାସ୍ତାଘାଟ ଗଳିକନ୍ଦି ସବୁଠି ବିଭିନ୍ନ ପ୍ରକାରର ଲାଇଟ ଓ ଦୀପର ଆସର ଜମିଲାଣି । ଭଳିକି ଭଳି ଲିଟୁ ଲାଇଟ୍ ଓ ନାନା ପ୍ରକାର ଆଲୋକରେ ସଜେଇ ହେଉଛି ରାସ୍ତାଘାଟ, ଦୋକାନ ବଜାର ଓ ଘର । ଏହାରି ଭିତରେ କୋଲକାତାରୁ ଆସୁଥିବା ରଙ୍ଗବେରଙ୍ଗର ଡିଜାଇନ୍ ଲ୍ୟାମ୍ପର ଚାହିଦା ଦେଖିବାକୁ ମିଳୁଛି । ଏହାକୁ କିଣିବାକୁ ଲୋକ ରାସ୍ତା କଡ଼ରେ ଘଡିଏ ଅଟକିଯାଉଛନ୍ତି । ନିଜ ନିଜ ଘରେ ଏହି ରଙ୍ଗିନ ଆଲୋକକୁ ସଜେଇବାକୁ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁଛି । ଏହି ଲ୍ୟାମ୍ପର ମୂଲ୍ୟ ୨୦୦ରୁ ଆରମ୍ଭ ହୋଇ ୩୪୦ ଟଙ୍କା ପର୍ଯ୍ୟନ୍ତ ରହିଛି । ଯାହା କୋଲକାତାରୁ ଆମଦାନୀ ହୋଇ ଆସୁଛି ବୋଲି ଦୋକାନୀ କହିଛନ୍ତି । କପଡ଼ାରେ ତିଆରି ଏହି ଲ୍ୟାମ୍ପ ଫ୍ଲେକ୍ସିବଲ୍ ହେବା ସହ ଏହା ଭିତରେ ଲାଇଟ୍ ଲଗାଇ ଘରେ ଟଙ୍ଗାଯାଇଥାଏ । ପରେ ଚାହିଁଲେ ତାକୁ ଖୋଲି ସଫା ମଧ କରାଯାଇପାରିବ । ସେଥିପାଇଁ ଲୋକ ଏହାକୁ କିଣିବାକୁ ଆଗ୍ରହୀ ହେଉଛନ୍ତି । ଯାହା ପ୍ରକୃତରେ ଆକର୍ଷଣୀୟ ହେବା ସହ ରାସ୍ତା ପାର୍ଶ୍ୱରେ ଦୀପାବଳିର ଆଗମନର ଅନୁଭୂତି ବି ଦେଉଛି । ଏହି ଲ୍ୟାମ୍ପ ଏୟାରପୋର୍ଟ ପଛପଟ ରାସ୍ତା, ଜାଗମରା, ସିଆର୍‌ପିଏଫ୍ ଛକ, ୧ ନଂ ହାଟ ଆଦି ସ୍ଥାନରେ ଏହି ସବୁ ଭଳିକି ଭଳି ଲ୍ୟାମ୍ପର ଆସର ଜମଲାଣି ।

## ୧୦ମ ଭିନ୍ନକ୍ଷମ ଚଳଚ୍ଚିତ୍ର ଉତ୍ସବ ଧ୍ୱନି-୨୦୨୫ ଉଦ୍‌ଯାପିତ

# 'ସକ୍ଷମ'କୁ ଶରତ ପୂଜାରୀ ସ୍ମାରକୀ ପୁରସ୍କାର




ଭୁବନେଶ୍ୱର, ୧୫।୧୦(ସମିସ):ରାଜ୍ୟ ସରକାରଙ୍କ ସାମାଜିକ ସଶକ୍ତୀକରଣ ବିଭାଗ ଓ ଆଇନା ସହଯୋଗରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣାକେନ୍ଦ୍ର ଠାରେ ଅନୁଷ୍ଠିତ ହେଉଥିବା ଦ୍ୱି-ଦିବସୀୟ ଧ୍ୱନି ଫିଲ୍ମୋତ୍ସବ-୨୦୨୫ର ଉଦ୍‌ଯାପିତ ହୋଇଯାଇଛି । ଉତ୍ସବରେ ୧୦ମ ସଂସ୍କରଣ ପ୍ରତିଯୋଗିତାରେ ପ୍ରଦର୍ଶିତ ଚଳଚ୍ଚିତ୍ରର ଫଳାଫଳ ଘୋଷିତ ହୋଇଛି । ୧ମିନିଟ ବର୍ଗରେ ଅନନ୍ୟ କାନୁନ୍‌ଗୋଙ୍କ 'ସକ୍ଷମ' ସର୍ବଶ୍ରେଷ୍ଠ ବିବେଚିତ ହୋଇ ଡ. ଶରତ ପୂଜାରୀ ସ୍ମାରକୀ ପୁରସ୍କାର ଲାଭ କରିଥିବାବେଳେ ୫ମିନିଟ ବର୍ଗରେ ଆକାଶ ମନୋହର ଫୁକ୍‌ଙ୍କ ନିର୍ଦ୍ଦେଶିତ 'ଟ୍ୟୁନ୍ ଅଫ୍ ଲାଇଫ୍' ଏବଂ ୩୦ମିନିଟ୍ ବର୍ଗରେ ଆଦିତ୍ୟ ଯାଦବଙ୍କ 'କଟି ସ୍ କଟି' ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ ହୋଇଛି । ତିନିଟି ଚଳଚ୍ଚିତ୍ରକୁ ପ୍ରଥମ ପୁରସ୍କାର ମିଳିଥିବାବେଳେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ ୧ ମିନିଟ ବର୍ଗରେ ଅଭିନନ୍ଦନ ଶତପଥୀଙ୍କ 'ସାଇଲେନ୍ସ ଭିଜନ୍', ୫ ମିନିଟ ବର୍ଗରେ ସୁରେଶ କୁମାରଙ୍କ 'ବେଉଲା' ଏବଂ ସାମିଲ ରାଜଙ୍କ 'ଇସାଇ', ଶୁଭ୍ରାଂଶୁ ସାହୁଙ୍କ 'ରି ଥିଙ୍କ୍', ସୁଶ୍ରୀ ସହେଲି ସାନ୍ୟାଲଙ୍କ 'ବିୟଣ୍ଡ ଲେଭଲସ୍' ଏବଂ ୩୦ ମିନିଟ୍ ବର୍ଗରେ ୨ୟ ଓ ୩ୟ ସ୍ଥାନ ଅଧିକାର କରିଛନ୍ତି ଡରିଆ ଚାପାନୋଭାଙ୍କ 'ଦ ୱେ ଉଇ ଆର୍' ଏବଂ ରିଦ୍ଧିବେଶ ଭଟ୍ଟାଚାର୍ଯ୍ୟଙ୍କ 'ଅଶ୍ରୁତ', । ଉତ୍ସବ କମିଟିର ଅଧ୍ୟକ୍ଷ ଜିତେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଦିବସ ସମାରୋହରେ ରାଜ୍ୟ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ, ବିଶିଷ୍ଟ ସିନେ ନର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ରାଜ୍ୟ ଭିନ୍ନକ୍ଷମ କମିଶନର ଅଧ୍ୟକ୍ଷା ବ୍ରତତୀ ହରିଚନ୍ଦନ, ଫିକି ଫ୍ଲୋର ଅଧ୍ୟକ୍ଷା ଡ. ପ୍ରଜ୍ଞାପାରମିତା ମିଶ୍ର, ଧ୍ୱନିର ଅଧ୍ୟକ୍ଷ ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ନମ୍ରତା ଚହଲଙ୍କ ଅଧ୍ୟକ୍ଷତାରେ 'କୃତ୍ରିମ ବୁଦ୍ଧିମତା ଓ ଭିନ୍ନକ୍ଷମ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଶେଷରେ ଧ୍ୱନିର କାର୍ଯ୍ୟକ୍ରମ ସଂଯୋଜିକା ସୁଶ୍ରୀ ଫୁଲରୀ ଚକ୍ମା ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଅଧ୍ୟାପକ ଜ୍ୟୋତି ପ୍ରକାଶଙ୍କୁ ଗୁରୁଦେବ ସମ୍ମାନ



ଭୁବନେଶ୍ୱର, ୧୫ ।୧୦(ସମିସ): ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ଅଧ୍ୟାପକ ଡ. ଜ୍ୟୋତି ପ୍ରକାଶ ରଥଙ୍କୁ ଗୁରୁଦେବ ସମ୍ମାନ ପ୍ରଦାନ କରାଯାଇଛି । ଉଚ୍ଚଶିକ୍ଷା କ୍ଷେତ୍ରରେ ଅତୁଳନୀୟ ଅବଦାନ ଏବଂ ଶହେରୁ ଅଧିକ ବାଣିଜ୍ୟ ପୁସ୍ତକ ପ୍ରକାଶନ ପାଇଁ ବାଲେଶ୍ୱରର କାଲାମ ମେମୋରିଆଲ ଫାଉଣ୍ଡେସନ ପକ୍ଷରୁ ତାଙ୍କୁ ଏହି ସମ୍ମାନ ମିଳିଛି । ଜାତୀୟସ୍ତରୀୟ କାଲାମ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ବିଧାନସଭା ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଓ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିଛନ୍ତି । କାଲାମ୍ ଫାଉଣ୍ଡେସନ୍‌ର ସଭାପତି ତଥା ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିର ଉପ-ନିର୍ଦ୍ଦେଶକ ଡ. ନୀଳାଦ୍ରି ରାୟ ଓ ଚେୟାରମେନ ଡ. ପଙ୍କଜ କୁମାର ଜେନା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ବାଣିଜ୍ୟ ପାଠ୍ୟକ୍ରମକୁ ସୁଦୃଢ଼ କରିବା ପାଇଁ ବହି ଲେଖିବା ଜାରି ରଖିବାକୁ ପ୍ରୋତ୍ସାହିତ କରିଛନ୍ତି । ଏହି ଅବସରରେ ଶ୍ରୀ ରଥଙ୍କ ଲିଖିତ 'ଫାଇନାନ୍‌ସିଆଲ୍ ଲିଟେରାସି' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଛନ୍ତି ।

# 'ଉତ୍କଳ'ରେ ସୂଚନା ଅଧିକାର ଆଇନ ଦିବସ



ଭୁବନେଶ୍ୱର, ୧୫ ।୧୦(ସମିସ): ଦେଶରେ ସୂଚନା ଅଧିକାର ଆଇନ (ଆର୍‌ଟିଆଇ) କାର୍ଯ୍ୟକାରୀ ହେବାର ୨୦ବର୍ଷ ପୂର୍ତ୍ତି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ଲୋକ ପ୍ରଶାସନ ବିଭାଗ ପକ୍ଷରୁ 'ଆର୍‌ଟିଆଇ ଦିବସ' ପାଳିତ ହୋଇଛି । ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ମିତାଲି ଚିନାରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆର୍‌ଟିଆଇର ଅପବ୍ୟବହାର ବଢୁଥିବାରୁ ଆଇନର ମୂଳ ଉଦ୍ଦେଶ୍ୟରୁ ବିଚ୍ୟୁତ ହୋଇ ଅନେକ ନକାରାତ୍ମକ ପରିଣାମ ସୃଷ୍ଟି କରୁଥିବା କହିଛନ୍ତି । ମୁଖ୍ୟ ବକ୍ତା ଭାବେ ପୂର୍ବତନ ରାଜ୍ୟ ମୁଖ୍ୟ ସୂଚନା କମିଶନର ତଥା ବରିଷ୍ଠ ସାମ୍ବାଦିକ ଦିଲୀପ ବିଶୋଇ ଯୋଗଦେଇ ଆଇନର ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଛନ୍ତି । ବିଭିନ୍ନ ପ୍ରକାରର ସୂଚନା ପାଇବା ସହ ସରକାରୀ ଅଧିକାରୀଙ୍କୁ ଉତ୍ତରଦାୟୀ କରିବା ଓ ପ୍ରଶାସନିକ ସ୍ୱଚ୍ଛତା ପାଇଁ ସୂଚନା ଆଇନ୍‌ର ବ୍ୟାପକ ବ୍ୟବହାର ହେଉଛି । ଦୁର୍ନୀତି ବିରୁଦ୍ଧରେ ଲଢ଼ିବା ପାଇଁ ଅମୋଘ ଅସ୍ତ୍ର ହେଉଛି । ହେଲେ ବ୍ୟାପକ ପଦ ଫାଙ୍କା ପଡ଼ିବା ଦ୍ୱାରା ଆଇନ୍‌ର କାର୍ଯ୍ୟାନ୍ୱୟନ ପର୍ଯ୍ୟାୟକ୍ରମେ ଦୁର୍ବଳ ହେଉଥିବା ଶ୍ରୀ ବିଶୋଇ କହିଛନ୍ତି । ସୂଚନା ଅଧିକାର ଆଇନ୍ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ହର୍ଷ ପରିଚ୍ଛା ପ୍ରଶିକ୍ଷଣ ଦେବା ସହ ଆର୍‌ଟିଆଇ ଆବେଦନ, ପ୍ରଥମ ଓ ଦ୍ୱିତିୟ ଅପିଲ୍ କରିବାକୁ ଥିବା ବିଭିନ୍ନ ନିୟମ ଓ ପ୍ରଣାଳୀ ସମ୍ପର୍କରେ ଅବଗତ କରିଛନ୍ତି । ବିଭାଗୀୟ ମୁଖ୍ୟ ଡ. ପ୍ରତିମା ଷଡ଼ଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଡ. ହେମନ୍ତ କୁମାର ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଛନ୍ତି । ଶେଷରେ ଓଡ଼ିଶା ଆର୍‌ଟିଆଇ କ୍ଲିନିକ୍‌ର ପ୍ରତିଷ୍ଠାତା ମନୋରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବାବେଳେ ଲୋକ ପ୍ରଶାସନ ଏବଂ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ଉଜୁଡ଼ିଗଲାଣି ଓପନ୍ ସ୍ପେସ୍ ଡେଭେଲ୍‌ପମେଣ୍ଟ ସୌନ୍ଦର୍ଯ୍ୟକରଣ

# ସନ୍ଧ୍ୟା ହେଲେ ଜମୁଛି ନିଶାଡ଼ିଙ୍କ ଆଡ୍ଡା

ଭୁବନେଶ୍ୱର, ୧୫ ।୧୦(ସମିସ): ରାଜଧାନୀର ସୁନ୍ଦରତାକୁ ଅଧିକ ବୃଦ୍ଧି କରିବା ପାଇଁ ରାସ୍ତାକଡ଼ରେ ବିଭିନ୍ନ ଚିତ୍ରଣ କରାଯିବା ସହିତ ବିଭିନ୍ନ ୱାର୍ଡ଼, ଛକ ବଜାରକୁ ସୌନ୍ଦର୍ଯ୍ୟକରଣ କରାଯାଇଥିଲା । ବିଶେଷ କରି ସହରର ବିଭିନ୍ନ ୱାର୍ଡ଼ର ଛକ ହେଉ କିମ୍ବା ୱାର୍ଡ଼ର ଖାଲି ସ୍ଥାନକୁ ସୌନ୍ଦର୍ଯ୍ୟକରଣ କରାଯାଇ ରାସ୍ତାକଡ଼ରେ ଛୋଟ ପାର୍କ କରିବା ଭଳି କରାଯିବା ସହ ବିଭିନ୍ନ ପ୍ରକାରର ଗଛ ଲଗାଯାଇଥିଲା

ଦୁଇ ବର୍ଷ ତଳେ 'ମୁକ୍ତା' ସ୍କିମ୍ ଯୋଜନା, ଯାଗା ମିଶନ ସ୍କିମ୍, ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନାରେ ସହରରେ ଖାଲିଥିବା ସ୍ଥାନରେ ଓପନ୍ ସ୍ପେସ୍ ଡେଭେଲ୍‌ପମେଣ୍ଟ ସୌନ୍ଦର୍ଯ୍ୟକରଣ କରାଯାଇଥିଲା । ଏହି ଓପନ୍ ସ୍ପେସ୍ ଡେ଼ଭେଲ୍‌ପମେଣ୍ଟରେ ବିଏମ୍‌ସି ପକ୍ଷରୁ ବ୍ୟାରିକେଡ୍ କରାଯାଇଥିଲା ବେଳେ ଆରଆଣ୍ଡବି ପକ୍ଷରୁ ବିଦ୍ୟୁତ ସଂଯୋଗୀକରଣ କରାଯାଇଥିଲା । ଏଥିସହିତ ଫରେଷ୍ଟ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାରର ଗଛ ଲଗାଯାଇଥିଲା । ୬୭ଟି ୱାର୍ଡ଼ରେ ୧୫ କୋଟି ଟଙ୍କା ଖର୍ଚ୍ଚ ହୋଇ ବିଭିନ୍ନ ସ୍ଥାନରେ ଏହି ଓପନ୍‌ସ୍ପେସ୍ ଡେ଼ଭଲପମେଣ୍ଟ ସୌନ୍ଦର୍ଯ୍ୟକରଣ ହୋଇଥିଲା ।

ଓପନ୍‌ସ୍ପେସ୍ ଡେଭେଲପମେଣ୍ଟ ମଧ୍ୟରେ ସୌନ୍ଦର୍ଯ୍ୟକରଣ ଭିତରେ ସହରର ପ୍ରମୁଖ ଛକମାନଙ୍କୁ ସାମିଲ୍ କରାଯାଇଥିଲା ଏହା ମଧ୍ୟରୁ ସିଆରପିଏଫ୍ ଅନ୍ୟତମ । ଛକର ମୁଖ୍ୟ ଟ୍ରାଫିକ ପାଖରେ ଏହି ଓପନ୍‌ସ୍ପେସ୍ ଡେଭେଲପମେଣ୍ଟ ସୌନ୍ଦର୍ଯ୍ୟ କରଣ ହୋଇଥିଲା । ଛୋଟ ପାର୍କ ପରି ଦେଖାଯାଉଥିବା ଏହି ଓପନ୍ ସ୍ପେସ୍ ମଧ୍ୟରେ ଅଳିଆ ଆବର୍ଜନା ଗଦା ଦେବା ସହିତ ମଦ ବୋତଲ ଗଡୁଛି । ବାହାରକୁ ସୁନ୍ଦର ଦେଖାଯାଉଥିବା ଏହି ଓପନ୍‌ସ୍ପେସ୍ ଭିତର ଖରାପ ହେବାରେ ଲାଗିଲାଣି । ଟିକେ ସନ୍ଧ୍ୟା ରାତି ବଢ଼ିଗଲେ ଏଠାରେ ନିଶାଡ଼ିଙ୍କ ସମେତ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଖପାଖରେ ଥିବା ଫାଷ୍ଟଫୁଡ୍ ଦୋକାନୀମାନେ ଏଠାରେ ଆବର୍ଜନା ଗଦାଉଛନ୍ତି । ସେହିଭଳି ପାଖ ଉଠା ଜଳଖିଆ ଦୋକାନର ଆବର୍ଜନା ଏଠାରେ ଗଦା କରୁଥିବା ଦେଖିବାକୁ ମିଳୁଛି । ଆବର୍ଜନା ଏବଂ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଏଠାରେ ସାପଠାରୁ ଆରମ୍ଭ କରି ଅନ୍ୟାନ୍ୟ ଜନ୍ତୁମାନେ ବସବାସ କରୁଛନ୍ତି । ବର୍ଷାଦିନେ ପାଣି ଏବଂ ଆବର୍ଜନା ଜମିନା ଯୋଗୁଁ ଏହା ମଶାଙ୍କ ଅଡ୍ଡାଶାଳ ପାଲଟିଛି । ଏହି ରାସ୍ତାଦେଇ ପ୍ରତିଦିନି ଶହ ଶହ ଗାଡ଼ି ମଟର ଯିବା ସହିତ ବିଶିଷ୍ଟ ବ୍ୟକ୍ତି ବିଶେଷ, ନେତା ମନ୍ତ୍ରୀ ସମସ୍ତେ ଯିବା ଆସିବା କରୁଛନ୍ତି । ଏଥିସହିତ ଟ୍ରାଫିକ୍‌ରେ ମଧ କିଛି ସମୟ ଅଟକି ରହୁଛନ୍ତି । ହେଲେ କାହାର ନଜର ପଡୁନାହିଁ ।



- ସିଆରପିଏଫ ଛକ ସୌନ୍ଦର୍ଯ୍ୟକରଣରେ ଗଡୁଛି ମଦ ବୋତଲ
- ଅନାବନା ହୋଇପଡ଼ିଛି ରାସ୍ତାକଡ଼ର ସୌନ୍ଦର୍ଯ୍ୟ
- ଗଦା ହୋଇପଡ଼ିଛି ପାଖ ଦୋକାନର ଆବର୍ଜନ



ବହୁତଥର ସଫା କରାଗଲାଣି । ବାରବାର ମଧ ତାଗିଦ୍ କରାଯାଉଛି । କିନ୍ତୁ ଲୋକମାନେ ଶୁଣିବା ପରିସ୍ଥିତି ନାହାନ୍ତି । ଏହି ଓପନ ସ୍ପେସ୍ ରାସ୍ତା ଉପରେ ଥିବାରୁ ଏହାର ବିଶେଷ ଧ୍ୟାନ ଦେବାକୁ ପଡୁଛି । ହେଲେ ଲୋକମାନେ ଯଦି ବୁଝିବେନି ତେବେ ଆମେ ଆଉ କଣ କରିପାରିବୁ । ପୁର୍ନବାର ଯାଇ ଦୋକାନୀ ମାନଙ୍କୁ ତାଗିଦ୍ କରବା ସହ ଅଳିଆ ନ ପକାଇବା ପାଇଁ କହିବି ବୋଲି କର୍ପୋରେଟର ସୁଚିତ୍ରା ପାତ୍ର କହିଛନ୍ତି ।

# ସରିଲା ଲକ୍ଷ୍ମୀ ପୂଜା; ମା'ଙ୍କୁ ବିଦାୟ ଦେଲେ ସହରବାସୀ







ଅନୁଗୋଳ,୧୫ ।୧୦(ସମିସ)

କୁମାର ପୂର୍ଣ୍ଣିମାଠାରୁ ୧୦ ଦିନ ହେଲା ଅନୁଗୋଳ ସହରର ୨୯ ପୂଜା ମଣ୍ଡପରେ ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମା ଷୋଡ଼ଶ ଉପଚାରରେ ପୂଜା ପାଇ ଆସୁଥିଲେ। ଉତ୍ସବମୁଖର ହୋଇଉଠିଥିଲା ସହର। ବିଭିନ୍ନ ପୂଜା କମିଟି ପକ୍ଷରୁ ମେଢ଼ ସାଜସଜ୍ଜା, ସୁଉଚ୍ଚ ତୋରଣ, ରଙ୍ଗୀନ ଆଲୋକମାଳା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସାଙ୍ଗକୁ ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା। ବୁଧବାର ମା'ଙ୍କ ଭସାଣି ପର୍ବ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଛି। ପ୍ରଶାସନ ଓ ପୂଜା କମିଟି କର୍ମକର୍ତ୍ତାଙ୍କୁ ନେଇ ଗଠିତ କେନ୍ଦ୍ରୀୟ ପୂଜା କମିଟି ନିଷ୍ପତ୍ତି ଅନୁସାରେ ସୁଚାରୁରୂପେ ଭସାଣ ଉତ୍ସବ ଅନୁଷ୍ଠିତ ହୋଇଛି।

କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଥାନା ଛକରେ ନିର୍ମିତ ମଞ୍ଚରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସମେତ ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ଅନୁଗୋଳ ଏସପି ରାହୁଲ ଜୈନ, କେନ୍ଦ୍ରୀୟ ପୂଜା କମିଟି ସଭାପତି ସୁନୀଲ କୁମାର ସାହୁ, କୋଷାଧ୍ୟକ୍ଷ ତଥା ଅନୁଗୋଳ ଜିଲ୍ଲା ଟ୍ରକ ମାଲିକ ସଂଘ ସଭାପତି ଅମରେଶ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମେଳଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସହରର ୧୪ ପୂଜା ମଣ୍ଡପର ମେଢ଼ ମିଳିତ ଭସାଣି ଉତ୍ସବରେ ସାମିଲ ହୋଇଥିଲେ। ପୂର୍ବରୁ ଲଟେରୀ ମାଧ୍ୟମରେ ମେଢ଼ଗୁଡ଼ିକ କ୍ରମାନ୍ୱୟରେ ପଛକୁ ପଛ ଧାଡ଼ିରେ ଆସି ଥାନା ଛକରୁ ବସଷ୍ଟାଣ୍ଡ ରାଜାଛକ ଦେଇ ସଞ୍ଜୀବନୀ ମାର୍କେଟ ଦେଇ ବଜାର ଛକ ଅତିକ୍ରମ କରି ସହର ପରିକ୍ରମା କରିଥିଲେ। ଡିଆଇସି ଛକ, ହନୁମାନ ବଜାର, ଭଣ୍ଡୁବର, ଆନନ୍ଦ ବଜାର, କାଞ୍ଚନ ବଜାର, ବଜାର ଛକ, ଡେଲି ମାର୍କେଟ, କଲେଜ ଛକ, ବସଷ୍ଟାଣ୍ଡ, ଆଶ୍ରମ ଛକ, ହୁଲୁରିସିଂଘା, ଅମଲାପଡ଼ା ଲକ୍ଷ୍ମୀ ବଜାର ମେଢ଼ ସବୁ ପଟୁଆରରେ ମେଳଣ ସ୍ଥଳକୁ ଆସିଥିଲେ।

ପୂଜା କମିଟି କର୍ମକର୍ତ୍ତାମାନେ ବେକରେ ଗଜରା ହାର ପକାଇ ମେଢ଼ ଆଗେ ଆଗେ ଚାଲୁଥିବା ବେଳେ ଯୁବ ସଦସ୍ୟଠାରୁ ବୁଢ଼ା ଯାଏଁ ସମସ୍ତେ ୟୁନିଫର୍ମରେ ସାମିଲ ହୋଇଥିଲେ। ଅତ୍ୟାଧୁନିକ ଲାଇଟ ଓ ସାଉଣ୍ଡ ସହ ବିଭିନ୍ନ ଆଧୁନିକ ବାଜା, ପାରମ୍ପରିକ ଢୋଲବାଜା, ଘଣ୍ଟ ଘଣ୍ଟୁଆଳ, ଲଉଡ଼ି ଖେଳ, ସମ୍ବଲପୁରୀ ନୃତ୍ୟ ସାଙ୍ଗକୁ ଆଧୁନିକ ନୃତ୍ୟ ଶୋଭାଯାତ୍ରାକୁ ଆକର୍ଷଣୀୟ କରିଥିଲା। ଦର୍ଶକଙ୍କ ପ୍ରବଳ ଭିଡ଼ ଯୋଗୁଁ ପୁଲିସ ଟ୍ରାଫିକ ନିୟନ୍ତ୍ରଣ କରିବାରେ ବେହାଲ ହୋଇପଡ଼ିଥିଲା। ସହର ପରିକ୍ରମା କରି ମେଢ଼ଗୁଡ଼ିକୁ ପାଖ ଜଳାଶୟଗୁଡ଼ିକରେ ନିଜ ନିଜ ସୁବିଧା ମୁତାବକ ବିସର୍ଜନ କରାଯାଇଥିଲା।

## ବାଜା, ରୋଷଣୀରେ ଦୁଲୁକିଲା ସହର






## ଶଳା ଆକ୍ରମଣରେ ଭିଣୋଇ ମୃତ; ଦୁଇ ଗିରଫ

ଛେଣ୍ଡିପଦା,୧୫ ।୧୦(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ବାଲିପଟା ଗାଁ ଶିବ ମନ୍ଦିର ନିକଟରେ ଶଳାର ଆକ୍ରମଣରେ ଭିଣେଇର ମୃତ୍ୟୁ ହୋଇଛି। ମୃତକ ହେଲେ ଜରପଡ଼ା ଥାନା ନାଉପଦା ଗାଁର ଅଜୟ ନାଏକ। ଏହି ଘଟଣାରେ ପୁଲିସ ଅଜୟଙ୍କ ସମ୍ପର୍କୀୟ ଶଳା ସମେତ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିପଟା ଗାଁର ବନି ନାଏକ ଓ ଦାଶରଥି ନାଏକ। ସୋମବାର ବନି ଓ ଦାଶରଥି ଅଜୟଙ୍କୁ ଯାତ୍ରା ଦେଖିଯିବା କହି ଘରୁ ବାଇକ୍ ଯୋଗେ ଡାକିନେଇଥିଲେ। ଅଜୟ ମଙ୍ଗଳବାର ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଘରଠାରୁ ଦୁଇ କିଲୋମିଟର ଦୂର ଶିବ ମନ୍ଦିର ନିକଟ କେନାଲରେ ସେ କ୍ଷତବିକ୍ଷତ ଅବସ୍ଥାରେ ପଡ଼ିଥିବା ଦେଖଥିଲେ। ଅଜୟଙ୍କୁ ଉଦ୍ଧାର କରି ଛେଣ୍ଡିପଦା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅଜୟଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ପରିବାର ଲୋକେ ଛେଣ୍ଡିପଦା ଥାନାରେ ଅଭିଯୋଗ କରିଥିଲେ। ଅଜୟଙ୍କ ଶଳା ବନି ତାଙ୍କୁ ମାରିଦେଇଥିବା ଅଭିଯୋଗରେ ଦର୍ଶାଇଥିଲେ। ପୁଲିସ ଘଟଣାସ୍ଥଳରେ ସରଜମିନ ତଦନ୍ତ କରିଥିଲ। ସାଇଣ୍ଟିଫିକ ଟିମ ସହାୟତାରେ ଘଟଣାସ୍ଥଳରୁ ବିଭିନ ନମୁନା ସଂଗ୍ରହ କରିବା ସହ ମୁଖ୍ୟ ଅଭିଯୁକ୍ତ ବନି ଓ ତାଙ୍କ ସହଯୋଗୀ ଦଶରଥୀଙ୍କୁ ଗିରଫ କରିଛି।

## ମହାବଳର ନକଲି ଫଟୋ ଭାଇରାଲ୍‌କୁ ନେଇ ଅସନ୍ତୋଷ

ବଇଣ୍ଡା,୧୫ ।୧୦(ସମିସ): କିଛିଦିନ ହେବ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ ଏକ ମହାବଳ ବାଘ ବୁଲୁଥିବା ଖବର ପ୍ରଚାର ହେବା ପରେ ବଇଣ୍ଡା ଅଞ୍ଚଳରେ ଉକ୍ତ ମହାବଳ ବାଘ ବୁଲୁଥିବା ନେଇ ସାମାଜିକ ଗଣମାଧ୍ୟମରେ ଏକ ଫଟୋ ଭାଇରାଲ ହେଉଛି। ତେବେ କିଛି ଅସମାଜିକ ଯୁବକ ଏକ ବାଘର ଫଟୋକୁ କମ୍ପ୍ୟୁଟର ଜରିଆରେ ଏଡିଟ୍ କରି ବଇଣ୍ଡା ଅଞ୍ଚଳରେ ଉକ୍ତ ବାଘ ବୁଲୁଥିବା ସାମାଜିକ ଗଣମଧ୍ୟମରେ ଭାଇରାଲ କରିଛନ୍ତି। ଏନେଇ ଅଞ୍ଚଳବାସୀ ଭୟଭୀତ ହୋଇ ପଡ଼ିଛନ୍ତି। ତେବେ ହଣ୍ଡପା ରେଞ୍ଜର ନରେନ୍ଦ୍ର ଗମାଙ୍ଗ କହିଛନ୍ତି ଆମ ଅଞ୍ଚଳରେ କୌଣସି ବାଘ ବୁଲୁନାହିଁ। ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ଫଟୋ କମ୍ପ୍ୟୁଟରରେ ଏଡିଟିଂ କରି ତିଆରି କରାଯାଇଛି। ଅଞ୍ଚଳବାସୀ ଭୟଭୀତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି।

### ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାର ମନମୁଖି କାର୍ଯ୍ୟ

## ୨୨ରୁ ଖମାର ଟୋଲ୍‌ଗେଟ୍‌ରେ ଧାରଣା ଦେବ ବିଜେଡି



ପାଲଲହଡ଼ା,୧୫ ।୧୦(ସମିସ): ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟରେ ପାଲଲହଡ଼ା ଜନସାଧାରଣଙ୍କ ଜୀବନ ବିପନ୍ନ ହୋଇପଡ଼ିଛି। ସ୍ଥାନୀୟ ବିଜେଡି ପକ୍ଷରୁ ଏହାକୁ ତୀବ୍ର ବିରୋଧ କରାଯାଇଛି। ଏ ନେଇ ଉପଜିଲ୍ଲାପାଳଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆସନ୍ତା ୨୨ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଖମାରସ୍ଥିତ ଟୋଲ ପ୍ଲାଜାଠାରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ୧୪୯ ନମ୍ବର ଜାତୀୟ ରାଜପଥ ପାଲଲହଡ଼ାରୁ ପିଟିରି ରାସ୍ତା ପର୍ଯ୍ୟନ୍ତ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ ମରାମତି କରିବା, ରାସ୍ତାର ଉଭୟ ପାଶ୍ୱର୍ରେ ଦୁଇ ମିଟର ମୋରାମ ବେସ ନିର୍ମାଣ, ଏନଏଚଏଆଇର ସବଡିଭିଜିନାଲ ଅଫିସ ପାଲଲହଡ଼ାରେ କାର୍ଯ୍ୟକ୍ଷମ କରିବା, ଖମାର ଟୋଲ ଗେଟ ଉଚ୍ଛେଦ ଅଥବା ପାଲଲହଡ଼ା ଓ କଣିହାଁ ବ୍ଲକର ସମସ୍ତ ଚାରିଚକିଆ ଯାନକୁ ଦେୟମୁକ୍ତ କରିବା, ରାଜପଥର ମରାମତି ନିମନ୍ତେ ହୋଇଥିବା ୧୦ କୋଟି ଟଙ୍କା ବ୍ୟୟର ଭିଜିଲାନ୍ସ ତଦନ୍ତ କରିବା ଆଦି ଦାବି କରାଯାଇଛି। ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ ପାଲଙ୍କ ନିର୍ଦ୍ଦେଶରେ ପୂର୍ବତନ ସମିତି ଅଧ୍ୟକ୍ଷ ନବକିଶୋର ନାଏକ, ବିଜେଡି ଜିଲ୍ଲା ଉପସଭାପତି ନରେନ୍ଦ୍ର ଭୁକ୍ତା, ଗିରିଧାରୀ ବେହେରା, ସଂଗ୍ରାମ ମିଶ୍ର, ଚିନ୍ମୟ ସାହୁ ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## ଶିକ୍ଷକଙ୍କ ପରଲୋକ

ବଇଣ୍ଡା,୧୫ ।୧୦(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଘୋଡ଼ାବାନ୍ଧୁଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବଳରାମ ବେହେରା (୪୬)ଙ୍କର ବୁଧବାର ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରେ ପରଲୋକ ହୋଇଛି। କିଛିମାସ ହେବ ସେ କ୍ୟାନ୍ସର ରୋଗରେ ପୀଡ଼ିତ ଥିଲେ। ତାଙ୍କ ଘର ଛେଣ୍ଡିପଦା ବ୍ଲକ କିସିଣ୍ଡା ଗ୍ରାମରେ ହୋଇଥିବା ବେଳେ ଘୋଡ଼ାବାନ୍ଧୁଣି ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଦେହାନ୍ତରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ପିଟିଏସ୍ କର୍ମଚାରୀଙ୍କ ବୈଠକ

କଣିହାଁ,୧୫ ।୧୦(ସମିସ): ବିଭିନ୍ନ ଦାବି ସମ୍ପର୍କରେ ସରକାରଙ୍କୁ ଜଣାଇବାକୁ ଆୟୁର୍ବେଦିକ ଓ ହୋମିଓପ୍ୟାଥି ଚିକିତ୍ସାଳୟଗୁଡ଼ିକରେ ପାର୍ଟଟାଇମ ସୁଇପର (ପିଟିଏସ) ଭାବେ କାର୍ଯ୍ୟରତ କର୍ମଚାରୀମାନେ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାର ପିଟିଏସମାନଙ୍କୁ ନେଇ ସୋମବାର ଏକ ବୈଠକ ବସିଥିଲା। ଏଥିରେ ଚାକିରି କ୍ଷେତ୍ରରେ ସେମାନଙ୍କ ପ୍ରତି ହୋଇଥିବା ଅବିଚାର ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ନୂତନ କର୍ମକର୍ତ୍ତା ଚୟନ ସହିତ ଆର୍ଥିକ ନିର୍ଯାତନାର ପ୍ରତିବାଦ ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ଏହି କର୍ମଚାରୀମାନେ ଦିନରେ ୮ ଘଣ୍ଟା ଚିକିତ୍ସାଳୟରେ ସଫାସୁତୁରା କାର୍ଯ୍ୟ ସହିତ ଚିକିତ୍ସକଙ୍କୁ ରୋଗୀ ସେବାରେ ସହଯୋଗ କରୁଛନ୍ତି। ରାତିରେ ରାତ୍ର ଜଗୁଆଳ ଭାବେ କାର୍ଯ୍ୟ କରି ଦୈନିକ ଅଣକୁଶଳୀ ଶ୍ରମିକର ମଜୁରି ପାଉଛନ୍ତି। ଯାହାକି ୩୦ ବର୍ଷ ନିରବଚ୍ଛିନ୍ନ କାର୍ଯ୍ୟକରି ମାସିକ ପାରିଶ୍ରମିକ ୧୫୦୦୦ ଟଙ୍କା ପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ। ଜୀବନର ଅର୍ଦ୍ଧାଧିକ ସମୟ ସରକାରୀ କାର୍ଯ୍ୟକରି ସ୍ୱଳ୍ପ ଦରମାରେ ପରିବାର ପରିଚାଳନା କରିବାରେ ସମ୍ପୂର୍ଣ୍ଣ ଅସମର୍ଥ ହେଉଛନ୍ତି। ଟିଏ, ଡିଏ, ଏଚଆର, ପିଏଫ ଇତ୍ୟାଦି ପାଉ ନ ଥିଲେ ବି ସରକାରୀ ଚାକିରିଆ ଦର୍ଶାଇ ସୁଭଦ୍ରା, ପିଏମ କିଷାନ, ସିଏମ କିଷାନ, ଆବାସ ଯୋଜନା, ରାସନ କାର୍ଡ ଭଳି ସରକାରୀ ଯୋଜନାରୁ ବଞ୍ଚିତ ରହିଛନ୍ତି। ଅପରପକ୍ଷରେ ଏମାନେ ଦୀର୍ଘଦିନରୁ ଚିକିତ୍ସାଳୟରେ ଝାଡୁଦାରଠାରୁ ଆରମ୍ଭ କରି ପିଅନ ଓ ରାତ୍ର ଜଗୁଆଳି କାର୍ଯ୍ୟ କରି ଆସୁଥିବାବେଳେ ସେମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ମଧ୍ୟ ପ୍ରଦାନ କରାଯାଇନାହିଁ। ଏବେ ନୂତନ ଭାବେ ଚିକିତ୍ସାଳୟରେ ଯେଉଁଠି ପିଟିଏସ ଅବସର ଗ୍ରହଣ କରିଛନ୍ତି ସେଠାରେ ସାନିଟାରୀ ୱାର୍କର ସହ ୱାଚମ୍ୟାନ ମଧ୍ୟ ନିଯୁକ୍ତି କରାଯାଉଛି। ତେବେ ଦୀର୍ଘଦିନରୁ ସବୁ ପ୍ରକାର ସେବା ଦେଇଆସୁଥିବା ପିଟିଏସ କର୍ମଚାରୀ କେଉଁ କାର୍ଯ୍ୟ ଓ କେତେ ସମୟ କରିବେ ସେ ନେଇ ମଧ୍ୟ ସ୍ୱଷ୍ଟତା ନାହିଁ। ଏ ସମ୍ପର୍କରେ ବିଚାର କରି ଉପଯୁକ୍ତ ପଦକ୍ଷେପ ନେବାକୁ ସଂଗଠନର ସଭାପତି ମନୋଜ ସାହୁ, ସମ୍ପାଦକ ପଦନ ବାରିକଙ୍କ ସମେତ କର୍ମଚାରୀମାନେ ନିବେଦନ କରିଛନ୍ତି।

## ମହାବୀର ଲକ୍ଷ୍ମୀପୂଜା କମିଟିର ଆଞ୍ଚାଲଡୁ ନିଲାମ



ତାଳଚେର,୧୫ ।୧୦(ସମିସ): ତାଳଚେର ବ୍ଲକ ଧରମପୁର ଗ୍ରାମ ମହାବୀର ଲକ୍ଷ୍ମୀପୂଜା କମିଟିର ଆଞ୍ଚାମାଳ ଓ ଲଡୁ ନିଲାମ ହୋଇଛି। ୯୧ ହଜାର ୩ ଶହ ୩ ଟଙ୍କାରେ ନିଲାମଧାରୀ ସୁଡୁଲ ବେହେରା, ଜନ୍ମି ବେହେରା ଏବଂ ମିଷ୍ଟି ଭୂତିଆ ନିଲାମ ନେଇଛନ୍ତି। ୧୭ବର୍ଷ ଧରି ଆଡ଼ମ୍ବର ସହକାରେ ଧରମପୁର ଗ୍ରାମରେ ମହାଲକ୍ଷ୍ମୀ ପୂଜା ହୋଇଆସୁଛି। ପ୍ରତ୍ୟେକ ଦିନ ବିଭିନ୍ନ ମେଢ଼ ପକ୍ଷରୁ ସନ୍ଧ୍ୟାରେ ନାମସଂକୀର୍ତ୍ତନ ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ମା' ଲକ୍ଷ୍ମୀଙ୍କ ଭସାଣି ଉତ୍ସବ



ବଇଣ୍ଡା,୧୫ ।୧୦(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗ୍ରାମରେ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜାର ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ମା'ଙ୍କୁ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇ ନିକଟସ୍ଥ ନାଳରେ ବିସର୍ଜନ କରାଯାଇଥିଲା। ପାରମ୍ପରିକ ଘଣ୍ଟବାଦ୍ୟ ସହ ଡିଜେ ଶବ୍ଦରେ ପୂରା ଗାଁ କମ୍ପି ଉଠିଥିଲା। କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଠାକୁରଗଡ଼ ଥାନା ପକ୍ଷରୁ ପୁଲିସ ମୁତୟନ ହୋଇଥିଲେ।

## ନାଲ୍‌କୋ ଡିପିଏସ୍ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଧାରଣା

ନାଲକୋ ନଗର,୧୫ ।୧୦(ସମିସ): ନାଲକୋ ନଗର ଥାନା ଅନ୍ତର୍ଗତ ନାଲକୋ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍)ର ୧୮ ଜଣ ଚତୁର୍ଥଶ୍ରେଣୀ କର୍ମଚାରୀ ନାଲକୋ ଡିପିଏସ୍ ସିନିୟର ସ୍କୁଲର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଗତ ଏକ ବର୍ଷ ହେବ ଏହି କର୍ମଚାରୀମାନେ ଏକ ଠିକାସଂସ୍ଥା ଅଧୀନରେ କାମ କରିଆସୁଛନ୍ତି। ତେବେ ଠିକା ସଂସ୍ଥା କର୍ମଚାରୀଙ୍କୁ ଗତ ୧ ମାସ ହେଲା ଦରମା ପ୍ରଦାନ କରିନାହିଁ। ଏ ସମ୍ପର୍କରେ ସ୍କୁଲ ଅଧ୍ୟକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ପ୍ରତ୍ୟେକ ମାସରେ ଦରମା ପ୍ରଦାନରେ ଅନିୟମିତତା ହେଉଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ ସାବିତ୍ରୀ ଗୋଛାୟତ, ପଦ୍ମା ବେହେରା, ପାର୍ବତୀ ମୁର୍ମୁ, ମେଲ ରାଣୀ, ଖେଲାରାମ ବସ୍କେ, ଗୋପାଳ ଗୋଛାୟତ, ବିଜନ ବେହେରା, ପ୍ରତାପ ଗୋଛାୟତ, ଦୁଃଖିଆ ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସେମାନେ କାର୍ଯ୍ୟ ବନ୍ଦ କରି ଧାରଣା ଦେଇଥିବା ସୂଚନା ମିଳିଛି।



### ଖଣ୍ଡହତା-ପିପଳବାହାଲ ଗଜଲକ୍ଷ୍ମୀ ପୂଜା: କଂସ ଦରବାରର ଅନ୍ତିମ ସନ୍ଧ୍ୟା

## କୃଷ୍ଣଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରି ପାପରୁ ମୁକ୍ତି ପାଇଲେ କଂସ

କିଶୋରନଗର,୧୫ ।୧୦(ସମିସ)

ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ କିଶୋରନଗର ବ୍ଲକ୍ ଖଣ୍ଡହତା-ପିପଳବାହାଲ ଲକ୍ଷ୍ମୀପୂଜା କମିଟି ତରଫରୁ ଆୟୋଜିତ ଧନୁଯାତ୍ରା ମହୋତ୍ସବ ମଙ୍ଗଳବାର ଉଦଯାପିତ ହୋଇଛି। ମଥୁରାରେ ଆୟୋଜିତ ଧନୁଯାତ୍ରା ଉତ୍ସବ ପାଇଁ ମହାରାଜା କଂସଙ୍କ ନିର୍ଦ୍ଦେଶରେ ଅକ୍ରୁର କୃଷ୍ଣ ବଳରାମଙ୍କୁ ସାଥୀରେ ନେଇ ମଥୁରାଗଡ଼କୁ ଆସିଛନ୍ତି। କୃଷ୍ଣଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରି ପାପମୁକ୍ତ ହୋଇଛନ୍ତି କଂସ ମହାରାଜ। କୃଷ୍ଣଙ୍କ ହାତରେ ତାଙ୍କ ଜୀବନ ଯାଇଛି। ଅନ୍ତିମ ଦିବସରେ କଂସ ଦରବାରରେ ରାଜଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି, ବିଜେପି ଜିଲ୍ଲା ସଭାପତି ଯଯାତି କେଶରୀ ପଟ୍ଟନାୟକ, ଯୁବନେତା ମହିମା ଜେନା, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ସରୋଜ କୁମାର ସାହୁ, ବିଜେପି ଜିଲ୍ଲା କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର ଓ ଯୁବନେତା କାଳିନ୍ଦୀ ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିଶୁ କଳାକାର ଶ୍ରୁତିସ୍ୱରୂପା ସାହୁ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ।



ବିଜେତା ରାମକୃଷ୍ଣ ଶିକ୍ଷାନୁଷ୍ଠାନର ଦ୍ୱିତୀୟ ଶ୍ରେଣୀ ଛାତ୍ର ରିଦ୍ଧିଶ ପ୍ରଧାନଙ୍କୁ କଂସ ମହାରାଜ ମା' ଲକ୍ଷ୍ମୀଙ୍କ ଆଞ୍ଚାଲଡୁ ପ୍ରଦାନ କରିଥିଲେ। ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ବିଦୂଷକ ଭୂମିକାରେ ଅବତୀର୍ଣ୍ଣ ହୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏହି ଅବସରରେ ସାମ୍ବାଦିକ ପରୀକ୍ଷିତ ସାହୁ ଓ ସଞ୍ଜୟ କୁମାର ଦାଶଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ଗଜଲକ୍ଷ୍ମୀ ପୂଜାର ସଫଳତା ପାଇଁ କମିଟି ସଭାପତି ପ୍ରଦୀପ ପ୍ରଧାନ, ସମ୍ପାଦକ ରାକେଶ ପ୍ରଧାନ ଓ କୋଷାଧ୍ୟକ୍ଷ ଅଖିଳ କୁମାର ପ୍ରଧାନଙ୍କୁ କଂସ ମହାରାଜ ସମ୍ମାନିତ କରିଥିଲେ। ସେହିପରି ସରପଞ୍ଚ ସଞ୍ଜିତ କୁମାର ସାହୁ, ଖଣ୍ଡହତା ଗ୍ରାମ ସଭାପତି କିଶୋର ଚନ୍ଦ୍ର ପ୍ରଧାନ, ପିପଳବାହାଲ ଗ୍ରାମ ସଭାପତି ସଞ୍ଜିତ ସାହୁ, ପୂର୍ବତନ ସମ୍ପାଦକ ବିନୟ ରାଉଳ ଓ ରାଜେଶ ପ୍ରଧାନଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଗୋପପୁରରେ କୃଷ୍ଣଲୀଳାର ସଫଳ ପରିଚାଳନା ପାଇଁ ଘୋଷର ଗ୍ରାମର ବିପିନ ବିହାରୀ ପ୍ରଧାନ, ରଞ୍ଜିତ କୁମାର ସାହୁ, ଗୋପାଳ ବଲ୍ଲଭ ସାହୁ, ନିରଞ୍ଜନ ସାହୁ, ଅରୁଣ ସାହୁ, ହର୍ଯ୍ୟାକ୍ଷ ବାଘ, ହୃଦାନନ୍ଦ ପ୍ରଧାନ, ସଦାନନ୍ଦ ପ୍ରଧାନ, ଈଶ୍ୱର ଚନ୍ଦ୍ର ପ୍ରଧାନ ଓ ଯୁମର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଢେଙ୍କାନାଳ ଶିକ୍ଷକ ତାଲିମ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା।

# ଡକାୟତି ଯୋଜନାବେଳେ ୩ ଗିରଫ
## ବନ୍ଧୁକ, ଗୁଳି ଓ ବୋଲେରୋ ଜବତ




ରାଉରକେଲା,୧୫।୧୦(ସମିସ): ମୁଖା ପିନ୍ଧି ୧୦ ନମ୍ବର ରାଜ୍ୟ ରାଜପଥରେ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ୩ ଜଣ ଦୁର୍ବୃତ୍ତଙ୍କୁ ବଡ଼ଗାଁ ପୁଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ ସହ ଜୀବନ୍ତ ଗୁଳି ଓ ବାଟୁଳି ଓ ୩ଟି ମୋବାଇଲ ଜବତ କରିଥିବା ଜଣାପଡ଼ିଛି। ଗିରଫ ଦୁର୍ବୃତ୍ତ ୩ ଜଣ ହେଲେ ବଡଗାଁ ଥାନା ଅଧୀନ ଶଙ୍କରାପୋଷ ଗାଁର ପ୍ରଦୀପ ବୁଢ଼ା(୪୩), କୁତ୍ରା ଥାନା ଅଧୀନ ଜଉରାମୁଣ୍ଡା ଗାଁର ଦୁଇ ଭାଇ ସୁଶୀଲ ଡୁଙ୍ଗଡୁଙ୍ଗ୍ (୨୮) ଓ ସଞ୍ଜୟ ଦୀପ ଡୁଙ୍ଗଡୁଙ୍ଗ୍ (୨୫)। ପ୍ରଦୀପ ନିକଟରୁ ୨ଟି ୮ ଏମଏମ୍ ଜୀବନ୍ତ ଗୁଳି ଓ ୫ ହଜାର ଟଙ୍କା ଏବଂ ସୁଶୀଲ ନିକଟରୁ ଏକ ଦେଶୀ ପିସ୍ତଲ ଜବତ କରାଯାଇଛି। ଏତଦ୍‌ବ୍ୟତୀତ ସେମାନେ ବ୍ୟବହାର କରିଥିବା ଏକ ବୋଲେରୋ ଗାଡ଼ି ଜବତ କରାଯାଇଛି। ସୂଚନା ମୁତାବକ ଏହି ୩ ଜଣ ସଶସ୍ତ୍ର ଯୁବକ ମୁଖାପିନ୍ଧି ହାଇୱେରେ ଡକାୟତି କରିବା ପାଇଁ ବଡଗାଁ ଥାନା ଅଧୀନ କେସରାମାଲ ନିକଟରେ ରହି




ଯୋଜନା କରୁଥିବା ସୂଚନା ପାଇ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ବଡ଼ଗାଁ ଥାନା ଅଧିକାରୀ ବାଲୁଙ୍କେଶ୍ୱର ନାୟକ ଓ ଇନ୍ସପେକ୍ଟର ଖଗପତି ବିଶ୍ୱାଳ ସଦଳବଳ ଚଢଉ କରି ଏହି ୩ ଜଣ ଡକାୟତଙ୍କୁ କାବୁ କରି ସେମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ କରିବା ସହ ନଗଦ ୫ ହଜାର ଟଙ୍କା, ୩ଟି ମୁଖା, ବୋଲେରୋ ଭ୍ୟାନକୁ ଜବତ କରିଥିଲେ। ଆଜି ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

● ହାତୀବାରୀ ଅଞ୍ଚଳରେ ସଶସ୍ତ୍ର ଡକାୟତି

# ବନ୍ଧୁକ ମୁନରେ ଛେଳି ବ୍ୟବସାୟୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ୍

ରାଉରକେଲା,୧୫।୧୦(ସମିସ): ସୁନ୍ଦରଗଡ଼ ଜିଲ୍ଲାର ହାତିବାରୀ ଥାନା ଅଧୀନ କନ୍ଦରକେଲା ଅଞ୍ଚଳରେ କିଛି ଦୁର୍ବୃତ୍ତ ବନ୍ଧୁକମୁନରେ ରାଉରକେଲାରୁ ଝାଡ଼ଖଣ୍ଡ ଯାଉଥିବା ଛେଳି ବ୍ୟବସାୟୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଡକାୟତି ହୋଇଥିବା ବେଳେ ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି। ମିଳିଥିବା ସୂଚନା ମୁତାବକ ବୁଧବାର ଭୋର ସମୟରେ ଏକ ପିକ୍‌ଅପ ଭ୍ୟାନରେ ରାଉରକେଲା ଅଞ୍ଚଳରୁ କନ୍ଦରକେଲା ଦେଇ ଝାଡ଼ଖଣ୍ଡର ଜଲଡେଗା ଅଞ୍ଚଳକୁ ୨ ଜଣ ବ୍ୟବସାୟୀ ଛେଳି କିଣିବାକୁ ଯାଉଥିଲେ। କନ୍ଦରକେଲ ଛକ ନିକଟରେ ଦୁଇଟି ବୋଲେରୋରେ ପ୍ରାୟ ଦଶଜଣ ସଶସ୍ତ୍ର ଦୁର୍ବୃତ୍ତ ଆସି ପିକଅପ୍ ଭ୍ୟାନଟିକୁ ସିନେମା ଷ୍ଟାଇଲରେ ଅଟକାଇ ଥିଲେ। ଏହାପରେ ସେମାନେ ପିକ୍‌ଅପ ଭ୍ୟାନରେ ଥିବା ଦୁଇଜଣ ଲୋକଙ୍କୁ ବନ୍ଧୁକ ମୁନରେ ଜୀବନରୁ ମାରି ଦେବାର ଧମକ ଦେଇ ସେମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ୍ କରି ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଉକ୍ତ ଅଞ୍ଚଳର ବାସୀନ୍ଦାଙ୍କ ସୂତ୍ରରୁ ଜଣାପଡ଼ିଛି। ଏହି ସଶସ୍ତ୍ର ଡକାୟତି ବିଷୟରେ ଖବର ହାତିବାରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିବା ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଏ ନେଇ ଥାନାରେ ଡକାୟତିର ଶୀକାର ହୋଇଥିବା ଛେଳି ବ୍ୟବସାୟୀଙ୍କ ଠାରୁ ଅଭିଯୋଗ ଗ୍ରହଣ ନ କରିବା ବିସ୍ମୟ ପ୍ରକାଶ ପାଇଛି। ତେବେ ଛେଳି ବ୍ୟବସାୟୀଙ୍କର ପିକ୍‌ଅପ ଭ୍ୟାନକୁ ଉକ୍ତ ଦୁଇ ବୋଲେରୋ କେଉଁ ଠାରୁ ପିଛା କରିଥିଲେ ଏବଂ ଯେଉଁ ଛେଳି ବ୍ୟବସାୟୀ ଙ୍କ ଠାରୁ ଲୁଟ ହେଲା ତାଙ୍କ ପାଖରେ ଏତେ ଟଙ୍କା ଅଛି ବୋଲି ସେମାନେ କେମିତି ଜାଣିଲେ ଯାହା ଏବେ ତଦନ୍ତ ସାପେକ୍ଷ। ତେବେ ଏସ୍‌ଡିପିଓ ସୁଶାନ୍ତ କୁମାର ଦାଶ ଏହି ସ୍ପର୍ଶକାତର ତଥା ସମ୍ବେଦନଶୀଳ ଘଟଣା ସମ୍ପର୍କରେ କିଛି ଜାଣି ନ ଥିବା କହିଥିବା ବେଳେ ଏ ବିଷୟରେ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସ୍‌ପି ଅମ୍ରିତପାଲ କୌର କହିଛନ୍ତି।

# ଅବ୍ୟବସ୍ଥାରେ କୋଇଡ଼ା ଗୋଷ୍ଠୀ ଶୌଚାଳୟ



କୋଇଡ଼ା,୧୫ ।୧୦(ସମିସ): କୋଇଡ଼ା ବ୍ଲକ୍ ଅଧୀନରେ ୧୫ଟି ପଞ୍ଚାୟତର ୧୧୨ ଗ୍ରାମ ଅଧିବାସୀ କୋଇଡ଼ା ବ୍ଲକ୍ କାର୍ଯ୍ୟାଳୟକୁ ବିଭିନ୍ନ କାମରେ ଆସିଥାନ୍ତି, କିନ୍ତୁ ଏହି କୋଇଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗାନ୍ଧୀଜୀଙ୍କ ସ୍ୱଚ୍ଛଭାରତ ଡାକରା ଏବଂ ରାଜ୍ୟ ସରକାରଙ୍କ ସ୍ୱଚ୍ଛଭାରତ ମିସନ୍‌କୁ ପାଦରେ ଦଳି ଚକଟି ଦେଇଥିବା ପରିଲକ୍ଷିତ ହୋଇଛି। କାରଣ ବ୍ଲକ୍ ପରିସରରେ ଥିବା ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଶୌଚାଳୟ ଗୋଟିଏ ବର୍ଷ ଭିତରେ ବ୍ୟବହାର ଅନୁପଯୋଗୀ ହୋଇଗଲାଣି। ଶୌଚାଗାର ଭିତରେ ବେସିନ୍ ନଥିବାବେଳେ ପ୍ୟାନ ମଧ୍ୟରେ ଇଟା ରଖାଯାଇଛି। ଏହା ଅତ୍ୟନ୍ତ ଅପରିଷ୍କାର ହୋଇଗଲାଣି।

## ଆନ୍ତଃରାଜ୍ୟ ଗଞ୍ଜେଇ ରାକେଟ ଠାବ
# ୭୦ କେଜି ଜବତ, ଜଣେ ମହିଳା ସମେତ ୩ ଗିରଫ

ରାଉରକେଲା,୧୫।୧୦(ସମିସ)



ସୁନ୍ଦରଗଡ଼ ଟାଉନ ପୁଲିସ ଭବାନୀପୁର ଅଞ୍ଚଳରେ ଏକ ଘର ଉପରେ ଚଢଉ କରି ଏକ ଆନ୍ତଃରାଜ୍ୟ ଗଞ୍ଜେଇ ରାକେଟ ଠାବକରି ସେଠାରୁ ଅନ୍ୟୁନ ୭୦ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ଏହି ଘଟଣାରେ ଜଣେ ମହିଳା ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଏହା ସହ ଗଂଜେଇ ବେପାରୀଙ୍କ ନିକଟରୁ ୧ ଲକ୍ଷ ଟଙ୍କା ମଧ୍ୟ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଉରକେଲା ବ୍ରାହ୍ମଣୀ ତରଙ୍ଗ ଥାନା ଅଧୀନ ପୋଷାପାଲି ଗାଁର ଅଜିତ ଓରାମ(୨୫) , କୁତ୍ରା ଥାନା ନୂଆପଡ଼ା ଅଧୀନ କରୋଙ୍ଗୋ ଗାଁର ସଞ୍ଜୀବ ଖାଲଖୋ(୩୩) ଏବଂ ସେମାନଙ୍କ ଶାଳୀ ରେଶ୍ମା ଏକ୍କା (୨୪)। ଜବତ ଗଞ୍ଜେଇର ମୂଲ୍ୟ ୭ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି।

ସୂଚନା ମୁତାବକ ସୁନ୍ଦରଗଡ଼ ଟାଉନ ଥାନା ଅଧୀନ ଭବାନୀପୁର ଅଞ୍ଚଳରେ ରହୁଥିବା ରେଶ୍ମା ଏକ୍କା ତାର ଘରେ ଏକ ଆନ୍ତଃରାଜ୍ୟ ଗଂଜେଇ ରାକେଟ ଚଳାଉଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସୁନ୍ଦରଗଡ ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଏସ୍‌ପି ଶାନ୍ତା ନୂତନ ସାମଦ, ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଟାଉନ ଥାନା ପୁଲିସ ଉକ୍ତ ଘର ଉପରେ ଗତ ରାତିରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଉପରୋକ୍ତ ୩ ଜଣଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ୪ ବସ୍ତା ଗଞ୍ଜେଇ ଜବତ କରାଯାଇଥିଲା, ଯାହାକି ୬୭ କିଲୋଗ୍ରାମ ୫୦୦ ଗ୍ରାମ ଓଜନର ହୋଇଥିଲା।

୧ ଲକ୍ଷ ୫ ହଜାର ୪୦୦ ଟଙ୍କା, ୩ଟି କାର, ୨ଟି ବାଇକ୍, ଆଧାର କାର୍ଡ, ପାନକାର୍ଡ, ବିଭିନ୍ନ ହୋଟେଲର ବିଲ ଆଦି ଜବତ କରାଯାଇଛି। ଏ ନେଇ ଆଜି ଟାଉନ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଏସ୍‌ପି ଅମ୍ରିତପାଲ କୌର କହିଛନ୍ତି ଯେ ଅଭିଯୁକ୍ତମାନେ ଗତ ୫ ଦିନ ହେବ ଭବାନିପୁରରେ ରହି ଏହି ଗଞ୍ଜେଇ



ଚୋରା ରାକେଟ ଚଳାଇଥିଲେ। ସେମାନେ ସୋନପୁର ଓ ବୌଦ୍ଧ ଅଞ୍ଚଳରୁ ଚୋରାରେ ଗଞ୍ଜେଇ ଆଣି ସୁନ୍ଦରଗଡ ଜିଲ୍ଲାର ବିଭିନ୍ନ ଅଞ୍ଚଳ ସମେତ ଜିଲ୍ଲା ବାହାରକୁ ଚୋରା ଚାଲାଣ କରୁଥିଲେ। ତେବେ ଏହି ରାକେଟ ଆଉ କିଛି ଅଭିଯୁକ୍ତ ସମ୍ପୃକ୍ତ ରହିଛନ୍ତି, ଯେଉଁମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସେ ସୂଚନା ଦେଇଥିଲେ। ସେମାନେ ଗଞ୍ଜେଇ ପ୍ରତି କିଲୋ ସାଢେ ୭ ହଜାର ଟଙ୍କାରେ କ୍ରୟକରି ୧୦ ହଜାର ଟଙ୍କାରେ ବିକ୍ରି କରୁଥିଲେ। ଗିରଫ ସଞ୍ଜୀବ ଖାଲଖୋ ରେଶ୍ମା ଏକ୍କାର ବଡ଼ ଭିଣୋଇ ଓ ଅଜିତ ଓରାମ ସାନ ଭିଣୋଇ ବୋଲି ଜଣାପଡିଛି। ଦୁଇ ସଢୁ ସଞ୍ଜୀବ ଓ ଅଜିତ ମଧ୍ୟ ରେଶ୍ମା ନିକଟରେ ରହି ଏହି ଗଂଜେଇ କାରବାର କରୁଥିଲେ।

# ୧୯ରେ 'ତେଲିଙ୍ଗିବାଜା' ପକ୍ଷରୁ ଶିଶୁ ସାହିତ୍ୟିକ କର୍ମଶାଳା



ରାଉରକେଲା,୧୫ ।୧୦(ସମିସ): ରାଉରକେଲାରୁ ନିୟମିତ ପ୍ରକାଶ ପାଇ ଆସୁଥିବା ତ୍ରୟମାସିକ ଶିଶୁ-କିଶୋର ପତ୍ରିକା ତେଲିଙ୍ଗିବାଜା ଆନୁକୂଲ୍ୟରେ ଆସନ୍ତା ୧୯ ତାରିଖରେ ବେଦବ୍ୟାସ ସ୍ଥିତ ଗୁରୁକୁଳ ବୈଦିକ ଆଶ୍ରମ ପରିସରରେ ଏକ ଭବ୍ୟ ଶିଶୁ-ସାହିତ୍ୟିକ କର୍ମଶାଳାର ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଗୁରୁକୁଳ ଆଶ୍ରମରେ ଅୟୋଜିତ ଏକ ପ୍ରସ୍ତୁତି ବୈଠକରେ ବିଶିଷ୍ଟ ଶିକ୍ଷାବିତ୍ ତଥା ବୈଜ୍ଞାନିକ ଡ. ନୀଳାଚଳ ଫାଉଣ୍ଡେସନ୍ ର ବରିଷ୍ଠ ଟ୍ରଷ୍ଟି ଡ. ସରୋଜିନୀ ସାହୁ ଅଧ୍ୟକ୍ଷତା କରି ଏଭଳି କର୍ମଶାଳାର ଯଥେଷ୍ଟ ଉପାଦେୟତା ଥିବା ପ୍ରକାଶ କରିଥିଲେ । ପାଠକମାନଙ୍କୁ ବିଜ୍ଞାନର ବିଭିନ୍ନ ଦିଗ ଉପରେ ସଚେତନ କରି କୁସଂସ୍କାର ଓ ଅନ୍ଧବିଶ୍ୱାସ ଭଳି ସାମାଜିକ କୁପ୍ରଥା ଠାରୁ ଦୂରେଇ ରଖିବା ଉପରେ ଡ. ସାହୁ ଗୁରୁତ୍ୱାରୋପ କରିଥିଲେ । ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ କହିଲେ ଯେ, ଓଡ଼ିଆ ଶିଶୁ- ସାହିତ୍ୟ ଗବେଷଣା ପରିଷଦର ସଞ୍ଚାଳକ ତଥା ଆଦ୍ୟ ଗବେଷକ ଡ. ମନୀନ୍ଦ୍ର ମହାନ୍ତିଙ୍କ ସମୁଚିତ ପରାମର୍ଶ କ୍ରମେ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରଥମ ଥର ପାଇଁ ଏକଦିନିଆ କର୍ମଶାଳା ଆୟୋଜନ କରାଯିବ । ଏଥିରେ ପ୍ରତିନିଧିମାନେ ଶିଶୁ ସାହିତ୍ୟକୁ ଅଧିକ ସୁଖପାଠ୍ୟ କରିବା ପାଇଁ ଆବଶ୍ୟକୀୟ ମାର୍ଗଦର୍ଶନ ପାଇ ପାରିବେ। ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ଅନୁଯାୟୀ ବିଜ୍ଞାନ-ସାହିତ୍ୟରେ ମୌଳିକତା ଉପରେ ବିଶିଷ୍ଟ ବିଜ୍ଞାନ ଲେଖିକା ଡ. ସରୋଜିନୀ ସାହୁ, ଶିକ୍ଷାବିତ୍ ଓ କବି ରଶ୍ମୀବାଳା ରାଉତରାୟ, ମଞ୍ଜୁଳା କୁମାରୀ ରଥ, ସୁସ୍ମିତା ମହାପାତ୍ର ଓ ନିଖିଳ ଉତ୍କଳ ଶିଶୁ ସାହିତ୍ୟ ସଂସଦର ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ସେନାପତି ଅଭିଜ୍ଞ ସାଧନ କର୍ମୀ ଦାୟିତ୍ୱ ତୁଲାଇବେ ବୋଲି ସୂଚନା ମିଳିଛି । ସେହିଭଳି କବିତାରେ ପାଠକୀୟତା ସମ୍ପର୍କରେ ବରିଷ୍ଠ କବି ତ୍ରିଲୋଚନ ମଥାନ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ଦେବେନ୍ଦ୍ର ଚୌଧୁରୀ ଓ ବାନରସେନା ଶିଶୁ ସମ୍ବାଦପତ୍ରର ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ ପରାମର୍ଶ ଦେବେ । ଶିଶୁ ସାହିତ୍ୟିକ ଚିତ୍ତରଞ୍ଜନ ବ୍ରହ୍ମା, ବିଶିଷ୍ଟ ଆଲୋଚକ ନୃସିଂହ ଚରଣ ବିଶ୍ୱାଳ ଓ ଗାଳ୍ପିକା ସ୍ନିଗ୍ଧା ନାୟକ ଗଳ୍ପର ଚିତ୍ରକଳ୍ପ ଉପରେ ନିର୍ଭରଯୋଗ୍ୟ ମତ ରଖିବା ସହ କବି ସତ୍ୟବ୍ରତ ଦାସ ଓ ବିଜୟଲକ୍ଷ୍ମୀ ପଟ୍ଟନାୟକ ଭିତ୍ତି ପ୍ରବନ୍ଧ ପାଠ କରିବେ । ବୈଠକରେ କବି ବିଜୟ କୁମାର ମିଶ୍ର, ସତ୍ୟବ୍ରତ ଦାସ, ଅଶୋକ କୁମାର ପାତ୍ର, ଦୀପ୍ତି ମହାନ୍ତି, ନିକୁଞ୍ଜ ବିହାରୀ ଦାଶ, ଡଲିରାଣୀ ବ୍ରହ୍ମା, ସ୍ନେହଲତା ପଟ୍ଟନାୟକ, ତ୍ରୈଲୋକ୍ୟନାଥ ମହାପାତ୍ର, ମନୋରଞ୍ଜନ କଣ୍ଡା, ତୀର୍ଥବାସୀ ପଟେଲ, ହରପ୍ରିୟା ସାମଲ, ଆରତି ବେହେରା, ଶୁଚିସ୍ମିତା ପଣ୍ଡା, ରଶ୍ମିବାଳା ରାଉତରାୟ, ହରିହର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ପୂର୍ବତନ ବିଧାୟକ ହେମେନ୍ଦ୍ର ପ୍ରସାଦ ମହାପାତ୍ରଙ୍କ ପରଲୋକ

ବଣାଇଁ,୧୫ ।୧୦(ସମିସ): ପୂର୍ବତନ ବଣାଇ ବିଧାୟକ ହେମେନ୍ଦ୍ର ପ୍ରସାଦ ମହାପାତ୍ରଙ୍କ ଆଜି ପରଲୋକ ଘଟିଛି। ୯୨ ବର୍ଷ ବୟସରେ ଆଜି ଲହୁଣୀପଡ଼ା ବ୍ଲକ୍ ଖୁଣ୍ଟାଗାଁ ନୂଆଡ଼ିହି ସ୍ଥିତ ବାସଭବନରେ ତାଙ୍କର ମୃତ୍ୟୁ ଘଟିଛି। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟଜନିତ ସମସ୍ୟାରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ



ଅଞ୍ଚଳ ସମେତ ବଣାଇ ଏବଂ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି। ଶେଷଦର୍ଶନ ପାଇଁ ବହୁ ବିଶିଷ୍ଟବ୍ୟକ୍ତି ତାଙ୍କଘରେ ପହଞ୍ଚିଛନ୍ତି। ବଣାଇ ନିର୍ବାଚନ ମଣ୍ଡଳୀରେ ସେ ତିନିତିନି ଥର ବିଧାୟକ ଥିଲେ। ୧୯୬୧ରୁ ୧୯୭୩ ମସିହା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଓ ଗଣପରିଷଦରୁ ତିନିଥର ବଣାଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବହୁ ବିଶିଷ୍ଟ ନେତା ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଜନସାଧାରଣ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ସୁପ୍ରିମକୋର୍ଟର ପୂର୍ବତନ ବିଚାରପତିଙ୍କ ସୁନ୍ଦରଗଡ଼ ଗସ୍ତ



ରାଉରକେଲା, ୧୫।୧୦(ସମିସ) : ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ବାଡସି) ର ନୀରିକ୍ଷଣ କର୍ତ୍ତୃପକ୍ଷ ଭାବେ ସୁପ୍ରିମକୋର୍ଟର ପୂର୍ବତନ ନ୍ୟାୟଧୀଶ ଜଷ୍ଟିସ ଏ କେ ପଟ୍ଟନାୟକ ସୁନ୍ଦରଗଡ଼ର ୫ ଦିନିଆ ଗସ୍ତରେ ଆସିଛନ୍ତି। ଏହି ଗସ୍ତରେ ସେ ଓମ୍ବାଡସି ପାଣ୍ଠି ବିନିଯୋଗରେ ଖଣି ଅଞ୍ଚଳରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ଜଳ ସଂରକ୍ଷଣ ଆଦିର ବିକାଶ ଦିଗରେ କରାଯାଉଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଏହାଦ୍ୱାରା ଉକ୍ତ ଅଞ୍ଚଳର ଲୋକମାନଙ୍କ ଜୀବନ ଜୀବିକା ଉପରେ କିପରି ପ୍ରଭାବ ପକାଉଛି ସେ ବିଷୟରେ ମଧ୍ୟ ସ୍ଥାନୀୟ ଲୋକମାନଙ୍କ ସହିତ ପଚାରି ବୁଝିଥିଲେ। ଗସ୍ତର ଦ୍ୱିତୀୟ ଦିବସରେ କୁତ୍ରା ହାଇସ୍କୁଲରେ ନିର୍ମାଣ ଧୀନ ଅତିରିକ୍ତ କ୍ଲାସରୁ, ଶୌଚାଳୟ, ପାଚେରୀ ବିଦ୍ୟାଳୟ ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହିତ କଥାବାର୍ତ୍ତା କରିଥିଲେ। ଏହା ସହିତ କୁନମୁର ଠାରେ ଛତୁ ସ୍ପାନ୍ ଉତ୍ପାଦନ ୟୁନିଟ ଅଞ୍ଚଳ, କ୍ରେଚସେଣ୍ଟର ଆମ କଳିକା କେନ୍ଦ୍ର ପରିଦର୍ଶନ କରିଥିଲେ। ସେହିପରି କୁଆଁରମୁଣ୍ଡା ଅଞ୍ଚଳର ନିର୍ମାଣାଧୀନ ମେଗା ପାଇପ ପାନୀୟ ଜଳ ପ୍ରକଳ୍ପ ମଧ୍ୟ ସେ ପରିଦର୍ଶନ କରିଥିଲେ।

ଏହି ପ୍ରକଳ୍ପ ଯୋଗୁଁ କୁଆଁରମୁଣ୍ଡା ଓ ନୂଆଗାଁର ୨୦୧ ଗାଁ ଉପକୃତ ହୋଇପାରିବେ। ଏହା ବ୍ୟତୀତ ଛେଣ୍ଡ ସ୍ଥିତ ବହୁମୁଖୀ ଇନଡୋର ଷ୍ଟାଡିୟମର ମଧ୍ୟ ପରିଦର୍ଶନ କରି ଏହାର ଖେଳାଳିମାନଙ୍କୁ ପ୍ରଦାନ କରାଯାଉଥିବା ସୁବିଧା ବିଷୟରେ ପଚାରି ବୁଝିଥିଲେ। ଏହି ଗସ୍ତରେ ଡିଏମ୍‌ଏଫର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ, ଓମ୍ବାଡସି ଜିଲ୍ଲା କାର୍ଯ୍ୟାଳୟ ମହାପ୍ରବନ୍ଧକ ଜୟନ୍ତ ଦାସ, ଅମ୍ବୁଜ ପ୍ରସାଦ, ଜଗନ୍ନାଥ ମିଶ୍ର, ଇଂ ୱାସିମ୍ ଏହମଦ, ଡେପୁଟି ଡାଇରେକ୍ଟର ଉଦ୍ୟାନ ବିଭାଗ ସୁକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିର୍ସାମୁଣ୍ଡା ସୀମାନ୍ତ କଲେଜରେ ରାଷ୍ଟ୍ରୀୟ ପୋଷଣ ଦିବସ



କୁତ୍ରା,୧୫ ।୧୦(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରାବ୍ଲକ୍ ଅଧୀନସ୍ତ ଗଏରବାହାଲଠାରେ ଥିବା ବୀର ବିର୍ସାମୁଣ୍ଡା ସିମାନ୍ତ କଲେଜରେ ବୁଧବାର ଦିନ ୮ମ ରାଷ୍ଟ୍ରୀୟ ପୋଷଣ ଦିବସ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ କଲେଜ ପରିସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ତର୍କ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ୧୫ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ କଲେଜର ଅଧ୍ୟାପକ-ଅଧ୍ୟାପିକା ଯଥା ଅଶୋକ କୁମାର ସିନ୍ଧୁରାୟ, ସଞ୍ଜୟ କୁମାର ଠାକୁର, ସମିର ପୁରୋହିତ ଓ ପୁନମ ତିର୍କୀ ଜଜ୍ ଭାବେ ରହି ଛାତ୍ରଛାତ୍ରୀମାନଙ୍କୁ ଚୟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟି ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜନ କରିବା ପାଇଁ କୁତ୍ରା ଆଇସିଡିଏସକୁ ଦାୟିତ୍ୱ ଦେଇଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କ ନାମ କଲେଜ ପକ୍ଷରୁ କୁତ୍ରା ଆଇସିଡିଏସ ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଥିବା ବେଳେ ଆଇସିଡିଏସ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯିବାର ପ୍ରତିଶ୍ରୁତି ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମଟି କଲେଜର ଅଧ୍ୟକ୍ଷ ପ୍ରସନ୍ନ କୁମାର ଧଳଙ୍କ ତତ୍ତ୍ୱାବଧାନରେ ପରିଚାଳନା ହୋଇଥିଲା।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ରାଉରକେଲା,୧୫।୧୦(ସମିସ): ବିଶ୍ରା ଶିକ୍ଷାବ୍ଲକ୍ ଅଧୀନ ଆରଇସି କ୍ଲଷ୍ଟରର୧୭ଟି ବିଦ୍ୟାଳୟର୨୮୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ସତ୍ୟଭାମା ବେହେରା ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ସେକ୍ଟର - ୨୦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାଧୁରୀ କେରକେଟା, ସୁଶୀଳାବତୀ +୨ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ନାୟକ, ସତ୍ୟାନନ୍ଦ ବେହେରା ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବା ପାଇଁ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶ୍ରା ବ୍ଲକ୍ ଶିକ୍ଷାଧିକାରୀ ସୁପ୍ରଭାତ କୁମାର ବେହେରା, ପ୍ରାକ୍ତନ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ କୃପାସିନ୍ଧୁ ପତି, ଆରତୀ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜକିଶୋର ମିଶ୍ର ଓ ସରକାରୀ ଉଚ୍ଚ ବିଦ୍ୟାଳୟ ଆରଇସିର ପ୍ରଧାନ ଶିକ୍ଷୟିତ୍ରୀ ସୁଦିପ୍ତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସିଆରସିସି ସିପ୍ରା ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବା ବେଳେ ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ମିଶ୍ର ଓ ନିରୁପମା ପତି ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ବିଚାରକ ଭାବେ ବିଦ୍ୟୁତମୟୀ ମିଶ୍ର, ଉର୍ମିଳା ପ୍ରଧାନ, ବନ୍ଦନା ଦାସ, ଦୁଲାରୀ ପଟେଲ, ସବିତା ବସ୍ତିଆ, ସସ୍ମିତା ପରିଡା, ମେରୀ ସାହୁ, ସୁଚିସ୍ମିତା ଶତପଥୀ, ବିନୀତା ମହାନ୍ତି, ସତ୍ୟଭାମା ନାୟକ, ସସ୍ମିତା ଜେନା, ରିନୁ ପ୍ରଧାନ, ସବିତା ସାମଲ, ନମିତା ମହାନ୍ତି, ମୋହିନି ଜେନା, ସୁଭଶ୍ରୀ ସେଠୀ ଯୋଗ ଦେଇଥିଲେ।

ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ରଞ୍ଜନ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କୁତ୍ରା,୧୫ ।୧୦(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅଧୀନ ଉଡ଼ରୁମାଠାରେ ବୁଧବାର ରୋକଷ୍ଟାର କ୍ଲବ୍ ପକ୍ଷରୁ ପଞ୍ଚଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୩୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଅତିଥି ଭାବରେ ତରକେରା ସରପଞ୍ଚ ବୁଧବାରି ଏକ୍କା ଓ ସମିତିସଭ୍ୟା ସଂଯୁକ୍ତା ସୁନ୍ୟାନି ଯୋଗଦେଇ ଥିଲେ। ଟୁର୍ଣ୍ଣାମେଣ୍ଟରେ ଉପସ୍ଥିତ ଅତିଥିମାନେ ଖେଳାଳିମାନଙ୍କୁ ଶାନ୍ତିଶୃଙ୍ଖଳା ଓ ଭାଇଚାରାର ସହିତ ଖେଳ ପ୍ରଦର୍ଶନ କରିବା ପାଇଁ ଉପଦେଶ ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବ ୧୯ ରିଖ ଦିନ ହେବ ବୋଲି କ୍ଲବର ସଭାପତି ଅଜିତ ଲାକ୍ରା ପ୍ରକାଶ କରିଥିବାସହିତ ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୮ଟି ଦଳକୁ ଟ୍ରଫି ସହିତ ଖାସି ପ୍ରଦାନ କରାଯିବ ବୋଲି କହିଥିଲେ। ଉଦ୍‌ଘାଟନୀ ଖେଳ କୁତ୍ରା ଓ ସାପଡ଼ଗର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ସାପଡ଼ଗର ଦଳ ବିଜୟୀ ହୋଇଥିଲେ। ପ୍ରଫୁଲ୍ଲ ଲାକ୍ରା ଓ କ୍ଲବର ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।



### ସୁଧାଂଶୁ ଖୁଣ୍ଟିଆ ହତ୍ୟାକାଣ୍ଡର ଖୋଲୁଛି ଗୁମର

# ୫ ମାସ ଧରି କରୁଥିଲା ଫାୟାରିଂ ପ୍ରାକ୍ଟିସ୍

- ମୋବାଇଲରୁ ମିଳିଲା ସୁରାକ୍
- ଏବେ ବି ଫେରାର ମୁଖ୍ୟ ଅଭିଯୁକ୍ତ



ଭୁବନେଶ୍ୱର, ୧୫।୧୦ (ସମିସ): ଏମ୍ସ ଲ୍ୟାବ୍ ଆସିଷ୍ଟାଣ୍ଟ ତଥା ସରକନ୍ତରା ସୁଧାଂଶୁ ଖୁଣ୍ଟିଆ ଓରଫ୍ ରବି ହତ୍ୟାକାଣ୍ଡକୁ ୩ ଦିନ ବିତିଛି। ମଙ୍ଗଳବାର ପୁଲିସ ରବିଙ୍କ ଦାଦା ସୁକାନ୍ତ, ତା'ର ପୁଅ ଛବି, ରାକେଶ ଖୁଣ୍ଟିଆ ଓ ସୁବ୍ରତ ସାହୁକୁ ଗିରଫ କରିଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ଶିବା ପାଖରେ ଏଯାଏଁ ପହଞ୍ଚି ପାରିନାହିଁ। ଏହାରି ଭିତରେ ସାଙ୍ଘାତିକ ତଥ୍ୟ ପୁଲିସ ହାତରେ ଲାଗିଛି। ରବିଙ୍କୁ ହତ୍ୟା କରିବାକୁ ଶିବା ୫ ମାସ ଆଗରୁ ଷଡ଼ଯନ୍ତ୍ର କରିଥିଲା ବୋଲି ପୁଲିସ ଜାଣିବାକୁ ପାଇଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏଭଳି କାଣ୍ଡ ଘଟିବ ବୋଲି ରାକେଶ ଆଗରୁ ଜାଣିଥିଲା। ଆଉ ରାକେଶ ଏଥିରେ ଶିବାକୁ ସବୁ ପ୍ରକାରର ସହଯୋଗ କରିଥିଲା।

ସୂଚନା ଅନୁଯାୟୀ, ସରକନ୍ତରା ଗାଁର ବିଳାସିନୀଙ୍କ ବଡ଼ପୁଅ ପଠାଣି ବିବାହ ପରେ ନିଜ ଘରେ ରହୁଥିବା ବେଳେ ସାନପୁଅ ସୁକାନ୍ତ ଶଶୁର ଘରେ ରହୁଥିଲେ। ପରିଣତ ବୟସରେ ପଠାଣିଙ୍କ ପରିବା ଦେଖାଶୁଣା କରୁଥିବାରୁ ବିଳାସିନୀ ଡିହ ଜମିକୁ ପଠାଣିଙ୍କ ବଡ଼ ପୁଅ ରବି ନାମରେ ରେଜିଷ୍ଟ୍ରି କରି ଦେଇଥିଲେ। ଏହାକୁ ନେଇ ପଠାଣି ଓ ସୁକାନ୍ତଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଡିହ ଜମିରୁ ଭାଗ ନେବାକୁ ସୁକାନ୍ତ ଅଦାଲତର ଦ୍ୱାରସ୍ଥ ହୋଇଥିବା ବେଳେ, ତାହା ଏବେ ବି ବିଚାରାଧୀନ ରହିଛି। ସୁକାନ୍ତର ସାନପୁଅ ଶିବା ଏସବୁକୁ ସହଜରେ ଗ୍ରହଣ କରିପାରି ନଥିଲା। ରବିକୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲା।

ପ୍ରାୟ ୫ ମାସ ପୂର୍ବରୁ ସେ ରବିକୁ ହତ୍ୟା କରିବାକୁ ଯୋଜନା କରିଥିଲା। ଏଥିଲାଗି ସେ ସର୍ବପ୍ରଥମେ ବନ୍ଧୁକ ଓ ଗୁଳି ଯୋଗାଡ଼ କରିଥିଲା। ବନ୍ଧୁକ ଯୋଗାଡ଼ ହୋଇଥିଲେ ମଧ୍ୟ ଶିବା ଗୁଳି ଚଳାଇବା ଶିଖିନଥଲା। ଏମିତିକି ବନ୍ଧୁକର କେଉଁ ପାର୍ଟରେ ଗୁଳି ଭର୍ତ୍ତି କରାଯିବ, କ'ଣ କଲେ ଗୁଳି ବାହାରିବ, କିପରି ଜଣଙ୍କୁ ଗୁଳି କରାଯିବ, ଏସବୁ ବିଷୟରେ ମଧ୍ୟ ଶିବାକୁ କିଛି ଜଣାନଥିଲା। ଏଥିଲାଗି ସେ ରାକେଶର ସହଯୋଗ ଲୋଡ଼ିଥିଲା। ଏହାପରେ ଉଭୟ ମିଶି ଏକ ନିକାଞ୍ଚନ ସ୍ଥାନକୁ ଯାଇଥିଲେ। ସେଠାରେ ଏକ ଗଛ ଡାଳରେ ମାଠିଆ ବାନ୍ଧିଥିଲେ। ମାଠିଆକୁ 'ଟାର୍ଗେଟ' ଭାବି ଶିବାକୁ ଗୁଳି କରିବାକୁ କହୁଥିଲା ରାକେଶ। ଶିବା ମଧ୍ୟ ମାଠିଆକୁ ଲକ୍ଷ୍ୟ କରି ଗୁଳି ଚଳାଉଥିଲା। ଏହିପରି ଭାବେ ଏକାଧିକ ଥର ଡାଳରେ ମାଠିଆ ବାନ୍ଧି ବନ୍ଧୁକ ଚାଳନା ଶିଖିଥିଲା ଶିବା। ଆଉ ଏହି ସମୟର ଦୃଶ୍ୟକୁ ରାକେଶ ତା'ର ମୋବାଇଲରେ ରେକର୍ଡ କରୁଥିଲା। ରାକେଶର ମୋବାଇଲରୁ ଏସବୁ ଭିଡିଓ ପାଇବା ପରେ ଚାଞ୍ଚଲ୍ୟ କର କଥା ପଦାକୁ ଆସିଛି।

ସେପଟେ ରାକେଶ ଓ ମୃତକ ରବିଙ୍କର ଘରକୁ ଘର ଲାଗିଥିବା ବେଳେ ରାକେଶ ମଧ୍ୟ ଏମ୍ସରେ ଚାକିରି କରିଛି। ଏମିତିକି ଘଟଣାର ପୂର୍ବଦିନ ଅର୍ଥାତ୍ ରବିବାର ଦିନ ରାକେଶ ଜାଣିଶୁଣି ନାଇଟ୍ ସିଫ୍ଟ ଡ୍ୟୁଟି କରିଥିଲା। ସୋମବାର ସକାଳୁ ଡ୍ୟୁଟି ସାରି ଆସି ରବିଙ୍କୁ ରେକି କରିବା ସହ ହତ୍ୟାକାଣ୍ଡ ସମୟରେ ଘଟଣାସ୍ଥଳର ପାଖାପାଖି ଅଞ୍ଚଳରେ ଥିଲା। ରବିଙ୍କୁ ଗୁଳି କରିବା ପରେ ଶିବା ସିଧାସଳଖ ରାକେଶ ଘରକୁ ଯାଇଥିଲେ ମଧ୍ୟ ତାକୁ ପାଇ ନ ଥିଲା। ଏହାର କିଛି ସମୟ ପରେ ରାକେଶ ଘରକୁ ଫେରିବା ପରେ ଶିବା ତାକୁ ବନ୍ଧୁକ ଦେଇ ଫେରାର ହୋଇ ଯାଇଥିଲା। ୪ ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ପୁଲିସ ଏଯାଏଁ ଶିବାର ପତ୍ତା ପାଇଁ ପାରିନାହିଁ। ଶିବା ରେଳ ଯୋଗେ ପୁରୀ ପଳାଇଥିବା ପୁଲିସ ସନ୍ଦେହ କରୁଛି। ସେଥିଲାଗି ଏକ ସ୍ୱତନ୍ତ୍ର ଟିମ୍ ଶିବାକୁ ଧରିବାକୁ ପୁରୀରେ ଡେରା ପକାଇଛି।

## ୧୦ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ; ଜଣେ ଗିରଫ



ଭୁବନେଶ୍ୱର, ୧୫।୧୦ (ସମିସ): ଘରେ ପଶି ୧୦ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଜଣେ ବ୍ୟକ୍ତିକୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୀଳଚକ୍ର ନଗରର ଭ୍ରମରବର ପଣ୍ଡା ଓରଫ୍ ସରୋଜ (୫୬)।

ପୁଲିସ ସୂଚନା ଅନୁସାରେ, ସାଲିଆସାହିରେ ରହୁଥିବା ମାଆ ଓ ଭଉଣୀ ବଜାରକୁ ଯାଇଥିବା ବେଳେ ପୀଡ଼ିତା ଓ ତାଙ୍କ ସାଙ୍ଗ ଘରେ ଥିଲେ। ରାତି ପ୍ରାୟ ୯ଟା ବେଳେ ସରୋଜ ଆସି କବାଟ ବାଡ଼ଇବାରୁ ପୀଡ଼ିତା କବାଟ ଖୋଲିଥିଲେ। ତାଙ୍କ ବାପା ଡାକୁଥିବା କହି ପୀଡ଼ିତାଙ୍କ ସାଙ୍ଗକୁ ବାହାରକୁ ପଠାଇ ଦେଇଥିଲା ସରୋଜ। ଏହା ପରେ ଭିତରୁ କବାଟ ବନ୍ଦ କରି ନାବାଳିକାକୁ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲା। ଘଟଣା ବିଷୟରେ କାହାରିକି ଜଣାଇଲେ ତାଙ୍କ ବାପାଙ୍କୁ ହତ୍ୟା କରିବେ ବୋଲି ଧମକ ଦେବା ସହ ଚୁପ୍ ରହିଲେ ଚକୋଲେଟ୍ ଦେବ ବୋଲି କହିଥିଲା। ରାତି ପ୍ରାୟ ୧୦ଟା ୩୦ ସମୟରେ ମାଆ ଘରକୁ ଫେରିବା ବେଳକୁ ପୀଡ଼ିତା ଭୟଭୀତ ହୋଇ କାନ୍ଦୁଥିବାର ଦେଖିଥିଲେ। ଝିଅ ନିକଟରୁ ଘଟଣା ସମ୍ପର୍କରେ ଶୁଣି ମାଆ ଏନେଇ ମୈତ୍ରୀ ବିହାର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରିବା ସହ ସରୋଜକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମହିଳାଙ୍କୁ ଅସଦାଚରଣ; ସୁରକ୍ଷାକର୍ମୀ ଗିରଫ

ଭୁବନେଶ୍ୱର, ୧୫।୧୦ (ସମିସ): ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ସୁରକ୍ଷାକର୍ମୀକୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଳିଙ୍ଗନଗରେ ରହୁଥିବା ବାସୁଦେବ ପଣ୍ଡା (୨୭)।



ପୁଲିସ ସୂଚନା ଅନୁସାରେ, ମହିଳା ଜଣକ କୋକିଳା ଗାର୍ଡେନରେ ଘରୋଇ ସହାୟିକା ଭାବେ କାମ କରୁଥିବା ବେଳେ ବାସୁଦେବ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିଲା। ବାସୁଦେବ ଗତ ଦୁଇମାସ ଧରି ନିୟମିତ ଭାବେ ତାଙ୍କୁ ପିଛା କରିବା ସହ ଅଶାଳୀନ ମନ୍ତବ୍ୟ ଦେଉଥିଲା। ଅନେକ ଥର ରାସ୍ତାରେ ଟଣାଓଟରା କରିବା ସହ ହଇରାଣ ହରକତ କରି ଆସୁଥିଲା। କୋକିଳା ଗାର୍ଡେନ୍ ରେଜିଷ୍ଟରରୁ ମହିଳାଙ୍କ ମୋବାଇଲ୍ ନମ୍ବର ଆଣି ତାଙ୍କୁ ହ୍ୱାଟ୍ସଆପରେ ଅଶ୍ଳୀଳ ଓ ଅପମାନଜନକ ମେସେଜ୍ ପଠାଉଥିଲା। ଗତମାସ ୧୯ ତାରିଖ ସନ୍ଧ୍ୟାରେ ମହିଳା ଜଣକ କୋକିଳା ଗାର୍ଡେନରୁ ଘରକୁ ଫେରୁଥିବା ବେଳେ ବାସୁଦେବ ତାଙ୍କୁ ରାସ୍ତାରେ ଅସଦାଚରଣ କରିଥିଲା। ମହିଳା ଏହାର ବିରୋଧ କରିବାରୁ ବାସୁଦେବ ତାଙ୍କୁ ଜୋରଜବରଦସ୍ତ ରାସ୍ତାରେ ଟଣାଓଟରା କରିବା ସହ ଗାଳିଗୁଲଜ କରିଥିଲା। ଏନେଇ ମହିଳା ଜଣକ ଏୟାରପୋର୍ଟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଆଜି ବାସୁଦେବକୁ ଗିରଫ କରି କୋର୍ଟ ଚାଲାଣ କରିଛି। (ବରୁଣ)

## ଛେଳି ଚୋରି କରି ଜଣେ ଗିରଫ



ଯାଁଳା, ୧୫।୧୦(ସମିସ): ଛେଳି ଚୋରି କରିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା ଇନଫୋସିଟି ଥାନା ଗଙ୍ଗପଡ଼ା ପଞ୍ଚାୟତ ଭାତଖୁରି ଗ୍ରାମର ମୁନା ଜେନା। ମିଳିଥିବା ସୂଚନା ଅନୁସାରେ ଭାତଖୁରି ଗ୍ରାମରେ ରହୁଥିବା ପ୍ରତିମା ସିଂଙ୍କ ଘରେ ସୋମବାର ରାତିରେ ମୁନା ଜେନା, ପପି ଓ ଶାନ୍ତା ଏକ ଅଟୋ ଯୋଗେ ଆସି ତାଙ୍କ ଘର କବାଟ ତାଡ଼ି ପଶିଥିଲେ। ଦୁଇଟି ଛେଳି ଚୋରି କରିବାକୁ ଉଦ୍ୟମ କରିବା ବେଳେ ଛେଳି ଗୁଡିକ ବୋବାଇବା ଯୋଗୁଁ ପ୍ରତିମା ଉଠିପଡ଼ି ତାଙ୍କ ପୁଅ ରାଜାକୁ ଡାକିଥିଲେ। ମା ଓ ପୁଅ ଦେଖିବା ବେଳକୁ ଛେଳି ଦୁଇଟିର ପାଟି ଓ ଗୋଡକୁ ବାନ୍ଧି ଅଖାରେ ପୂରାଇ ସାରିଥିଲେ। ଏହି ସମୟରେ ରାଜା ସେମାନଙ୍କୁ କାବୁ କରିବା ପାଇଁ ଉଦ୍ୟମ କଲାବେଳେ ତିନି ଅଭିଯୁକ୍ତ ତାଙ୍କୁ ଆକ୍ରମଣ କରି ଅଟୋ ନେଇ ଖସି ପଳାଇଥିଲେ। ଏନେଇ ପ୍ରତିମା ଇନଫୋସିଟି ଥାନାରେ ଅଭିଯୋଗ କରିଥିଲେ।

## ରାଜଧାନୀରୁ ନାବାଳିକାଙ୍କୁ ଅପହରଣ

ଭୁବନେଶ୍ୱର, ୧୫।୧୦ (ସମିସ): ରାଜଧାନୀରୁ ନାବାଳିକା ଅପହରଣ ହୋଇଛି। ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ଲୋକଙ୍କ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା ନବମ ଶ୍ରେଣୀର ଛାତ୍ରୀ ଦଶହରା ଭଶାଣି ଦେଖିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଖୋଜାଖୋଜି କରି ନପାଇବାରୁ ପରିବାର ଲୋକେ ମଞ୍ଚେଶ୍ୱର ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ନାବାଳିକା ଅପହରଣ ମାମଲା ରୁଜୁ କରିଛି। ଘଟଣାକୁ ୧୨ ଦିନ ବିତିବା ପରେ ମଧ୍ୟ ନାବାଳିକାଙ୍କୁ ପୁଲିସ ଉଦ୍ଧାର କରି ପାରିନାହିଁ।

● ମାନବାଧିକାର କମିସନରେ ଆର୍‌ଟିଇ ନାମଲେଖା ମାମଲା

## ଖାରଜ ଆବେଦନକୁ ପୁନଃଯାଞ୍ଚ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୫।୧୦(ସମିସ): ଶିକ୍ଷା ଅଧିକାର ଆଇନ୍ (ଆର୍‌ଟିଇ) ଅନୁଯାୟୀ ନାମଲେଖାଇବାକୁ ଆବେଦନ କରିଥିବା ୫୫୯ ଛାତ୍ରଛାତ୍ରୀଙ୍କ ଆବେଦନକୁ ଭୁବନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଖାରଜ କରିଦେଇଥିଲେ। ସେହି ସମସ୍ତ ଆବେଦନର ପୁନଃ ବିଚାର କରିବା ପାଇଁ ରାଜ୍ୟ ମାନବାଧିକାର କମିସନ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତାକାଲି ଅର୍ଥାତ୍ ଗୁରୁବାର ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଖାରଜ ହୋଇଥିବା ଆବେଦନର ପୁନଃ ଯାଞ୍ଚ କରାଯିବ। ଏହି ସମୟରେ ଅଭିଭାବକମାନେ ବିଇଓଙ୍କ କାର୍ଯ୍ୟାଳୟକୁ ଯାଇ ସେମାନଙ୍କ ଆବେଦନର ଗ୍ରହଣୀୟତା ସମ୍ପର୍କିତ ତଥ୍ୟ ପ୍ରଦାନ କରିବେ। ପଞ୍ଜୀକରଣ ଫର୍ମ ସହିତ ଆଧାର କପି ସାଙ୍ଗରେ ନେବାକୁ ମଧ୍ୟ ଅଭିଭାବକଙ୍କୁ ପରାମର୍ଶ ଦିଆଯାଇଛି। ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଟ୍ଟଙ୍କ ଅଭିଯୋଗକୁ ଶୁଣାଣୀ କରି କମିଶନର ସଦସ୍ୟ ଅସୀମ ଅମିତାଭ ଦାସ ଏହି ନିର୍ଦ୍ଦେଶ ଦେଇଥିବା କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ସୂଚନା ଦେଇଛନ୍ତି। ଏହାସହ ସମ୍ପୂର୍ଣ୍ଣ କାର୍ଯ୍ୟ ସାରି ୨୩ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ବ୍ୟକ୍ତିଗତ ହାଜର ହୋଇଥିବା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଲାମୁକୁନ୍ଦ ଭୂୟାଁ, ଖୋର୍ଦ୍ଧା ଡିଇଓ ସୁଶ୍ରୀ ସୋନମିକା ରାୟ ଓ ଭୁବନେଶ୍ୱର ବିଇଓ ବ୍ରହ୍ମାନନ୍ଦ ରାଉତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଠାବ

ଭୁବନେଶ୍ୱର, ୧୫।୧୦ (ସମିସ): ଦାରୁଠେଙ୍ଗ କାଜୁ ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଠାବ ହୋଇଛି। ମୃତ ଯୁବକ ଜଣକ ହେଲେ ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା କାବେରା ଗ୍ରାମର ଭରତ ଦେଉରି (୨୫)।

ସୂଚନା ଅନୁସାରେ, ଭରତ ଦାରୁଠେଙ୍ଗ ଅଞ୍ଚଳରେ ଏକ ଘରୋଇ ସଂସ୍ଥାରେ ଶ୍ରମିକ ଭାବେ କାମ କରୁଥିଲେ। ଅନେକ ସମୟରେ ଫୋନରେ ବ୍ୟସ୍ତ ରହୁଥିବାରୁ ଠିକାଦାର ତାଙ୍କୁ କାମରୁ ବାହାର କରି ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପୁଣି କାମ କରିବାକୁ କହିଥିଲେ। ମଙ୍ଗଳବାର ରାତିରେ ଭରତ ଖାଇପିଇ ସାରି ଫୋନରେ କଥାବାର୍ତ୍ତା ହେଉଥିବା ବେଳେ ଅନ୍ୟମାନେ ଶୋଇ ପଡ଼ିଥିଲେ। ଆଜି ସକାଳୁ ନିକଟସ୍ଥ କାଜୁ ଜଙ୍ଗଲରେ ଭରତଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ଖବରପାଇ ଚନ୍ଦକା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଭରତଙ୍କ ପାଦ ତଳେ ଲାଗି ଯାଇଥିବା ବେଳେ ରକ୍ତସ୍ରାବ ହେଉଥିଲା। ଏଥିସହିତ ମୃତଦେହ ନିକଟରେ ତାଙ୍କ ମୋବାଇଲ ଓ ଚପଲ ପଡ଼ିଥିଲା। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରେମ ବିବାଦରୁ ଭରତ ଏଭଳି ନିଷ୍ପତ୍ତି ନେଇଥିବା ପ୍ରାଥମିକ ଅନୁସନ୍ଧାନରୁ ପୁଲିସ ଅନୁମାନ କରୁଛି।

● ମୋରମ ଖଣିରେ ଚଢାଉ

## ଦୁଇ ଗିରଫ; ଜେସିବି ଓ ହାଇୱା ଜବତ




ଯାଁଳା, ୧୫।୧୦(ସମିସ): ଇନଫୋସିଟି ଥାନା ପୁଲିସ ଅଲକର ଅଞ୍ଚଳରେ ଥିବା ଏକ ମୋରମ ଖଣିରେ ଚଢାଉ କରି ଦୁଇ ଜଣ ଗାଡି ଚାଳକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦୁଇ ଜଣ ହେଲେ ଜଟଣୀ ଗୋପିନାଥପୁରର ତପନ କୁମାର ବରାଳ ଓ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଚମ୍ପାଝରର ଗୋବିନ୍ଦଚନ୍ଦ୍ର ବେହେରା। ଗୋଟିଏ ହାଇୱା ଓ ଗୋଟିଏ ଜେସିବି ଜବତ କରିଛି।

ପୁଲିସ ସୂଚନା ଅନୁସାରେ ମଙ୍ଗଳବାର ଇନଫୋସିଟି ଥାନା ପୁଲିସ ରାତ୍ରି କାଳିନ ପାଟ୍ରୋଲିଂ କରୁଥିଲେ। ସେହି ସମୟରେ ବିଳମ୍ବିତ ରାତିରେ ଅଲକର ଅଞ୍ଚଳରେ ଏକ ଖଣିରେ ଚୋରା ମୋରମ ଚାଲଣ ହେଉଥିବା ଇନଫୋସିଟି ଥାନା ପୁଲିସକୁ ଖବର ମିଳିଥିଲା। ଖବର ପାଇ ପୁଲିସ ତୁରନ୍ତ ଖଣିରେ ଚଢାଉ କରିଥିଲେ। ଚଢାଉ ବେଳେ ମୋରମ ଖୋଳୁଥିବା ଗୋଟିଏ ଜେସିବି ମେସିନ ଓ ଚୋରା ମୋରମ ଚାଲଣ କରୁଥିବା ଏକ ହାଇୱା ଟ୍ରକକୁ ଜବତ କରିବା ସହ ଦୁଇ ଚାଳକଙ୍କୁ ଗିରଫ କରିଥିଲେ। ସୂଚନା ଥାଉକି ଦିର୍ଘଦିନ ହେବ ଉକ୍ତ ଅଞ୍ଚଳରେ ଚୋରା ମୋରମ ଚାଲଣ ହେଉଥିବା ଅଭିଯୋଗ ହୋଇ ଆସୁଛି। ଏନେଇ ପୁଲିସ କିମ୍ବା ଲଘୁ ଖଣିଜ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

## ବିଲ୍ କରାଇବା ଆଳରେ ୬ ଲକ୍ଷ ହଡ଼ପ

ଆସିଷ୍ଟାଣ୍ଟ ମ୍ୟାନେଜର ଗିରଫ



ଭୁବନେଶ୍ୱର, ୧୫।୧୦ (ସମିସ): ବିଲ୍ କରାଇବା ଆଳରେ ଯୋଗାଣକାରୀଙ୍କ ଠାରୁ ୬ ଲକ୍ଷ ଟଙ୍କା ଠକି ନେଇଥିବା ଆସିଷ୍ଟାଣ୍ଟ ମ୍ୟାନେଜରକୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଚନ୍ଦକା ଶିଳ୍ପାଞ୍ଚଳରେ ରହୁଥିବା ଫତେଗଡ଼ ଥାନା ବାଘୁଆପଲ୍ଲୀର ବିଜୟ କୁମାର ପ୍ରଧାନ (୩୧)।

ପୁଲିସ ସୂଚନା ଅନୁସାରେ, ଏନ୍‌ବିସିସି ଟାୱାରରେ ଥିବା ଶ୍ରୀରାଗମ୍ ଏକ୍ସପୋର୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ ବିଜୟ କାମ କରୁଥିଲା। ପ୍ରେସ୍ ଛକସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ କ୍ରୟ ଓ ଡକ୍ୟୁମେଣ୍ଟେସନ୍ ବିଭାଗର ଦାୟିତ୍ୱରେ ଥିଲା। ଏଥିସହିତ ଚିଙ୍ଗୁଡ଼ି ଯୋଗାଣକାରୀଙ୍କ ହିସାବ ରଖିବା ସହ ଏମଡିଙ୍କ ଦ୍ୱାରା ବିଲ୍ ପାସ୍ କରାନ୍ତି ଓ ସେଗୁଡ଼ିକୁ ବକେୟା ଭାବରେ ରେକର୍ଡ କରନ୍ତି। ସେହି ଆଧାରରେ କମ୍ପାନୀ ଦେୟ ପ୍ରଦାନ କରିଥାଏ। ବିଲ୍ ବିଳମ୍ବ ହେଲେ ଯୋଗାଣକାରୀ ମାନେ ବିଜୟକୁ ଯୋଗାଯୋଗ କରନ୍ତି। ଚିଙ୍ଗୁଡ଼ିର ଆକାର ଓ ଗୁଣବତ୍ତା ଖରାପ ଦେଖାଇ ବିଲ୍ ଟଙ୍କା କଟାଯିବ ବୋଲି ବିଜୟ ସେମାନଙ୍କୁ ଭୟଭୀତ କରେ। ଏଥିସହିତ କଟାଯାଇଥିବା ଟଙ୍କାର ୫୦% ଟଙ୍କା ଦେଲେ ସବୁକିଛି ମ୍ୟାନେଜ କରିଦେବ ବୋଲି ବିଜୟ ଯୋଗାଣକାରୀ ମାନଙ୍କୁ ପ୍ରବର୍ତ୍ତାଉଥିଲା। ମହାନ୍ତି ଟ୍ରେଡିଂ ଆଣ୍ଡ କୋ କମ୍ପାନୀର ରବୀନ୍ଦ୍ର ମହାନ୍ତିଙ୍କୁ ସମାନ ପରିମାଣର ଭୟ ଦେଖାଇ ୬ ଲକ୍ଷ ଟଙ୍କା ଠକି ନେଇଥିଲା। ବାପାଙ୍କ ଆକାଉଣ୍ଟକୁ ୨ ଲକ୍ଷ ୧୪ ହଜାର, ସ୍ତ୍ରୀ ଆକାଉଣ୍ଟକୁ ପ୍ରାୟ ୧ ଲକ୍ଷ ୫୦ ହଜାର ଟଙ୍କା ଓ ମାଆ ଆକାଉଣ୍ଟକୁ ପ୍ରାୟ ୨ ଲକ୍ଷ ୪୨ ହଜାର ୫୦୦ ଟଙ୍କା ନେଇଯାଇଥିଲା। ଏ ବିଷୟରେ ଜାଣିବା ପରେ କମ୍ପାନୀ ପକ୍ଷରୁ ଶ୍ରୀଜି ଏସ୍ ନାୟାର ମୈତ୍ରୀ ବିହାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ବିଜୟକୁ ଗିରଫ କରି କୋର୍ଟ ଚାଲାଣ କରିଛି। ବିଜୟ ଏହି ଭଳି ଭାବେ ବିଭିନ୍ନ ଯୋଗାଣକାରୀଙ୍କୁ ପ୍ରାୟ ୨୫ ଲକ୍ଷ ଟଙ୍କା ଠକିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ୧୮ ଲକ୍ଷର ବ୍ରାଉନ୍‌ସୁଗର ଜବତ; ମହିଳା ଗିରଫ



ଭୁବନେଶ୍ୱର, ୧୫।୧୦ (ସମିସ): ବେଆଇନ ବ୍ରାଉନସୁଗର କାରବାର କରୁଥିବା ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଗିରଫ ମହିଳା ହେଲେ ମଇଁଷିଖାଲ ବସ୍ତିର ଅନ୍ନପୂର୍ଣ୍ଣା ବେହେରା।

ସୂଚନା ଅନୁସାରେ, ବଡ଼ଗଡ଼ ଥାନା ଅନ୍ତର୍ଗତ ବିଜେବି ନଗର ଅଞ୍ଚଳରେ ବ୍ରାଉନସୁଗର ବିକ୍ରି ହେଉଥିବା ନେଇ ଅବକାରୀ ବିଭାଗ ଖବର ପାଇଥିଲା। ଅବକାରୀର ଏକ ସ୍ୱତନ୍ତ୍ର ଟିମ୍ ମଇଁଷି ଖାଲ ବସ୍ତିରେ ଚଢ଼ଉ କରିଥିଲା। ଅନ୍ନପୂର୍ଣ୍ଣାଙ୍କୁ ଅଟକ ରଖିବା ସହ ଯାଞ୍ଚ କରିଥିଲା। ତାଙ୍କ ହେପାଜତରୁ ବିପୁଳ ପରିମାଣର ବ୍ରାଉନସୁଗର ପୁଡ଼ିଆ ଜବତ କରିଥିଲା। ମୋଟ ୧୮୦ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଥିଲା। ସେ ବାଲେଶ୍ୱର ଅଞ୍ଚଳରୁ ବ୍ରାଉନସୁଗର ସଂଗ୍ରହ କରି ଆଣି ରାଜଧାନୀର ବିଭିନ୍ନ ଛୋଟ ବେପାରୀଙ୍କୁ ଯୋଗାଇବା ସହ ନିଜେ ମଧ୍ୟ ଗ୍ରାହକଙ୍କୁ ବିକ୍ରି କରୁଥିଲା ବୋଲି ପୁଲିସ ଆଗରେ ସ୍ୱୀକାର କରିଛନ୍ତି। ଏନେଇ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ଅନ୍ନପୂର୍ଣ୍ଣାଙ୍କୁ କୋର୍ଟ ଚାଲାଣ କରିଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୧୮ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# କଣ୍ଟ୍ ପୂରିବାର ୨୫ ଦିନ; ଏବେ ବି ମାଳମାଳ ପଟ୍‌ହୋଲ୍

ଭୁବନେଶ୍ୱର, ୧୫।୧୦ (ସମିସ): ସ୍ୱରେଜ ଏବଂ ରାସ୍ତାରେ ପଟହୋଲ୍‌କୁ ନେଇ ବମ୍ବେ ହାଇକୋର୍ଟଙ୍କ ଦ୍ୱାରା ଐତିହାସିକ ନିର୍ଦ୍ଦେଶ ପରେ ଭୁବନେଶ୍ୱରରେ ଏହି ରାୟକୁ ନେଇ ଚର୍ଚ୍ଚା ଜୋର ଧରିଛି। ରାଜଧାନୀରେ ଏହି ନିୟମ ଲାଗୁ କରାଗଲେ ଠିକାଦାର ସାବାଡ଼୍ ହୁଅନ୍ତେ। ଅଧିକାରୀମାନେ ବାଟକୁ ଆସନ୍ତେ। ଆଉ ଦୁର୍ନୀତି ଏବଂ ରାସ୍ତା କାମରେ ଯେଉଁ ଅନିୟମିତା ଏବଂ ବେପରୁଆ ମନୋଭାବ ଦେଖାଦେଉଛି ତାହା ଦୂର ହୋଇଯାଆନ୍ତା। ହେଲେ ଯେପର୍ଯ୍ୟନ୍ତ କୋର୍ଟଙ୍କ ହସ୍ତକ୍ଷେପ କିମ୍ବା ଲୋକଙ୍କ ଚାପ ନ ପଡ଼ିଛି ସେପର୍ଯ୍ୟନ୍ତ ଓଡ଼ିଶା ସରକାର କିମ୍ବା ସହରାଞ୍ଚଳ ପ୍ରଶାସନ କ'ଣ ନିଜ ଆଡୁ ଏହି ନିୟମ ଲାଗୁ କରିବ ବୋଲି ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି।

ରାଜଧାନୀ ଭୁବନେଶ୍ୱର ରାସ୍ତା ଅବସ୍ଥା ଅତ୍ୟନ୍ତ ସାଂଘାତିକ ହୋଇଗଲାଣି। ଏଭଳି କୌଣସି ରାସ୍ତା ନାହିଁ ଯାହାକୁ ପ୍ରଶାସନ ପଟ୍ ହୋଲ ମୁକ୍ତ ରାସ୍ତା ବୋଲି ଦାବି କରିପାରିବ। ଜାତୀୟ ରାଜପଥ ଠାରୁ ଆରମ୍ଭ କରି ରାଜ୍ୟ ରାଜପଥ ଏବଂ ଗଳି ରାସ୍ତା ସବୁଆଡେ ପଟ୍ ହୋଲ୍ ହିଁ ପଟ୍‌ହୋଲ୍। କେଉଁଠି ସ୍ୱେରେଜ ଲାଇନ୍‌ର ଖାଲ ଆଁ କରିଛି। ଆଉ କେଉଁ ରାସ୍ତାରେ ଚାଲିବା କଷ୍ଟକର। ପଟ୍‌ହୋଲ୍ ଯୋଗୁଁ ଏହି ରାସ୍ତା ଗୁଡ଼ିକରେ ନିୟମିତ ଭାବେ ଦୁର୍ଘଟଣା ଘଟୁଛି। ଯନ୍ତ୍ରୀ କିମ୍ବା ଠିକାଦାର କାହାକୁ ବି ଏହାର ପରବା ନାହିଁ।

ରାଜଧାନୀ ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ଦୁର୍ଗାପୂଜା ପୂର୍ବରୁ ଅର୍ଥାତ୍ ସେପ୍ଟେମ୍ବର ମାସ ୨୦ ତାରିଖରୁ ରାଜଧାନୀର ସମସ୍ତ ରାସ୍ତାକୁ ମରାମତି କରିବାକୁ ଏକ ଉଚ୍ଚସ୍ତରୀୟ ବୈଠକ ପରେ ସହରାଞ୍ଚଳ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା। କିଛି ରାସ୍ତା ମରାମତି କରାଗଲା। ଆଉ କିଛି ରାସ୍ତା ଦୁର୍ଗପୂଜା ପରେ ବି ସମାନ ଅବସ୍ଥାରେ ପଡ଼ି ରହିଛି। ରାସ୍ତା ସାରା ବଡ ବଡ ଖାଲ। ରାଜମହଲ, ରସୁଲଗଡ଼, କଳିଙ୍ଗ ବିହାର, ନୟାପଲ୍ଲୀ, ଚନ୍ଦ୍ରଶେଖରପୁର, ପଟିଆ, ପୁରୁଣା ଭୁବନେଶ୍ୱରର ସମେତ ସହରର ପ୍ରାୟ ସମସ୍ତ ରାସ୍ତାରେ ମାଳ ମାଳ ପଟ୍ ହୋଲ୍ ମୁଣ୍ଡ ନେବ ବୋଲି ଆଁ କରି ରହିଛି।

ପୂର୍ବରୁ ନିୟମିତ ସମୟ ବ୍ୟବଧାନରେ ବିଏମ୍‌ସି ପକ୍ଷରୁ ପଟ୍‌ହୋଲ୍‌ର ଗଣନା କରାଯାଏ। ରାସ୍ତାର ନିୟମିତ ମରାମତି ହେବା ତ ଦୂରର କଥା ଗଣନା ବି ବନ୍ଦ ହୋଇଗଲାଣି। ମନଇଚ୍ଛା ପଟ୍ ହୋଲ୍ ମରାମତି କରାଯାଇ। କୌଣସି ଯନ୍ତ୍ରୀ ରାଜଧାନୀରେ କେତେ ପଟ୍ ହୋଲ୍ ରହିଛି ବୋଲି ପଚାରିଲେ ତାହା କହି ପାରୁ ନାହାନ୍ତି। ସେହିପରି ଗତବର୍ଷ ମାଳିସାହି ଅଞ୍ଚଳରେ ଡ୍ରେନ୍ ନିର୍ମାଣରେ ଅବ୍ୟବସ୍ଥା ଯୋଗୁଁ ଜଣେ ଛୋଟ ପିଲାର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ବିଭାଗୀୟ ମନ୍ତ୍ରୀ ସାମ୍ନାକୁ ଆସି କହିଥିଲେ ମାତ୍ର ଏକ ମାସ ମଧ୍ୟରେ ସବୁ ଡ୍ରେନ୍‌ର ଢାଙ୍କୁଣି ପଡ଼ିଯିବ। ହେଲେ ଏବେ ବି ଅନେକ ସ୍ଥାନରେ ଡ୍ରେନ୍ ମୁକୁଳା ପଡ଼ିଛି।

ସୂଚନାଯୋଗ୍ୟ ସଡ଼କ ଦୁର୍ଘଟଣା ଜନିତ ମାମଲାରେ ବମ୍ବେ ହାଇକୋର୍ଟ ମହାରାଷ୍ଟ୍ରରେ ଖାଲ ଏବଂ ସ୍ୱରେଜ ନାଳ ଯୋଗୁଁ ମୃତ୍ୟୁ ହେଲେ ପୀଡ଼ିତ ପରିବାରଙ୍କୁ ୬ ଲକ୍ଷ ଏବଂ ଆହତଙ୍କୁ ୫୦ ହଜାରରୁ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଦୁର୍ଘଟଣା ପାଇଁ ଠିକାଦାରଙ୍କ ସହିତ ପୌରପାଳିକା ଏବଂ ସରକାରୀ ଅଧିକାରୀ ଦାୟୀ ରହିବେ। ସବୁ ଯୋଗ୍ୟ ପୀଡ଼ିତଙ୍କୁ ୬ରୁ ୮ ସପ୍ତାହ ଭିତରେ କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବିଳମ୍ବ ହେଲେ କମିସନର, ଜିଲ୍ଲାପାଳ, ସିଇଓଙ୍କ ଭଳି ଅଧିକାରୀଙ୍କୁ ଦାୟୀ କରାଯିବ। ତାଙ୍କଠାରୁ ସୁଧ ସହିତ ଦାୟୀ ଅଧିକାରୀ, ଠିକାଦାର, ଇଞ୍ଜିନିୟରଙ୍କଠାରୁ ଆଦାୟ କରାଯିବ। ପ୍ରତି ବର୍ଷ ଖାଲ ଏବଂ ମୁକ୍ତ ଥିବା ଡ୍ରେନ ଯୋଗୁଁ ଅନେକ ଲୋକଙ୍କ ଜୀବନ ଯାଉଛି। ଏହା ଲଜ୍ଜାଜନକ। ଦୋଷ ଧାର୍ଯ୍ୟ ନ କଲେ ଏଭଳି ଘଟଣା ବନ୍ଦ ହେବନାହିଁ ବୋଲି କୋର୍ଟ ତାଙ୍କ ରାୟରେ କହିଥିଲେ।

### ବମ୍ବେ ହାଇକୋର୍ଟଙ୍କ ରାୟକୁ ନେଇ ସବୁଠି ଚର୍ଚ୍ଚା

### ମଝି ରାସ୍ତାରେ ସ୍ୱେରେଜ୍ ଲାଇନ ଫାଟ





୧୫/୧୦/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୫୧,୨୬୬/- ସୁନା: ୦୮.୯୦୦ ଗ୍ରାମ୍ ରୁପା: ୦୪.୯୦୦ ଗ୍ରାମ୍



# ଅନ୍‌ଲାଇନ୍ ସାଜିଛି ମାଧ୍ୟମ ମହାପ୍ରସାଦ ନାଁ ନେଇ ବେପାର

ପୁରୀ,୧୫।୧୦(ସମିସ)

ମହାପ୍ରଭୁଙ୍କ ପ୍ରତି ବିଶ୍ୱବ୍ୟାପୀ ଭକ୍ତଙ୍କ ଗଭୀର ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ରହିଛି। ବିଭିନ୍ନ ସମୟରେ ଭକ୍ତଙ୍କ ଭାବାବେଗର ଫାଇଦା ଉଠାଇଛନ୍ତି ଅନେକ ବ୍ୟକ୍ତି। ସେମାନେ ମହାପ୍ରଭୁଙ୍କ ନାଁ ଯୋଡ଼ି ବ୍ୟକ୍ତିଗତ ଭାବେ ଲାଭବାନ ହେଉଥିବା ଅନେକ ନଜିର୍ ରହିଛି। ବିଭିନ୍ନ ଅନ୍‌ଲାଇନ୍ ସପିଙ୍ଗ୍ କମ୍ପାନୀ ମହାପ୍ରସାଦ, ଶୁଖିଲି ଭୋଗ, ନୀଳଚକ୍ର ବାନା ଆଦି ବିକ୍ରି କରୁଛନ୍ତି। ଅନ୍‌ଲାଇନ୍‌ରେ ଏଭଳି ଶବ୍ଦ କିମ୍ବା ଫଟୋର ବ୍ୟବହାର ବାରଣ କରାଯାଇଛି। କିନ୍ତୁ ଏଯାଏ ଆଇନ ହୋଇନାହିଁ କି ଶ୍ରୀମନ୍ଦିର ଶବ୍ଦାବଳୀ ପେଟେଣ୍ଟ ହୋଇ ନ ଥିବାରୁ କିଛି ବ୍ୟବସାୟଖୋର୍ ବ୍ୟକ୍ତିବିଶେଷ ଏହାର ଫାଇଦା ଉଠାଇ ମନଇଚ୍ଛା ଭକ୍ତଙ୍କ ଭାବାବେଗକୁ ବ୍ୟବସାୟର ଅସ୍ତ୍ର ସଜାଇଛନ୍ତି। କିଛି ଅନ୍‌ଲାଇନ୍ ସପିଙ୍ଗ୍ କମ୍ପାନୀ ଅମାନିଆ ହେଉଛନ୍ତି। ସେମାନେ ମହାପ୍ରଭୁଙ୍କ ନୀତିକାନ୍ତି ସହ ବିଭିନ୍ନ ଦ୍ରବ୍ୟ ଯେପରିକି ମହାପ୍ରସାଦ, ଶୁଖିଲି ଭୋଗ, ପତିତପାବନ ବାନା ଆଦିକୁ ଅନ୍‌ଲାଇନ୍‌ରେ ବିକ୍ରି କରିବା ଲାଗି ବିଜ୍ଞାପନ ଦେଉଛନ୍ତି। ମହାପ୍ରସାଦ ନାଁରେ ମୁନାଫା କମାଇବାର ମାଧ୍ୟମ ସାଜିଛି ଏବେ ଅନ୍‌ଲାଇନ୍। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜେଲ୍‌ଦଣ୍ଡର ଭୟ ଦେଖାଯାଇଛି। ସେବାୟତମାନେ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ତଥାପି ଅନ୍‌ଲାଇନ୍‌ରେ ମହାପ୍ରସାଦ ନାଁରେ ବ୍ୟବସାୟ କରିବାର ମୋହ ଭଙ୍ଗ ହୋଇନାହିଁ। ପୁଣି ଏକ ସଂସ୍ଥା ସୋସିଆଲ ମିଡିଆରେ ଅନ୍ନପ୍ରସାଦ ଅର୍ଡର ଦେବାକୁ ନିବେଦନ କରିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସ୍ୱିଗି ପରି ଏକ ବ୍ରାଣ୍ଡ ଅନ୍‌ଲାଇନ୍ ଫୁଡ୍ ଡେଲିଭରୀ ସଂସ୍ଥା ନାଁରେ ଏବେ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ଭାଇରାଲ ହେଉଛି। ଏଥିରେ ଅନ୍ନପ୍ରସାଦ ମୂଲ୍ୟ ସୂଚିତ କରାଯାଇଛି। କାର୍ତ୍ତିକ ମାସ ପାଇଁ ବିଶେଷ ରିଆତି ରହିଛି, ଯାହାର ମୂଲ୍ୟ ୪୯ ଟଙ୍କା ବୋଲି କୁହାଯାଇଛି। ଯଦିଓ ମହାପ୍ରସାଦ ନ କହି ଅନ୍ନପ୍ରସାଦ ଲେଖା ରହିଛି କିନ୍ତୁ ଶ୍ରୀମନ୍ଦିର ଅବଢ଼ା ଏବଂ କୁଡୁଆ ଭଳି ଚିତ୍ର ରହିଛି। ଜଗନ୍ନାଥ ମନ୍ଦିର ଅନ୍ନପ୍ରସାଦ ସହିତ ମା' ତାରିଣୀ ଅନ୍ନପ୍ରସାଦ, ପ୍ରସାଦମ୍ ଟେମ୍ପଲ ଅନ୍ନପ୍ରସାଦ ଓ ବାବା ଆଖଣ୍ଡଳମଣି ଅନ୍ନପ୍ରସାଦ ଡେଲିଭରୀ ପାଇଁ ବ୍ୟବସ୍ଥା ରହିଥିବା ଦର୍ଶାଯାଇଛି। ମହାପ୍ରଭୁଙ୍କ ମହାପ୍ରସାଦ ନାଁ ନ ନେଇ ଅନ୍ନପ୍ରସାଦ କହି ଭକ୍ତଙ୍କ ନିକଟରେ ପହଞ୍ଚାଇବା ଅର୍ଥ ଭକ୍ତଙ୍କ ଭାବାବେଗ ସହ ଖେଳିବା। ମାଛ, ମାଂସ ବିକା ଯାଉଥିବା ପ୍ଲାଟ୍‌ଫର୍ମରେ ଅନ୍ନପ୍ରସାଦ ବିକାଯିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ବାରମ୍ବାର ଏଭଳି ଦୃଶ୍ୟ ସାମ୍ନାକୁ ଆସୁଥିବା ସତ୍ତ୍ୱେ ଏହାକୁ ରୋକିବାରେ ସାଇବର ଥାନା କାହିଁକି ଫେଲ୍ ମାରିଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନ୍‌ଲାଇନ୍‌ରେ ଶ୍ରୀମନ୍ଦିର ନାଁ ଯୋଡ଼ି ବିକ୍ରି କରାଯାଉଥିବା ସାମଗ୍ରୀର ଶୁଦ୍ଧତା କିଏ ପରଖୁଛି। ବିଗତ ଦିନରେ ଏମିତି ଅନେକ ଜିନିଷ ମହାପ୍ରଭୁଙ୍କ ନାଁ ଯୋଡ଼ି ବିକ୍ରି କରାଯିବାର ନଜିର ରହିଛି। ସେହିପରି ମହାପ୍ରସାଦ, ଶୁଖିଲି ଭୋଗ ମଧ୍ୟ ଅଧିକ ଦାମ୍‌ରେ ବିକ୍ରି କରାଯାଉଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଶବ୍ଦାବଳୀର ପେଟେଣ୍ଟ ହେବ ବୋଲି ଘୋଷଣା କରାଯାଇଥିଲେ ସୁଦ୍ଧା ଏଯାଏ ହୋଇ ନ ଥିବାରୁ ଶ୍ରୀମନ୍ଦିର ଶବ୍ଦାବଳୀର ବ୍ୟବହାର କରୁଥିବା ଅନୁଷ୍ଠାନ ଉପରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁ ନାହିଁ। ଏ କାର୍ଯ୍ୟରେ ଶ୍ରୀମନ୍ଦିର ପ୍ରଶାସନ ଯେତେ ହେଳା କରିବ, ଅସାମାଜିକ ବ୍ୟକ୍ତିବିଶେଷ ଏହାର ଫାଇଦା ସେତେଦିନ ଯାଏ ନେଉଥିବେ।

## ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ,୧୫।୧୦(ସମିସ): ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ଣ ୫ଟା ୨୦ରେ ଦ୍ୱିପ୍ରହର ଧୂପ ସରିଥିଲା। ଏହାପରେ ମଇଲମ ତଡ଼ପଲାଗି ହୋଇ ସନ୍ଧ୍ୟା ୫ଟା ୫୫ରେ ପହୁଡ଼ ଆଳତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟା ୬ଟା ୧୦ରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳିରେ ତିଆରି ପ୍ରସାଧନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ପ୍ରସାଧନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତା'ର ଗରମ ବାଷ୍ପ ଯୋଗୁଁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁଁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

### ପୋଷଣ କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ଶ୍ରେଷ୍ଠ

## ଉପଯୁକ୍ତ ପୋଷଣ ଶିଶୁକୁ ସୁସ୍ଥ ଓ ନିରୋଗ ରଖିଥାଏ

ପୁରୀ,୧୫।୧୦(ସମିସ): ଉପଯୁକ୍ତ ପୋଷଣ ଶିଶୁକୁ ସୁସ୍ଥ ଓ ନିରୋଗ ରଖିବା ସହ ତା'ର ମାନସିକ ସୁସ୍ଥତା ପାଇଁ ସହାୟକ ହୋଇଥାଏ। ସେଥିପାଇଁ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବରରୁ ଅକ୍ଟୋବର ମାସ ମଧ୍ୟରେ ପୋଷଣ ମାହ ବା ମାସର ଆୟୋଜନ କରାଯାଇଥାଏ। ଏହାଦ୍ୱାରା ଉପଯୁକ୍ତ ପୋଷଣ ସମ୍ପର୍କରେ ସଚେତନତା ସୃଷ୍ଟି ସହ ଏହାକୁ ଯେପରି ଲୋକାଭିମୁଖୀ କରାଯିବ ସେଥିପ୍ରତି ବ୍ୟବସ୍ଥା କରାଯାଇଥାଏ। ବ୍ଲକ୍‌ସ୍ତରରୁ ଜିଲ୍ଲା ଓ ଜିଲ୍ଲାସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ପୋଷଣର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। କନ୍‌ଭର୍‌ଜେଣ୍ଟ ଆକ୍ସନ ଓ ଡିଜିଟାଇଜେସନ, ଏର୍ଲି ଚାଇଲ୍ଡହୁଡ୍ କେୟାର ଓ ଏଜୁକେସନ, ଇନ୍‌ଫାନଟ୍ ଓ ୟଙ୍ଗ୍ ଚାଇଲ୍ଡ ଫିଡ୍ ପ୍ରାକ୍ଟିସ୍, ମେନ୍ ଷ୍ଟ୍ରିମିଂ, ଆଡ୍‌ରେସ ଓବେସିଟି ଓ ଭୋକାଲ ଫର୍ ଲୋକାଲ ଏହିଭଳି ୬ଟି ବିନ୍ଦୁକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଜିର ରାଜ୍ୟସ୍ତରୀୟ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାହ ବା ମାସ ୨୦୨୫ କାର୍ଯ୍ୟକ୍ରମରେ ବିଭିନ୍ନ ପୋଷଣ କାର୍ଯ୍ୟକଳାପରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ପୁରୀ ଜିଲ୍ଲାକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟ ମଧ୍ୟରେ ପୋଷଣର ମୁଖ୍ୟ ଚିହ୍ନଟ ପ୍ରଣାଳୀରେ ମଧ୍ୟ ପୁରୀ ଜିଲ୍ଲା ପ୍ରଥମ ସ୍ଥାନ ହାସଲ କରିଛି। ବୁଧବାର ଭୁବନେଶ୍ୱର ଲୋକସଭା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା ଓ ନିର୍ଦ୍ଦେଶକ ମନୀଷା ବାନାର୍ଜୀଙ୍କଠାରୁ ଏହି ପୁରସ୍କାରକୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଓ ପୋଷଣର ଜିଲ୍ଲା ସଂଯୋଜକ ସସ୍ମିତା କର୍ମକାର ଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମାଜ କଲ୍ୟାଣ ଅଧିକାରୀ ଓ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସଫଳତାକୁ ପାଥେୟ କରି ଆଗକୁ ଆହୁରି ଅଧିକ କାର୍ଯ୍ୟ କରି ଜିଲ୍ଲାର ସୁନାମ ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଛନ୍ତି।

## ଡକାୟତି ଯୋଜନା ପଣ୍ଡ; ୫ ଗିରଫ

ପୁରୀ,୧୫।୧୦(ସମିସ): ଏକ ଡକାୟତି ଯୋଜନାକୁ ପଣ୍ଡ କରିବା ସହ ୫ ଜଣଙ୍କୁ ଗିରଫ କରିଛି ସମୁଦ୍ରକୂଳ ଥାନା ପୁଲିସ। ଅଭିଯୁକ୍ତମାନେ ହେଲେ ଧୋବାଖାଲ ତାରିଣୀ ବସ୍ତିର କାର୍ତ୍ତିକ ରାଉତ, ଚନ୍ଦନପୁର ବଳଭଦ୍ରପୁରର ସୁରେଶ ଦାସ, ସିଦ୍ଧମହାବୀରର ରଞ୍ଜନ ବେହେରା, ପେଣ୍ଠକଟା ହରଚଣ୍ଡୀ ନଗରର ଶିବା ରେଡ୍ଡୀ ଓ ବାଲିନୋଳିଆ ସାହିର ବି. ଶଙ୍କର। ଅଭିଯୋଗ ଅନୁଯାୟୀ, ଏମାନେ ଅର୍ବାନ ହାଟ ନିକଟ ଗୋଶାଳାର ଏକ ପରିତ୍ୟକ୍ତ ଘରେ ବସି ମଙ୍ଗଳବାର ରାତିରେ ଡକାୟତି ଯୋଜନା କରୁଥିଲେ। ସମୁଦ୍ରକୂଳ ଥାନା ପାଟ୍ରୋଲିଂ କର୍ମଚାରୀ ରାତି ପ୍ରାୟ ସାଢ଼େ ୨ଟାରେ ସେଠାରେ ଚଢ଼ଉ କରିଥିଲେ। ପୁଲିସକୁ ଦେଖି ସେମାନେ ଖଣ୍ଡା, ଲୁହାରଡ୍ ଦେଖାଇ ଭୟଭୀତ କରିଥିଲେ। ସାମାନ୍ୟ ଧସ୍ତାଧସ୍ତି ପରେ ପୁଲିସ ୫ ଜଣଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ୨ଟି ଲୁହାରଡ୍, ଗୋଟିଏ ଫାଙ୍କା ବିୟର ବୋତଲ, ଲଙ୍କାଗୁଣ୍ଡ ପ୍ୟାକେଟ୍, ସିଗାରେଟ ଏବଂ ଦିଆସିଲି ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୩୦୧/୨୫) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି।

### ଏସ୍‌ସିଏସ୍‌ରେ ଆଲୋଚନାଚକ୍ର ଉଦ୍‌ଯାପିତ

## ୭୦ରୁ ଊର୍ଦ୍ଧ୍ୱ ଗବେଷକ, ଶିକ୍ଷାବିତ୍ ସାମିଲ୍

ପୁରୀ,୧୫।୧୦(ସମିସ): ସାମନ୍ତ ଚନ୍ଦ୍ର ଶେଖର(ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ 'ଆର୍ଟ, ଆର୍କିଟେକ୍‌ଚର ଆଣ୍ଡ କଲ୍‌ଚର ଅଫ୍ ଓଡ଼ିଶା: ବ୍ରିଜିଙ୍ଗ୍ ଟ୍ରାଡିସନ ଆଣ୍ଡ ଗ୍ଲୋବାଲ ନାରେଟିଭ୍' ଶୀର୍ଷକ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ଆଲୋଚନାଚକ୍ର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ସଭାପତିତ୍ୱ କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦ୍ୱିବେଦୀ। ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ ତାଜ୍ ଗ୍ରୁପ୍ ଏଲ୍ ଆଣ୍ଡ ଡି ଡିଭିଜନ ମୁଖ୍ୟ ସୁଶ୍ରୀ କ୍ରିପି ଆଏଙ୍ଗିଆ। ସମ୍ମାନିତ ଅତିଥି ଭାବେ ବକ୍ତବ୍ୟ ରଖିଥିଲେ ଶିଳ୍ପପତି ଗିରିଶ ଚନ୍ଦ୍ର ନାୟକ ଏବଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଡ. ହିମାଂଶୁ କୁମାର ମହାନ୍ତି। ଏହି ଆଲୋଚନାଚକ୍ରରେ ୭୦ରୁ ଊର୍ଦ୍ଧ୍ୱ ଗବେଷକ ଓ ଶିକ୍ଷାବିତ୍ ତାଙ୍କର ଚୟନ ବିଷୟବସ୍ତୁ ପାଠ କରିଥିଲେ। ରାଜ୍ୟ, ଦେଶ ତଥା ଦେଶ ବାହାରର ଅନେକ ଶିକ୍ଷାବିତ୍ ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଏଭଳି ଏକ ପର୍ଯ୍ୟବେକ୍ଷଣମୂଳକ ପ୍ରଦର୍ଶନୀ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂଶିତ ହୋଇଛି। ଏହି ଉଦ୍‌ଯାପନୀ ସଭାକୁ ପରିଚାଳନା କରିଥିଲେ ପ୍ରଫେସର ଦୀପଶିଖା ରାଉତରାୟ ଏବଂ ଏହାର ସଂଯୋଜକ ଥିଲେ ପ୍ରଫେସର ରବୀନ୍ଦ୍ର କୁମାର ପ୍ରଧାନ। ଇଂରାଜୀ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ସସ୍ମିତା ପ୍ରାମାଣିକ ଉଦ୍‌ଯାପନୀ ସମ୍ଭାଷଣ ପାଠ କରିଥିଲେ। ସଭା ସାଙ୍ଗ ହେବାର ଘୋଷଣା ସହ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଫେସର ଶୁଭାଶିଷ ନନ୍ଦ। ଦୁଇଦିନ ଧରି କଲେଜ ପରିସର ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଉପରେ ଆଧାରିତ ଜ୍ଞାନାତ୍ମକ ଆଲୋଚନା ଓ ପର୍ଯ୍ୟବେକ୍ଷଣମୂଳକ ପ୍ରତିଧ୍ୱନିରେ ମୁଖରିତ ହୋଇଉଠିଥିଲା।



### ବିଶ୍ୱ ବିଦ୍ୟାର୍ଥୀ ଦିବସ ପାଳିତ

## କଠୋର ପରିଶ୍ରମ ଓ ସ୍ୱପ୍ନ ସଫଳତାର ମାର୍ଗ ଦେଖାଏ




ପୁରୀ,୧୫।୧୦(ସମିସ): ମାସିକ ଶିଶୁ ସମ୍ବାଦପତ୍ର ଶିଶୁ ସମାଚାର ପକ୍ଷରୁ ସୁଖଲତା ବାଳିକା ସ୍ମୃତି ଉଚ୍ଚ ବିଦ୍ୟାଳୟରେ ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବ୍‌ଦୁଲ କଲାମଙ୍କ ଜୟନ୍ତୀରେ ବିଶ୍ୱ ବିଦ୍ୟାର୍ଥୀ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ମହନ୍ତ ଶୁଭାନନ୍ଦଜୀ ମହାରାଜ, ଉପଦେଷ୍ଟା ଚକ୍ରଧର ମହାପାତ୍ର, ପ୍ରଧାନଶିକ୍ଷୟିତ୍ରୀ ସୁଚରିତା ପ୍ରତିହାରୀ, ଶିକ୍ଷାବିତ୍ ଅବନିଶ ରଥ, ଶିବସୁନ୍ଦର ମିଶ୍ର, ସଂଘମିତ୍ରା ଦାସ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ କଠୋର ପରିଶ୍ରମ, ନିଷ୍ଠା, ସଂକଳ୍ପ ଓ ସ୍ୱପ୍ନ ବିଦ୍ୟାର୍ଥୀଙ୍କୁ ସଫଳତାର ମାର୍ଗ ଦେଖାଏ, ଯାହା କଲାମଙ୍କ କ୍ଷେତ୍ରରେ ଘଟିଥିଲା। ପ୍ରଥମ ପର୍ବରେ ଆଇନଜୀବୀ ତଥା ପରିଚାଳନା ମଣ୍ଡଳୀ ସଦସ୍ୟ ଶରତ କୁମାର ରାୟଗୁରୁ ଅବ୍‌ଦୁଲ କଲାମଙ୍କ ଉପରେ ଆଧାରିତ ପ୍ରଶ୍ନ ମଞ୍ଚ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ କଲାମଙ୍କ ଜୀବନୀ ପୁସ୍ତକ ବଣ୍ଟନ କରାଯାଇଥିଲା।

ପ୍ରାରମ୍ଭରେ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ ସହ ପିଲାମାନଙ୍କୁ କଲାମଙ୍କ ବାଣୀ କହିଥିଲେ। ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ବକ୍ତୃତା (କନିଷ୍ଠ)ରେ ସଦ୍ୟାନ୍ତ ଶତପଥୀ, ଦିବ୍ୟାଶା ମିଶ୍ର, ଆଞ୍ଜେଲା ଅପୂର୍ବ ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ, ବରିଷ୍ଠ ବିଭାଗରେ ଅନୁଷ୍କା ମହାନ୍ତି, ଦିବ୍ୟାଂଶୀ ମହାପାତ୍ର, ଅନୁଷ୍କା ରାୟ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ, ଚିତ୍ରାଙ୍କନ କନିଷ୍ଠ ବିଭଗରେ ତ୍ରିସା କାନୁନ୍‌ଗୋ, ମୟଙ୍କ ସେନାପତି, ଅଭିଜିତ୍ ଦାସ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚିତ୍ରାଙ୍କନ ବରିଷ୍ଠ ବିଭାଗରେ ସନ୍ଦୀପ ଜେନା, ସମ୍ଭବ ହୋତା, ସଞ୍ଚିତା ପ୍ରିୟଦର୍ଶିନୀ ଦେବତା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଚିତ୍ରାଙ୍କନରେ ଦୁର୍ଗାମାଧବ କର, ସତ୍ୟ ପାଢ଼ୀ, ଶିବ ମହାରଣା ଓ ବକ୍ତୃତାରେ ଅବନିଶ ରଥ, ରେଣୁକା ମିଶ୍ର, ଶ୍ରୀୟାଶ୍ରୀ ପଣ୍ଡା, ଅନ୍ନପୂର୍ଣ୍ଣା ରଥ ବିଚାରକ ଭାବେ ଯୋଗଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ରଶ୍ମିତା ସାହୁ ଧନ୍ୟବାଦ ଦେଇଥିଲେ।

## ପର୍ଯ୍ୟଟକ ଯାତାୟାତ ଓ ପାର୍କିଂ ବ୍ୟବସ୍ଥା ସୁଗମ ହେବ

ପୁରୀ,୧୫।୧୦(ସମିସ): ଆଗାମୀ ଦିନରେ ପୁରୀକୁ ଅଧିକ ସଂଖ୍ୟକ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ସେମାନଙ୍କ ସୁଗମ ଯାତାୟାତ ନିମନ୍ତେ ବୁଧବାର ଏସ୍‌ପି ଅଫିସରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏସ୍‌ପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ପାର୍କିଂସ୍ଥଳ, ବସ୍‌ଷ୍ଟାଣ୍ଡ ଓ ଅନ୍ୟାନ୍ୟ ପ୍ରବେଶସ୍ଥଳରୁ ସହଜ ଯାତାୟାତ ବ୍ୟବସ୍ଥା କେମିତି କରାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଅଟୋ ଏବଂ ବସ୍ ସେବା ପାଇଁ ନିର୍ଦ୍ଧାରିତ ଭଡ଼ା ତାଲିକା ପ୍ରସ୍ତୁତ କରାଯିବ। କେହି ଅଧିକ ଭଡ଼ା ନେବେ ନାହିଁ। ପର୍ଯ୍ୟଟକ ଯାତାୟାତ ଯାନବାହନର କାଗଜପତ୍ର ଓ ପରିଚୟ ସୁନିଶ୍ଚିତ କରାଯିବ। ବିଭିନ୍ନ ପ୍ରକାର ଯାନବାହନ ପାଇଁ ନିର୍ଦ୍ଧାରିତ ପାର୍କିଂସ୍ଥଳ ନିର୍ଦ୍ଧାରଣ, ପର୍ଯ୍ୟଟକ ଓ ଭକ୍ତଙ୍କ ସୁବିଧା ପାଇଁ ପ୍ରମୁଖ ଯାତାୟାତ କେନ୍ଦ୍ରରେ ଲୋଗୋ ଓ ସୂଚନାଫଳକ ସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ପୌରସଂସ୍ଥାର ନିର୍ବାହୀ ଅଧିକାରୀ, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଆର୍‌ଟିଓ, ଟ୍ରାଫିକ୍ ଆଇଆଇସି ଜୟଦୀପ ମହାନ୍ତି, ଟାଉନ୍ ଆଇଆଇସି ଗୋକୁଳ ରଞ୍ଜନ ଦାସ, ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



## କନ୍ୟାଶିଶୁଙ୍କ ସଶକ୍ତୀକରଣ ପାଇଁ ସଚେତନତା ଶିବିର

ପୁରୀ,୧୫।୧୦(ସମିସ): ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଭାରତ ବିକାଶ ପରିଷଦ ପୁରୀ ତରଫରୁ ଅନ୍ତର୍ଜାତୀୟ ଶିଶୁ କନ୍ୟା ସପ୍ତାହରେ କନ୍ୟା ଶିଶୁମାନଙ୍କ ସଶକ୍ତୀକରଣ, ଗୁଣାତ୍ମକ ଶିକ୍ଷା ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପରିଚାଳନା କରି ପରିଷଦର ସଚିବ ସନ୍ତୋଷ କୁମାର ମହାନ୍ତି ଶିଶୁକନ୍ୟାଙ୍କ ସର୍ବାଙ୍ଗିଣ ଉନ୍ନତି ପାଇଁ ପରିଷଦର ପ୍ରତିବଦ୍ଧତା ବିଷୟରେ ସୂଚନା ଦେଇଥିଲେ। ଏ ବର୍ଷର ବିଷୟବସ୍ତୁ "ମୁଁ ସେହି ଝିଅ, ମୁଁ ପରିବର୍ତ୍ତନର ନେତୃତ୍ୱ ନେବି'କୁ ସମସ୍ତ ଛାତ୍ରୀଙ୍କୁ ଶପଥପାଠ କରାଇଥିଲେ। ମୁଖ୍ୟବକ୍ତା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ଶିଶୁକନ୍ୟାଙ୍କ ଅଧିକାର ଏବଂ ଆଇନଗତ ସହାୟତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ପରିଷଦର ଜାତୀୟ ମହିଳା ବାଲ୍ ବିକାଶ ସଦସ୍ୟା ସୁପ୍ରିତି ରଥ ଶିଶୁ କନ୍ୟାର ବଞ୍ଚିବାର ଅଧିକାର, ସମ୍ମୁଖୀନ ହେଉଥିବା ଆହ୍ୱାନର ମୁକାବିଲା ପାଇଁ ପରାମର୍ଶ ଦେଇଥିଲେ।

ଏଥିରେ ବାଲ୍ ବିକାଶ ସଂଯୋଜିକା ଅଧ୍ୟାପିକା ଉର୍ମିଳା ସ୍ୱାଇଁ, ଅର୍ଥ ସଚିବ ହରପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ପ୍ରଶାସକ ପଦ୍ମନାଭ ପଣ୍ଡା, କିଶୋର ପଟ୍ଟନାୟକ, ପତିତପାବନ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ମୀରା ମହାରଣା, ନବକୁମାର ନାୟକ ସହଯୋଗ କରିଥିଲେ। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗଦେଇଥିଲେ। ସମସ୍ତଙ୍କୁ ନାରୀ ଜାତିର ଆଦର୍ଶ ଅହଲ୍ୟାବାଈ ହୋଲ୍‌କରଙ୍କ ଜୀବନୀ ଉପରେ ଆଧାରିତ ପତ୍ରିକା ବଣ୍ଟନ କରାଯାଇଥିଲା। ଶେଷରେ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରୀୟ ସଂଗୋଷ୍ଠୀ ଉଦ୍‌ଘାଟିତ

ପୁରୀ,୧୫।୧୦(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସର୍ବଦର୍ଶନ ବିଭାଗ ଦ୍ୱାରା ଆୟୋଜିତ ହେବାକୁ ଥିବା 'ଭାରତୀୟ ଜ୍ଞାନ ପରମ୍ପରାରେ ଯୋଗବିଜ୍ଞାନ' ଶୀର୍ଷକ ଦୁଇଦିନିଆ ରାଷ୍ଟ୍ରୀୟ ସଂଗୋଷ୍ଠୀ ବୁଧବାର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୁରୀ ସାଂସଦ ଡ. ସମ୍ବିତ କୁମାର ପାତ୍ର ଯୋଗଦେଇ ଯୋଗବିଜ୍ଞାନ ସମ୍ବନ୍ଧୀୟ ବହୁ ବୈଜ୍ଞାନିକ ତତ୍ତ୍ୱ ବ୍ୟାଖ୍ୟାନ କରିଥିଲେ। ଯୋଗ ବିଜ୍ଞାନସମ୍ମତ ଓ ଏକ ବିଶାଳ ଆଧ୍ୟାତ୍ମିକ ଶାସ୍ତ୍ର ବୋଲି ସେ ମତ ରଖିଥିଲେ। ମୁଖ୍ୟବକ୍ତା କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗର ପ୍ରାକ୍ତନ ଅଧ୍ୟକ୍ଷ ପ୍ର. ସୁରେନ୍ଦ୍ର ମୋହନ ମିଶ୍ର ଯୋଗଶାସ୍ତ୍ରକୁ ସରଳ ଭାବେ ବ୍ୟାଖ୍ୟା କରିଥିଲେ। ସମ୍ମାନିତ ବକ୍ତା ଭାବେ ବିଶ୍ୱଭାରତୀ ଶାନ୍ତିନିକେତନର ସଂସ୍କୃତ ପାଲି ଓ ପ୍ରାକୃତ ବିଭାଗର ଆଚାର୍ଯ୍ୟ ପ୍ର. ନରୋତ୍ତମ ସେନାପତି, ସମ୍ମାନିତ ଅତିଥି ବିଶ୍ୱଭାରତୀ ଶାନ୍ତିନିକେତନର ଶିକ୍ଷାଶାସ୍ତ୍ର ବିଭାଗ ମୁଖ୍ୟ ପ୍ର. ସନତ୍ କୁମାର ରଥ, ସାରସ୍ୱତ ଅତିଥି ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ସଚିବ ରମାକାନ୍ତ ନାୟକ, ସ୍ନାତକୋତ୍ତର ପରିଷଦର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ସାହିତ୍ୟ ବିଭାଗର ଅଧ୍ୟକ୍ଷ ପ୍ର. ବସନ୍ତ କୁମାର ମିଶ୍ର ଯୋଗ ଉପରେ ବକ୍ତବ୍ୟ ରଖିଥିଲେ। ସର୍ବଦର୍ଶନ ବିଭାଗର ଅଧ୍ୟକ୍ଷ ତଥା ଆଲୋଚନାଚକ୍ରର ଉପଦେଷ୍ଟା ଡ. ପ୍ରଦୀପ୍ତ କୁମାର ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗର ଆଚାର୍ଯ୍ୟା ଡ. ସସ୍ମିତା ବନ୍ଦର ନାୟକ ସଂଗୋଷ୍ଠୀର ନିର୍ଦ୍ଦେଶିକା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସର୍ବଦର୍ଶନ ବିଭାଗର ଆଚାର୍ଯ୍ୟ ଡ. ଅଜୟ କୁମାର ପାଣ୍ଡେ ସଭା ପରିଚାଳନା କରିଥିଲେ। ବ୍ୟାକରଣ ବିଭାଗର ଆଚାର୍ଯ୍ୟ ଡ. ଅଜୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବେଦ ବିଭାଗର ଆଚାର୍ଯ୍ୟ ଡ. ଚନ୍ଦନ କୁମାର ମିଶ୍ର ବେଦପାଠ କରିଥିଲେ।

## ଡେଲାଙ୍ଗରେ ନିର୍ମାଣ ହେବ ପ୍ରଥମ ରେଳ ଓଭରବ୍ରିଜ୍

### ବ୍ରିଜ୍ ନିର୍ମାଣ ପରେ ସମ୍ପୂର୍ଣ୍ଣ ବନ୍ଦ ହେବ ଜଗଦଲପୁର ରେଳ ଫାଟକ

ଡେଲାଙ୍ଗ,୧୫।୧୦(ସମିସ)

ଡେଲାଙ୍ଗ ବ୍ଲକ୍ ଅଧୀନ ସୁଜନପୁର ପଞ୍ଚାୟତର ଜଗଦଲପୁର ରେଳ ଫାଟକଠାରେ ନିର୍ମାଣ ହେବ ବ୍ଲକ୍‌ର ପ୍ରଥମ ରେଳ ଫ୍ଲାଏଓଭର। ଏଥିପାଇଁ ପ୍ରାଥମିକ ସର୍ବେକ୍ଷଣ ପ୍ରକ୍ରିୟା ଆରମ୍ଭ ହୋଇଛି। ୨ଜଣିଆ ରେଳ କର୍ମଚାରୀଙ୍କ ସମେତ ଡେଲାଙ୍ଗ ତହସିଲ୍ କର୍ମଚାରୀ, ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ସାହୁ, ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ମିଳିତ ଭାବେ ନକ୍ସା ମୁତାବକ ରେଳବାଇ ସରଜମିନ୍ ଯାଞ୍ଚ କରିବା ସହିତ ଓଭରବ୍ରିଜ୍ ନିର୍ମାଣ ପରେ ପୂର୍ବତଟ ରେଳପଥ ଅଧୀନ ମୋଟରୀ ଓ କଣାସ ରୋଡ୍ ମଧ୍ୟରେ ଅବସ୍ଥିତ ଏହି ଫାଟକଟିକୁ ସ୍ଥାୟୀ ଭାବେ ବନ୍ଦ କରିବା ନେଇ ଆଲୋଚନା କରିଥିଲେ।

ସୂଚନା ଥାଉକି, ଦେଶର ବିଭିନ୍ନ ସହରରୁ ଖୋର୍ଦ୍ଧା ରୋଡ୍ ଦେଇ ପୁରୀକୁ ସଂଯୋଗ କରାଯାଇଥିବା ଅପ୍ ଓ ଡାଉନ୍ ଲାଇନ୍‌ରେ ପାଖାପାଖି ୧୨୦ଟି ଟ୍ରେନ୍ ଯାତାୟାତ କରୁଥିବା ଜଣାପଡ଼ିଛି। ଏଥିମଧ୍ୟରୁ ଅଳ୍ପ ସଂଖ୍ୟକ ଟ୍ରେନ୍ ସାପ୍ତାହିକ ଯାତାୟାତ କରୁଥିବାବେଳେ ଶତାଧିକ ଟ୍ରେନ୍ ଦୈନିକ ଯାତାୟାତ କରୁଛି। ହରିପୁର ରେଳ ଫାଟକଠାରୁ ବୀରପୁରୁଷୋତ୍ତମପୁର ରେଳ ଫାଟକ ମଧ୍ୟରେ ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ୧୬ଟି ରେଳ ଫାଟକ ରହିଛି। ଏଥି ମଧ୍ୟରୁ ହରିପୁର, ଜଗଦଲପୁର, କଣାସ ରୋଡ୍, ବେରବୋଇ, ରେଞ୍ଚ ଓ ବୀରପୁରୁଷୋତ୍ତମପୁର ରେଳ ଫାଟକ ଦେଇ ସର୍ବାଧିକ ଲୋକ ଯାତାୟାତ କରନ୍ତି। ଟ୍ରେନ୍ ଯାତାୟାତ ସମୟରେ ବାରମ୍ବାର ଫାଟକ ପଡୁଥିବାରୁ ଆପାତ୍‌କାଳୀନ ସ୍ଥିତିରେ ଯାଉଥିବା ଲୋକଙ୍କ ସହିତ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ଅଟକି ରହୁଥିବାରୁ ଲୋକେ ସମସ୍ୟା ଭୋଗୁଛନ୍ତି। ଏହି ସମସ୍ୟାର ଉପଚାର ନିମନ୍ତେ ସର୍ବାଧିକ ଲୋକ ଯାତାୟାତ କରୁଥିବା ରେଳ ଫାଟକଠାରେ ଫ୍ଲାଏଓଭର ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଆସୁଥିଲେ। ତେବେ ଗତ କିଛିମାସ ତଳେ ପିପିଲି ରାସ୍ତାର ବେରବୋଇ ରେଳ ଫାଟକ ଉପରେ ଫ୍ଲାଏଓଭର ନିର୍ମାଣ ନିମନ୍ତେ ନକ୍ସା ପ୍ରସ୍ତୁତ କରାଯାଉଥିବା ଏବଂ ଓଭରବ୍ରିଜ୍‌ର ପିଲାର ପଡ଼ିବା ସ୍ଥାନ ନିରୂପଣ କରାଯାଉଥିବା ଦେଖିବାକୁ ମିଳିଥିଲା। ସେହିପରି ମଙ୍ଗଳବାର ସ୍ଥାନୀୟ ଜନପ୍ରତିନିଧିଙ୍କ ଉପସ୍ଥିତିରେ ରେଳ କର୍ମଚାରୀ ଓ ରାଜସ୍ୱ ଅଧିକାରୀମାନେ ଖୋର୍ଦ୍ଧା-ପୁରୀ ୯ନଂ ଫାଟକ ନିକଟରେ ମିଳିତ ଭାବେ ଆଲୋଚନା କରିଥିଲେ। ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ସମାପ୍ତ ପରେ ଏହି ଫାଟକଟିକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ନେଇ ଆଲୋଚନା କରାଯାଇଥିବା ବେଳେ ଏହାର ସହମତି ଓ ଅନୁମୋଦନ ନିମନ୍ତେ ଯାଞ୍ଚର ସମ୍ପୂର୍ଣ୍ଣ ବିବରଣୀ ପୁରୀ ଜିଲ୍ଲାପାଳଙ୍କୁ ପ୍ରେରଣ କରାଯିବ ବୋଲି ଡେଲାଙ୍ଗ ତହସିଲ୍‌ଦାର ଦେବୀପ୍ରସାଦ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଅନ୍ୟପଟେ ଦୀର୍ଘ ୧୫ ବର୍ଷରୁ ଅଧିକ ସମୟ ଧରି ଡେଲାଙ୍ଗର ବିଭିନ୍ନ ରେଳ ଫାଟକ ଉପରେ ଫ୍ଲାଏଓଭର ନିର୍ମାଣ କରାଯିବ ବୋଲି ଅଞ୍ଚଳବାସୀ ଶୁଣି ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ରେଳ ଓ ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସ୍ଥାନୀୟ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।



# ରାସ୍ତା ସମସ୍ୟା ନେଇ ଯୁଝୁଛନ୍ତି ଶରଧା ଗ୍ରାମବାସୀ

କରଞ୍ଜିଆ,୧୫।୧୦(ସମିସ):

ରାସ୍ତା ସମସ୍ୟାରେ ଯୁଝୁଛନ୍ତି ଶରଧା ଗ୍ରାମବାସୀ। କରଞ୍ଜିଆ ବ୍ଲକ୍ ଅଧୀନ ବଡ଼ଦେଉଳି ପଞ୍ଚାୟତର ଶରଧା ଗ୍ରାମର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି।

## ରାସ୍ତା ମରାମତି କରିବାକୁ ଦାବି




କରଞ୍ଜିଆ ସହରଠାରୁ ମାତ୍ର ୩ କିଲୋମିଟର ଦୂରରେ ଏହି ଗ୍ରାମ ଅବସ୍ଥିତ। ଗ୍ରାମରେ୭ଟି ୱାଡର୍‌ରେ ୫ଶହରୁ ଊର୍ଦ୍ଧ ପରିବାର ବସବାସ କରନ୍ତି। ଗ୍ରାମ ରାସ୍ତାଦେଇ ତ୍ରିଧାରା ପର୍ଯ୍ୟଟନ କ୍ଷେତ୍ରକୁ ଯିବାକୁ ପଡ଼ିଥାଏ। ଗ୍ରାମର ଲୋକେ କରଞ୍ଜିଆ ସହର ଉପରେ ନିର୍ଭର କରିଥାନ୍ତି। କାରଣ କରଞ୍ଜିଆରେ ଉଚ୍ଚ ବିଦ୍ୟାଳୟଠାରୁ ଆରମ୍ଭ କରି ବ୍ଲକ, ମେଡ଼ିକାଲ, କୋର୍ଟ କଚେରୀ ଥାନା ବ୍ୟାଙ୍କ ଓ ପୋଷ୍ଟ ଅଫିସ ରହିଛି। ତେଣୁ ପ୍ରତ୍ୟେକ ଦିନ କରଞ୍ଜିଆ ସହରକୁ ଆସନ୍ତି ବିଭିନ୍ନ କାମରେ ଏବଂ ପ୍ରତ୍ୟେକ ଦିନ ଶହଶହ ଗାଡ଼ି ଯାତାୟାତ କରିଥାଏ। ଏହି ରାସ୍ତାଦେଇ ପ୍ରତ୍ୟେକ ଦିନ ସ୍କୁଲ, ଅଙ୍ଗନବାଡ଼ିର ପିଲାମାନେ ଯିବାଆସିବା ସହିତ ପର୍ଯ୍ୟଟକମାନେ ମଧ୍ୟ ଯାତାୟାତ କରିଥାଆନ୍ତି। ଏହି ରାସ୍ତା ମଝିରେ ଦେଓ ଗେଷ୍ଟ ହାଉସ ଅବସ୍ଥିତ। ରାସ୍ତାଦେଇ ଜିଲ୍ଲାପାଳ ମାସରେ ଥରେ ଗେଷ୍ଟ ହାଉସ ଯାଇଥାନ୍ତି। ବେଳେ ବେଳେ ନେତା ମନ୍ତ୍ରୀମାନେ ମଧ୍ୟ ଏହି ରାସ୍ତାଦେଇ ଯାଇଥାନ୍ତି। ତେଣୁ ସହରଠାରୁ ଗେଷ୍ଟ ହାଉସ ପର୍ଯ୍ୟନ୍ତ ଦେଢ଼ କିଲୋମିଟର ରାସ୍ତା ପ୍ରାୟ ସବୁବେଳେ ମରାମତି ହୁଏ, ହେଲେ ବାକି ଦେଢ଼ କିଲୋମିଟର ମରଣଯନ୍ତାରେ ପରିଣତ ହୋଇଛି। ରାସ୍ତାର ଅବସ୍ଥା ଯୋଗୁଁ ଦୁର୍ଘଟଣା ଘଟିଥାଏ। ରାସ୍ତା ପାଇଁ ଗ୍ରାମବାସୀ ପଞ୍ଚାୟତ, ବ୍ଲକ, ଉପଜିଲ୍ଲାପାଳ, ଜିଲ୍ଲାପାଳ ତଥା ରାସ୍ତାଟି ଥିବା ଆରଡି ବିଭାଗର ଅଧିକାରୀଙ୍କୁ ଅବଗତ କରିବା ସହିତ ରାସ୍ତା ମରାମତି ପାଇଁ ଦାବି କରିଥିଲେ। ହେଲେ ଖୁବ୍‌ଶୀଘ୍ର ମରାମତି ହେବ ବୋଲି ପ୍ରତିଶ୍ରୁତି ମିଳିଛି। ଅଭିଯୋଗ ପରେ ମଧ୍ୟ ରାସ୍ତାର ମରାମତି ହୋଇପାରିଲା ନାହିଁ। ରାସ୍ତାର ଅବସ୍ଥା ଏତେ ଖରାପ ହୋଇପଡିଛି ଯେ ବାଇକ, ଟେମ୍ପୋ ଗାଡି ହେଉ କି ବଡ଼ ଗାଡି ଯିବାଆସିବା କଷ୍ଟକର ହୋଇପଡିଛି। ବର୍ଷା ଦିନର ଅବସ୍ଥା ନ କହିବା ଭଲ, ରାସ୍ତାସାରା ଖାଲଖମାରରେ ପାଣି ରହିଯିବା ଯୋଗୁଁ ସ୍କୁଲ ପିଲାଙ୍କ ଯାତାୟାତରେ ବହୁତ ଅସୁବିଧା ହୋଇଥାଏ। ଏବେ ବର୍ଷା ସରିଲା ଗ୍ରାମବାସୀଙ୍କ ଅଭିଯୋଗକୁ ପ୍ରଶାସନ କେତେ ତତ୍ପରତା ଦେଖାଇ ରାସ୍ତା ମରାମତି କରୁଛି ତାହା ଦେଖିବାକୁ ବାକିରହିଲା।

# ପୁରୁଣା ବାରିପଦା କ୍ଲଷ୍ଟରରେ 'ସୁରଭି' କାର୍ଯ୍ୟକ୍ରମ



କୁଆମରା,୧୫।୧୦(ସମିସ): ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା କ୍ଲଷ୍ଟରରେ ଆଜି 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚତୁରେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନରେନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ। ସିଆରସିସି ପ୍ରଶାନ୍ତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ମୋଟ ୧୪ଟି ବିଦ୍ୟାଳୟର ତିନିଶହରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୋଟ ୩୦ଟି ବିଭାଗ ଉପରେ କନିଷ୍ଠ ଓ ବରିଷ୍ଠଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭାଗିରଥି ପରିଡା, ଆଶିଷ କୁମାର ସାହୁ, ବୈଜୟନ୍ତ କର, ରାଜେଶ କୁମାର ମହାନ୍ତି, ହାଡିବନ୍ଧୁ ସାହୁଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଥମ ଅଧିବେଶନରେ ଅତିଥି ଭାବେ ସରପଞ୍ଚ ଭୋଳାନାଥ ସିଂ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିରୁଦ୍ଧ ମହଲା, ଚତୁରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମାଳତୀ ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଜେନା, କମଳ ଲୋଚନ ଦାସ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ରବିନ୍ଦ୍ର କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସୁକାନ୍ତ ବିନ୍ଧାଣି ଓ ରାଜୀବ ମହାନ୍ତ ସଞ୍ଚାଳନ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମିଶ୍ର, ପଶୁଦା କ୍ଲଷ୍ଟରର ସିଆରସିସି ଷ୍ଟାଲିନ ଦେ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ। ବିଆରସିସି କୁଳମଣି ନାଏକ ପରିଦର୍ଶନରେ ଆସି ତଦାରଖ କରିବା ସହ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ଧାର ଟଙ୍କାରେ ଠକେଇ ଅଭିଯୋଗ

ବାରିପଦା,୧୫।୧୦(ସମିସ): ଧାର ଟଙ୍କାରେ ଚକ୍ରବୃଦ୍ଧି କରି ଅଧିକ ଟଙ୍କାର ଏଗ୍ରିମେଣ୍ଟ କରିଥିବା ନେଇ ଅଭିଯୋଗକୁ ନେଇ ମାମଲା ରୁଜୁ ହୋଇଛି। ବଳରାମପୁର ଅଞ୍ଚଳର ଶାନ୍ତନୁ ସିଂ ଭଞ୍ଜପୁର ଥାନାରେ କରିଥିବା ଅଭିଯୋଗ ଅନୁସାରେ, ସେ ଟ୍ରେନିଂ ସେଣ୍ଟର ପରିଚାଳନା ପାଇଁ ମାର୍ଥା ଦେ ନାମକ ବ୍ୟକ୍ତିଙ୍କ ଠାରୁ ଦୁଇଟି ପର୍ଯ୍ୟାୟରେ ୩ଲକ୍ଷ ଟଙ୍କା ନେଇଥିଲେ। କିନ୍ତୁ ମାର୍ଥା ଦେ, ଆଶିଷ ଦେ ଓ ଆନନ୍ଦ କୁମାର ଦେ ମିଶି ତାଙ୍କୁ ଠକି ଥିଲେ। ୩ଲକ୍ଷ ଟଙ୍କା ଧାର ନେଇଥିବା ବେଳେ ତାଙ୍କ ଅଜାଣତରେ ୬ଲକ୍ଷ ଟଙ୍କାର ଧାର ନେଇଥିବାର ଏଗ୍ରିମେଣ୍ଟରେ ଦସ୍ତଖତ କରାଇଥିଲେ। ସେ ଟଙ୍କା ଫେରସ୍ତ କରିବା ପରେ ମଧ୍ୟ ଆହୁରି ଟଙ୍କା ମାଗିଥିଲେ। ଯାହାକୁ ନେଇ ଯାଞ୍ଚ କରିବାରୁ ଘଟଣା ବାବଦରେ ଜାଣି ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

■ +୨ ଆନ୍ତଃ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଜୋନାଲ ଭଲିବଲ୍ ପ୍ରତିଯୋଗିତା

# ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚାମ୍ପିଅନ

ବାରିପଦା,୧୫।୧୦(ସମିସ):




ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇନ୍‌ଡୋର ଷ୍ଟାଡିୟମ ପରିସରରେ ଚାଲିଥିବା ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଜୋନ୍ ୫ର ଭଲିବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଜିଲ୍ଲାର ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାଲିଆପାଳର ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ବାରିପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଦଳ ୨-୦ ସେଟରେ ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦଳକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ପ୍ରତିଯୋଗିତାକୁ ରାଜେଶ ଦାସ, ପ୍ରଦୋଷ ଟିପିରିଆ, ଦେବାଶିଷ ପରିଡ଼ା, ଶିବଶଙ୍କର ମହାନ୍ତ, ମନୋହର ବେହେରା ଓ ମାନସ ମହାନ୍ତ ପରିଚାଳନା କରିଥିଲେ। ଉଦ୍‌ଯାପନ ଉତ୍ସବର ମୁଖ୍ୟଅତିଥି ଭାବେ ବାରିପଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ କୁମାର ଷଡ଼ଙ୍ଗୀ ଉପସ୍ଥିତ ରହି କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତା ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ତାପସ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥଲା। ଅଧ୍ୟାପକ ଅଟଳ କୁମାର ମହାନ୍ତ ଧନ୍ୟବାଦ ଦେଇଥିଲେ। ଏହାର ଫାଇନାଲ ଜୋନ୍ ଆସନ୍ତା ୧୮ ଓ ୧୯ ତାରିଖ ପର୍ଯ୍ୟନ୍ତ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇନ୍‌ଡୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବ।

# ମହାକାଶବିଜ୍ଞାନ ସମ୍ବନ୍ଧୀୟ କୁଇଜ ପ୍ରତିଯୋଗିତା

ଶୁଳିଆପଦା,୧୫।୧୦(ସମିସ): ଶୁଳିଆପଦା ବ୍ଲକ୍ ସ୍ଥିତ ଭାଲିଆଶୋଳ ଆଦର୍ଶ ବିଦ୍ୟାଳୟରେ ଟାଟାଷ୍ଟିଲ କମ୍ପାନୀ ପକ୍ଷରୁ ମହାକାଶ ବିଜ୍ଞାନ ସମ୍ବନ୍ଧୀୟ କୁଇଜ ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମ ରାଜ୍ୟସରକାରଙ୍କ ପ୍ରଯୁକ୍ତି ବିଦ୍ୟା ଅଧୀନରେ ଥିବା ପଠାଣି ସାମନ୍ତ ପ୍ଲାନିଟରିୟମ ସହଯୋଗରେ ଟାଟାଷ୍ଟିଲ ଆଷ୍ଟ୍ରୋନମର ୟାଟସର ୧୭ତମ ସଂସ୍କରଣ ଦ୍ୱାରା କାର୍ଯ୍ୟକ୍ରମରେ ଆୟୋଜିତ ମହାକାଶବିଜ୍ଞାନ, ଜ୍ୟୋତ୍ରିବିଜ୍ଞାନ, ପଦାର୍ଥ ବିଜ୍ଞାନ, ରସାୟନଶାସ୍ତ୍ର ଓ ଗ୍ରହନକ୍ଷତ୍ର ସମ୍ବନ୍ଧୀୟ ୨୧୦ଟି କୁଇଜ ଓ ୬୧ଟି ପ୍ରବନ୍ଧ ଲିଖନ ପ୍ରତିଯୋଗିତା ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ହୋଇଥିଲା। ଏଥିରେ କୃତିତ୍ୱଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତା ଦ୍ୱାରା ଛାତ୍ରଛାତ୍ରୀନେ ମହାକାଶ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନାର୍ଜନ କରିବା, ଗଗନଯାନ ମହାକାଶ ଯାତ୍ରା ସହ ଚିତ୍ର ସମ୍ବନ୍ଧୀୟ ଜ୍ଞାନ ଆରୋହଣ ପାଇଁ ବିଭିନ୍ନ ସ୍ଥାନକୁ ଟାଟାଷ୍ଟିଲ ପକ୍ଷରୁ ଗସ୍ତ କରିପାରିବେ। ଅନଲାଇନରେ ମଧ୍ୟ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। କାର୍ଯ୍ୟକ୍ରମରେ ଓଡିଶା ଆଦର୍ଶ ବିଦ୍ୟାଳୟ ଭାଲିଆଶୋଳର ପ୍ରଧାନଶିକ୍ଷକ ବି.କେ ପୃଷ୍ଟି ସହକାରୀ ବିଜ୍ଞାନ ଶିକ୍ଷୟିତ୍ରୀ ତପସ୍ୱିନୀ ନାଏକ, ଯୁବସମାଜ ସେବୀ ସମୀର ମହାନ୍ତ, ଦୁଲାଲ ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ। ଆଶିଷ କୁମାର ମହାନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରକ୍ତଦାନ କରି ସମ୍ବର୍ଦ୍ଧିତ

ବାରିପଦା,୧୫।୧୦(ସମିସ): ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲରେ ବଡ଼ସାହିର ସରସ୍ୱତୀ ସିଂ ପ୍ରସୂତି ବିଭାଗରେ ଚିକିତ୍ସିତ ହେଉଥିବା ସମୟରେ ଜରୁରୀକାଳିନ ରକ୍ତର ଆବଶ୍ୟକ ହେବାରୁ ରୋଗୀଙ୍କ ଘର ଲୋକେ ବାରିପଦାର ନାରାୟଣ ସେବା ଟ୍ରଷ୍ଟକୁ ଯୋଗାଯୋଗ କରିଥିଲେ। ଖବର ପାଇ ନାରାୟଣ ସେବା ଟ୍ରଷ୍ଟର ସକ୍ରିୟ ସଦସ୍ୟା ଭାସ୍ୱତି ପଣ୍ଡା ତୁରନ୍ତ ବାରିପଦା ରକ୍ତକେନ୍ଦ୍ରକୁ ଯାଇ ନିଜର ବହୁମୂଲ୍ୟ ରକ୍ତ ଗର୍ଭବତୀଙ୍କ ଉଦ୍ଦେଶ୍ୟରେ ଦାନ କରିଥିଲେ। ରକ୍ତଦାନ ସମୟରେ ନାରାୟଣ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ଡଃ ନିରୋଜ କୁମାର ପୋଥାଳ, ସମାଜସେବୀ ହିମାଂଶୁ ପ୍ରହରାଜ, ଅଶୋକ କୁମାର କଲିଆ, ସର୍ଦ୍ଦାର ହରିଚରଣ ସିଂହ, ଇନ୍ଦ୍ରଜିତ ମହାନ୍ତ, ସନ୍ତୋଷ କୁମାର ମହାନ୍ତ, ରାଜଲକ୍ଷ୍ମୀ ମିଶ୍ର ଓ ସ୍ନେହା ଅର୍ଚ୍ଚିତା ମିଶ୍ର ପ୍ରମୁଖ ଯୋଗଦେଇ ରକ୍ତଦାତ୍ରୀ ଭାସ୍ୱତିଙ୍କୁ ସେବା କାର୍ଯ୍ୟ ପାଇଁ ସମ୍ମାନିତ କରିଥିଲେ।

# ବାଳିକା ଆତ୍ମକୌଶଳ ଶିକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କରଞ୍ଜିଆ,୧୫।୧୦(ସମିସ): କରଞ୍ଜିଆ ବ୍ଲକ ଅନ୍ତର୍ଗତ କାଦଡିହା ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ୧୦ ଦିନିଆ ବାଳିକା ଆତ୍ମକୌଶଳ ପ୍ରଶିକ୍ଷଣ ଶିବିର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଭାଗବତ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାବେ ସସ୍ମିତା ଜେନା ଯୋଗଦେଇ ବାଳିକାମାନଙ୍କୁ ବିଭିନ୍ନପ୍ରକାର ଆତ୍ମ ସୁରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ। ଇଂରାଜୀ ବିଭାଗର ଅଧ୍ୟାପକ ବନମାଳୀ ମହାନ୍ତ, ରାଜନୀତି ବିଜ୍ଞାନର ଅଧ୍ୟାପକ ଧରଣୀ ଧର ତ୍ରିପାଠୀ, ଇତିହାସ ବିଭାଗର ଅଧ୍ୟାପିକା ମୋନାଲିସା ବିଶ୍ୱାଳ ପ୍ରମୁଖ ଯୋଗଦାନ କରି ଆତ୍ମ କୌଶଳ ଶିକ୍ଷା ସବୁ ଝିଅଙ୍କ ପାଇଁ ଏକ ବଡ଼ ଆଶୀର୍ବାଦ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ପ୍ରତିମା ମଞ୍ଜରୀ ମହାନ୍ତ, ମଧୁସ୍ମିତା ମହାନ୍ତ ପରିଚାଳନା କରିଥିଲେ। ବିଦ୍ୟାଧର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ୬ ବାଲି ବୋଝେଇ ହାଇୱା ଜବତ


ଠାକୁରମୁଣ୍ଡା/ମହୁଲଡିହା,୧୫।୧୦(ସମିସ): ଖଣି ବିଭାଗ ପକ୍ଷରୁ ଚଢ଼ଉ କରି ମଙ୍ଗଳବାର ରାତିରେ ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାରେ ବେଆଇନ ଭାବରେ ବାଲିଚାଲାଣ ହେଉଥିବା ୬ଟି ବାଲି ବୋଝେଇ ହାଇୱାକୁ ଜବତ କରିଛନ୍ତି। ଜବତ ବାଲି ବୋଝେଇ ଗାଡିଗୁଡିକୁ ଖଣି ବିଭାଗ ଠାକୁରମୁଣ୍ଡା ଥାନାରେ ଜିମା ଦେଇଛି। ଆନନ୍ଦପୁର ଅଞ୍ଚଳର ବୈତରଣୀ ନଦୀରୁ ବାଲି ବୋଝେଇ ହୋଇ ରାତିରେ ହାଇୱାଗୁଡିକ ଠାକୁରମୁଣ୍ଡା ଦିଗରେ ଆସୁଥିବା ବେଳେ ବାରିପଦା ଖଣି ବିଭାଗର କର୍ମଚାରୀମାନେ ଠାକୁରମୁଣ୍ଡା ରାସ୍ତାର ତରାମରା ନିକଟରେ ୨ଟି, ଜୁଡାମ ଘାଟି ନିକଟରେ ୩ ଟି ଏବଂ ଠାକୁରମୁଣ୍ଡା ବଜାର ନିକଟରେ ୧ଟି ହାଇୱାକୁ ଅଟକାଇଥିଲେ। ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ଏହା ବେଆଇନ ଥିବା ଦର୍ଶାଇ ଗାଡ଼ିଗୁଡିକୁ ଜବତ କରିଥିଲେ। ଘଟଣାସ୍ଥଳରୁ ୫ଟି ହାଇୱାର ଡ୍ରାଇଭର ଚମ୍ପଟ ମାରିଥିବା ବେଳେ ଗୋଟିଏ ଗାଡିର ଡ୍ରାଇଭରକୁ ଅଟକ ରଖିଥିବା ନେଇ ଖଣି ଅଧିକାରୀଙ୍କ ଠାରୁ ସୂଚନା ମିଳିଛି।


# ଦୁଷ୍କର୍ମ ଅଭିଯୋଗ, ଅଭିଯୁକ୍ତ ଗିରଫ


ବଡ଼ସାହି,୧୫।୧୦(ସମିସ): ବଡ଼ସାହି ଥାନା ଅଧୀନ ବିରେଶ୍ୱରପୁର ପଞ୍ଚାୟତ ଦାନ୍ତୁଣୀ ବନ୍ଧସାହି ଗ୍ରାମର ଜଣେ ୨୦ ବର୍ଷର ଝିଅକୁ ସେହି ଗ୍ରାମର ଜଣେ ୬୧ ବର୍ଷର ବୃଦ୍ଧ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ବୃଦ୍ଧ ଟିଟ ସିଂଙ୍କୁ ଗିରଫ କରିଛି। ପୁଲିସ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ବେଳେ ଉଭୟଙ୍କୁ ଡାକ୍ତରୀମାଇନା କରାଯାଇ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି।


# ବାଲି ବୋଝେଇ ଡମ୍ପର ଜବତ


ବଡ଼ସାହି,୧୫।୧୦(ସମିସ): ବଡ଼ସାହି ଥାନା ତଥା ତହସିଲ ଅଞ୍ଚଳର କୁଳିଅଣା(ବି) ବେଆଇନ ବାଲିଘାଟରୁ ପ୍ରତିଦିନ ବିଳମ୍ବିତ ରାତିରେ ଶହଶହ ଟ୍ରିପ ବାଲି ଉତ୍ତୋଳନ ହେଉଥିବାର ଅଭିଯୋଗ ହୋଇଆସୁଛି। ବିଳମ୍ବିତ ରାତିରେ ଓଡି ୦୬ ବି ୨୩୪୬ ନମ୍ବର ବିଶିଷ୍ଟ ଡମ୍ପର ବାଲିବୋଝେଇ କରି ଉଠୁଥିବା ବେଳେ ଗ୍ରାମବାସୀ ଗାଡ଼ିକୁ ଅଟକାଇ ବଡ଼ସାହି ପୁଲିସକୁ ଖବର ଦେଇଥିଲେ। ପୁଲିସ ବହୁ ବିଳମ୍ବରେ ପହଞ୍ଚି ଡମ୍ପରକୁ ଜବତ କରି ଥାନାକୁ ଆଣିଛି। ଘଟଣାସ୍ଥଳରେ ପୁଲିସ ଡମ୍ପର କାହାର, ଚାଳକ କିଏ ଓ ଏହା ଚାଲାଣ କରିବା ପଛରେ କିଏ ତଦନ୍ତ କରିବା ବଦଳରେ ଗାଡ଼ି ଅଟକାଇଥିବା ଗ୍ରାମବାସୀଙ୍କ ନାମ, ବୟସ ବୁଝି ଲେଖି ଆଣିଥିବା ସେମାନେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ବଡ଼ସାହି ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜଙ୍କୁ ପଚାରିବାରୁ ଏନେଇ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି ବୋଲି କହିଛନ୍ତି। ବଡସାହି ଥାନା ଅଞ୍ଚଳରେ ଲଘୁଖଣିଜ ଯଥା ବାଲି ଓ ମୋରମ ଚୋରାରେ ଚାଲାଣ କରୁଥିବା ମାଫିଆମାନଙ୍କର ଦୌରାତ୍ମ୍ୟ କ୍ରମଶଃ ବୃଦ୍ଧି ପାଉଥିବା ଦେଖାଯାଉଛି। ଅଞ୍ଚଳର ବିଭିନ୍ନ ବେଆଇନ ବାଲି ସୈରାତରୁ ଦିନ ରାତି ବେଶ୍ ଖୋଲାଖୋଲି ବାଲି ଉଠାଇ ବିକ୍ରି ହେବା ଦେଖାଯାଉଛି। ବଡ଼ସାହି ତହସିଲ ଅଧିକାରୀ ସମେତ କର୍ମଚାରୀଙ୍କ ଅପାରଗତା ଏବଂ ବଡ଼ସାହି ପୁଲିସର ନିଷ୍କ୍ରିୟତା ସହିତ ମାଫିଆଙ୍କ ନିକଟରେ ପୁଲିସ ଓ ଖଣି ବିଭାଗ ବିକ୍ରି ହୋଇଥିବା ଯୋଗୁଁ ବାଲି ଓ ମୋରମ ଚାଲାଣ ହେଉଥିବା ଏବଂ ସରକାର ରାଜସ୍ୱ ହରାଉଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି।


















# ଭୁବନେଶ୍ୱର ସିଟି

‘ଜାତୀୟ ଆଦିବାସୀ ମହୋତ୍ସବ ୨୦୨୫’

# ଲୌହ ହସ୍ତଶିଳ୍ପରେ ଜନଜାତିଙ୍କ ଜୀବନଶୈଳୀର ଚିତ୍ର

ଭୁବନେଶ୍ୱର, ୧୫।୧୦(ସମିସ): ଲୁହାରେ ତିଆରି ବିଭିନ୍ନ ସାମଗ୍ରୀରେ ପ୍ରସ୍ଫୁଟିତ ହୋଇଛି ଜନଜାତିଙ୍କ ଜୀବନ ଶୈଳୀର ଚିତ୍ର। ଜନଜାତିଙ୍କ ଜୀବନରେ ଜଙ୍ଗଲ ଓ ଜଙ୍ଗଲଜାତ ଦ୍ରବ୍ୟର ଭୂମିକାକୁ ଲୁହାରେ ନିର୍ମିତ ବିଭିନ୍ନ ହସ୍ତଶିଳପରେ ନିଖୁଣ ଭାବରେ ପ୍ରତିଫଳିତ କରିଛନ୍ତି କାରୀଗରମାନେ। ଯାହାକୁ କେବଳ ଦେଖିବାକୁ ନୁହେଁ ବରଂ କିଣିବାକୁ ମଧ୍ୟ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମୁଛି। ଲୁହାରେ ତିଆରି ବିଭିନ୍ନ ସାମଗ୍ରୀ ଏବେ ସମସ୍ତଙ୍କୁ ଆକୃଷ୍ଟ କରୁଛି। ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ‘ଜାତୀୟ ଆଦିବାସୀ ମହୋତ୍ସବ ୨୦୨୫’ରେ ଛତିଶଗଡ଼ ଗଣ୍ଡ ଜନଜାତିର ଏକ ଷ୍ଟଲରେ।



ସାଧାରଣତଃ ଆଦିବାସୀ ଅବା ବିଭିନ୍ନ ଜନଜାତି ସମ୍ପ୍ରଦାୟର ଲୋକମାନେ ଜଙ୍ଗଲ ଓ ପ୍ରାକୃତିକ ସୁବଜିମା ମଧ୍ୟରେ ବାସ କରିଥାନ୍ତି। ପରିବେଶ ଓ ଜଙ୍ଗଲ ସେମାନଙ୍କ ଜୀବନର ଏକ ଅଂଶ ବିଶେଷ କହିଲେ ଅତ୍ୟୁକ୍ତ ହେବନାହିଁ। ଜଙ୍ଗଲରୁ ସେମାନେ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଗୁଜୁରାଣ ମେଣ୍ଟାଇଥାନ୍ତି। ସେହିପରି ଗୋ-ପାଳନ, ନୌକା ଚାଳନା ଆଦି ବିଭିନ୍ନ କୁଳ ବେଉସାକୁ ଆଜିବି ସେମାନେ କିଭଳି ଜାବୁଡ଼ି ଧରିଛନ୍ତି, ଯାହାର ନିଖୁଣ ଚିତ୍ରକୁ ସେମାନେ ଲୌହ ହସ୍ତଶିଳ୍ପରେ ପ୍ରଦର୍ଶିତ କରିଛନ୍ତି। ସେହପରି ଜନଜାତିଙ୍କ ବିଭିନ୍ନ କୌଶଳ, ଦେବାଦେବୀ, ଧର୍ମ, ସଂସ୍କୃତି, ପରମ୍ପରା ସମ୍ପର୍କିତ ନୃତ୍ୟ, ବେଶଭୂଷା ଆଦି ଅନେକ ଚିତ୍ରକୁ ମଧ୍ୟ ହସ୍ତଶିଳ୍ପ ମାଧ୍ୟମରେ ତୋଳି ଧରିଛନ୍ତି। ସାଧାରଣତଃ କାର୍ଡ ବୋର୍ଡରେ ଚିତ୍ରଶିଳ୍ପୀମାନେ ଏହାକୁ ଚିତ୍ର ମାଧ୍ୟମରେ ଜୀବନ୍ତ ରୂପ ଦେଉଥିବା ବେଳେ ଲୌହ ଶିଳ୍ପରେ ମଧ୍ୟ ଏହା ଦେଖିବାକୁ ମିଳିଛି। ପ୍ରଥମେ ବଜାରରୁ ଲୁହା କିଣି ତାହାକୁ ନିଆଁରେ ଗରମ କରାଯାଇଥାଏ। ଗରମ ଅବସ୍ଥାରେ ହାତୁଡ଼ାରେ ବାଡେଇ ବିଭିନ୍ନ ଆକୃତି ଦିଆଯାଇଥାଏ। ସବୁଠୁ ବଡ଼କଥା ହେଉଛି ଏହି ହସ୍ତଶିଳ୍ପ ପ୍ରସ୍ତୁତରେ କୌଣସି ମେସିନ ବ୍ୟବହାର ନକରି ହାତରେ ବାଡେଇ ଶିଳ୍ପୀମାନେ ଏକ ଇଞ୍ଚରୁ ଆରମ୍ଭ କରି ୨ରୁ ‘ଫୁଟ ଉଚ୍ଚତାର ଆକର୍ଷଣୀୟ କଳାକୃତି ନିର୍ମାଣ କରିଥାନ୍ତି ବୋଲି ଷ୍ଟଲର ମାଲିକ ରାଜ୍ କହିଛନ୍ତି। ଏହି ହସ୍ତଶିଳ୍ପ ଗୁଡ଼ିକ ୨ଶହ ଟଙ୍କାରୁ ଆରମ୍ଭ ହୋଇ ୭ହଜାର ଟଙ୍କା ଯାଏ ରହିଥିବା ବେଳେ ଏହାକୁ ଘର ସଜାଇବା ସାଙ୍ଗକୁ ବିଭିନ୍ନ କର୍ପୋରେଟ୍ ଅଫିସର ସୌନ୍ଦର୍ଯ୍ୟୀକରଣ ପାଇଁ ମଧ୍ୟ କିଣୁଥିବା ସେ କହିଛନ୍ତି।

## ଗୋ-ମାଂସ ଜବତ; ଜଣେ ଗିରଫ

ହଂସପାଳ, ୧୫।୧୦(ସମିସ): କାର୍‌ରେ ଗୋ ମାଂସ ନେଇ ଯାଉଥିବା ବେଳେ ପାହାଳ ଥାନା ପୋଲିସ ପଶ୍ଚିମବଙ୍ଗ ମେଦିନୀପୁର ପାନାଗାଓଁର ଶେଖ ଜସିମୁଧିନ (୬୦)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ବଙ୍ଗୁଆରି ପୁରୀ କେନାଲ ରାସ୍ତା ନିକଟରେ ଏକ କାର ରାସ୍ତାକଡ଼ରେ ଠିଆ ହୋଇଥିଲା। ଉକ୍ତ କାର୍‌ରେ ଗୋ ମାଂସ ଥିବା ହେତୁ ବାଟରେ ଯାଉଥିବା ଲୋକଙ୍କୁ ଦୁର୍ଗନ୍ଧ ହୋଇଥିଲା। ସନ୍ଦେହ ହେବାରୁ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପାହାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କାରକୁ ତଲାସି କରିବା ସମୟରେ ଗାଡ଼ି ଭିତରୁ ୧୦ କେଜି ଗୋ ମାଂସ ଭର୍ତି ଏକ ଧଳା ବ୍ୟାଗ୍ ଠାବ ହୋଇଥିଲା। ଶେଖ୍ ଜସିମୁଧିନ ଉକ୍ତ ଗୋ ମାଂସ ସପକ୍ଷରେ କୌଣସି ପ୍ରମାଣିତ କାଗଜ ପତ୍ର ପୋଲିସ କୁ ଦେଖାଇ ପାରିନଥିଲେ। ଫଳରେ ପାହାଳ ଥାନା ପୋଲିସ ଶେଖ୍ ଜସିମୁଧିନକୁ ଗିରଫ କରିଥିଲେ। ପୋଲିସ ଅଧିକ ପଚରାଉଚରାରୁ ଜାଣିବାକୁ ପାଇଛି ଯେ ଶେଖ୍ ଜସିମୁଧିନ ବାରମ୍ବାର ପିପିଲିରୁ ବେଆଇନ ଗୋ ମାଂସ ଆଣି ବେପାର କରିଥାନ୍ତି।

## ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୧୫ ।୧୦(ସମିସ): ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ବୁଧବାର ରବୀନ୍ଦ୍ର ମଣ୍ଡପ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନର ଉପଯୋଗିତା ଦ୍ୱାରା ମାନବ ଜୀବନ କଲ୍ୟାଣ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ରଶ୍ମିତା ପଣ୍ଡା ଯୋଗ ଦେଇ ମଣିଷର କର୍ମ ହିଁ ଜୀବନାଦର୍ଶର ମାର୍ଗ ଉନ୍ମୁକ୍ତ କରିଥାଏ ବୋଲି ମତ ଦେଇଥିଲେ। ପରିଷଦର ସଭାପତି ତଥା ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସାଂସ୍କୃତିକ ପରିଷଦର ସାଧାରଣ ସମ୍ପାଦକ ପଦ୍ମଲୋଚନ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଷଦର ଉପ ସଭାପତି ତଥା ପଠାଣି ସାମନ୍ତ ପ୍ଲାନେଟାରିୟମ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପରିଷଦର ବାର୍ଷିକ ପତ୍ରିକା ବିଜ୍ଞାନ କଳିକା୨୦୨୫ ଉନ୍ମୋଚିତ ହୋଇଥିଲା। ଏଥିସହ ନାଟକ ‘ସଳିତା’ ପରିବେଷଣ ହୋଇଛି। ନାଟ୍ୟକାର ଜଷ୍ଟିସ ଅରୁଣ ପରିଛା, ନିର୍ଦ୍ଦେଶକ ଅବିନାଶ ଦଣ୍ଡପାଟ, ସହ ନିର୍ଦ୍ଦେଶକ ଅଭିଷେକ ନାୟକ, ସଙ୍ଗୀତ ନିର୍ଦ୍ଦେଶକ ବିନୟ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ମଞ୍ଚସ୍ଥ ହେଲା ନାଟକ ‘ନୋ ଏକ୍ସପାୟରୀ’



ଭୁବନେଶ୍ୱର, ୧୫।୧୦(ସମିସ): ଚିତ୍ରଶିଳ୍ପୀ, ଅଭିନେତା, ମଞ୍ଚଶିଳ୍ପୀ ତଥା ନିର୍ଦ୍ଦେଶକ ଅସୀମ ବସୁଙ୍କ ୯୩ ତମ ଜୟନ୍ତୀ ଅବସରରେ ଅସୀମ ବସୁ ଫାଉଣ୍ଡେସନ ଆୟୋଜିତ ଦିନିକିଆ ନାଟକ ଉତ୍ସବ ନାଟ୍ୟ ଅନୁଷ୍ଠାନ ଉତ୍ତରପୁରୁଷ ପକ୍ଷରୁ ଭଞ୍ଜକଳା ମଣ୍ଡପଠାରେ ନାଟକ ‘ନୋ ଏକ୍ସପାୟରୀ’ ମଞ୍ଚସ୍ଥ ହୋଇଛି।

ସ୍ୱାମୀ ସ୍ତ୍ରୀର ମଧୁର ସମ୍ପର୍କରେ ହସ କାନ୍ଦ ଓ ସୁଖ ଦୁଃଖ ଭରି ରହିଥାଏ। ଦାମ୍ପତ୍ୟ ଜୀବନରେ ଏହା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ପରିଣତ ବୟସରେ ସନ୍ତାନ ସନ୍ତତିମାନେ ବାପା ମାଆଙ୍କୁ ଅଲଗା କରିବାକୁ ଅପଚେଷ୍ଟା କରିଥାନ୍ତି। କେତେକ ସେଥିରେ ସଫଳ ହୁଅନ୍ତି ତ କେତେକ ଅସଫଳ। ଅପର ପାର୍ଶ୍ୱରେ ଯୁବ ଦମ୍ପତିଙ୍କ କ୍ଷେତ୍ରରେ ଧନ ଉପାର୍ଜନ, ସୁଖସ୍ୱଚ୍ଛନ୍ଦ, ଭୋଗବିଳାସ ଦାମ୍ପତ୍ୟର ଯାନକୁ ଦିଗହରା କରିଦେଇଥାଏ। ସନ୍ତାନଟିଏ ପୁଣି ସେମାନଙ୍କୁ ପୁଣି ଏକାଠି କରିଥାଏ। ସମ୍ପର୍କର ନୌକାରୁ ସ୍ୱାର୍ଥକୁ ଅଲଗା କରିପାରିଲେ ହିଁ ସମ୍ପର୍କରେ ପୁଣି ନୂତନତା ଭରିଯାଏ। ସମ୍ପର୍କରେ କଳଙ୍କି ଲାଗେନି କି ସମ୍ପର୍କ ଏକ୍ସପାୟରୀ ହୁଏନି। ପ୍ରେମ ଓ ସମ୍ପର୍କରେ ଏକ୍ସପାୟରୀ ନଥାଏ। ଏପରି ଏକ ବାସ୍ତବତାକୁ ଦେଖାଇଥିଲା ନାଟକ ‘ନୋ ଏକ୍ସପାୟରୀ’। ଯାହାର ମୂଳ ରଚନା ମନୋଜ ମିତ୍ର କରିଥିବାବେଳେ ଏହାର ଓଡିଆ ଅନୁସୃଜନ କରିଥିଲେ ଗୌତମ ବସୁ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଦେବଦତ୍ତ ପତ୍ତି।

## ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ରାଜ୍ୟସ୍ତରୀୟ ବିଜ୍ଞାନ ସେମିନାର




ଭୁବନେଶ୍ୱର, ୧୫।୧୦(ସମିସ): ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱରଠାରେ କ୍ୱାଣ୍ଟମ୍ ଯୁଗର ଆରମ୍ଭ: ସମ୍ଭାବନା ଏବଂ ଆହ୍ୱାନ’ ଶୀର୍ଷକ ରାଜ୍ୟସ୍ତରୀୟ ବିଜ୍ଞାନ ସେମିନାର ଆୟୋଜିତ ହୋଇଛି। ଯେଉଁଠି ଓଡ଼ିଶାର ୩୦ଟି ଜିଲ୍ଲାକୁ ପ୍ରତିନିଧିତ୍ୱ କରୁଥିବା ମୋଟ ୩୦ ଜଣ ମନୋନୀତ ବିଦ୍ୟାଳୟ ଛାତ୍ରଛାତ୍ରୀ ଉପରୋକ୍ତ ବିଷୟ ଉପରେ ସେମାନଙ୍କର ମତାମତ ଉପସ୍ଥାପନ କରିଛନ୍ତି। ସେମିନାରର ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ସନ୍ଧ୍ୟାରେ ଉଦଯାପନୀ ସମାରୋହରେ ପୁରସ୍କାର ଓ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ଉଦଯାପନୀ ସମାରୋହରେ ପ୍ରଫେସର ନୀହାରିକା ମହାପାତ୍ର, ପ୍ରଫେସର ପ୍ରଦୀପ କୁମାର ସାହୁ, ଡ. ମନୋଜ ଦଲାଇ, ଆଞ୍ଚଳିକ ବିଜ୍ଞାନ କେନ୍ଦ ପ୍ରକଳ୍ପ ସଂଯୋଜକ କପିଳ ଜୈନ ଏବଂ ପ୍ରଲିପ୍ତା ମିଶ୍ର ଉପସ୍ଥିତ ଥିଲେ। ସେମିନାରର ବିଜେତା ମୟୁରଭଞ୍ଜର ଛାତ୍ରୀ ଅଲିଶା ପଣ୍ଡା ହୋଇଥିଲେ ଓ ସେ ଆଗାମୀ ଅକ୍ଟୋବର ୩୦ ତାରିଖରେ ବେଙ୍ଗାଲୁରୁ ସ୍ଥିତ ବଶ୍ୱେଶରାୟ ଶିଳ୍ପ ଏବଂ ପ୍ରଯୁକ୍ତିବିଦ୍ୟା ସଂଗ୍ରହାଳୟରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ବିଜ୍ଞାନ ସେମିନାରରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ।

## ବାଲିପାଟଣାରେ ବରିଷ୍ଠ ନାଗରିକ ଦିବସ

ବାଲିପାଟଣା, ୧୫।୧୦(ସମିସ): ବାଲିପାଟଣା ବ୍ଲକ ପ୍ରଶାସନ ତରଫରୁ ବୁଧବାର ପୂର୍ବାହ୍ନରେ ପଞ୍ଚାୟତ ସମିତି ସଭାଗୃହରେ ବ୍ଲକସ୍ତରୀୟ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିବ୍ୟଜ୍ୟୋତି ଭୂତିଆଙ୍କ ସଂଯୋଜନାରେ ଅନୁଷ୍ଠିତି କାର୍ଯକ୍ରମରେ ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ଯଶୋଦା ସାହୁ, ସିସି ପ୍ରଭାତ କୁମାର୍ ଜେନା, ବରିଷ୍ଠ ନାଗରିକ ସଂଘର ସଭାପତି ସୁରେନ୍ଦ୍ର ନାଥ ସେଠୀ, ଉପସଭାପତି ରମେଶ ଚନ୍ଦ୍ର ସାହୁ, ସମ୍ପାଦକ ଟହଲି ଭୋଇ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ଓ ସମ୍ମାନର ସହ ବଞ୍ଚିବାର ଅଧିକାରକୁ ଅଧିକ ମଜବୁତ୍ କରିବାରେ ଏହି ଦିବସ ପାଳନର ତାତ୍ପର୍ଯ୍ୟ ରହିଛି ବୋଲି ବକ୍ତାମାନେ ମତ ଦେଇଥିଲେ। ସରକାରଙ୍କ ତରଫରୁ ଯେଉଁ ଯୋଜନା ମାନ କରାଯାଇଛି, ତାର ସୁଯୋଗ ସମସ୍ତ ବରିଷ୍ଠ ନାଗରିକ ଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ଦାୟିତ୍ୱରେ ଥିବା ଅଧିକାରୀ ମାନେ ତତ୍ପରତାର ସହିତ ଏହି କାର୍ଯ୍ୟ କରିବା ଦରକାର ବୋଲି ପ୍ରସ୍ତାବ ଦିଆଯାଇଥିଲା। ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ପ୍ରଶାସନ ତରଫରୁ ଉତ୍ତରୀୟ ଓ ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା। ସଂଗ୍ରାମ କେଶରୀ ଦାସ ସହଯୋଗ କରିଥିଲେ।

## ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ ନେଇ ଆସୁଛି ତ୍ରିଭାଷୀ ଚଳଚ୍ଚିତ୍ର ‘ହ୍ୱିଲ୍ସ ଅଫ୍ ସିଭିଲାଇଜେସନ୍

ଭୁବନେଶ୍ୱର, ୧୫ ।୧୦(ସମିସ): ଆସନ୍ତା ୧୮ ତାରିଖରେ କେଶରୀ ଟକିଜରେ ‘ହ୍ୱିଲ୍ସ ଅଫ୍ ସିଭିଲାଇଜେସନ୍’ର ପ୍ରିମିଅର୍ ଶୋ ହେବ। ଇଂରାଜୀ ସହ ହିନ୍ଦୀ ଓ ଓଡ଼ିଆ ଭାଷାରେ ନିର୍ମିତ ଏହି ଫିଲ୍ମରେ ବ୍ରିଟିଶ୍, ମୁମ୍ବାଇ ଓ ଓଡ଼ିଶାର କଳାକାର ସୁକାନ୍ତ ରଥ, ଚୌଧୁରୀ ବିକାଶ ଦାସ, ଜିତୁ ମଙ୍ଗରାଜ ପ୍ରମୁଖ ଅଭିନୟ କରିଛନ୍ତି। ଡଃ ରାଜିନ୍ଦର ପାଲ ସିଂଙ୍କ ରଚନା ଓ ନିର୍ଦ୍ଦେଶନାରେ ନିର୍ମିତ ଏହାର ଶୁଟିଂ ସାତକୋଶିଆ ଜଙ୍ଗଲ ସମେତ ଓଡ଼ିଶା ଓ ପଞ୍ଜାବରେ ହୋଇଛି। ପରିବେଶ ସୁରକ୍ଷା ଓ ଆଦିବାସୀ ଜୀବନଶୈଳୀ ଉପରେ ଆଧାରିତ ଏହି କାହାଣୀ ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି।

## ଆନ୍ତଃସ୍କୁଲ ଫୁଟ୍‌ବଲ: ସେମିଫାଇନାଲରେ କିସ୍




ଭୁବନେଶ୍ୱର, ୧୫ ।୧୦ (ସମିସ): ୟୁନିଟ୍-୧ ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ତୃତୀୟ ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ‘ୟୁନିଲାଇଟ୍ କପ୍’ରେ ପ୍ରଥମ ଦଳ ଭାବେ କିସ୍ ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ କିସ୍ ସ୍କୁଲ ୩-୦ ଗୋଲରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲକୁ ପରାସ୍ତ କରିଥିଲା। ବିଜୟୀ ଦଳର ମହେଶ୍ୱର ମୁର୍ମୁ ୨ଟି ଓ ସମୀର ବାଇବାଇ ଗୋଟିଏ ଗୋଲ୍ ଦେଇଥିଲେ। ଖେଳ ଶେଷରେ ଭାସ୍କର ରାଉତ ଅତିଥି ଭାବେ ଯୋଗଦେଇ ମହେଶଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ଖେଳାଳି ସଂଘର ସଭାପତି ନବରଞ୍ଜନ ପଟ୍ଟନାୟକ, ଅଶୋକ ପଟ୍ଟନାୟକ ଏହି ଅବସରରେ ଉପସ୍ଥିତ ରହିଥିଲେ। ଗୁରୁବାର ଅରବିନ୍ଦ ହାଇସ୍କୁଲ ଓ ଓଡିଏମ୍ ସ୍କୁଲ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଖେଳାଯିବ।

## ମଦମୁକ୍ତ ଭାରତ ପାଇଁ ରାଷ୍ଟ୍ରପତିଙ୍କୁ ଭେଟିଲେ ମୋନା ପ୍ରତିନିଧି

ଭୁବନେଶ୍ୱର/ନନ୍ଦନକାନନ, ୧୫।୧୦(ସମିସ): ପ୍ରବୀଣ ଗାନ୍ଧୀବାଦୀ, ମଦମୁକ୍ତ ଭାରତ ଅଭିଯାନର ଆବାହକ ଏବଂ ମିଳିତ ଓଡ଼ିଶାର ନିଶା ନିବାରଣ ଅଭିଯାନ (ମୋନା)ର ସଭପତି ପଦ୍ମ ଚରଣ ନାୟକଙ୍କ ନେତୃତ୍ୱରେ ନିଶା ନିବାରଣ କର୍ମୀଙ୍କ ଏକ ଛଅ ଜଣିଆ ପ୍ରତିନିଧି ଦଳ ବୁଧବାର ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଥିଲେ। ମହାମହିମ ରାଷ୍ଟ୍ରପତି ଜନସାଧାରଣ ଙ୍କ ବୃହତ୍ତର ସ୍ୱାର୍ଥ ରେ ଦେଶବ୍ୟାପୀ ମଦ ଓ ଅନ୍ୟ ମାରାତ୍ମକ ନିଶା ଦ୍ରବ୍ୟର ପୂର୍ଣ୍ଣ ନିଷେଧ ପାଇଁ ଗମ୍ଭୀରତାର ସହ ବିଚାର କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଉଭୟ କେନ୍ଦ୍ର ସରକାର ଏବଂ ଓଡ଼ିଶା ସରକାରଙ୍କୁ ପତ୍ର ଲେଖି ପରାମର୍ଶ ଦେବେ ବୋଲି ପ୍ରତିନିଧିଦଳଙ୍କୁ ପ୍ରତିଶ୍ରୁତି ଦେଇଥିଲେ ବୋଲି ମୋନା ପକ୍ଷରୁ କୁହାଯାଇଛି। ପ୍ରତିନିଧି ମଣ୍ଡଳୀ ମାନ୍ୟବର ରାଷ୍ଟ୍ରପତିଙ୍କୁ ତାଙ୍କର ସମତାପୂର୍ଣ୍ଣ, ସମ୍ବେଦନଶୀଳତା ଏବଂ ନୈତିକ ନେତୃତ୍ୱ ପାଇଁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ ଏବଂ ଆଜିର ଏହି ବୈଠକକୁ ମଦମୁକ୍ତ ଭାରତ ଆନ୍ଦୋଳନରେ ଏକ ଐତିହାସିକ ମୁହୂର୍ତ୍ତ ଭାବରେ ବର୍ଣ୍ଣନା କରିଥିଲେ।



## ଜ୍ଞାନର ବିକାଶ ପାଇଁ ପାଠାଗାରର ଭୂମିକା ଅତୁଳନୀୟ

ଡ ଅଭୟ ନାୟକ ପାଇଲେ ‘ଗୀତାରାଣୀ ଓଡ଼ିଆ ସାହିତ୍ୟ ସମ୍ମାନ’

ଭୁବନେଶ୍ୱର, ୧୫ ।୧୦(ସମିସ): ଗୀତାରାଣୀ ସ୍ମୃତି ପାଠାଗାରର ବାର୍ଷିକ ଉତ୍ସବ ଡୁମୁଡୁମା ସାଇ ମୁକୁନ୍ଦ ଭେଷଜ ଉଦ୍ୟାନ ପରିସରରେ ବୁଧବାର ପାଳିତ ହୋଇଯାଇଛି। ଏହି ସଭାରେ ଗୀତାମୁକୁନ୍ଦ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ବିରେନ୍ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଓଡ଼ିଶା ବନ୍ୟପ୍ରାଣୀ ସମିତିର ସଚିବ ତଥା ଦକ୍ଷିଣ ଏସିଆର ଗ୍ରୀନପିସ୍ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜ୍ଞାନର ବିକାଶ ପାଇଁ ପାଠାଗାରର ଭୂମିକା ଅତୁଳନୀୟ ବୋଲି ମତ ଦେଇଥିଲେ। ଆଜିର ସମୟରେ କାରିଗରି ବିଦ୍ୟାର ବିକାଶକୁ ଆଖି ଆଗରେ ରଖି ଛାତ୍ରମାନେ ନିଜକୁ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ। ବାର୍ଷିକ ଉତ୍ସବ ପାଳନ ଅବସରରେ ଓଡିଆ ସାହିତ୍ୟର ପ୍ରତିଷ୍ଠିତ ରଚୟିତା ଡ ଅଭୟ ନାୟକଙ୍କୁ ‘ଗୀତାରାଣୀ ଓଡିଆ ସାହିତ୍ୟ ସମ୍ମାନ-୨୦୨୫’ପ୍ରଦାନ କରାଯାଇଥିଲା। ଏହି ଉତ୍ସବକୁ ଅନ୍ୟତମ ଟ୍ରଷ୍ଟି ତଥା ଓଡ଼ିଶା ସରକାରଙ୍କ ପ୍ରାକ୍ତନ ମୁଖ୍ୟ ବନ ସଂରକ୍ଷକ ଅକ୍ଷୟ ପଟ୍ଟନାୟକ ସଞ୍ଚାଳନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଗଦାଧର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସଦସ୍ୟ ସଚ୍ଚିଦାନନ୍ଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ଜନମଙ୍ଗଳ ପକ୍ଷରୁ ଅବଦୁଲ କଲାମଙ୍କ ଜୟନ୍ତୀ

ଭୁବନେଶ୍ୱର, ୧୫।୧୦(ସମିସ): ଜନମଙ୍ଗଳ ପକ୍ଷରୁ ଭାରତର ପୂର୍ବତନ ରାଷ୍ଟ୍ରପତି, ମହାନ ବୈଜ୍ଞାନିକ, ମିସାଇଲ ମ୍ୟାନ, ଭାରତରତ୍ନ ଅବୁଲ ପାକିର ଜୈନୁଲାବୁଦ୍ଦୀନ ଅବଦୁଲ କଲାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମହାତ୍ମାଗାନ୍ଧୀ ମାର୍ଗ ସ୍ଥିତ ଜନମଙ୍ଗଳ କ୍ୟାମ୍ପଠାରେ ବୁଧବାର ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ସହରର ବହୁ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ତଥା ଜନସାଧାରଣ ଯୋଗଦେଇ ଅବଦୁଲ କଲାମଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ମିଳନ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୈଲୋଚନ ସାହୁ, ଅବିନାଶ ଦାସ, ଅବସରପ୍ରାପ୍ତ ସେନା କର୍ମଚାରୀ ରଞ୍ଜନ କର ପ୍ରମୁଖ ଉପସ୍ଥିତ ଥିଲେ।

## ଲାୟନ୍ସ କ୍ଲବ୍ ଦ୍ୱାରା ଗୋସେବା



ଭୁବନେଶ୍ୱର, ୧୫।୧୦(ସମିସ): ଲାୟନ୍ସ କ୍ଲବ ଅଫ ଭୁବନେଶ୍ୱର ବ୍ୟାଙ୍କର୍ସ ତରଫରୁ ପୋଖରୀପୁଟସ୍ଥିତ ‘ଭୂଆସୁଣୀ ଗୋସେବା କେନ୍ଦ୍ର’ରେ ଏକ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଗୋସେବା କେନ୍ଦ୍ରରେ ଥିବା ଅସୁସ୍ଥ, ଆଘାତପ୍ରାପ୍ତ ଓ ଅକର୍ମଣ୍ୟ ଗୋରୁଗାଈଗୁଡ଼ିକୁ ଉଚିତ ପଶୁଖାଦ୍ୟ ଯୋଗାଇବା ସହିତ କ୍ଲବର ଲାୟନ ସଦସ୍ୟ ଓ ସଦସ୍ୟାମାନେ ସେମାନଙ୍କ ସହ କିଛି ସମୟ ବିତାଇଥିଲେ। ଏହି କାର୍ଯ୍ୟକ୍ରମରେ ଲାୟନ୍ସ ଜିଲ୍ଲା ୩୨୨୪ର ଗବର୍ଣ୍ଣର ଡ. ହେମନ୍ତ କୁମାର ଖୁଣ୍ଟିଆ ଉପସ୍ଥିତ ରହି ଗୋସେବାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିବା ସହିତ ଗୋସେବାରେ ବ୍ରତୀ ହେବାପାଇଁ ପ୍ରବର୍ତ୍ତାଇ ଥିଲେ। ଏହି କାର୍ଯ୍ୟକ୍ରମଟି ଲାୟନ୍ସ କ୍ଲବ ଅଫ ଭୁବନେଶ୍ୱର ବ୍ୟାଙ୍କର୍ସର ସଭାପତି ଅଭୟ କୁମାର ମହାପାତ୍ର, ସାଧାରଣ ସମ୍ପାଦକ ବିଚିତ୍ର କୁମାର ମିଶ୍ର ଓ କାର୍ଯ୍ୟକ୍ରମ ସମିତିର ଅଧ୍ୟକ୍ଷା ଲାୟନ ଡ. ସୁସ୍ମିତା ରାଉତଙ୍କ ପ୍ରୟାସରେ ଅନୁଷ୍ଠିତ ହୋଇଥିଲା। କ୍ଲବର ଚାର୍ଟରଡ଼ ସଭାପତି ନବକିଶୋର ସାହୁ, ଲାୟନ୍ସ ଜିଲ୍ଲାର ଜିଇଟି ସଂଯୋଜକ ଡ. ମନୋରଞ୍ଜନ ଭୂୟାଁ, ଉପସଭାପତି ରଘୁନାଥ ପୃଷ୍ଟି, ମାୟା ସ୍ୱାଇଁ, ମନମୋହନ ମିଶ୍ର, ମନୋଜ କୁମାର ଜେନା, ପ୍ରକାଶ ଚନ୍ଦ୍ର ଦାସ, ଉଷାରାଣୀ ମଙ୍ଗରାଜ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗିତା କରାଇଥିଲେ।

## ବିପର୍ଯ୍ୟୟ କ୍ଷତିଗ୍ରସ୍ତଙ୍କୁ ମାନସିକ ସାନ୍ତ୍ୱନା ସଂକ୍ରାନ୍ତ ସମ୍ମିଳନୀ

ଭୁବନେଶ୍ୱର, ୧୫।୧୦(ସମିସ): ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ପରିବାର ବା ବ୍ୟକ୍ତିମାନଙ୍କୁ ତୁରନ୍ତ ମାନସିକ ସ୍ତରରେ ସାନ୍ତ୍ୱନା ଦେଇ ସେମାନଙ୍କୁ ପୁଣି ମୁଖ୍ୟ ସ୍ରୋତରେ ସାମିଲ କରିବା ଯୋଗ୍ୟ କରାଯାଇପାରିବ ସେ ବିଷୟରେ ଏକ ଆନ୍ତର୍ଜାତିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନିମହାନ୍ସ (ଏନଆଇଏମଏଚଏଏନ୍‌ଏସ୍), ବେଙ୍ଗାଲୁରୁ ଠାରେ ଆୟୋଜିତ ଏହି ସମ୍ମିଳନୀରେ ବିଭିନ୍ନ ଦେଶ ଓ ରାଜ୍ୟରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ଆନ୍ତର୍ଜାତିକ ସମ୍ମିଳନୀରେ ଭୁବନେଶ୍ୱର ସିଭିଲ ଡିଫେନ୍ସର ସ୍ୱେଚ୍ଛାସେବୀ ସଞ୍ଜିତା ମହାପାତ୍ର ଅଂଶଗ୍ରହଣ କରି ଥିଲେ।

# ଦୀପ କରି ପଢାଖର୍ଚ୍ଚ ଉଠାଉଛନ୍ତି ବସ୍ତିର ପିଲା

ଭୁବନେଶ୍ୱର, ୧୫।୧୦(ସମିସ): ଆଉ ମାତ୍ର ଦିନ କେଇଟା ପରେ ଚାରିଆଡ଼େ ପାଳନ ହେବ ଆଲୋକର ପର୍ବ ଦୀପାବଳି। ଏଥିପାଇଁ ରାଜଧାନୀର ଗଳିକନ୍ଦିରେ ବ୍ୟବସାୟୀମାନେ ବ୍ୟବସାୟ ଆରମ୍ଭ କଲେଣି। ଆଲୋକର ଏହି ପର୍ବରେ ସମସ୍ତେ ନିଜ ଜୀବନରୁ ଅନ୍ଧକାର ଦୂର କରିବାକୁ କାମନା କରୁଥିବା ବେଳେ ନିଜ ଭବିଷ୍ୟତକୁ ଆଲୋକିତ କରିବାକୁ ଦୀପ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି ବସ୍ତିରେ ରହୁଥିବା କୁନି କୁନି ପିଲା। ଭଳିକିଭଳି ପରିବେଶ ଅନୁକୂଳ ଦୀପ ପ୍ରସ୍ତୁତ କରି ସହରର ପ୍ରମୁଖ ସ୍ଥାନରେ ବିକ୍ରି କରିବା ସହ ଲାଭ ଅର୍ଥକୁ ନିଜ ପଢ଼ାଖର୍ଚ୍ଚ ପାଇଁ ସାଇତି ରଖୁଛନ୍ତି। କମ୍ ବୟସରେ ଏଭଳି ଚିନ୍ତାଧାରାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



ସାମାଜିକ ଅନୁଷ୍ଠାନ ଆଶାଏଁ ପକ୍ଷରୁ ପ୍ରାୟ ୭ବର୍ଷ ହେବ ପିଲାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ତେବେ ଦିପାବଳୀକୁ ଆଖିଆଗରେ ରଖି ପିଲାମାନେ ପରିବେଶ ଅନୁକୂଳ ଯଥା ପଞ୍ଚଗବ୍ୟ ଓ ମାଟି ଦୀପ ପ୍ରସ୍ତୁତ କରୁଛନ୍ତି। ଘିଅ, ଦହି, କ୍ଷୀର, ଗୋମୂତ୍ର ଓ ଗୋବରରୁ ପ୍ରସ୍ତୁତ କରୁଛନ୍ତି ଏହି ଦୀପ। ସେମାନେ ମାଟି ଓ ପଞ୍ଚଗବ୍ୟର ଦୀପରେ ଭଳିକି ଭଳି ରଙ୍ଗ ଦେଇ ସେସବୁକୁ ଆକର୍ଷଣୀୟ ରୂପ ଦେବାରେ ଲାଗିପଡ଼ିଛନ୍ତି। ସେହିପରି ବଜାରରୁ ମାଟି ଦୀପ କିଣି ସେଥିରେ ରଙ୍ଗତୂଳୀରେ ସଚେତନତାର ବାର୍ତ୍ତା ପ୍ରଦାନ କରୁଥିବା ବେଳେ ଆକର୍ଷଣ ପାଲଟିଛି କ୍ୟାଣ୍ଡେଲ ଦୀପ। ବିଭିନ୍ନ ସରକାରୀ ବିଦ୍ୟାଳୟରେ ପାଠ ପଢୁଥିବା ଏହି ପିଲାମାନେ ସ୍କୁଲ ଛୁଟି ପରେ ସମୟ ନଷ୍ଟ ନକରି ସହରର ବିଭିନ୍ନ ଆପାର୍ଟମେଣ୍ଟ, କାର୍ଯ୍ୟାଳୟ ଗୁଡ଼ିକ ନିକଟରେ ଷ୍ଟଲ ମାଧ୍ୟମରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ଅନୁଷ୍ଠାନ ପକ୍ଷରୁ ରାଜଧାନୀର ୫ଟି ବସ୍ତିର ପିଲାମାନେ ଏଥିରେ ସାମିଲ ହୋଇଥିବା ବେଳେ ଅନୁଷ୍ଠାନର ବରିଷ୍ଠମାନେ ପ୍ରଶିକ୍ଷଣ ଦେଇଥାନ୍ତି। ପଞ୍ଚଗବ୍ୟ ଦୀପର ଦାମ୍ ୨୫, ୩୦ ଓ ୩୫ ଟଙ୍କା। ତେବେ ପିଲାମାନେ ନିଜେ ଦୀପ ତିଆରି କରି ବିକ୍ରି କରିବା ସହ ଏଥିରୁ ମିଳୁଥିବା ଲାଭ ଅର୍ଥକୁ ନିଜ ପାଠପଢ଼ା ପାଇଁ ସଞ୍ଚୟ କରୁଛନ୍ତି। ଆଶାଏଁ ପକ୍ଷରୁ ପିଲାମାନଙ୍କୁ କ୍ରାଫ୍ଟ ଶିକ୍ଷା ଦିଆଯାଉଥିବା ବେଳେ ଆଗକୁ ବିଭିନ୍ନ କ୍ଷେତ୍ରରେ ପିଲାମାନଙ୍କୁ ସାମିଲ କରାଯିବ ବୋଲି ଆଶାଏଁ ପକ୍ଷରୁ ଏହାର ପ୍ରତିଷ୍ଠାତା ରତ୍ନାକର ସାହୁ କହିଛନ୍ତି।

# ପାହାଡ଼ତଳି ଜଙ୍ଗଲରେ ଗଞ୍ଜେଇ ଚାଷ

**ରେଢ଼ାଖୋଲ, ୧୫ ।୧୦(ସମିସ)**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ଘୋଷରାମାଳ ପଞ୍ଚାୟତ ଅଧୀନ ବିଭିନ୍ନ ପାହାଡ଼ତଳି ଗ୍ରାମରେ ଏକର ଏକର ବେଆଇନ ଗଞ୍ଜେଇ ଚାଷ ହୋଇଥିବା ଦେଖାଯାଉଛି। ଦୀର୍ଘ ବର୍ଷ ଧରି ସମ୍ବଲପୁର ଜିଲ୍ଲାର ନାକଟିଦେଉଳ ବ୍ଲକ ଅଞ୍ଚଳରେ ବେଆଇନ ଭାବେ ଶହ ଶହ ଏକର ଜମିରେ ଗଞ୍ଜେଇ ଚାଷ ହେଉଥିଲା। ପୁଲିସ ବିଭାଗ, ଅବକାରୀ ବିଭାଗ, ରାଜସ୍ୱ ବିଭାଗ ଏବଂ ବନ ବିଭାଗ ପକ୍ଷରୁ ପ୍ରତିବର୍ଷ ଲଗାତାର ଭାବେ ବେଆଇନ ଗଞ୍ଜେଇ ଚାଷ ଉପରେ ଚଢ଼ାଉ କରାଯାଇ କୋଟି କୋଟି ଟଙ୍କାର ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯିବା ସହ ଏଥିରେ ସମ୍ପୃକ୍ତ ରହିଥିବା ଗଞ୍ଜେଇ ଚାଷୀ ସହ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଫଳରେ ଗତ ୨୦୧୮ ମସିହା ଠାରୁ ବେଆଇନ



ଗଞ୍ଜେଇ ଚାଷ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। କିନ୍ତୁ ଏହି ଅୟାଚିନୈତିକ ଅର୍ଥ ଉପାର୍ଜନ ଗଞ୍ଜେଇ ଚାଷର ମୋହ କବଳରୁ ଲୋକେ ବର୍ତ୍ତମାନ ସୁଦ୍ଧା ବର୍ତ୍ତି ପାରି ନାହାଁନ୍ତି। ଧାନ ଚାଷ ତୁଳନାରେ କମ ଦିନ ମଧ୍ୟରେ ଗଞ୍ଜେଇ ଚାଷରୁ ଅଧିକ ଆୟ ହେଉ ଥିବାରୁ ଲୋକେ ଚାଷ ପ୍ରତି ଆକୃଷ୍ଟ ହେଉଛନ୍ତି। ଏଥିରେ ପ୍ରତି ବର୍ଷରେ ପ୍ରାୟ ତିନି ଥର ଗଞ୍ଜେଇ ଅମଳ ହେଉଥିବାରୁ ଏହି ଚାଷ ପ୍ରତି ଚାଷୀ ଏବଂ ମାଫିଆମାନେ ଅଧିକ ଅର୍ଥ ଉପାର୍ଜନ ପାଇଁ ଆକୃଷ୍ଟ ହେଉଛନ୍ତି। ଏଥିରେ ନାକଟିଦେଉଳ ଅଞ୍ଚଳରେ ଗଞ୍ଜେଇ ଚାଷ ହୋଇଥିବା ଖବର ରହିଥିବା ବେଳେ ଏ ସଂକ୍ରାନ୍ତରେ କୌଣସି ଅଭିଯୋଗ ଆସି ପାରିନାହିଁ। ଏଥିରେ ଖବର ଅନୁସାରେ ଅତିଶିଘ୍ର ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅବକାରୀ ବିଭାଗ ଅଧିକାରୀ ଦୃବଦଳ ବିଶାଳ କହିଛନ୍ତି।

## ୫୩ କେଜି ଗଞ୍ଜେଇ ଜବତ, ବାହାର ରାଜ୍ୟର ୨ ଗିରଫ



**ସମ୍ବଲପୁର, ୧୫।୧୦ (ସମିସ)** : ବୌଦ୍ଧରୁ ସମ୍ବଲପୁର ଦେଇ ବିଭିନ୍ନ ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଛି। ଅବକାରୀ ବିଭାଗ ଓ ପୁଲିସ ପକ୍ଷରୁ ବାରମ୍ବାର ଚଢ଼ଉ କରି ଗଞ୍ଜେଇ ଜବତ କରିବାସହ ଗିରଫ କଲେ ମଧ୍ୟ ଏହି ନିଶା କାରବାର ଉପରେ ଅଙ୍କୁଶ ଲଗାଇ ପାରୁନାହାଁନ୍ତି। ଆଜି ଅଇଁଠାପାଲି ଥାନା ଅନ୍ତର୍ଗତ ରାଜ୍ୟ ରାଜପଥ-୧୦ରେ ସତ୍ୟନଗର ମାର୍ବଲ ଦୋକାନ ସମ୍ମୁଖରେ ଚଢ଼ଉ କରି ୫୩ କିଲୋ ଗଞ୍ଜେଇ ଜବତ କରିବାସହ ଦୁଇଜଣଙ୍କୁ ଗିରଫ କରିଛି। ଟାଟା ସଫାରି ଗାଡ଼ିରେ ଗଞ୍ଜେଇ ନେଇ ମଧ୍ୟପ୍ରଦେଶ ଦାତିଆ ଜିଲ୍ଲା, ବାଡିଆ ଥାନା ଅନ୍ତର୍ଗତ ଏକତା ନଗର କଲୋନୀର ସଞ୍ଜିବ ପୁରୋହିତ (୫୪) ଓ ଦାତିଆ ଜିଲ୍ଲା ଧାରପୁରା ଥାନା ଅନ୍ତର୍ଗତ ଚିରାଉଲିର କମଲ କିଶୋର (୩୪) ଗଞ୍ଜେଇ ନେଇ ବୌଦ୍ଧରୁ ମଧ୍ୟପ୍ରଦେଶକୁ ଯାଉଥିଲେ। ଅବକାରୀ ବିଭାଗ ଜିଲ୍ଲା ମୋବାଇଲ ୟୁନିଟ୍ ଆଇଆଇସି ସତିକା ବେସନଙ୍କ ନେତୃତ୍ୱରେ ସେମାନଙ୍କୁ ଧରିଥିଲା। ସେମାନଙ୍କଠାରୁ ଗଞ୍ଜେଇ ସହ ଟାଟା ସଫାରୀ ଷ୍ଟର୍ମ କାର ଓ ମୋବାଇଲ ଫୋନ ଜବତ କରାଯାଇଛି। ଉଭୟ ଅଭିଯୁକ୍ତଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି।



ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡ. ଏପିଜେ ଅବଦୁଲ କଲାମଙ୍କୁ ଶ୍ରଦ୍ଧାଞ୍ଜଳି।

## ୭୪ କେଜି ଗଞ୍ଜେଇ ସହ କାର୍ ଜବତ, ଯୁବକ ଗିରଫ

**ରେଢ଼ାଖୋଲ, ୧୫ ।୧୦(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍‌ଏସି କେନ୍ଦୁକଟା ଗ୍ରାମଛକ ନିକଟରେ ବୁଧବାର ଦିନ ରେଢ଼ାଖୋଲ ପୁଲିସ ୭୪ କେଜି ଗଞ୍ଜେଇ ସହିତ କାର୍ ଜବତ କରି ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ଉତ୍ତରପ୍ରଦେଶ ଜିଲ୍ଲା ମିର୍ଜାପୁର ଅଞ୍ଚଳର ସୁନିଲ ସୋନକର (୨୪)। ସୂଚନା ଯୋଗ୍ୟ ଯେ କେନ୍ଦୁକଟା ଗ୍ରାମ ନିକଟସ୍ଥ ଛକରେ ରେଢ଼ାଖୋଲ ପୁଲିସ ପକ୍ଷରୁ ବେଆଇନ ଗଞ୍ଜେଇ ଚୋରା ଚାଲାଣ ନେଇ ଖବର ପାଇ ରେଢ଼ାଖୋଲ ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଚିରଞ୍ଜନ ମେହେର, କର୍ମଚାରୀ ଘାସିରାମ କତରାକ, ଧିରେନ୍ କୁମୁରା ଅନ୍ୟ ପୁଲିସ କର୍ମଚାରୀ ମାନେ କାର ନଂ ଓଡ଼ିଶା୩ଇ-୦୨୮୭ ବିଶିଷ୍ଟ ଗାଡିକୁ ଯାଞ୍ଚ କରିଥିଲେ। ଉକ୍ତ ଗାଡ଼ିରୁ ୩ ଟି ବସ୍ତାରେ ପ୍ରାୟ ୭୪ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଅଭିଯୁକ୍ତ ଗିରଫ ଯୁବକ ସୁନିଲ ସୋନକରଙ୍କୁ ଗିରଫ କରିଥିଲେ। ତା ସହିତ ଗାଡି ମଧ୍ୟରୁ ଦୁଇଟି ଫର୍ଜି ଗାଡି ନମ୍ବର ଜବତ ହୋଇଥିଲା। ଏହି ବେଆଇନ ଚୋରା ଚାଲାଣ ଗଞ୍ଜେଇ ବୌଦ୍ଧ ଜିଲ୍ଲା ପଟରୁ ରେଢ଼ାଖୋଲ ଦେଇ ରାଜ୍ୟ ବାହାରକୁ ତଥା ଉତ୍ତରପ୍ରଦେଶକୁ ଚାଲାଣ ହେଉଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ କେସ୍ ନଂ ୨୮୨/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଉକ୍ତ ଅଭିଯୁକ୍ତ ଯୁବକକୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।



## ଗଣେଶନଗରରେ ଗଜଲକ୍ଷ୍ମୀ ପୂଜା

**ରେଢ଼ାଖୋଲ, ୧୫ ।୧୦ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର ଗଣେଶ ନଗରସ୍ଥିତ ପୂଜା ମଣ୍ଡପ ଠାରେ ୨୭ ତମ ଗଜଲକ୍ଷ୍ମୀ ପୂଜା ଧୁମଧାମରେ ସମ୍ପନ୍ନ ହୋଇଯାଇଛି। ୩ଟି ଦିନ ଧରି ଚାଲିଥିବା ମହାଲକ୍ଷ୍ମୀ ପୂଜା ଉତ୍ସବରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଥା ସଂକୀର୍ତ୍ତନ ମଣ୍ଡଳୀ, ମ୍ୟାଜିକ ସୋ, ଶିଶୁ କଳାକାର ମାନଙ୍କୁ ନେଇ ସଙ୍ଗୀତ ଏବଂ ନୃତ୍ୟ ପ୍ରତିଯୋଗିତା, ପାରାୟଣ, ପ୍ରବଚନ ପ୍ରମୁଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଗଜଲକ୍ଷ୍ମୀ ପୂଜା ଅବସରରେ ଓଡ଼ିଶା ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ମା'ଙ୍କ ଦର୍ଶନ କରିଆଶିଷ କାମନା କରିଥିଲେ। ମୁଖ୍ୟପୂଜକ ଭାବରେ ପଣ୍ଡିତ ରୁଦ୍ର ନାରାୟଣ ନନ୍ଦ ପୂଜାକାର୍ଯ୍ୟ



ସମ୍ପାଦନ କରିଥିବା ବେଳେ କର୍ତ୍ତା ଭାବରେ ଶମ୍ଭୁ ପ୍ରସାଦ ଗାଉଳ ଏବଂ ଧର୍ମପତ୍ନୀ ସବିତା ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ। ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ରବି ନାରାୟଣ ପ୍ରଧାନ ଏବଂ କମିଟି ଅନ୍ୟ ସଦସ୍ୟ ଓ ପଡ଼ାବାସୀ ସହଯୋଗ କରିଥିଲେ।

## ବ୍ୟାରେଜ ପାଣିରେ ଭାସି ଯାଇ ଶ୍ରମିକ ମୃତ

**କୁଚିଣ୍ଡା, ୧୫ ।୧୦(ସମିସ):** ଲସା ଠାରେ ଆରଏସ୍‌ଏ ଇନଫ୍ରା କମ୍ପାନୀ ଦ୍ୱାରା ନିର୍ମାଣଧୀନ ବ୍ୟାରେଜ କାମ ରେ ନିୟୋଜିତ ବିହାର ରାଜ୍ୟ ତିକାଲା ତିହୁରାର ଶ୍ରମିକ ଛୋଟୁ ଶର୍ମା (୩୬) ସକାଳୁ କମ୍ପାନୀର ନିର୍ଦ୍ଦେଶରେ ପାଣି ଭିତରେ କିରାଶାସନ ପଟକୁ ଯାଇ ଆର ପଟୁ ସେଣ୍ଟ୍ରିଂ କରିବାକୁ ଯାଉଥିବା ବେଳେ ଛୋଟୁ ଗଭୀର ପାଣି ସ୍ରୋତରେ ଭାସି ଯାଇ ମୃତ୍ୟୁବରଣ କରିଛନ୍ତି। ଛୋଟୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପାଣିରୁ ନ ବାହାରିବାରୁ ସାଥି ଶ୍ରମିକମାନେ ବହୁ ଖୋଜାଖୋଜି ପରେ ପାଣି ଭିତରୁ ବାହାର କରି କୁଚିଣ୍ଡା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ଛୋଟୁଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କୁଚିଣ୍ଡା ଥାନାରେ ଅଭିଯୋଗ ପରେ କୁଚିଣ୍ଡା ପୁଲିସ ପହଁଞ୍ôଚ ଶବକୁ ଜବତ କରି ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ସାଥି ଶ୍ରମିକ ଓ ଆରଏସଏ ଇନଫ୍ରା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅର୍ପଣ କରିଥିଲେ।

## ପାଣିରେ ବୁଡ଼ି ଜଣେ ମୃତ

**ସମ୍ବଲପୁର, ୧୫।୧୦(ସମିସ):** ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକରେ ପାଣିରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଛି। ପୁଲିସର ସୂଚନା ଅନୁଯାୟୀ, ଯୁଯୋମୁରା ବ୍ଲକ ଡିଲାଟିକୁଦ, ବୀରସିଂଗଡ଼ର ବାବୁଲାଲ ଭୋଇ (୪୦) ଆଜି ପୂର୍ବାହ୍ଣ ସାଢ଼େ ୧୧ଟାରୁ ୧୨ଟା ମଧ୍ୟରେ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ି ଯାଇଥିଲେ। ତାଙ୍କୁ ତୁରନ୍ତ ଯୁଯୋମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ଶବ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

## ଲଜ୍‌ରୁ ନାବାଳକଙ୍କ ଝୁଲନ୍ତା ଶବ ଉଦ୍ଧାର

**ସମ୍ବଲପୁର, ୧୫।୧୦ (ସମିସ):** ଫାର୍ମରୋଡ଼ସ୍ଥିତ ଏକ ଲଜ୍‌ରୁ ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଜବତ କରିଛି। ସେ କଳାହାଣ୍ଡି ଜିଲ୍ଲା କସାବାହି ଗ୍ରାମର ହିତେଶ କୁମାର ନାଗ (୧୮) ବୋଲି ଜଣାପଡ଼ିଛି। ଲଜର ଉପର ମହଲାରେ ଛାତର ଲୁହାରେ ଗାମୁଛା ଲଗାଇ ସେ ଝୁଲୁଥିବା ଦେଖି ଲଜ୍ କର୍ମଚାରୀମାନେ ପୁଲିସକୁ ଖବର ଦେଇଥିଲେ। କ୍ଷେତରାଜପୁର ଥାନା ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଆସନ୍ତା କାଲି ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ହିତେଶ ମଙ୍ଗଳବାର ରାତିରେ ଆସି ଲଜ୍‌ରେ ରହିଥିଲେ। ସେ ପରୀକ୍ଷା ଦେବାକୁ ସମ୍ବଲପୁର ଆସିଛନ୍ତି ବୋଲି ଲଜ୍ କର୍ମଚାରୀଙ୍କୁ କହିଥିଲେ। ତେବେ, ସେ କାହିଁକି ଆତ୍ମହତ୍ୟା କଲେ ସେନେଇ କିଛି ସ୍ପଷ୍ଟ ହୋଇପାରିନାହିଁ।

## ଚୋର ଧରିବା ପାଇଁ ଧର୍ମକୁଳା ପୂଜା



**ରେଢ଼ାଖୋଲ, ୧୫ ।୧୦(ସମିସ):** ପୁଲିସକୁ ନାହିଁ ଭରସା। ଗାଁରେ ଚୋରି ହେଲେ ଧର୍ମକୁଳା ପୂଜା ଉପରେ ରହିଛି ବିଶ୍ୱାସ।ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ଶିମିଳିପାଳ ଗ୍ରାମବାସିନ୍ଦା ବିଶ୍ୱାମିତ୍ର ସାହୁ ଏବଂ ଧର୍ମପତ୍ନୀ କଇଁନ୍ତା ସାହୁଙ୍କ ଘରେ ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ବାକ୍ସରୁ ତାଲା ଭାଙ୍ଗି ସୁନା ଗହଣା ଗୁଡ଼ିକ ଚୋରି କରି ନେଇଯାଇଥିଲେ। ଏ ସଂକ୍ରାନ୍ତରେ ରେଢ଼ାଖୋଲ ଥାନାରେ ଆସି ବିଶ୍ୱାମିତ୍ର ଲିଖିତ ଅଭିଯୋଗ କରିଥିଲେ।ଏଥିରେ ରେଢ଼ାଖୋଲ ଅଞ୍ଚଳରେ ବାରମ୍ବାର ଚୋରି ଘଟଣା ଘଟି ଆସୁଥିବାରୁ ପୁଲିସ ଉପରେ ଭରସା ନ କରି ଗାଁରେ ଚାଲି ଆସୁଥିବା ଧର୍ମକୁଳା ପୂଜାକୁ ଭରସା କରି ପୂଜା ଆୟୋଜନ କରାଯାଉଥିଲା। ଏଥିରେ ଏକ ନୂଆ କୁଲାକୁ ପୂଜା କରାଯାଇଥାଏ। କୁଲାର ଗୋଟିଏ ଭାଗରେ ଏକ କଇଁଞ୍ôଚ ଭର୍ତ୍ତି କରି ଅନ୍ୟ ଭାଗ ତଳକୁ ଝୁଲାଇ ରଖାଯାଇଥାଏ। ଏଥିରେ କଇଁଞ୍ôଚକୁ ଦୁଇଜଣ ଧରି କୁଲାକୁ ଧରନ୍ତି, ଏପଟେ ପୂଜାରୀ ମନ୍ତ୍ର ପାଠ କରି ସନ୍ଦେହରେ ଥିବା ଗାଁ, ସାହି, ବ୍ୟକ୍ତିଙ୍କ ନାଁ କହି ଚାଉଳ ପକାନ୍ତି। ଏଥିରେ ଯଦି କୁଲା ବୁଲିବାକୁ ବସିଲା ତେବେ ଲୋକେ ଜାଣନ୍ତି ଚୋର କିଏ, ଏପରି ଅନ୍ଧବିଶ୍ୱାସକୁ ନେଇ ଶିମିଳିପାଳ ଗ୍ରାମବାସୀ ଧର୍ମକୁଳା ପୂଜା କରି ଆସୁଛନ୍ତି।

**ପୁଲିସ ଉପରେ ନାହିଁ ଭରସା**

## ହୀରାକୁଦର ସବୁ ଗେଟ୍ ବନ୍ଦ, ଜଳସ୍ତର ୬୨୯.୯୭ ଫୁଟ

**ସମ୍ବଲପୁର, ୧୫।୧୦ (ସମିସ):** ହୀରାକୁଦ ଜଳଭଣ୍ଡାରର ଉପର ଓ ତଳମୁଣ୍ଡରେ ବର୍ଷା ବନ୍ଦ ହେବାସହ ପ୍ରବେଶ ଜଳ ପରିମାଣ ହ୍ରାସ ପାଇବା ପରେ ବୁଧବାର ପର୍ଯ୍ୟାୟକ୍ରମେ ଖୋଲାଥିବା ୩ଟି ଗେଟ୍‌କୁ ବନ୍ଦ କରିଦିଆଯାଇଛି। ବର୍ତ୍ତମାନ ଜଳସ୍ତର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ପାଖାପାଖି ରହିଛି। ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୯୭ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ସ୍ଲୁଇସ୍ ଗେଟ୍ ବନ୍ଦ କରିଦିଆଯାଇଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୫୨, ୬୯୩ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୬, ୨୫୫ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୩୧ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ଶିକ୍ଷକ ଅଭାବ, ତାଲା ପକାଇବାକୁ ଚେତାବନୀ

**ଜମନକିରା, ୧୫।୧୦(ସମିସ):** ଜମନକିରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନସ୍ଥ କୁରେଇବାହଲ କ୍ଲଷ୍ଟର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁତବରେ ଶିକ୍ଷକ ନେଇ ମରୁଡ଼ି ସମ୍ବଲପୁର ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ସମ୍ବଲପୁର, ଜମନକିରା ବିଇଓ, ଜମନକିରା ବିଡିଓଙ୍କୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁତବ ସ୍କୁଲ ପରିଚାଳନା କମିଟି ସହ ଗ୍ରାମବାସୀ ଜଣାଇଛନ୍ତି। ୧୦ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ନକଲେ ସ୍କୁଲରେ ତାଲା ପକାଇବା ପାଇଁ ଚେତାବନୀ ଦେଇଛନ୍ତି। ପ୍ରକାଶ ଥାଉ କି ପ୍ରଥମରୁ ଅଷ୍ଟମ ଶ୍ରେଣୀ ଶ୍ରେଣୀ ପାଇଁ ପାଞ୍ଚ ଜଣ ଶିକ୍ଷକଙ୍କୁ ନେଇ ଶିକ୍ଷାଦାନ ସୁରୁଖୁରୁରେ ଚାଲିଥିଲା। ଗୌତମ ବାଘଙ୍କୁ ରେଙ୍ଗୁମୁଣ୍ଡା ବିଦ୍ୟାଳୟକୁ ଡେପୁଟେସନ ପଠାଇ ଦିଆଗଲା। ଏହାପରେ ଶିକ୍ଷକ ଶତ୍ରୁଘ୍ନ କୁମୁରା ଅବସର ଗ୍ରହଣ କଲାପରେ ତିନି ଜଣ ଶିକ୍ଷକରେ ଶିକ୍ଷାଦାନ ହେଉଥିଲା। ତେବେ, ଶିକ୍ଷକ ବିଦ୍ୟାଧର ନାୟକଙ୍କ ପରଲୋକ ହେଲାପରେ ଏବେ ଦୁଇଜଣ ଶିକ୍ଷକରେ ଶିକ୍ଷାଦାନ ଚାଲିଛି। ଫଳରେ ଶିକ୍ଷା



ବାଧାପ୍ରାପ୍ତ ହେଉଛି। ଯଦି ୧୦ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ଦିଆ ନଗଲେ ତହିଁ ଆରଦିନ ସ୍କୁଲରେ ଏସଏମସି କମିଟି ଓ ଗ୍ରାମବାସୀ ମିଳିତ ଭାବେ ତାଲା ପକାଇବା ପାଇଁ ଏସଏମସି କମିଟି ସଭାପତି ମିନା ସିଂ ସହ ୫୬ ଜଣ ଦସ୍ତଖତରେ ଚେତାବନୀ ଦେଇଛନ୍ତି।

## ବୁଢ଼ାରଜା ଉଚ୍ଚ ବିଦ୍ୟାଳୟରେ ବିକଶିତ ଭାରତ ବିଲ୍ଡାଥନ କାର୍ଯ୍ୟକ୍ରମ



**ସମ୍ବଲପୁର, ୧୫।୧୦ (ସମିସ) :** ସ୍ଥାନୀୟ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ 'ବିକଶିତ ଭାରତ ବିଲ୍ଡାଥନ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଓଡ଼ିଶାରୁ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ତିନୋଟି ବିଦ୍ୟାଳୟ ମଧ୍ୟରୁ ବୁଢ଼ାରଜା ଉଚ୍ଚ ବିଦ୍ୟାଳୟ ମନୋନୀତ ହୋଇ ନୀତି ଆୟୋଗ ଏବଂ ଅଟଳ ଇନୋଭେସନ୍ ମିଶନ୍ ଦ୍ୱାରା ଆୟୋଜିତ ବିକଶିତ ଭାରତ ବିଲ୍ଡାଥନ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲା। ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଜାତୀୟସ୍ତରର ଏହି ବୃହତ୍ ଇନୋଭେସନ୍ କାର୍ଯ୍ୟକ୍ରମରେ ନିଜର ଅଭିନବ ପ୍ରକଳ୍ପର ମୂଳ ମଡେଲ ପଞ୍ଜିକରଣ କରିଥିଲେ। ଏହି କାର୍ଯ୍ୟକ୍ରମଟି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀଙ୍କ ମାର୍ଗଦର୍ଶନରେ ଶିକ୍ଷକ ଶିକ୍ଷୟିତ୍ରୀ ଜୟନ୍ତୀ ହୋତା, ଦେବଶ୍ରୀ ଦେହୁରୀ ଏବଂ ସୁବ୍ରତ ସାହୁ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଛାତ୍ରଛାତ୍ରୀ ରାହୁଲ ସାହୁ, ଅମୃତା ମିଶ୍ର, ପ୍ରତୀକ ପଣ୍ଡା, ଦେବଦତ୍ତ ଗଡ଼ନାୟକ, ଥବିର ଭୋଇ ଏବଂ ଆରୋହୀ ପଣ୍ଡିତ 'ସମୃଦ୍ଧ ଭାରତ' ପାଇଁ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ଏବଂ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପାର୍ଥ ସାରଥି ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

## ଅବଦୁଲ କଲାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ



**ସମ୍ବଲପୁର, ୧୫।୧୦ (ସମିସ) :** ଭାରତରତ୍ନ ପୂର୍ବତନ ରାଷ୍ଟ୍ରପତି ଡଃ ଏପିଜେ ଅବଦୁଲ କଲାମଙ୍କ ୯୫ତମ ଜୟନ୍ତୀ ଓଡ଼ିଶା ସାଂସ୍କୃତିକ ସମାଜ ଆନୁକୂଲ୍ୟରେ ଧନୁପାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡଃ ପରେଶ ଚନ୍ଦ୍ର ଦାନୀ ସଭାରେ ଅଧକ୍ଷତା କରି ଛାତ୍ରଛାତ୍ରୀ ମାନଙ୍କୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଦୀପ ପ୍ରଜ୍ୱଳନ ସହ ସ୍ୱାଗତ ବନ୍ଦନା ଆଚାର୍ଯ୍ୟା ଅନ୍ନପୂର୍ଣ୍ଣା ପାଢ଼ୀଙ୍କ ନିର୍ଦ୍ଦେଶନାରେ ସୋମ୍ୟା ସୋନାଲିକା କୁମ୍ଭାର, ଅନ୍ୱେଷା ପଣ୍ଡା ଓ ନମ୍ରତା ସାହୁ ଗାଇଥିଲେ। ସାଂସ୍କୃତିକ ସମାଜ ସମ୍ପାଦକ ଦୀନବନ୍ଧୁ ପଣ୍ଡା ଓଡ଼ିଶା ସାଂସ୍କୃତିକ ସମାଜର ଆଭିମୁଖ୍ୟ ତଥା ମହାପୁରୁଷଙ୍କ ଜୀବନୀରୁ ଛାତ୍ରଛାତ୍ରୀ ମାନେ ଉଦ୍‌ବୁଦ୍ଧ ହେବାକୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା କହିଥିଲେ। ମୁଖ୍ୟବକ୍ତା ସନ୍ତୋଷିନୀ ବାବୁ ଭାରତରତ୍ନ ଡଃ କଲାମଙ୍କ ଛାତ୍ରଛାତ୍ରୀ ମାନଙ୍କ ପ୍ରତି ଥିବା ଶ୍ରଦ୍ଧା ତଥା ଉପଦେଶ ତାଙ୍କ ଚରିତ୍ର ଗଠନରେ ସହାୟକ ହେବ ବୋଲି ସୂଚନା ଦେଇଥିଲେ। ଶେଷରେ କାର୍ଯ୍ୟାଳୟ ସମ୍ପାଦକ ଅଖିଳ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦିବାସୀ ଏକତା ମଞ୍ଚ ପକ୍ଷରୁ ବୈଠକ

**କୁଚିଣ୍ଡା, ୧୫ ।୧୦(ସମିସ):** କୁଚିଣ୍ଡାସ୍ଥିତ ଶ୍ରମିକ ଭବନରେ ଆଦିବାସୀ ଏକତା ମଞ୍ଚର ସଭାପତି ଗଜେନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୁଧବାର ପୂର୍ବାହ୍ନରେ ଜମନକିରା, କୁଚିଣ୍ଡା ବ୍ଲକର ଶତାଧିକ ଆଦିବାସୀ ପୁରୁଷ ମହିଳା ଯୋଗଦାନ କରି ଆଦିବାସୀଙ୍କ ଜଙ୍ଗଲ, ଜମି ଓ ଜଳ ଉପରେ ଆଲୋଚନା କରାଯିବା ସହ ଆଗାମୀ ଦିନରେ ହକ ପାଇବା ଲାଗି ସମସ୍ତ ପ୍ରକ୍ରିୟାକୁ ଜାରି ରଖିବା ସହ ସମସ୍ତ କର୍ମକର୍ତ୍ତା ସଂଗଠନ ହୋଇ ଜଙ୍ଗଲ ଜମି ପାଇବାରୁ ବଞ୍ଚିତ ଥିବା ପରିବାରଙ୍କୁ ପୁନଶ୍ଚ ଆବେଦନର ସୁଯୋଗ ପ୍ରଦାନ, ଚାଷ କରିଥିବା ଜଙ୍ଗଲ ଜମିର ପଞ୍ଜିକରଣ କରି ଧାନ ବିକ୍ରି କିପରି କରିପାରିବେ ବିସ୍ତୃତ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ତୃଣମୂଳସ୍ତରରୁ କିପରି ଏକ ଜୁଟ ହୋଇ ଆଦିବାସୀଙ୍କ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାର ବିରୋଧରେ ପ୍ରତିବାଦ ଆଦି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ସ୍ୱେଚ୍ଛାସେବୀ ସଙ୍ଗଠନ ର ସଂଗଠକ ଲମ୍ବୋଧର କୁମୁରା, ଲମ୍ବୋଦର ପ୍ରଧାନ, ପ୍ରଶନ୍ନ ପ୍ରଧାନ, ଛନ୍ଦ୍ରମଣି ମାଝୀ, ରଘୁମଣି ମାଝୀ, ହରେଶ୍ ଭୋଇ, ସୀତାରାମ ଚାରଦିଆ, ପର୍ଶୁରାମ ମାଝୀ, ନରେଶ ବଲୁଆଙ୍କ ସମେତ ବହୁ ପୁରୁଷ ମହିଳା ଯୋଗଦାନ କରିଥିଲେ।



## ଧନକଉଡ଼ା ମୌଜାରେ ପଙ୍କ ଉଦ୍ଧାର କାର୍ଯ୍ୟ

## ଏସ୍‌ଏଚ୍‌ଜିଙ୍କୁ ମିଳିନି ବକେୟା ଟଙ୍କା

**ସମ୍ବଲପୁର, ୧୫।୧୦(ସମିସ)**

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଧନକଉଡ଼ା ମୌଜା ଅନ୍ତର୍ଗତ ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୋଖରୀରୁ ପଙ୍କୋଦ୍ଧାର କାର୍ଯ୍ୟ ପାଇଁ ଠିକାରେ ନିୟୋଜିତ କରାଯାଇଥିଲା। ସେମାନଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବାବେଳେ ସେମାନେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି। ତେବେ, ମାସ ପରେ ମାସ ବିତିଗଲେ ହେଁ ସେମାନଙ୍କ ଦେୟ ଦିଆଯାଉନାହିଁ। ଏନେଇ ଏସ୍‌ଏଚ୍‌ଜି ସଦସ୍ୟାମାନେ ଆଜି ଜିଲ୍ଲାପାଳ କାର୍ଯ୍ୟାଳୟଙ୍କୁ ଫେରାଦ ହେବାକୁ ଆସି ଧାରଣାରେ ବସିଥିଲେ। ତେବେ ସମ୍ବଲପୁର ମହାନଗର ନିଗମ ଉପାୟୁକ୍ତ ସେଠାରେ ପହଞ୍ଚି ଆସନ୍ତା ମଙ୍ଗଳବାର ସୁଦ୍ଧା ବକେୟା ରାଶି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଲାପରେ ସେମାନେ ଆନ୍ଦୋଳନରୁ ହଟିଥିଲେ।

ଅଭିଯୋଗ ଅନୁଯାୟୀ, ସମ୍ବଲପୁର ମହାନଗର ନିଗମ ପକ୍ଷରୁ ପତ୍ର ସଂଖ୍ୟା ୧୦୬୪୩ ତା. ୭-୧୨-୨୦୨୩ ଜରିଆରେ ସତସଙ୍ଗ ବିହାରର ବାନିକଁଟା ବନ୍ଧର ପଙ୍କୋଦ୍ଧାର କାର୍ଯ୍ୟ ଦିଆଯାଇଥିଲା। ଏହି କାମକୁ ୧୦ଟି ଏସ୍‌ଏଚ୍‌ଜି କରୁଥିଲେ। ପ୍ରତି ଏସ୍‌ଏଚ୍‌ଜିକୁ ୧୧, ୭୨, ୮୨୪ ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଠିକ୍ ସମୟରେ ଏସ୍‌ଏଚ୍‌ଜି ସଦସ୍ୟାମାନେ ଗ୍ରୁପ୍ ଲୋନ୍ ଓ ସୁଧ ଟଙ୍କାରେ ଆଣି କାମ ସମ୍ପୂର୍ଣ୍ଣ କରିଥିଲେ। ଗତବର୍ଷ ଏସ୍‌ଏଚ୍‌ଜି ପିଛା ୪, ୨୦, ୦୦୦ ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ଏପର୍ଯ୍ୟନ୍ତ ବକେୟା ଟଙ୍କା ଦିଆଯାଇନାହିଁ। ଗତ ଦୁଇବର୍ଷ ହେବ ଏସ୍‌ଏଚ୍‌ଜି ପିଛା ୭, ୫୨, ୮୨୪ ଟଙ୍କା ଲେଖାଏ ବକେୟା ରହିଛି। ଏନେଇ ସେମାନେ ମହାନଗର



ନିଗମ ଆୟୁକ୍ତଙ୍କୁ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କେବଳ ପ୍ରତିଶ୍ରୁତି ମିଳୁଛି କିନ୍ତୁ ବଳକା ଟଙ୍କା ଦିଆଯାଉନାହିଁ। ସେମାନଙ୍କ ଋଣର ସୁଧ ବୃଦ୍ଧି ପାଉଥିବାବେଳେ ଏହାକୁ ନେଇ ପରିବାର ମାନଙ୍କରେ କଳହ ଓ ଅଶାନ୍ତି ସୃଷ୍ଟି ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୮ ତାରିଖରେ ଜିଲ୍ଲାପାଳଙ୍କୁ ଏନେଇ ଏକ ଦାବିପତ୍ର ଦେବାସହ ୧୩ ତାରିଖ ସୁଦ୍ଧା ବକେୟା ଅର୍ଥ ପ୍ରଦାନ କରା ନଗଲେ ସତସଙ୍ଗ ବିହାର ଛକଠାରେ ଜାତୀୟ ରାଜପଥ ଅବରୋଧ କରିବାକୁ ଚେତାବନୀ ଦେଇଥିଲେ। ଆଜି ଜିଲ୍ଲାପାଳ କାର୍ଯ୍ୟାଳୟରେ ମହିଳାମାନେ ଧାରଣା ଦେଇଥିଲେ। ଖବରପାଇ ମହାନଗର ନିଗମ ଉପାୟୁକ୍ତ ସେଠାରେ ପହଞ୍ଚି ବକେୟା ରାଶି ମଙ୍ଗଳବାର ସୁଦ୍ଧା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବାପରେ ସେମାନେ ଆନ୍ଦୋଳନରୁ ଓହରି ଯାଇଥିଲେ।

ନୂଆପଡ଼ା ଉପନିର୍ବାଚନ

ଦଳୀୟ ପ୍ରାର୍ଥୀଙ୍କ ଉପରେ ସମସ୍ତଙ୍କ ନଜର

# ବିଜେଡିରୁ ସ୍ନେହାଙ୍ଗିନୀ, ବିଜେପିରୁ ଜୟ, କଂଗ୍ରେସରୁ ଘାସିରାମଙ୍କୁ ଟିକେଟ

ନୂଆପଡ଼ା, ୧୫ ।୧୦(ସମିସ)

ନୂଆପଡ଼ା ଉପନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ଗାଁଠୁ ସହର ନିର୍ବାଚନୀ ତାତି ବଢ଼ିବାରେ ଲାଗିଛି। ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ପ୍ରକ୍ରିୟା ଚାଲିଥିବା ବେଳେ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ଉପରେ ସମସ୍ତଙ୍କ ନଜର ରହିଛି। କଂଗ୍ରେସ ଆଗତୁରା ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବୁଧବାର ବିଜେପି, ବିଜେଡି ମଧ୍ୟ ଦଳୀୟ ପ୍ରାର୍ଥୀ ପାଇଁ ଟିକେଟ ଘୋଷଣା କରିଛନ୍ତି। ବିଧାୟକ ରାଜେନ୍ଦ୍ର ଜୋଲକିଆଙ୍କ ପରଲୋକ ଦିନଠାରୁ ଜିଲ୍ଲାରେ ଉପନିର୍ବାଚନ ପାଇଁ ରାଜନେତା ଏବଂ ଗଣମାଧ୍ୟମ ଚର୍ଚ୍ଚା କରିବା ଆରମ୍ଭ କରିଦେଇଥିଲେ। ଏଭଳି ସ୍ଥିତିରେ ନିର୍ବାଚନ ତାରିଖ ଘୋଷଣା ହେବା ପରେ କଂଗ୍ରେସ ଘାସିରାମ ମାଝୀଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରି ଦେଇଥିଲେ। ଏହା ପରେ ବିଜେଡି ଏବଂ ବିଜେପିକୁ ନେଇ ଲୋକେ ଅଙ୍କ କଷିବାକୁ ଲାଗିଲେ। ହେଲେ ହଠାତ ଅଙ୍କ ବଦଳି ଗଲା। ସ୍ୱର୍ଗତ ବିଧାୟକ ରାଜେନ୍ଦ୍ର ଢ଼ୋଲକିଆଙ୍କ ପୁଅ ଜୟ ଢୋଲକିଆ ହଠାତ ଦଳ ଛାଡି ବିଜେପିରେ ନାଟକୀୟ ଢଙ୍ଗରେ ଯାଇ ଆବିର୍ଭାବ ହୋଇଗଲେ। ଯାହାକୁ ନେଇ ବିଜେପି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧିଥିଲା। ହେଲେ ପରବର୍ତ୍ତି ସମୟରେ ବୁଧବାର ଦିନ ଜୟଙ୍କୁ ବିଜେପି ଦଳୀୟ ଟିକେଟ ମଧ୍ୟ ଦେଲା। ଅନ୍ୟପକ୍ଷେ ବିଜେଡି ମଧ୍ୟ ବରଗଡ଼ ଜିଲ୍ଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ତଥା ରାଜ୍ୟ ବିଜେଡି ମହିଳା ମୋର୍ଚ୍ଚାର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଟିକେଟ ପ୍ରଦାନ କରିଛନ୍ତି। ଏହା ପରେ ଲୋକେ କିଏ କେତେ ଭୋଟ ପାଇବ, କେଉଁ ଦଳରୁ କିଏ ଜିତିବେ ତାହା ଲୋକେ ଆକଳନ କରୁଛନ୍ତି। ଜୟଙ୍କ ଆଗମନ ପରେ ବିଜେପି ଏବଂ ବିଜେଡିରୁ ନିରାଶ କର୍ମୀ, ନେତା କୁଆଡେ ଯିବେ ତାକୁ ଅନୁଧ୍ୟାନ କରୁଛନ୍ତି। ବିଜେପିରେ



ହଜାର ହଜାର ସଂଖ୍ୟକ କର୍ମୀ ଏବଂ ବଡ ମୁଣ୍ଡିଆ ନେତାଙ୍କ ହତାଶା ପରେ ବିଜେପିରେ କରାଳ ଗ୍ରାସିଛି। ଜିଲ୍ଲା ବିଜେପି ଅଫିସ ଖାଁ ଖାଁ ଲାଗୁଛି। କେବଳ ଯେଉଁମାନେ ନିଜର ମନକୁ ବୁଝାଉଛନ୍ତି ଏବଂ ଯେଉଁମାନଙ୍କୁ ଦଳ ଥଇଥାନ କରିବାର ପ୍ରତିଶ୍ରୁତି ଦେଇଛନ୍ତି ସେମାନେ ଆସୁଥିବା ଦେଖାଯାଇଛି। ପ୍ରଥମ ଦିନରେ ଜିଲ୍ଲାବ୍ୟାପି ବିଦ୍ରୋହର ସ୍ୱର ଦେଖାଯାଉଥିଲା ହେଲେ ଏହା ଧିରେ ଧିରେ ପ୍ରଶମିତ ହୋବାରେ ଲାଗିଛି। ବୁଧବାର ଦିନ ରାଜ୍ୟ ସଭାପତି ନୂଆପଡ଼ା ଗସ୍ତ କରି ଉଦ୍ୟାନବନ୍ଧ ଠାରେ ଏକ ମିଶ୍ରଣ ପର୍ବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଦଳୀୟ ଘୋଷିତ ପ୍ରାର୍ଥୀ ଜୟ ଢୋଲକିଆ ମଧ୍ୟ ଉପସ୍ଥିତ ରହି ଭୋଟ ଭିକ୍ଷା କରିଥିଲେ। ପ୍ରଦୀପ ସାହୁ, ପ୍ରସନ୍ନ କୁମାର ପାଢ଼ୀ ମଞ୍ଚ ପରିଚାଳନା କରିଥିବା ବେଳେ ବସନ୍ତ କୁମାର ପଣ୍ଡା, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ପୂର୍ବତନ ସାଂସଦ ଅର୍କକେଶରୀ ଦେଓ, ଧର୍ମଗଡ଼ ବିଧାୟକ ସୁଧିର ପାଟଯୋଷୀ, ଖରିଆରରୋଡ ଏନ୍ଏସି ଅଧକ୍ଷା ଡ.ସୋନିଆ ଜୈନ, ଗୋଲଡି ସରୋଜ କୁମାର ସାହୁ, ଅଭିନନ୍ଦନ ପଣ୍ଡା, ଗୋଲଡି ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ।

## ବଚସାରୁ ହତ୍ୟାକାଣ୍ଡ; ଜଣେ ମୃତ, ଜଣେ ଗୁରୁତର

**ଲାଞ୍ଜିଗଡ଼, ୧୫ ।୧୦(ସମିସ):** ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ଜଣେ ଯୁବକ ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଭାଟଗୁଡା ଗ୍ରାମକୁ ଗତ ସେପ୍ଟେମ୍ବର ୧୫ ତାରିଖରେ ପାଣି ଟାଙ୍କି ନିର୍ମାଣ ପାଇଁ ନିଜ ଗାଁର ଯୁବକମାନଙ୍କ ସହିତ କାମ କରିବାକୁ ଯାଇଥିଲା ସେଠାରେ ତାଙ୍କ ମଧ୍ୟରେ ବଚସା ହୋଇଥିଲା ।ସେଠାରେ ଜଣେ ଯୁବକ ଟାଙ୍ଗିଆରେ ଆକ୍ରମଣ କରିଥିବା ବେଳେ ଘଟଣାସ୍ଥଳରେରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ହୋଇ ସ୍ଥାନୀୟ ଖ୍ରୀଷ୍ଟିଆନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସୂଚନାନୁସାରେ ଭାଟଗୁଡ଼ା ଗ୍ରାମରେ ମେଗା ପାନୀୟ ଜଳ ପ୍ରକଳ୍ପର ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଚାଲୁ ଥିବା ବେଳେ ଲାଞ୍ଜିଗଡ଼ ଥାନା ବଳଭଦ୍ରପୁର ସିମେଲଭଟାର ଚାରିଜଣ ଯୁବକ ସେଠାରେ ଶ୍ରମିକ ଭାବେ ରହି ନିର୍ମାଣ କାର୍ଯ୍ୟ କରୁଥିଲେ। ଚାରିଜଣ ଯୁବକ କୁନିଲ ଲୋହାରଓ, ଲଳିତ ମାଝୀ, ଦିଲ୍ଲୀପ ଲୋହାରଓ କୁଣୁଯା ମାଝୀ ଅଟନ୍ତି। ମଙ୍ଗଳବାର ରାତିରେ ପ୍ରାୟ ୧୧ ଟା ବେଳ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା ଏବଂ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ବଳଭଦ୍ରପୁର ସିମେଲଭଟାର ଗ୍ରାମର ସୀତା ଲୋହାରାଙ୍କ ପୁତ୍ର କୁନାଲ ଲୋହୋରା(୨୧) ଏକ ଟାଙ୍ଗିଆରେ ଆକ୍ରମଣ କରୁଥିଲେ। ଆକ୍ରମଣରେ ଗୋବିନ୍ଦ ଲୋହରାଙ୍କ ପୁତ୍ର ଦିଲ୍ଲୀପ ଲୋହରା (୨୮)ଙ୍କ ଘଟଣା ସ୍ଥଳରେ ମୃତ ହୋଇଯାଇଥିବା ବେଳ ଅରକ୍ଷିତ ମାଝୀଙ୍କ ପୁତ୍ର ଲଳିତ୍ ମାଝି(୨୨) ଗୁରୁତର ଆହତ ହୋଇ ଚିତ୍କାର କରୁଥିଲା। ଚିତ୍କାର ଶୁଣି ଭାଟଗୁଡା ଗ୍ରାମର ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ବିଷମକଟକ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ପହଞ୍ଚି ଶବକୁ ଉଦ୍ଧାର କରି ମେଡିକାଲକୁ ପଠାଇବା ସହ ହତ୍ୟାକାରିକୁ ଅଟକ ରଖି ତଦନ୍ତ ଚଳାଇଛି। ଶବ ବ୍ୟବଛେଦ ପରେ ପରିବାର ଲୋକେ ବଳଭଦ୍ରପୁର ଗାଁକୁ ଆଣିବାପରେ ଶୋକାକୁଳ ପରିବେଶରେ ଶବଦାହ କରାଯାଇଛି।

## ନିଖୋଜ କଲେଜ ଛାତ୍ରୀ ଉଦ୍ଧାର

**କର୍ଲାମୁଣ୍ଡା, ୧୫ ।୧୦(ସମିସ):** କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟୟନ କରୁଥିବା ଯେମନ୍ତ କପାଟଙ୍କ ଝିଅ ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଶ୍ରୀ କପାଟଙ୍କ ଝିଅ କଲେଜକୁ ପଢ଼ିବାକୁ ଆସି ଗତ ୧୦ ତାରିଖ ଦିନ ଆଉ ଘରକୁ ଫେରିନଥିଲେ। ଏନେଇ ଛାତ୍ରୀର ବାପା ମ.ରାମପୁର ଥାନାରେ ଗତ ୧୧ ତାରିକ ଦିନ ଝିଅ ନିଖୋଜ ଥିବା ନେଇ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୁଲିସ କେସ ନଂ-୨୫୭ରେ ମାମଲା ରୁଜୁ କରାଯାଇଥିଲା। ତେବେ କେସିଙ୍ଗା ଏସ୍ଡିପିଓ ସନ୍ଦୀପ କୁମାର ମାଝୀଙ୍କ ତତ୍ୱାବଧାନରେ ରିଷିଡା ଫାଣ୍ଡି ଅଧିକାରୀ ମନୁଆ ବିଡିକାଙ୍କ ନେତୃତ୍ୱରେ ଟିମ୍ ଗଠନ କରାଯାଇଥିଲା। ଆଜି ଉକ୍ତ ଛାତ୍ରୀଙ୍କୁ ଫାଣ୍ଡିଅଧିକାରୀ ଶ୍ରୀ ବିଡିକା ଉଦ୍ଧାର କରିବା ସହ ଛାତ୍ରୀକୁ ତାର ପିତାମାତାଙ୍କୁ ହସ୍ତାନ୍ତ କରିଥିବା ଜଣାଯାଇଛି।

## ଲାଞ୍ଜିଗଡ଼ ଆଞ୍ଚଳିକ ଉନ୍ନୟନ ପରିଷଦ ଉଦ୍‌ଘାଟିତ

**ଲାଞ୍ଜିଗଡ଼, ୧୫ ।୧୦(ସମିସ):** ଲାଞ୍ଜିଗଡ଼ ସାପ୍ତାହିକ ବଜାର ପ୍ରାଙ୍ଗଣରେ ବୁଧବାର ଲାଞ୍ଜିଗଡ଼ ଆଞ୍ଚଳିକ ଉନ୍ନୟନ ପରିଷଦର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି ।ଅନୁଷ୍ଠାନର ମୁଖ୍ୟ ଉଦ୍ଦେଶ୍ୟ ଲାଞ୍ଜିଗଡ଼ରେ ବ୍ଲକ ଅଫିସ୍ ସ୍ଥାପନ କରିବା, ଲାଞ୍ଜିଗଡ଼କୁଏନ୍ଏସି ଘୋଷଣା, ସରକାରଙ୍କ ଦ୍ୱାରା ଘୋଷିତ ଲାଞ୍ଜିଗଡ଼ ଆଇଟିଆଇ ପ୍ରତିଷ୍ଠା, ଲାଞ୍ଜିଗଡ଼ରେ ରେଜିଷ୍ଟ୍ରାର ଓ ଟ୍ରେଜେରି ଅଫିସ୍ ପ୍ରତିଷ୍ଠା, ଅତିରିକ୍ତ ତହସିଲ ଅଫିସ୍ ପ୍ରତିଷ୍ଠା, ବସ୍‌ଷ୍ଟାଣ୍ଡ ନିର୍ମାଣ, ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନତୀକରଣ, ଛଅଟି ପଞ୍ଚାୟତ ବିଭିନ୍ନ ରାସ୍ତା, ଆଲୋକିକରଣ ଆଦି ଦାବି ସରକାରଙ୍କ ପାଖରେ ଉପସ୍ଥାପନ କରିବା। ଲାଞ୍ଜିଗଡ଼ ତଥା ପାଖ ପଡ଼ୋଶୀ ପଞ୍ଚାୟତର ଜନସାଧାରଣଙ୍କୁ ନେଇ ଗତ ସେପ୍ଟେମ୍ବର ୧୪ ତାରିଖରେ ଅନୁଷ୍ଠାନ ଗଠନ ହୋଇଥିଲା ।ଆଜି ଆନୁଷ୍ଠାନିକ ଭାବେ ଶୁଭ ଉଦ୍‌ଘାଟନୀ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୁରେନ୍ଦ୍ର ପ୍ରତାପ ସିଂ ଦେଓ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଛତ୍ରପୁର ସରପଞ୍ଚ ସୁଷମା ମାଝୀ, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ଲାଞ୍ଜିଗଡ଼ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂ ଦେଓ, ଲାଞ୍ଜିଗଡ଼ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସେନାପତି ନାଏକ, ସମାଜସେବୀ ସୁବାସ ଅଗ୍ରୱାଲ, ଯୁବ ସମାଜସେବୀ ସୁବାଷ ମହାପାତ୍ର ଓ ପାତ୍ର ମାଝୀ, ସୁରେନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଶ୍ରୀମୁଖ ଅଗସ୍ତି ପରିଚାଳନା କରିଥିବାବେଳେ ସମସ୍ତ ଅତିଥିମାନଙ୍କୁ ଫୁଲତୋଡା ଓ ଉପଢୌକାନ ଦେଇ ସମ୍ମାନିତ କରାଯାଇଥିଲା ।କାର୍ଯ୍ୟକ୍ରମରେ ଅତିଥିମାନେ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ।ଏହି ଉନ୍ନୟନ ପରିଷଦକୁ ପରିଚାଳନା କରିବା ପାଇଁ ପୂର୍ବରୁ ଏକ ଗଭର୍ଣ୍ଣିଂବଡି କମିଟି ଗଠନ ହୋଇଥିଲା ଏଥିରେ ଶ୍ରୀଧର ପେଶନିଆ ସଭାପତି, ରାଜେନ୍ଦ୍ର ପ୍ରତାପ ସିଂଦେଓ କାର୍ଯ୍ୟକାରୀ ସଭାପତି, ଶ୍ରୀମୁଖ ଅଗସ୍ତି ସାଧାରଣ ସମ୍ପାଦକ, ଅଶୋକ ପଟ୍ଟନାୟକ, ଶିଶିର ପୂଝାରୀ ଓ ଭୂପେନ୍ଦ୍ର ମହରଥା ସହ ସମ୍ପାଦକ, ସୁବାସ ଅଗ୍ରୱାଲ କୋଷାଧକ୍ଷ, ସୁବାସ ଚନ୍ଦ୍ର ମହାପାତ୍ର ସହ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି ।ସେହିପରି କମିଟିରେ ୨ ଜଣ କନଭେନର ଚନ୍ଦ୍ରଧ୍ୱଜ ପେଶନିଆ ଓ ରାଜେନ୍ଦ୍ର ପ୍ରତାପ ସିଂ ଦେଓ ରହିଥିବା ବେଳେ ଆଇନ ପରାମର୍ଶଦାତା ସିଦ୍ଧାର୍ଥ ନାୟକ, ଆଇନଜୀବୀ ଅନ୍‌ୱାର ଭାରତୀ ରହିଛନ୍ତି ।ଉପଦେଷ୍ଟା କମିଟିରେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବସନ୍ତପଡ଼ା ସରପଞ୍ଚ ଚାଞ୍ଚେର ମାଝୀ, ଛତ୍ରପୁର ସରପଞ୍ଚ ସୁଷମା ମାଝୀ, ଜଗନ୍ନାଥପୁର ସରପଞ୍ଚ ମୁଗୁନା ମାଝୀ, ବାତେଲିମା ସରପଞ୍ଚ କରୁଣା ମାଝୀ, ତ୍ରିଲୋଚନପୁର ସରପଞ୍ଚ ରହିଥିବା ବେଳେ କାମରାଜ ଦଳବେହେରା, ସେନାପତି ନାଏକ, ବିପିନ୍ ପଟ୍ଟନାୟକ, ଧାନ ମାଝୀ, ହରେକୃଷ୍ଣ ଯୋଷି, ତ୍ରିନାଥ ମହାଖୁଡ ରହିଛନ୍ତି ।ସେହିପରି ମିଡ଼ିଆ ସେଲ୍‌ଫ ପରିଚାଳନା କମିଟି ଭାବେ କ୍ଷମକନିଧି ମହାଖୁଡ୍, ଏମ୍. ଚନ୍ଦ୍ରଶେଖର ମହେଶ୍ୱର ପତି ରହିଛନ୍ତି। ଏହା ବ୍ୟତୀତ ଲାଞ୍ଜିଗଡ଼, ବସନ୍ତପଡ଼ା, ଛତ୍ରପୁର, ବାତେଲିମା, ଜଗନ୍ନାଥପୁର ଓ ତ୍ରିଲୋଚନପୁର ୬ଟି ପଞ୍ଚାୟତର ୭୫ ଜଣ ଲଜ୍ୟୁକ୍ଟିଭି ମେମ୍ବର ରହିଛନ୍ତି। କାର୍ଯ୍ୟକ୍ରମରେ ୬ ଟି ପଞ୍ଚାୟତର ଶତାଧିକ ମହିଳା, ପୁରୁଷ, ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ ।ଶେଷରେ ଯୁବ ସମାଜସେବୀ ପାତ୍ର ମାଝୀ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

ସାଗୁଆନ କାଠ ଚୋରଙ୍କ ନୂଆ ତରିକା

## ଓଡ଼ିଶାରେ ପଶି କାଠ ଜବତ କଲା ଛତିଶଗଡ଼ ବନ ବିଭାଗ

**ସିନାପାଲି, ୧୫ ।୧୦(ସମିସ):** ଛତିଶଗଡ଼ ରାଜ୍ୟର ଦକ୍ଷିଣଉଦୟଗିରି ଜଙ୍ଗଲରୁ ଓଡ଼ିଶାର ନୂଆପଡ଼ା ଜିଲ୍ଲାର ବିଭିନ୍ନ ଗାଁରେ ସାଗୁଆନ ଗଛ ତସକରୀ ଚାଲିଛି। ଗରିଆବନ୍ଧ ଉଦୟଗିରିଓଡ଼ିଶା ସୀମା ପର୍ଯ୍ୟନ୍ତ ଜଙ୍ଗଲ ଅଞ୍ଚଳରେ କିଛି ଚୋରା କାଠ ବେପାରୀ ନୂଆ ଉପାୟରେ ସାଗୁଆନ ଗଣ୍ଡି ଚୋରି କରୁଛନ୍ତି। ଚୋରା ବେପାରୀମାନେ ଅଭିନବ ଉପାୟରେ ଚୋରି କରୁଛନ୍ତି। ଫଟୋରେ ସ୍ପଷ୍ଟ ହେଉଛି କିପରି ସେମାନେ ଗଛ କାଟି ନଦୀ ଦ୍ୱାରା କାଠ ଗଣ୍ଡି ଓଡ଼ିଶା ଭିତରକୁ ଆଣୁଛନ୍ତି ତାକୁ ନେଇ ବନବିଭାଗ ମଧ୍ୟ ଆଶ୍ଚର୍ଯ୍ୟପ୍ରକାଶ କରିଛି ।ଏହାକୁ ନେଇ ସିନାପାଲି ତଥା ସୀମାନ୍ତ ଛତିଶଗଡ଼ ଅଞ୍ଚଳରେ ଚର୍ଚ୍ଚା ହେଉଛି। ବନ ବିଭାଗ ଚୋରା କାରବାର ରୋକିବା ପାଇଁ ନୂଆ ଯୋଜନା କରୁଥିବା ବେଳେ ଚୋରମାନେ ମଧ୍ୟ ଅଭିନବ ଉପାୟ ଅବଲମ୍ବନ କରୁଥିବା ଜଣାପଡୁଛି।



ଦକ୍ଷିଣ ଉଦୟଗିରିର ଜଙ୍ଗଲରୁ ଯେଉଁଠାରେ ସାଗୁଆନ ଗଛ ଚୋରା ବେପାର ହେଉଛି, ସେଠାରେ ବନ ବିଭାଗ ଆଗାମୀ ଦିନ ମଧ୍ୟରେ କଠୋର ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି ।ବନ ବିଭାଗର ଉଚ୍ଚ ଅଧିକାରୀମାନେ କହୁଛନ୍ତି ଯେ, କିଛି ଦିନ ତଳେ ଦକ୍ଷିଣ ଉଦୟଗିରିର ଜଙ୍ଗଲରେ ଗଛ କାଟିବାର ଘଟଣା ଧରାପଡ଼ିଥିଲା। ସିନିୟର ଅଧିକାରୀ ବର୍ଣ୍ଣନା କଲେ ଯେ ୨୯ ସେପ୍ଟେମ୍ବରରେ ଓଡ଼ିଶା ସୀମା ଜଙ୍ଗଲ ଅଞ୍ଚଳରୁ ସାଗୁଆନ ଗଛ ଚୋରୀ ହୋଇଥିବା ତଥ୍ୟ ମିଳିଥିଲା ।ସେହି ଗଛ କୁ ନଦୀ ଦ୍ୱାରା ଭସାଇ ଓଡ଼ିଶାକୁ ଆଣାଯାଉଛି ।ଏହି ପ୍ରକାର ନୂଆ ତରିକାରେ ବନ ବିଭାଗ ମଧ୍ୟ ଚିନ୍ତିତ ।ସେମାନେ ଜଣାଇଛନ୍ତି ଯେ, ଦକ୍ଷିଣ ଉଦୟଗିରିରେ ସାଗୁଆନ ଗଛ ସହିତ ବନ୍ୟପ୍ରାଣୀ ଶୀକାର ମଧ୍ୟ ହେଉଛି। ଆଗାମୀ ଦିନ ରେ ବନ ବିଭାଗ ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବ। ବନ ବିଭାଗ ସୂତ୍ର ରୁ ପ୍ରକାଶ ଯେ, ଗତ କିଛି ଦିନ ତଳେ ବର୍ଷା ହେବା ଫଳରେ ଉଦନ୍ତୀ ନଦୀରେ ବର୍ଷା ଜଳ ପ୍ରବାହିତ ହେବାରୁ ଛତିଶଗଡ଼ ନିକଟରୁ ନଦୀ ଭିତରେ ଭେଳା କରି ଆଣୁଥିଲେ। ହେଲେ ସିନାପାଲି ବ୍ଲକ ସୀମାନ୍ତ ସିନ୍ଦୂରଶିଳ ଗାଁ ନିକଟକୁ ପହଞ୍ଚିଲା ବେଳକୁ ସକାଳ ହୋଇ ଯାଇଥିଲା। ଛତିଶଗଡ଼ ବନ ବିଭାଗ କୌଣସି ସୂତ୍ର ରୁ ଖବର ପାଇ ଉକ୍ତ ସ୍ଥାନରେ ଚଢଉ କରି ଜବତ କରିଥିଲା। ହେଲେ ଅଭିଯୁକ୍ତମାନେ ଫେରାର ମାରିବାରେ ସକ୍ଷମ ହୋଇଥିଲେ।

## ଏନ୍‌ଆଇଟି ଦ୍ୱାରା ଆଣ୍ଟିବାୟୋଟିକ୍ ପ୍ରତିରୋଧକ ସବୁଜ ବିକଳ୍ପ

**ରାଉରକେଲା, ୧୫।୧୦(ସମିସ) :** ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲାର ଗବେଷକମାନେ ଔଷଧୀୟ ଗଛର ନିର୍ଗମକୁ ବ୍ୟବହାର କରି ଶକ୍ତିଶାଳୀ ଆଣ୍ଟିବ୍ୟାକ୍ଟେରିଆଲ୍ ଏଜେଣ୍ଟ ବା ଆଣ୍ଟିବାଇଓଟିକ ପ୍ରତିରୋଧକ ଜାରକ ପ୍ରସ୍ତୁତ କରିଛନ୍ତି, ଯାହା ପରିବେଶଗତ ଭାବରେ ସୁରକ୍ଷିତ ଓ ପ୍ରଭାବଶାଳୀ ଅଟେ। ଏହି ଗବେଷଣା ଆଣ୍ଟିମାଇକ୍ରୋବିଆଲ୍ ପ୍ରତିରୋଧର ସମସ୍ୟାକୁ ସମାଧାନ କରିବ ବୋଲି ସୂଚନା ମିଳିଛି। ପାରମ୍ପରିକ ଆଣ୍ଟିବାଇଓଟିକ୍ସର ଅତ୍ୟଧିକ ବ୍ୟବହାର ଫଳରେ 'ସୁପରବଗ୍‌ସ୍' ବୃଦ୍ଧି ପାଇଛି ଯାହା ଏହି ଚିକିତ୍ସା ପ୍ରତି ପ୍ରତିରୋଧୀ। ସାରା ବିଶ୍ୱରେ, ବୈଜ୍ଞାନିକମାନେ ଏହି ସୁପରବଗ୍‌ସ୍ ସହିତ ଲଢ଼ିବା ପାଇଁ ବିକଳ୍ପ ପଦ୍ଧତି ଖୋଜୁଥିବା ବେଳେ ଏନଆଇଟି ରାଉରକେଲାର ଏହି ପଦକ୍ଷେପ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ପ୍ରତିଷ୍ଠିତ ସରଫେସେସ୍ ଆଣ୍ଡ ଇଣ୍ଟରଫେସେସ୍ ଜର୍ଣ୍ଣାଲରେ ପ୍ରକାଶିତ ଏହି ଅଧ୍ୟୟନକୁ ଜୀବ ବିଜ୍ଞାନ ବିଭାଗର ସହଯୋଗୀ ପ୍ରାଧ୍ୟାପକ ପ୍ରଫେସର ସୁମନ ଝା ଏବଂ ତାଙ୍କର ଗବେଷଣା ବିଦ୍ୱାନ କୁମାରୀ ସୁଭମ, ସୋନାଲି ଜେନା ଓ ମୋନାଲିସା ଓଝା ଲେଖିଥିଲେ। ଏହି ସମସ୍ୟାର ସମାଧାନ ପାଇଁ, ଏନ୍‌ଆଇଟି ରାଉରକେଲାର ଗବେଷକମାନେ ଜିଙ୍କ୍ ଅକ୍ସାଇଡ୍ ସୂକ୍ଷ୍ମକଣିକା ଉତ୍ପାଦନ ପାଇଁ ଏକ ପରିବେଶ ଅନୁକୂଳ ପଦ୍ଧତି ଗ୍ରହଣ କରିଛନ୍ତି। କଠୋର ରାସାୟନିକ ପଦାର୍ଥ ବଦଳରେ, ଗବେଷକମାନେ ଗେଣ୍ଡୁ, ଆମ୍ବ ଓ ୟୁକାଲିପଟାସ ଭଳି ଗଛର ପତ୍ର ଓ ଫୁଲରୁ ନିର୍ଗତ ଜିଙ୍କ୍ ଲବଣକୁ ଜିଙ୍କ୍ ଅକ୍ସାଇଡ୍ ସୂକ୍ଷ୍ମକଣିକାରେ ପରିଣତ କରିବା ପାଇଁ ଏକ ନିଷ୍କାସନ ବ୍ୟବହାର କରିଥିଲେ ଯାହା ନିଷ୍କାସନ ଦ୍ୱାରା ଉତ୍ପାଦିତ ଫାଇଟୋକମ୍ପାଉଣ୍ଡ ଶୋଷଣ କରିଥାଏ। ଗବେଷଣାର ଗୁରୁତ୍ୱ ଉପରେ ଆଲୋକପାତ କରି ଏନ୍‌ଆଇଟି ରାଉରକେଲାର ଜୀବ ବିଜ୍ଞାନ ବିଭାଗର ସହଯୋଗୀ ପ୍ରାଧ୍ୟାପକ ପ୍ରଫେସର ସୁମନ ଝା କହିଛନ୍ତି ଏହି କାର୍ଯ୍ୟ ସ୍ଥାୟୀ ସ୍ୱାସ୍ଥ୍ୟସେବା ପ୍ରଣାଳୀକୁ ସମର୍ଥନ କରିପାରୁଥିବା ଏକ ନୂତନ ପିଢ଼ିର ସବୁଜ ସୂକ୍ଷ୍ମକଣିକା ବିକାଶ କରିବା ଦିଗରେ ଏକ ପଦକ୍ଷେପ ଅଟେ। ନିର୍ଗମନ ସହିତ ଆବୃତ ସୂକ୍ଷ୍ମକଣିକା, ବିଶେଷକରି ଗେଣ୍ଡୁ ଫୁଲ ପାଖୁଡ଼ାରୁ ତିଆରି ସୂକ୍ଷ୍ମକଣିକା, ରାସାୟନିକ ଭାବରେ ସଂଶ୍ଳେଷିତ ସୂକ୍ଷ୍ମକଣିକା କିମ୍ବା କେବଳ ଉଦ୍ଭିଦ ନିର୍ଗମନ ଅପେକ୍ଷା ଜୀବାଣୁ ହତ୍ୟା କରିବାରେ ଦୁଇଗୁଣ ଅଧିକ ପ୍ରଭାବଶାଳୀ ବୋଲି ଜଣାପଡ଼ିଛି।

ମାଇଲଖୁଣ୍ଟ ଅତିକ୍ରମ କଲା ଆର୍‌ଏସ୍‌ପି

## ଷ୍ଟିଲ୍ ମେଲ୍ଟିଂ ସପ୍-୨ ରେ ଅତ୍ୟାଧୁନିକ କାଷ୍ଟର-୪ କାର୍ଯ୍ୟକ୍ଷମ

**ରାଉରକେଲା, ୧୫।୧୦(ସମିସ):** ଉତ୍କର୍ଷତା ଦିଗରେ ଆଉ ଏକ ଐତିହାସିକ ସଫଳତା ସ୍ୱରୂପ ସେଲ୍‌ଫ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅକ୍ଟୋବର ୧୩ ତାରିଖରେ ଏହାର ଷ୍ଟିଲ୍ ମେଲ୍ଟିଂ ସପ୍-୨ (ଏସଏମଏସ ୨) ରେ ସ୍ଥାପିତ ନୂତନ କାଷ୍ଟର-୪ ରୁ ପ୍ରଥମ କାଷ୍ଟ ସଫଳତାର ସହିତ ଉତ୍ପାଦିତ ହୋଇଛି। ଇସ୍ପାତ ନିର୍ମାଣ କ୍ଷମତା ବିସ୍ତାର ଏବଂ ଭବିଷ୍ୟମୁଖୀ ପ୍ରଯୁକ୍ତିବିଦ୍ୟା ଗ୍ରହଣ ଲକ୍ଷ୍ୟରେ ଆର୍‌ଏସ୍‌ପି ସାମୂହିକଙ୍କ ନିରବଚ୍ଛିନ୍ନ ଦଳଗତ ପ୍ରୟାସ, ସୂକ୍ଷ୍ମ ଯୋଜନା ଏବଂ ଇଞ୍ଜିନିୟରିଂ ପ୍ରତିଭାର ସମ୍ମିଳିତ ସ୍ୱରୂପର ଏହି ମାଇଲଖୁଣ୍ଟ ହାସଲ ହେଉଛି ଏକ ପ୍ରତିବିମ୍ବ। କନସୋର୍ସିୟମ୍ ଲିଡର ଭାବେ ନୂଆଦିଲ୍ଲୀସ୍ଥିତ ମେସର୍ସ ଏସ୍‌ଏମ୍‌ଏସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ତଥା କନସୋର୍ସିୟମ୍ ସଦସ୍ୟ ରୂପେ ମେସର୍ସ ଏସ୍‌ଏମ୍‌ଏସ୍ ଗ୍ରୁପ୍ ଜିଏମ୍‌ବିଏଚ୍, ଜର୍ମାନୀ (ଏସଡିଇ) ଅଧୀନରେ କାର୍ଯ୍ୟକାରୀ ହୋଇଥିବା ଏହି କାଷ୍ଟର-୪ ପ୍ରକଳ୍ପ, ୨୦୨୨ ଫେବୃଆରୀ ୧୬ ତାରିଖରେ ଚୁକ୍ତି ସ୍ୱାକ୍ଷରିତ ହେବା ଦିନ ଠାରୁ ୪୪ ମାସ ମଧ୍ୟରେ ଉକ୍ତ ସଫଳତା ହାସଲ କରିବାରେ ସକ୍ଷମ ହୋଇଛି। ଏହି କ୍ଷମତାର ଯେକୌଣସି ସ୍ଲାବ୍ କାଷ୍ଟର ପ୍ରକଳ୍ପ ପାଇଁ ସମଗ୍ର ସେଲରେ ଏହା ରେକର୍ଡ ଅବଧି। ଉଲ୍ଲେଖନୀୟ ଯେ, ଏହି ମାଇଲଖୁଣ୍ଟ ହାସଲର ଯାତ୍ରା ଶୂନ୍ୟ ସୁରକ୍ଷା ଘଟଣା ସହ ସମ୍ପନ୍ନ ହୋଇଥିଲା। ଯାହା ଆର୍‌ଏସ୍‌ପିର ଶୂନ୍ୟ ଦୁର୍ଘଟଣା ନୀତି ପ୍ରତି ଥିବା ପ୍ରତିବଦ୍ଧତାକୁ ମଧ୍ୟ ବଜାୟ ରଖିପାରିଛି। ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନର ପ୍ରତ୍ୟେକ ପର୍ଯ୍ୟାୟ ସୁରକ୍ଷା



ପ୍ରୋଟୋକଲର ସର୍ବାଧିକ ଅନୁପାଳନ ସହିତ ସମ୍ପାଦିତ ହୋଇଥିଲା, ଯାହା କାରଖାନାର ଦୃଢ଼ ସୁରକ୍ଷା ସଂସ୍କୃତି ଏବଂ ସୁରକ୍ଷିତ ବୃତ୍ତିଗତ ଅଭ୍ୟାସକୁ ପ୍ରତିଫଳିତ କରିଥିଲା। ଉଲ୍ଲେଖନୀୟ ଯେ, ପୂର୍ବ ଯୋଜନା ମୁତାବକ ସମସ୍ତ ସଟଡାଉନ କାର୍ଯ୍ୟ ସମୟସୀମା ପୂର୍ବରୁ ସମାପ୍ତ ହୋଇଥିଲା, ଯାହା ପୂର୍ବ ଭଳି କାରଖାନାରୁ ହେଉଥିବା ନିରବଚ୍ଛିନ୍ନ ଉତ୍ପାଦନକୁ ମଧ୍ୟ ସୁନିଶ୍ଚିତ କରିଥିଲା। ବୈଷୟିକ ଜ୍ଞାନ କୌଶଳରେ ନୂତନ କାଷ୍ଟର-୪ ର ଏକ ଅତ୍ୟାଧୁନିକ ସୁବିଧା ରୂପେ ଉଭା ହୋଇଛି ଯାହା ଉନ୍ନତ ମୋଲ୍ଡ ଅସିଲେସନ ପ୍ରଣାଳୀ, ବିଓପିଏସ, ଏଏମଏଲସି ସିଷ୍ଟମ, ଆର୍‌ଏଏମ୍, ଅତ୍ୟାଧୁନିକ ଲେଭେଲ-୨ ଅଟୋମେସନ, ସଠିକ୍ ନିୟନ୍ତ୍ରଣ ପାଇଁ ହାଇ ସ୍ପିଡ ଡାଟା ଇଣ୍ଟିଗ୍ରେସନ ଏବଂ ଗୁରୁତ୍ୱପୂର୍ଣ୍ଣ ଜଟିଳ ଉପକରଣଗୁଡ଼ିକର ପୂର୍ବାନୁମାନିକ ସ୍ଥିତି ମନିଟରିଂ ପାଇଁ ଇଣ୍ଡଷ୍ଟ୍ରି ୪.୦ ସେନ୍ସର ଭଳି ଅତ୍ୟାଧୁନିକ ବୈଶିଷ୍ଟ୍ୟ ସହ ଡିଜାଇନ କରାଯାଇଛି। ଆରଏସପି ଏବଂ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ମାର୍ଗଦର୍ଶନ ଏବଂ ନିରନ୍ତର ପ୍ରୋତ୍ସାହନରେ ଏହି ମାଇଲଖୁଣ୍ଟ ହାସଲ ହୋଇଛି। ଏହି ମହତ୍ୱପୂର୍ଣ୍ଣ ପ୍ରଥମ କାଷ୍ଟିଂ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ମୁନ୍ନା ପ୍ରସାଦ ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତା, ଏସ ଏମ ଏସ ୨ ବିଭାଗର ସିଜିଏମ ଏମ.ଜି ଶ୍ରୀକାନ୍ତ ତଥା ପ୍ରକଳ୍ପ, ଏସ ଏମ ଏସ ୨ ସହ ସମ୍ପୃକ୍ତ ବିଭାଗର ବହୁ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା।

## ଗୋଲାମୁଣ୍ଡା ଥାନାରେ ବିଦାୟକାଳୀନ ସମ୍ବର୍ଦ୍ଧନା

**ଗୋଲାମୁଣ୍ଡା, ୧୫ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନାର ସବଇନ୍ସପେକ୍ଟର ରାଜେଶ ପରିଡ଼ାଙ୍କ ଗୋଲାମୁଣ୍ଡା ଥାନାରୁ କେସିଙ୍ଗା ଥାନାକୁ ବଦଳି ହୋଇଛି। ସବଇନ୍ସପେକ୍ଟର ଶ୍ରୀ ପରିଡ଼ାଙ୍କୁ ଗୋଲାମୁଣ୍ଡା ଥାନା ପରିସରରେ ବିଦାୟକାଳିନ ସମ୍ବର୍ଦ୍ଧନା ଦିଆଯାଇଛି ।ଗୋଲାମୁଣ୍ଡା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡି, ଦଶପୁର ଫାଣ୍ଡି ଅଧିକାରୀ ସାହୁ, ରଞ୍ଜନ କୁମାର ରାଉତ, ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ ଓ ସମସ୍ତ ଥାନା କର୍ମଚାରୀ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ।

## ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ପୋଷଣ ମାସ

**ଭବାନୀପାଟଣା, ୧୫ ।୧୦ (ସମିସ):** ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟରୁ ପୋଷଣ ବିଶେଷଜ୍ଞ ବିଶ୍ୱନାଥ ଦାଶ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପୋଷଣର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ରାଷ୍ଟ୍ରରେ ସୁସ୍ଥ ଯୁବକର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧକ୍ଷ୍ୟ ପରମେଶ୍ୱର ମୁଣ୍ଡ ଏହାର ଉପକାରିତା ବିଷୟରେ ଗୁରୁତ୍ୱ ଦେଇଥିଲେ। ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ସଭା ପରିଚାଳନା କରିଥିବା ବେଳେ ଏନ୍‌ସିସି ଅଫିସର ଶୁଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀ, ଫାଲଗୁନୀ ପ୍ରଧାନୀ, ମୀନକେତନ ସାହୁ, ମିଙ୍କୁ ମିଶ୍ର ନିଆଲ, ମନ୍ଦାକିନି ପ୍ରଧାନ ଓ ପୁରୀତ ରଣା ସହଯୋଗ କରିଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ରାଉରକେଲା, ୧୫।୧୦(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ ଅଧୀନ ସେମନା ଗ୍ରାମରେ ସ୍ଥାୟୀୟ ଟାଇଗର କ୍ଲବ ଦ୍ୱାରା ଆୟୋଜିତ ଦୁଇ ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗତ ୧୩ ତାରିଖରୁ ଆରମ୍ଭ ହୋଇ ୧୪ ତାରିଖ ଯାଏ ଦୁଇ ଦିନ



ଚାଲିଥିଲା। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ୧୪ ତାରିଖ ଦିନ ଏହାର ଫାଇନାଲ ମ୍ୟାଚ ଦିନ ବିଧାୟକ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ ଓ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଯଥାକ୍ରମେ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ୮ ଓଭର ଲେଖାଏଁ ଖେଳା ଯାଇଥିଲା। ଏହି ଫାଇନାଲ ମ୍ୟାଚ ରୁପିଡିହି ଏବଂ ଖମାରବାହାଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରୁପିଡିହି ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୮୧ ରନ୍ କରି ଚାମ୍ପଅନ ହୋଇଥିଲା। ଏହାର ଜବାବରେ ବ୍ୟାଟିଂ କରି ଖମାରବାହାଲ ଦଳ ମାତ୍ର ୪୫ ରନ କରି ଏଲ ଆଉଟ ହୋଇଯାଇ ରନର୍ସଅପ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ରୁପିଡିହି ଦଳକୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଟ୍ରଫି ସହିତ ନଗଦ ପାଞ୍ଚ ହଜାର ଟଙ୍କା ଏବଂ ରନର୍ସଅପ ଦଳକୁ ଟ୍ରଫି ସହିତ ନଗଦ ତିନି ହଜାର ଟଙ୍କା ପୁରସ୍କୃତ କରିଥିଲେ। ଏହା ସହିତ ଅତିଥିମାନେ ଫାଇନାଲ ମ୍ୟାଚରେ ମ୍ୟାନ୍ ଅଫ୍ ଦ ମ୍ୟାନ ଏବଂ ମ୍ୟାନ୍ ଅଫ ଦ ସିରିଜ ଖେଳାଳିଙ୍କୁ ମଧ୍ୟ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟଟି କ୍ଲବର ସଦସ୍ୟ ଅଜିତ କୁମାର ତିର୍କୀଙ୍କ ତତ୍ୱାବଧାନରେ ଖେଳା ଯାଇଥିଲାବେଳେ ପୁରା ଟୁର୍ଣ୍ଣାମେଣ୍ଟର ସମସ୍ତ ଖେଳରେ ଟାଇଗର କ୍ଲବର ଇନ୍ଦ୍ରଜିତ ଗରଡ଼ିଆ, ମାନସ ମାଝୀ, ବିଶ୍ୱଜିତ କୁମରା, ଅସୀମ ଦାଶ, ଆରିଆ ଦାଶ, ସୁବାଶିଷ ଗରଡିଆ, ଦିନେଶ ମାଝୀ, ବିଶ୍ୱ ନେଟି ଏବଂ ବଣ୍ଟି ନେଟି ତଥା ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।

ଦଣ୍ଡପାଟ 'ଦଶରା' ମହୋତ୍ସବ ସମ୍ପନ୍ନ

## ଘୁମୁରାରେ ଦୁଲୁକିଲା ମଞ୍ଚ

କୋକସରା, ୧୫ ।୧୦(ସମିସି)

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଗୋତମୁଣ୍ଡାରେ ଗତ ୩ଦିନ ଧରି ଚାଲିଥିବା ମା' ସର୍ବମଙ୍ଗଳା ଘାଟିମୁଣ୍ଡିଆଣି ଦେବୀଙ୍କ ବାର୍ଷିକ ଦଣ୍ଡପାଟ ଦଶରା ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ରବିବାର ଦେବୀଙ୍କ ଖଣ୍ଡାଧୂଆ କାର୍ଯ୍ୟ, ଦେବୀଙ୍କ ଦର୍ଶନ ସହ ଦଶରା ପର୍ବର ପ୍ରାରମ୍ଭ ହୋଇଥିଲା। ସୋମବାର ରାତିରେ 'ନାଟକ' ପ୍ରତିଯୋଗିତା ହୋଇଥିବା ବେଳେ ମଙ୍ଗଳବାର ତୃତୀୟ ସନ୍ଧ୍ୟା ତଥା ଉଦ୍‌ଯାପନୀ ଉତ୍ସବରେ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଜିଲ୍ଲା ଆଦିବାସୀ ସଂଘ ସଭପତି ପ୍ରକାଶ ଚନ୍ଦ୍ର ମାଝୀ, ବ୍ଲକ ସମ୍ପାଦକ ତ୍ରିନାଥ ଶବର, ବିଜେପି



ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, ମଧୁବନ ପାତ୍ର, ବସନ୍ତ ନାଗ, ଏସ୍‌ଆଇ ହମିତ ମାଝୀ, ଚନ୍ଦାହାଣ୍ଡି ଜୋନ-୧ ଜିଲ୍ଲାପରିଷଦ ସଭ୍ୟା। ବର୍ଷା ରାଣୀ ପଟେଲ, ଜିଲ୍ଲାପରିଷଦ ସଭ୍ୟ ଶଙ୍କର ଯୁଏଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ପ୍ରତିଯୋଗିତାରେ ମୋଟ ୧୨ ଗୋଟି ଘୁମୁରା ଦଳ ଭାଗନେଇ ଥିଲେ। ତେବେ ଲୋକନୃତ୍ୟ 'ଘୁମୁରା'ର ହୃଦକମ୍ପନ ଧ୍ୱନିରେ ମଞ୍ଚ ଦୁଲୁକି ଉଠିଥିବା ବେଳେ ବିଭୋର ହୋଇଥିଲେ ଦର୍ଶକ। ଉଦ୍‌ଯାପନି ଉତ୍ସବରେ ଦଣ୍ଡପାଟ ଦଶରା ମହୋତ୍ସବ କମିଟି ପକ୍ଷରୁ ବରିଷ୍ଠ ଲକ୍ଷ୍ୟ ଜ୍ୟୋତି ଜାଲ, ଆଧ୍ୟାତ୍ମିକ ଗବେଷଣା ତଥା କାଳୀ କୃଷ୍ଣ ସଂଘର ପରିଚାଳକ ଜଗତାନନ୍ଦ ଜୀ, କଳାହାଣ୍ଡି ଆଦିବାସୀ ସଂଘର ସଭାପତି ପ୍ରକାଶ ମାଝୀ, ଜିଲ୍ଲା ଆଦିବାସୀ ସଂଘର ସମ୍ପାଦକ ରୁତୁରାଜ ମାଝୀ, କୋକସରା ବ୍ଲକ ଆଦିବାସୀ ସଂଘର ସମ୍ପାଦକ ତ୍ରିନାଥ ଶବର, ଯୁବ ସମାଜସେବୀ ଶ୍ୟାମସୁନ୍ଦର ମାଝୀ ପ୍ରମୁଖଙ୍କୁ ଦଶରା ମହୋତ୍ସବ କମିଟି ପକ୍ଷରୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ କ୍ଷୀରସିନ୍ଧୁ ବାଣୁଆ ମଞ୍ଚ ସଂଯୋଜନା କରିଥିଲେ। ଦଶହରା କମିଟିର ସଭାପତି ହେମନ୍ତ ମାଝୀ, ସମ୍ପାଦକ ଭାରତ ପୁଝାରୀ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ନାଏକ, ଭାରତ ଦୁର୍ଗା, ଯଦୁମଣି ଦୁର୍ଗା, ପାର୍ଥିବ ମାଝୀ, ହିମାଞ୍ଚଳ ପୁଝାରୀ, ପ୍ରମୋଦ ମାଝୀ, ଲକ୍ଷ୍ମିକାନ୍ତ ମାଝୀ, ରୋମାଞ୍ଚଳ ପୁଝାରୀ, ବଳରାମ ମାଝୀ, ନିରଞ୍ଜନ ବାଗ, ତୁଳାରାମ ଗୋପାଳ, କୁଶଧ୍ୱଜ ନାଏକ, ପିଣ୍ଟୁ ମାଝୀ ସମେତ ଗୋତମୁଣ୍ଡା ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ନିମନ୍ତେ ଗୋତମୁଣ୍ଡା ଫାଣ୍ଡି ପୁଲିସ ଉପସ୍ଥିତ ଥିଲେ।

## ୩ ବାଲି ବୋଝେଇ ହାଇୱା ଜବତ



**ବନ୍ତ/ଆଗରପଡ଼ା,୧୫।୧୦(ସମିସ):** ଭଦ୍ରକ-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥର ବନ୍ତ ଥାନା ଟିଲୋ ନିକଟରୁ ୩ଟି ବେଆଇନ ବାଲି ବୋଝେଇ ହାଇୱାକୁ ଖଣି ବିଭାଗ ଓ ବନ୍ତ ପୁଲିସ୍ ପକ୍ଷରୁ ଜବତ କରାଯାଇଥିବାର ଜଣାପଡ଼ିଛି । ବେଆଇନ ଭାବେ ହାଟଡିହି ତହସିଲ ଅଞ୍ଚଳରୁ ବାଲି ଲୋଡିଂ କରି ଏହି ହାଇୱାଗୁଡ଼ିକ ଭଦ୍ରକ ଆଡ଼କୁ ପରିବହନ କରୁଥିବା ସମୟରେ ଜବତ କରାଯାଇଥିବା ଜଣାପଡ଼ିଛି ।

## ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଅଧିବେଶନ



**ଭଦ୍ରକ, ୧୫ ।୧୦(ସମିସ):** ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମ୍ମିଳନୀ କକ୍ଷ 'ନିତ୍ୟାନନ୍ଦ ଭବନ' କୁଆଁସଠାରେ ସଂଘର ଏ ବର୍ଷର ଅଷ୍ଟମ ଅଧିବେଶନ କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପରିଷଦର ସଭାପତି ଗୋଲକ ବିହାରୀ ସାହୁ, ଉପସଭାପତି ହରମୋହନ କୁଅଁର, ଯୁଗ୍ମ ସଂପାଦକ କରୁଣାକର ଉପାଧ୍ୟାୟ ଓ ହିସାବ ସମୀକ୍ଷକ ମୁକ୍ତିକାନ୍ତ ମହାପାତ୍ର ଯୋଗ ଦେଇଥିଲେ । ସଂଘର ପୂର୍ବ ମାସର ବିବରଣୀ ପାଠ କରିଥିଲେ କରୁଣାକର ଉପାଧ୍ୟାୟ । ଅନ୍ୟତମ ହିସାବ ସମୀକ୍ଷକ ଲକ୍ଷ୍ମଣ କୁମାର ମହାନ୍ତି ଆଗାମୀ ବାର୍ଷିକ ଉତ୍ସବରେ ହେବାକୁ ଥିବା ୮୦ବର୍ଷୀୟ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ନାମ ପାଠ କରିଥିଲେ । ଏକ ସବ୍‌କମିଟି ଗଠନ କରିଥିଲେ ସଭାପତି ଉଦୟନାଥ ମହାନ୍ତି । ଏହି କମିଟିରେ ଲକ୍ଷ୍ମଣ କୁମାର ମହାନ୍ତି, ଚନ୍ଦ୍ରମୋହନ ମହାନ୍ତି ଓ ମୁକ୍ତିକାନ୍ତ ମହାପାତ୍ର ସଦସ୍ୟଭାବେ କାର୍ଯ୍ୟ କରିବେ । ଉକ୍ତ ସମ୍ବର୍ଦ୍ଧିତ ହେବାର ବୟସକୁ ୮୦ବର୍ଷରୁ ୭୫ବର୍ଷକୁ କମାଇ ଆଣିବା ପାଇଁ ସଂଗଠନ ସଂପାଦକ ବାଦଲ କିଶୋର ମହାପାତ୍ର, ରମେଶ ଚନ୍ଦ୍ର ଦାଶ ଓ ଅନାଦି ଚରଣ ଦାସ ପ୍ରମୁଖ ସଦସ୍ୟମାନେ ପ୍ରସ୍ତାବ ରଖିଥିଲେ । ଏହା ମାସିକ ବୈଠକରେ ସ୍ଥିର କରାଯାଇପାରିବ ନାହିଁ ବୋଲି ସଭାପତି ଓ ଉପସଭାପତି ଗୃହକୁ ଜଣାଇଥିଲେ । ଏହା ଆଗାମୀ କାର୍ଯ୍ୟକାରିଣୀ ବୈଠକରେ ଆଲୋଚନା କରାଯାଇ ସ୍ଥିର କରାଯିବ ବୋଲି କହିଥିଲେ । "ଜନା ସ୍ମଲ୍ ଫାଇନାସ୍ ବ୍ୟାଙ୍କ" ଭଦ୍ରକ ଶାଖାର କର୍ମକର୍ତ୍ତାମାନେ ଉପସ୍ଥିତ ହୋଇ ବରିଷ୍ଠମାନଙ୍କ ପାଇଁ କଣ ସୁବିଧାମାନ ଅଛି ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ । ଏହାପରେ ବୈକୁଣ୍ଠନାଥ ଓଝା, ଅବସରପ୍ରାପ୍ତ ଶିକ୍ଷକ ନୂତନଭାବେ ଆଜୀବନ ସଦସ୍ୟତା ଗ୍ରହଣ କରିଛନ୍ତି । ସଦସ୍ୟ ବିନୟ ପଣ୍ଡା, ରବୀନ୍ଦ୍ର ନାୟକ, ପ୍ରତାପଚନ୍ଦ୍ର ଦଳାଇ, ହରେକୃଷ୍ଣ ସାହୁ, ବୀରନାରାୟଣ ଦାସ, ରମାକାନ୍ତ ନାୟକ, ଜଗବନ୍ଧୁ ରାମ, କୈଳାସ ଚନ୍ଦ୍ର ପଣ୍ଡା, ନିରଞ୍ଜନ ବିଶ୍ୱାଳ, ଆଦିତ୍ୟ ଗୋସ୍ୱାମୀ, ଆଦିତ୍ୟ ନାୟକ, ବିକାଶଚନ୍ଦ୍ର ମହାନ୍ତି, ଶାନ୍ତିଲତା ବାରିକ୍, ଦୀନବନ୍ଧୁ ନାୟକ, ଗୟାଧର ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ । 'ଜନା ବ୍ୟାଙ୍କ' ତରଫରୁ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା । ସଦସ୍ୟ ନିତ୍ୟାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ମା'ଙ୍କ ଅଲୌକିକ ଶକ୍ତି

# ଗାଁ ଦାଣ୍ଡରେ ପିଲାଙ୍କ ସହ ବୁଲନ୍ତି

**ଅସୁରାଳି, ୧୫।୧୦(ସମିସ)**

ଧୂଷୁରୀ ନିକଟ ବ୍ରାହ୍ମଣପାଳସ୍ଥିତ ପ୍ରସିଦ୍ଧ ମା'ଦକ୍ଷିଣ କାଳୀଙ୍କ ପୀଠ ଚଳଚଞ୍ଚଳ । ୫ ଦିନ ଧରି ଯାନିଯାତ୍ରା ଚାଲିବା ସହିତ ସନ୍ଧ୍ୟା ଆଳତି ଦର୍ଶନ ପାଇଁ ହଜାର ହଜାର ଭକ୍ତ ଏହି ସମୟକୁ ଅପେକ୍ଷା କରିଥାନ୍ତି । ଏହି ଆଳତି କାର୍ଯ୍ୟ ଅତ୍ୟନ୍ତ ନିଆରା ମଧ୍ୟ । ଏକ ପିତ୍ତଳ ଆଳତି ପାତ୍ର ଦ୍ୱାରା ଘିଅ ସଞ୍ଜ ଦିଆଯାଇ ଆଳତି ପ୍ରସ୍ତୁତ ପରେ ମୁଖ୍ୟ ସେବକଙ୍କ ଦ୍ୱାରା ଦୀର୍ଘ ସମୟ ଧରି ଆଳତି ବୁଲାଇବା ଏକ କଠିନ କାର୍ଯ୍ୟ ହେଲେ ବି ତାହାକୁ ସମ୍ପାଦନ କରିବାରେ ମା' ନିଜେ ହିଁ ହାତଧରି ବୁଲାଇଥାନ୍ତି ବୋଲି କୁହନ୍ତି ମୁଖ୍ୟ ସେବକ ସନ୍ତୋଷ ପଣ୍ଡା । ଏହି ସମୟରେ ବାହାର ଆଲୋକ ସଜ୍ଜାକୁ ବନ୍ଦ ରଖାଯାଇଥାଏ । ଉକ୍ତ ଆଳତି ଆଲୁଅ ସମ୍ପୂର୍ଣ୍ଣ ପରିବେଶକୁ ବି ଛାଡି ଦେଇଥାଏ । ଘଣ୍ଟଘଣ୍ଟା ମୃଦଙ୍ଗର ତାଳରେ ଆଳତି ବୁଲାଯାଇଥାଏ । ଭକ୍ତମାନଙ୍କର ଆଳତି ଦର୍ଶନ ସହିତ ଯିଏ ଯାହା ମା'ଙ୍କ ନିକଟରେ ମନାସିଥାଏ ତାହାକୁ ମା' ପୂରଣ କରିଥାନ୍ତି ବୋଲି ଭକ୍ତମାନେ ବିଶ୍ୱାସ କରିଥାନ୍ତି ।

ବ୍ରାହ୍ମଣୀପାଳରେ ମା' ଦକ୍ଷିଣ କାଳୀଙ୍କ ଆବିର୍ଭାବ ନେଇ ବହୁ ପୁରାତନ ତଥ୍ୟ ମଧ୍ୟ ରହିଆସିଛି । କଲିକତାର ମା' ଦକ୍ଷିଣ କାଳୀଙ୍କ ଅବିକଳ ରୂପରେ ଏଠାରେ ପୂଜା ପାଇଥାନ୍ତି । ପ୍ରାୟ ୮ ଶହ ବର୍ଷ ହେବ ମା' ଏହି ଶକ୍ତି ପୀଠରେ ବାରମାସ ପୂଜା ପାଇ ଆସୁଛନ୍ତି । ଅଧୁନା ଯାଜପୁର ଜିଲ୍ଲାର ଶିରିଆପୁର ଗ୍ରାମର କାଳନ୍ଦୀ ପଣ୍ଡା କଲିକତାରେ ରହି କାର୍ଯ୍ୟ କରିବା ସହିତ ମା' ଦକ୍ଷିଣ କାଳୀଙ୍କ ଜଣେ ବଡ଼ ଭକ୍ତ ଥିଲେ । ନିଜ ବ୍ୟବହାର ସାମଗ୍ରୀ ପତ୍ର ଧରି କଲିକତା ଛାଡିଦେବାକୁ ଯୋଜନା କରି ଘରକୁ ବାହାରିଥିଲେ । କଲିକତାରେ ମା' ଦକ୍ଷିଣ କାଳୀଙ୍କୁ ମୁଣ୍ଡିଆମାରି ଜିନିଷ ପତ୍ର ଧରି ଘର ଅଭିମୁଖେ ଚାଲି ଚାଲି ବାହାରିଥିଲେ । ଭଦ୍ରକରେ ପହଞ୍ଚିବା ପୂର୍ବରୁ ରାସ୍ତାରେ ଫେରିବା ବେଳେ ଚୋରାଇବା ପାଇଁ କିଛି ଦୁର୍ବୃତ୍ତ ଚେଷ୍ଟା କରି ବିଫଳ ହୋଇଥିଲେ । ଭଦ୍ରକରେ ରାତ୍ରିଯାପନ ସମୟରେ ମା' ତାଙ୍କୁ ସ୍ୱପ୍ନରେ କହିଥିଲେ 'ତୁ ଭୟ କରନା, ମୁଁ ତୋ ସହିତ ଯାଉଛି । ତୁ ଯିବା ସମୟରେ ଆଉ ପଛକୁ ଫେରି ଚାହିଁବୁନି । ଚାହିଁଲେ ମୁଁ ଆଉ ତୋ ସହିତ ଯିବି ନାହିଁ । କାଳନ୍ଦି ଯାଉଥିବା ସମୟରେ ମା'ଙ୍କ ପାଦର ଘୁଙ୍ଗୁରର ରୁଣୁଝୁଣୁ ଶବ୍ଦ ଅନୁଭବ କରୁଥାନ୍ତି । ତାପର ଦିନ କାଳନ୍ଦୀ କୋଠାର ହୋଇ ବ୍ରାହ୍ମଣପାଳ ନିକଟରେ ଯାଉଥିବା ସମୟରେ ସନ୍ଧ୍ୟା ହୋଇଯାଇଥାଏ । ଏକ କିଆଗୋହିରି ରାସ୍ତାରେ ବାଲିଚର ଉପରେ ଯାଉଥିବା ବେଳେ କାଳନ୍ଦା ଅନୁଭବ କରୁଥିବା ମା'ଙ୍କ ନୂପୁର ଶବ୍ଦ ହଠାତ ବନ୍ଦ ହୋଇଗଲା । ନୂପୁର ଶବ୍ଦ ବନ୍ଦ ହେବାରୁ କାଳନ୍ଦୀ ପଛକୁ ବୁଲି ଚାହିଁ ଦେବାରୁ ସେଠାରେ ମା'ଙ୍କୁ ଦର୍ଶନ କରିବା ସହିତ ମା' ସେହିଠାରେ ଅଟକି ଯାଇଥିଲେ । ସେହିଠାରେ କାଳନ୍ଦୀ ରାତ୍ରିଯାପନ ସମୟରେ 'ମୁଁ ଏଇଠି ରହିବି । ତୁ ମୋର ସେବା କରିବୁ ବୋଲି ଦେଇଥିଲେ । ତା'ପରେ କାଳନ୍ଦୀ ଘରକୁ ଯାଇ ନିଜ ପରିବାର ନେଇ ଆସି ସେହି ସ୍ଥାନ ନିକଟରେ ବସବାସ କରିବା ସହିତ ମା'ଙ୍କୁ ଦୈନିକ ପୂଜା ଆରମ୍ଭ କରିଥିଲେ । ପୂର୍ବରୁ କାଠ ଘେରା ସ୍ଥାନର ପରିବର୍ତ୍ତନ ହୋଇ ଏବେ କମିଟି ଦ୍ୱାରା ନିର୍ମିତ ସୁନ୍ଦର ମନ୍ଦିର ରେ ମାଙ୍କର ପୂଜା ହୋଇଆସୁଛି । ବିଶାଳ ତୋରଣ ସହିତ ମା'ଙ୍କ ବିସର୍ଜନ ଘାଟ ମଧ୍ୟ ଶୋଭା ପାଇଆସୁଛି । ୩ ଦିନରେ ସାର୍ବଜନୀନ ପୂଜା ସମ୍ପୂର୍ଣ୍ଣ ନହେବାରୁ ଅଧିକ ଦୁଇ ଦିନ ପୂଜା ପାଇଁ ମା'ଙ୍କର ଅନୁମତି ପାଇବା ପରେ ସେବେ ଠାରୁ ୫ ଦିନ ଧରି ପୂଜା ହୋଇଆସୁଛି । ଦୀପାବଳି ଅମାବାସ୍ୟା ଦିନ ଅବାସ ପୂଜା, ଦ୍ୱିତୀୟ ଦିନ ବଡ଼ପୂଜା, ୩ୟ ଦିନ ନୈମିରିକ ପୂଜା, ୪ର୍ଥ ଦିନ ପୂର୍ଣ୍ଣାହୁତି ପୂଜା ଏବଂ ଶେଷ ଦିନ ନିର୍ମାଲ୍ୟବାସିନୀ ପୂଜା ହୋଇଥାଏ । ୫ ଦିନ ଧରି ଚଣ୍ଡୀପାଠ, ହୋମଯଜ୍ଞ ସହିତ ମା' ଙ୍କ ବାରମିଶା (ଖଇ, ଉଖୁଡା, ନିମିକି, ସନ୍ଦେଶ ଇତ୍ୟାଦି ୧୨ପ୍ରକାର ମିଶା ଭୋଗ) ଭୋଗ ଭାରି ପସନ୍ଦ ଯୋଗୁଁ ଶତାଧିକ ବାରମିଶା ଭୋଗ ଦୋକାନୀ ଏକ ମାସ ପୂର୍ବରୁ ଭୋଗ ଦୋକାନ ପାଇଁ ପ୍ରସ୍ତୁତିରେ ଲାଗିଥାନ୍ତି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପ୍ରାୟ ୧ଘଣ୍ଟା ଧରି ଅନୁଷ୍ଠିତ ହୁଏ । ସନ୍ଧ୍ୟା ଆଳତି ଓ ଆଳତି ଦେଖିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ସହିତ ମା'ଙ୍କ ନିକଟରେ ମାନସିକ କରିଥାନ୍ତି ଓ ଶେଷ ଦିନ ହୋଇଥାଏ ମା'ଙ୍କ ନିକଟରେ ନିର୍ମାଲ୍ୟବାସିନୀ ପୂଜା । ଏହି ପୂଜାରେ ପରମ୍ପରା ଅନୁସାରେ ମା'ଙ୍କ ନିକଟରେ ହୋଇଥାଏ ଜିଲାପି ଭୋଗ । ଏହି ଦିନ ସନ୍ଧ୍ୟାରେ ଭକ୍ତମାନେ ନିଜ ସକ୍ଷମ ଅନୁସାରେ ମା'ଙ୍କୁ ଜିଲାପି ଭୋଗ ଲଗାଇଥାନ୍ତି । ଏହିଦିନ କ୍ୱିଣ୍ଟାଲ କ୍ୱିଣ୍ଟାଲ ଜିଲାପି ତିଆରି ହୋଇ ବିକ୍ରି ହୋଇଥାଏ । ତା'ପରେ ମା'ଙ୍କ ବିସର୍ଜନ କାର୍ଯ୍ୟ ସମ୍ପନ୍ନ ହୋଇଥାଏ ।





ହେମନ୍ତ ସୂତାର, ସମ୍ପାଦକ ପୂଜା କମିଟି



ମାନସ ରଞ୍ଜନ ନାୟକ, କାର୍ଯ୍ୟକାରୀ ସଭାପତି

## 'ବିଜୟ ଥିଲେ ଜଣେ ସର୍ବଗୁଣ ସମ୍ପନ୍ନ ମଣିଷ'



ପ୍ରଫେସର ବିଜୟ ଜେନାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

**ଭଦ୍ରକ, ୧୫।୧୦(ସମିସ):** ଭଦ୍ରକର ଗର୍ବ, ଗୌରବ, ଭଦ୍ରକ କ୍ରିକେଟ ଆସୋସିଏସନର ସଭାପତି, ଭଦ୍ରକ ଆଥଲେଟିକ ଆସୋସିଏସନର ଉପସଭାପତି, ଟାଇକ୍ୱୋଣ୍ଡୋ ଆସୋସିଏସନ ଅଫ ଓଡିଶାର କାର୍ଯ୍ୟକାରୀ ସଭାପତି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର କାର୍ଯ୍ୟକାରିଣୀ ସଦସ୍ୟ, ଚରମ୍ପା ୟୁନାଇଟେଡ କ୍ଲବର ଉପଦେଷ୍ଟା, ଚରମ୍ପା ସ୍କୁଲ ରୋଡ଼ ଦୁର୍ଗାପୂଜା କମିଟିର ଉପଦେଷ୍ଟା, ଆଇନଜୀବୀ ତଥା ପ୍ରାଧ୍ୟାପକ ବିଜୟ କୁମାର ଜେନାଙ୍କ ମୃତ୍ୟୁର ୯ମ ଦିବସରେ ଚରମ୍ପା ଉଗ୍ରସେନ ଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଓଡିଶା କ୍ରିକେଟ ଆସୋସିଏସନର ପୂର୍ବତନ ଅଧ୍ୟକ୍ଷ ଧୀରେନ ପଲାଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକର୍ମକୁ ଅଧିବକ୍ତା ପବନ ଶର୍ମା ସଞ୍ଚାଳନ କରିଥିଲେ । ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭଣ୍ଡାରୀପୋଖରୀ ବିଧାୟକ ସଂଜୀବ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ଦୈନିକ ''ସକାଳ'ର ପ୍ରକାଶକ ଅମିତ ମଲ୍ଲିକ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ, କଂଗ୍ରେସ ନେତା ଅସିତ ପଟ୍ଟନାୟକ, ପୂର୍ବତନ ବିଧାୟକ ନରେନ ପଲାଇ, ଓଡିଶା ଅଲମ୍ପିକ ଆସୋସିଏସନ ଅଫ ଓଡିଶା, ସମ୍ପାଦକ ଅଭିଜିତ ପାଲ, ଓଡିଶା କ୍ରିକେଟ ଆସୋସିଏସନର ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, ଭଦ୍ରକ କ୍ରିକେଟ ଆସୋସିଏନର ପୂର୍ବତନ ସଭାପତି ଉପେନ୍ଦ୍ର ବାରିକ, ଟାଇକ୍ୱୋଣ୍ଡୋ ଆସୋସିଏସନର ସଭାପତି ରବିନାରାୟଣ ପାଣିଗ୍ରାହୀ, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଡ. ଅନିଲ କୁମାର ନାୟକ, ପ୍ରାକ୍ତନ ସରପଞ୍ଚ ରତ୍ନାକର ସାମଲ, ସମାଜସେବୀ ସୁଧାକର ରାଉତ, ପ୍ରଫୁଲ୍ଲ ନାୟକ, ଦେବେନ୍ଦ୍ର ମହାନ୍ତି, ଦିବ୍ୟସିଂହ ନାୟକ, ରୋଟାରିଆନ୍ ଶିଶିର ମିଶ୍ର, କାଉନସିଲର ଦିଲ୍ଲୀପ ନାୟକ, ହ୍ୟାପି ହୋମ ତରଫରୁ ପ୍ରତିଭା ତିୱାରୀ, ସୀତାକାନ୍ତ ଦାସ ଯୋଗ ଦେଇଥିଲେ । ''ଇତିହାସ ଆଇନାରେ ବିଜୟ' ସ୍ମରଣିକା ପ୍ରକାଶ ପାଇଥିଲା । ସ୍ୱର୍ଗତ ବିଜୟ ଜେନାଙ୍କ ଭଳି ସବୁଗୁଣର ପରିପୂର୍ଣ୍ଣ ମଣିଷଟିଏ ଭଦ୍ରକରେ ମିଳିବା କଷ୍ଟ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ଡାକ୍ତର ଅନୁରାଗ ଜେନା, ଇଂ ଅନୁପମ ଜେନା, ବିଦ୍ୟାଧର ବାରିକ, ବିଶାଳ ଲାଖନୀ, ସନ୍ତୋଷ ଜେନା, ରୁଦ୍ରନାରାୟଣ ବାରିକ, ରବିନାରାୟଣ ଓଝା, ରଞ୍ଜନ ଜେନା ଓ ଚନ୍ଦନ ଜେନା ସହଯୋଗ କରିଥିଲେ ।

### ବିଭିନ୍ନ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

# ଛାତ୍ରଛାତ୍ରୀଙ୍କ ସୃଜନଶୀଳତାର ବିକାଶ କରୁଛି 'ସୁରଭି'

### କୋଠାର



**ଅସୁରାଳି, ୧୫ ।୧୦(ସମିସ):** କୋଠାର କ୍ଲଷ୍ଟର ଅଧୀନରେ ଥିବା ବିଦ୍ୟାଳୟ ସମୂହକୁ ନେଇ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କୋଠାର ସରକାରୀ ଉଚ୍ଚବିଦ୍ୟାଳୟରେ ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱଜିତ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । କୋଠାର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସାରଳାବାଳା ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ନିର୍ମଳଚନ୍ଦ୍ର ସେଠୀ ମୁଖ୍ୟଅତିଥି, ମୁଖ୍ୟବକ୍ତା ଅଧ୍ୟାପକ ରବୀନ୍ଦ୍ର କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ କୋଠାର ପଞ୍ଚାୟତ ସରପଞ୍ଚ ମହେଶ୍ୱତା ମହାଲିକ, ସମିତିସଭ୍ୟା ସନ୍ଧ୍ୟାରାଣୀ ମଳିକ, ଅଧ୍ୟାପକ ଶ୍ରୀଧର ସାହୁ, ସଂସ୍କୃତ ଶିକ୍ଷକ ମଦନମୋହନ ପାଣିଗ୍ରାହୀ, ପ୍ରଧାନ ଶିକ୍ଷକ ଶରତ ସାହୁ, କରୁଣାକର ସାହୁ, ଧର୍ମେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ । ବିବିଧ ପ୍ରତିଯୋଗିତାର ବିଚାରକ ଭାବେ ସାହିତ୍ୟିକ ସତ୍ୟସୁନ୍ଦର ପାଢ଼ୀ, ନିର୍ଦ୍ଦେଶକ ଶୈବଳ ଶିକଦାର, ବଟକୃଷ୍ଣ ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କ୍ଲଷ୍ଟର ଅଧୀନରେ ଥିବା ସମସ୍ତ ୧୩ଟି ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ଭାବେ ସମ୍ପାଦିତ ହୋଇଥିଲା । ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷୟିତ୍ରୀ ଲିପିରେଖା ବିଶ୍ୱାଳ ।

### ଗୋପୀନାଥପୁର

**ବନ୍ତ/ଆଗରପଡ଼ା:** ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ଗୋପୀନାଥପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଗୋପୀନାଥଜୀଉ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସିଆରସିସି ପ୍ରଫୁଲ୍ଲ କୁମାର ସାହୁଙ୍କ ତତ୍ତ୍ୱାବଧାନ ଓ ଗୋପୀନାଥଜୀଉ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭାଗିରଥି ପାତ୍ର, ମୁଖ୍ୟବକ୍ତା ଭାବେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି ଯୋଗ ଦେଇଥିଲେ । ସରପଞ୍ଚ ସବିତାରାଣୀ ନାୟକ, ଶ୍ରୀରାମପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଜେନା, ତେଲନଟି ନୋଡ଼ାଲ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋପବନ୍ଧୁ ଜେନା, ସାହୁପଡ଼ା ନୋଡ଼ାଲ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ରଜନୀ ଦାସ, ଗୋପୀନାଥଜୀଉ ନୋଡ଼ାଲ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ପାତ୍ର, ବାଲିପୋଖରୀ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଦିପ୍ତିମୟୀ ବେହେରା,



କାଣ୍ଡବା ନୋଡ଼ାଲ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ରିତାରାଣୀ ପରିଡ଼ା, ଏ.ସି ବିଦ୍ୟାନିକେତନ ସନ୍ଧାଡ଼ୋ ପ୍ରଧାନଶିକ୍ଷକ କାର୍ତ୍ତିକଚନ୍ଦ୍ର କର, କେସିବିଏମ ସହକାରୀ ଶିକ୍ଷୟିତ୍ରୀ ପ୍ରଜ୍ଞାପରମିତା ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବିନ୍ଦଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ଅନନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ମିହିର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ୧୪ଟି ବିଦ୍ୟାଳୟର ପ୍ରାୟ ୭୦ ଛାତ୍ରଛାତ୍ରୀ ଆୟୋଜିତ ୧୫ଟି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସମସ୍ତ ୧୪ଟି ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, କମିଟି ସଦସ୍ୟସଦସ୍ୟା ଓ କର୍ମଚାରୀ ସହଯୋଗ କରିଥିଲେ ।

### ତାରାପୁର କ୍ଲଷ୍ଟର



ତାରାପୁର କ୍ଲଷ୍ଟର୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପୋଡ଼ାପାଟଣା ସରକାରୀ ଉ.ପ୍ରା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପୋଡ଼ାପାଟଣା ଉ.ପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ଭାରାପ୍ରାପ୍ତ ପ୍ରଧାନଶିକ୍ଷକ ଅମୂଲ୍ୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭାଗିରଥି ପାତ୍ର ମୁଖ୍ୟଅତିଥି, ମୁଖ୍ୟ ବକ୍ତା ଭାବେ ବି.ବି.ନୋଡ଼ାଲ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଜୟ କୁମାର ପୃଷ୍ଟି ଯୋଗଦେଇଥିଲେ । କେନ୍ଦୁଆପଦା ମହାବିଦ୍ୟାଳୟ ଭାରାପ୍ରାପ୍ତ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ଟିଲୋ କ୍ଲଷ୍ଟର ସିଆରସିସି ଅଶୋକ ଦାସ, ତୋଫାବିବି କ୍ଲଷ୍ଟର ସିଆରସିସି ନିରଜଂନ ଖିଲାର, ତରାପୁର କ୍ଲଷ୍ଟର ସିଆରସିସି ଜଗନ୍ନାଥ ଖୁଣ୍ଟିଆ, ପରିଚାଳନା କମିଟି ସଭାପତି ହେମନ୍ତ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସହକାରୀ ଶିକ୍ଷକ ସୁଧୀର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ୧୪ଟି ବିଦ୍ୟାଳୟର ୨୫୦ ଜଣ ଛାତ୍ରଛାତ୍ରୀ ୨୨ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଅମର ବାରିକ, ସୁରେନ୍ଦ୍ର ଜେନା, ମହମ୍ମଦ ଆବିଦ, ଅରୁଣ ନାୟକ, ଶାନ୍ତିଲତା ନାଥ, ରଞ୍ଜୁଲତା ସାହୁ, ସୁଦାମ ଜେନା, ନୁରୁନ ଅମିନ, ସୌଭାଗ୍ୟଲତା ସେଠୀ, ରମାକାନ୍ତ ଜେନା, ମୁସାରଫ କାଦ୍ରି, ରଚିତା ସାହୁ, ଜାହାରୁଦ୍ଦିନ ସହାଦୀ, ଉତ୍ତମ ମାଝୀ, ଏସକେ ଅଜାରୁଦ୍ଦିନ, ଏସକେ ରମଜାନ ଅଲ୍ଲୀ, ଚଞ୍ଚଳାବାଳା ଜେନା, ସୁରେଶ ଜେନା, ସୁଶ୍ରୀସଂଗୀତା ସ୍ୱାଇଁ, ଅହମାତୁନ ଖାତୁନ, ରଂଜିତ ରାଉତ, ଲାଙ୍ଗୁଳା ସୂଆର, ଗୋଲକ ଜେନା, ଜଗତଜୀବନ ଜେନା ପ୍ରମୁଖ ବିଚାରକ ଥିଲେ ।

### ଓଡ଼ଙ୍ଗ



**ଓଡ଼ଙ୍ଗ:** କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଜୟକୃଷ୍ଣ ନୋଡାଲ ଉ.ପ୍ରା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସିଆରସିସି ପରମେଶ୍ୱର ପୃଷ୍ଟିଙ୍କ ତତ୍ତ୍ୱାବଧାନ ଓ ମଙ୍ଗୁଲି ବିଦ୍ୟାଳୟ ପ୍ରଧାନଶିକ୍ଷକ ରମାକାନ୍ତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଲକ୍ଷ୍ମୀପ୍ରିୟା ଦାସ, ସରମରା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମମତାରାଣୀ ମଲ୍ଲିକ, ସମାଜସେବୀ ରାଜୀବ ଲୋଚନ ଜେନା, ଓଡ଼ଙ୍ଗ ବିଦ୍ୟାଳୟ ପ୍ରଧାନଶିକ୍ଷକ ମାଧବାନନ୍ଦ ମୁଣ୍ଡା, ହଳଧର ସେଠୀ, ବାରିଅଲ ଟୁଡୁ, ପରିଚାଳନା କମିଟି ସଭାପତି ପ୍ରଶାନ୍ତ ମଲ୍ଲିକ, ମୋ ସ୍କୁଲ ଅଭିଯାନ କମିଟି ସଭାପତି ସତ୍ୟବାନ ବାରିକ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ତରଣୀସେନ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ କାଦବରାଙ୍ଗ ଓ ନରାଜପୁର କ୍ଲଷ୍ଟର ସିଆରସିସି ପ୍ରଦୀପ ପଲାଇ ଅତିଥି ପରିଚୟ ପ୍ରଦାନ କରିଥିଲେ । ସତ୍ୟାନନ୍ଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ୧୦ଟି ବିଦ୍ୟାଳୟର ପ୍ରାୟ ୧୫୦ ଛାତ୍ରଛାତ୍ରୀ ୨୨ଟି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ତୋଫାବିବି କ୍ଲଷ୍ଟର ସିଆରସିସି ନିରଞ୍ଜନ ଖିଲାର, ନିରଞ୍ଜନ ବେହେରା, ସୂର୍ଯ୍ୟମଣି ଜେନା, ପ୍ରତିମାରାଣୀ ପାତ୍ର, ପ୍ରେମଲତା ଜେନା, ଅମିତା ସାହୁ, ରଂଜିତ ମଲ୍ଲିକ, ମାନସ ରଞ୍ଜନ ସେଠୀ, ବାସନ୍ତୀଲତା ପ୍ରଧାନ, ଶ୍ରୀଧର ପଣ୍ଡା, ଅନୁସୟା ଜେନା, ମହାମାୟା ଜେନା, ଅମର ସ୍ୱାଇଁ, ପ୍ରମୋଦ ରାଉତ, ନିରଞ୍ଜନ ରାଉତ, ଦିବ୍ୟଜ୍ୟୋତି ଜେନା ବିଚାରକ ଥିଲେ ।

## ଉପଜିଲ୍ଲାପାଳଙ୍କ ଦେଓଗାଁ ପଞ୍ଚାୟତ ପରିଦର୍ଶନ



ଆନନ୍ଦପୁର, ୧୫।୧୦ (ସମିସ): ଘସିପୁରା ବ୍ଲକ ଦେଓଗାଁ ପଞ୍ଚାୟତ ପରିଦର୍ଶନକରି ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ବୁଧବାର ନିର୍ମାଣାଧୀନ ସ୍ୱଚ୍ଛ ଭାରତ ମିଶନରେ ସର୍ବସାଧାରଣ ଶୌଚାଳୟର ତଦାରଖ କରିଛନ୍ତି। ଦେଓଗାଁ କଲ୍ୟାଣ ମଣ୍ଡପ ମରାମତି ଓ ରୋଷ ଘର ନିର୍ମାଣ ସହ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ମରାମତି ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇ କାର୍ଯ୍ୟର ଅଗ୍ରଗତି ପାଇଁ କହିଥିଲେ। ଏହି କାର୍ଯ୍ୟକ୍ରମ ବେଳେ ଦେଓଗାଁ ସରପଞ୍ଚ ସତ୍ୟରଞ୍ଜନ ଭୂୟାଁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଙ୍କଜ ସାହୁ, ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟସଭ୍ୟା ସାମିଲ ହୋଇଥିଲେ। ଜନସାଧାରଣ ସମୀକ୍ଷା କାର୍ଯ୍ୟକ୍ରମ ଏବଂ ଉପଜିଲ୍ଲାପାଳଙ୍କ ଗସ୍ତକୁ ସ୍ୱାଗତ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ତେଲକୋଇ, ୧୫।୧୦(ସମିସ): ତେଲକୋଇ ବ୍ଲକ ଦେଉଳଡିହା ପଞ୍ଚାୟତର ଦେଉଳଡିହା ଗ୍ରାମରେ ଥିବା ରାଧାକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନଶିକ୍ଷକ ଶ୍ରୀ ପ୍ରଧାନ ଉକ୍ତ ବିଦ୍ୟାଳୟରେ ୪ବର୍ଷରୁ ଉର୍ଦ୍ଧ୍ୱ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଇଥିବା ଦୃଷ୍ଟିରୁ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ୱାମୀଜୀ ନିର୍ଲିପ୍ତାନନ୍ଦ ସରସ୍ୱତୀ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପାଲଲହଡା ରଘୁନନ୍ଦନ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଖଗେଶ୍ୱର ମହାନ୍ତ, ଭିକାରୀ ଚରଣ ସାହୁ, ଯତୀନ୍ଦ୍ର କୁମାର ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୁଣଗାନ କରିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ତାଙ୍କ ଅନୁଭୂତି ସମ୍ପର୍କରେ କହିଥିଲେ। ଶିକ୍ଷକ ଦେବାଶିଷ ପାତ୍ର ପରିଚାଳନା କରିଥିବାବେଳେ ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସମେତ ଅଭିଭାବକମାନେ ସାମିଲ ରହିଥିଲେ।

## ବୃହତ୍ ଇସ୍ପାତ୍ ପ୍ରକଳ୍ପ ବିସ୍ଥାପିତ ସପକ୍ଷବାଦୀ ମଞ୍ଚ ପକ୍ଷରୁ କର୍ମଶାଳା



ତୁରୁମୁଙ୍ଗା, ୧୫।୧୦(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗାସ୍ଥିତ ଜେପି କଲ୍ୟାଣ ମଣ୍ଡପଠାରେ ବୁଧବାର ଇସ୍ପାତ ପ୍ରକଳ୍ପ ବିସ୍ଥାପିତ ସପକ୍ଷବାଦୀ ମଞ୍ଚ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପାଟଣା ଅଖିଳଚନ୍ଦ୍ର ନାଏକଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ଭାବଗ୍ରାହୀ ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ବିଧାୟକ ଶ୍ରୀ ନାଏକ, ଇଂ ଅମରବର ଖଟୁଆ, ସପକ୍ଷବାଦୀ ମଞ୍ଚର ସଭାପତି ଡ. ସଞ୍ଜୀବ ଘଣା, ସମ୍ପାଦକ ବିଶ୍ୱମ୍ବର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ୧୨ଟି ଗ୍ରାମର କିପରି ବିସ୍ଥାପିତଙ୍କ ସମସ୍ୟା ନହେବ ସେନେଇ ଅଲୋଚନା କରାଯାଇଥିଲା। ଅଞ୍ଚଳର ଶତାଧିକ ମହିଳା ପୁରୁଷ ଉପସ୍ଥିତ ରହି ଏହାକୁ ପୂର୍ଣ୍ଣ ସମର୍ଥନ କରିଥିଲେ।। ଷ୍ଟିଲ ପ୍ଲାଣ୍ଟ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ରହିଥିବା ବେଳେ ଏଥିପାଇଁ ସରକାର ଏମ୍ଓୟୁ କରିଛନ୍ତି। ପାଟଣା ବ୍ଲକ ଚେମେଣା ଓ ଯମୁନାପଶି ପଞ୍ଚାୟତ ଅଞ୍ଚଳରେ ହେବାକୁ ଥିବା ପ୍ରସ୍ତାବିତ ଷ୍ଟିଲପ୍ଲାଣ୍ଟକୁ ସପକ୍ଷବାଦୀ ମଞ୍ଚ ସ୍ୱାଗତ କରିଛି। ଅଞ୍ଚଳରେ ଷ୍ଟିଲପ୍ଲାଣ୍ଟ ହେଲେ ଜିଲ୍ଲାର ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବା ସହ ଜିଲ୍ଲାବାସୀ ଆଉ ରୋଜଗାର ପାଇଁ ବାହାରକୁ ଯିବେ ନାହିଁ ବୋଲି ଅମରବର ଖଟୁଆ କହିଥିଲେ। ବିସ୍ଥାପିତ ଅଞ୍ଚଳର ଜମି ହରାଉଥିବା ଲୋକଙ୍କ ପାଇଁ ବିଧାୟକ ଚିନ୍ତିତ ଥିବା କହିବା ସହ ଲୋକଙ୍କୁ ଉଚିତ ନ୍ୟାୟ ଦିଆଯିବ ବୋଲି କହିଥିଲେ। ଲୋକଙ୍କୁ ଉପଯୁକ୍ତ ବିସ୍ଥାପନ ନ୍ୟାୟ ନମିଳିଲେ ଏହି ମଞ୍ଚ କମ୍ପାନୀ ବିରୋଧରେ ଯିବ ବୋଲି ଦୃଢ଼ୋକ୍ତିର ସହ କହିଥିଲେ।

## ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ କୁଇଜ୍ ପ୍ରତିଯୋଗିତା

ରାଇରଙ୍ଗପୁର,୧୫।୧୦(ସମିସ): ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ବିକଶିତ ଭାରତ କ୍ୱିଜ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ସରକାରଙ୍କ ନିର୍ଦ୍ଦେଶ କ୍ରମେ କଲେଜର ଡିଗ୍ରୀ ଏବଂ ଅନ୍ୟାନ୍ୟ ଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ପ୍ରତିଯୋଗିତା ଶୀକ୍ଷଣୀୟ ବାର୍ତ୍ତା ସମ୍ପନ୍ନ ହୋଇଥିଲା। ଅଧ୍ୟକ୍ଷ ରବିଶଙ୍କର ଶତପଥିଙ୍କ ପରାମର୍ଶରେ କୋର୍ଡିନେଟର ବିଜୟ କୁମାର ରାମ ଏବଂ ଇଂରାଜୀ ଅଧ୍ୟାପିକା ଅଭିସ୍ମିତା ଦାସ ପରିଚାଳନା କରିଥିଲେ। ଅଧ୍ୟକ୍ଷ ଶ୍ରୀ ଶତପଥି କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ସ୍ୱାଗତ ସଂଭାଷଣ ସହିତ ଛାତ୍ରୀମାନଙ୍କ ସହିତ ପ୍ରଶ୍ନୋତ୍ତର ମଧ୍ୟ କରିଥିଲେ। ଅଧ୍ୟାପିକା ଅନୀତା ସମଦ, ଅମିତ ଗୋପାଳ ଆୟୋଜନରେ ସହଯୋଗ କରିଥିଲେ। ଅଧ୍ୟାପିକା ରେଣୁକା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରକାର ପ୍ରଶ୍ନୋତ୍ତର ସହିତ କ୍ୱିଜ ପ୍ରତିଯୋଗିତା ଖୁବ ପ୍ରଶଂସିତ ହୋଇଥିଲା ଏବଂ କଲେଜ କର୍ମଚାରୀମାନେ ମଧ୍ୟ ଏଥିରେ ଯୋଗଦେଇଥିଲେ। ଶୁଭଦର୍ଶିନୀ ମିଶ୍ର, ପାନାଶ୍ୱରୀ ଟୁଡୁ, ବିଦ୍ୟାବତି ବେହେରା, ତରୁଣ ମହାନ୍ତ, ମାୟା, ସାଓନା, ସୁଲକ୍ଷଣା ଓ ଅନ୍ୟ କର୍ମଚାରୀମାନଙ୍କ ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

## ବନଖଣ୍ଡ ସ୍ତରୀୟ ବାର୍ଷିକ ସମୀକ୍ଷା

# ମଣଦା ବନାଞ୍ଚଳ ଶ୍ରେଷ୍ଠ ଭାବେ ପୁରସ୍କୃତ

ବିଶୋଇ,୧୫।୧୦(ସମିସ)

ରାଇରଙ୍ଗପୁର ବନଖଣ୍ଡସ୍ତରୀୟ ବାର୍ଷିକ ସମୀକ୍ଷାରେ ଏହି ବନଖଣ୍ଡ ଅଧୀନ ମଣଦା ବନାଞ୍ଚଳ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହୋଇଛି। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ସମୀକ୍ଷା ପାଇଁ ରାଇରଙ୍ଗପୁର ବନଖଣ୍ଡସ୍ତରୀୟ ବାର୍ଷିକ ସମୀକ୍ଷା ବୈଠକ ଆଜି ରାଇରଙ୍ଗପୁର ସ୍ଥିତ ମହତାବ ଭବନଠାରେ ଅନୁଷ୍ଠିତ ହୋଇଯାଇଥିଲା। କାର୍ଯ୍ୟକ୍ରମରେ ରାଇରଙ୍ଗପୁର ବନଖଣ୍ଡ ଅଧୀନ ପାଞ୍ଚ ଗୋଟି ବନାଞ୍ଚଳର ବନ ସୁରକ୍ଷାର ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ ବିଭିନ୍ନ ଜଙ୍ଗଲ ଓ ଲଘୁଜାତ ଜାତଦ୍ରବ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ସାମଗ୍ରୀ ଷ୍ଟଲ୍ ମାଧ୍ୟମରେ ପ୍ରଦର୍ଶନୀ କରିଥିଲେ। ମଣଦା ବନାଞ୍ଚଳ ଅଧୀନ ଦୁଇଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ ପିତ୍ତଳ ମୂର୍ତ୍ତି, ବାଉଁଶରେ ନିର୍ମିତ ବିଭିନ୍ନ ପ୍ରକାର ଘରୋଇ ସାମଗ୍ରୀ,




ଜିଆଖତ, ନାଲି ଚାଉଳ ଓ ଜଙ୍ଗଲଜାତ ଦ୍ରବ୍ୟ ପ୍ରଦର୍ଶନ କରିଥିଲେ। ସୂଚନାଯୋଗ୍ୟକି, ଏସିଏଫ ତଥା ମଣଦା ବନାଞ୍ଚଳର ଭାରପ୍ରାପ୍ତ ଅଧିକାରିଣୀ ଧରିତ୍ରୀ ମୁର୍ମୁଙ୍କ ବଳିଷ୍ଠ ତତ୍ତ୍ୱାବଧାନ ତଥା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ସଂଯୋଜକ ରାଜୀବ ଲୋଚନ ପଲେଇଙ୍କ ମାର୍ଗଦର୍ଶନରେ ବନାଞ୍ଚଳ ଅଧୀନ ୧୪ଟି ବନ ସୁରକ୍ଷା ସମିତିର ସ୍ୱୟଂ ସହାୟକ ମାଆମାନେ ବନ ସୁରକ୍ଷା ସମିତିର ଆବର୍ତ୍ତନ ପାଣ୍ଠି ବିନିଯୋଗ କରିଥିଲେ। ସେମାନେ ଜଙ୍ଗଲଜାତ ସାମଗ୍ରୀରେ ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରସ୍ତୁତ ସହିତ ଜିଆଖତ ଚାଷ ଏବଂ ବିକ୍ରୟ କରି ରୋଜଗାରକ୍ଷମ ହୋଇ ପାରିଛନ୍ତି। ଏଥିପାଇଁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମହିଳାମାନେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ମଣଦା ବନାଞ୍ଚଳ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଏହି ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହେବା ସହିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଉପସ୍ଥିତ ସାଂସଦ ନବଚରଣ ମାଝୀ, ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ ଏବଂ ବନ ଅଧିକାରୀଙ୍କ ଠାରୁ ପୁରସ୍କାର ରାଶି, ମାନପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମଣଦା ବନାଞ୍ଚଳର ବନପାଳ ଇବତିଶ୍ୟାମ ସାୟା, ବନପାଳ ପଙ୍କଜ ବେହେରା, ବନପାଳ ରଞ୍ଜିତା ମହାନ୍ତ, ଜାସ୍ମିମଣି ମାର୍ଣ୍ଡି ଓ ଚନ୍ଦନ ମୁର୍ମୁ ସମେତ ସମସ୍ତ କାର୍ଯ୍ୟରତ ବନ କର୍ମଚାରୀ ଉପସ୍ଥିତ ଥିଲେ।

● ନିରାଶ କରୁଛି ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି

## ବିଇଓଙ୍କୁ ଅସମର୍ଥ ଘୋଷଣା ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ

ବାରିପଦା,୧୫।୧୦(ସମିସ): ବିଭିନ୍ନ ବେଆଇନ କାର୍ଯ୍ୟ ଓ ମାଲମାଲ ଦୁର୍ନୀତିରେ ଲିପ୍ତଥିବା ଶୁଳିଆପଦା ବିଇଓ ମାଳତୀ ଟୁଡୁଙ୍କ ବିରୋଧରେ ସମସ୍ତ ତଥ୍ୟ ପ୍ରମାଣସହ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ୨୦୨୪ ମସିହା ସେପ୍ଟେମ୍ବର ୨୩ ତାରିଖ ଦିନ ଅଭିଯୋଗ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶ ମୁତାବକ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶିଧର ସିଂ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ୨୦୨୪ ନଭେମ୍ବର ୨୫ ତାରିଖରେ ଉକ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ପ୍ରକାଶ ପାଇଥିଲା। ଯେଉଁ ରିପୋର୍ଟରେ ବିଇଓ ମାଳତୀ ଟୁଡୁଙ୍କୁ ଅଫିସ ପରିଚାଳନାରେ ଅସମର୍ଥ ଦର୍ଶାଯାଇଥିଲା। ତଥ୍ୟ ପ୍ରାମାଣ ସହିତ ଦୁର୍ନୀତିର ଅଭିଯୋଗ ହୋଇଥିଲେ ମଧ୍ୟ ଏହି ଦିଗଟିକୁ ରିପୋର୍ଟରେ ଅଣଦେଖା କରାଗଲା। ତଥାପି ରିପୋର୍ଟରେ ଅସମର୍ଥ ଘୋଷଣା ହୋଇଥିବାରୁ କିଛିହେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅଭିଯୋଗକାରୀ ଆଶା ରଖିଥିଲେ, ହେଲେ ଏକ ବର୍ଷ ହେବାକୁ ବସିଲାଣି ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହେଲାନାହିଁ। କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେବାରୁ ଅଭିଯୋଗକାରୀ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଇତିମଧ୍ୟରେ ୪ଥର ଅଭିଯୋଗ କରିସାରିଲେଣି। ଅଭିଯୋଗ କରିକରି ଅଭିଯୋଗକାରୀ ନିରାଶ ହୋଇଗଲେଣି ହେଲେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ଆଉ କୌଣସି ରିପୋର୍ଟ ପ୍ରକାଶ ପାଉନାହିଁ। ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିର ଅଭିଯୋଗଗୁଡିକ ଗତ ମେ' ମାସଠାରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପଡି ରହିଥିବା ଜନଶୁଣାଣି ପୋର୍ଟାଲରୁ ଜାଣିବାକୁ ମିଳିଛି। ତେବେ ମେ' ମାସରୁ କେଉଁ ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷାଧିକାରୀ ରିପୋଟକୁ ଚାପି ରଖିଛନ୍ତି ତାହା ସନ୍ଦେହଜନକ। ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ୪ଥର ଅଭିଯୋଗ ପରେ ମଧ୍ୟ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତାର କଥା କହୁଥିବା ମୁଖ୍ୟମନ୍ତ୍ରୀଙ୍କଠାରେ ଆଉ କେତେଥର ଅଭିଯୋଗ ପରେ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



## ମନୋନୀତ ସିଣ୍ଡିକେଟ୍ ସଦସ୍ୟଙ୍କୁ ନେଇ ବିବାଦ

ବାରିପଦା,୧୫।୧୦(ସମିସ): ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜଣେ ମନୋନୀତ ସିଣ୍ଡିକେଟ୍ ସଦସ୍ୟଙ୍କୁ ନେଇ ବିବାଦ ଉଠିଛି। କୁଳାଧିପତି ତଥା ରାଜ୍ୟପାଳ ବିଶ୍ୱବିଦ୍ୟାଳୟର ଜଣେ ପୂର୍ବତନ କର୍ମଚାରୀ ଲକ୍ଷ୍ମୀନାରାୟଣ ଦାଶଙ୍କୁ ମନୋନୀତ କରିଛନ୍ତି। ଯିଏକି ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟରେ ଭାରପ୍ରାପ୍ତ କୁଳସଚିବ ଥିବା ବେଳେ ନାନାଦି ବିବାଦ ଓ ଅନିୟମିତତା ପାଇଁ ଚର୍ଚ୍ଚିତ ହୋଇଥିଲେ। ସେ ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟରେ ସିଧାସଳଖ ରିଡର ହିସାବରେ ନିଯୁକ୍ତି ପାଇଥିଲେ। ଯଦିଓ ରିଡର ପାଇଁ ସର୍ବନିମ୍ନ ୮ ବର୍ଷର ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟାପନାର ଅଭିଜ୍ଞତା ନଥିଲା ଓ ସେ ଏହା ପୂର୍ବରୁ ଏକ ଯୁକ୍ତଦୁଇ ମହାବିଦ୍ୟାଳୟରେ ଅଧ୍ୟାପନା କରିଥିଲେ। ଯାହାକି ୟୁଜିସିର ନିୟମ ଅନୁଯାୟୀ ବେଆଇନ ଅଟେ। ୨୦୧୫ ମସିହାରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ରହିଥିଲା ବେଳେ ଶ୍ରୀ ଦାଶ ନାନାଦି ବିବାଦୀୟ କାର୍ଯ୍ୟରେ ମଧ୍ୟ ଲିପ୍ତ ଥିଲେ। ବିଶ୍ୱବିଦ୍ୟାଳୟର ସଂସ୍କୃତି ବିଭାଗରେ ପିଏଚ୍‌ଡି ଯୋଗ୍ୟତା ନଥାଇ ବିଶ୍ୱବିଦ୍ୟାଳୟ ୱେବସାଇଟ୍‌ରେ ପିଏଚ୍‌ଡି ବୋଲି ମିଛରେ ଦର୍ଶାଇ ଜଣକୁ ରିଡର ଭାବରେ ନିଯୁକ୍ତି ନେବା, ଅଧିକ ସଂଖ୍ୟକ ଅଣଶିକ୍ଷକ କର୍ମଚାରୀ ବିଶ୍ୱବିଦ୍ୟାଳୟରେ ଅଛନ୍ତି ଦର୍ଶାଇ ରାଜ୍ୟ ସରକାରଙ୍କ ପାଖରୁ ଅନୁଦାନ ଆଣିବା, ଜଙ୍ଗଲ ବିଭାଗର ବିନା ଅନୁମତିରେ ବିଶ୍ୱବିଦ୍ୟାଳୟ ପରିସରରୁ ଶହ ଶହ ଗଛ କାଟିବା, ବେଆଇନ୍ ନିଯୁକ୍ତି, ନିର୍ମାଣ କାର୍ଯ୍ୟରେ ଜାଲିଆତି ନେଇ ସେ ସମୟରେ ସେ ବିବାଦୀୟ ରହିଥିଲେ। ତତ୍‌ସହିତ ଏହି ବିଶ୍ୱବିଦ୍ୟାଳୟର ଜନୈକା ମହିଳା କର୍ମଚାରୀଙ୍କୁ ଦୁଃବ୍ୟବହାର କରି ଓ ଏସଂକ୍ରାନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ସଂପୃକ୍ତ ମହିଳା କର୍ମଚାରୀଙ୍କ ପାଖରୁ ଲିଖିତ କ୍ଷମା ପ୍ରାର୍ଥନା ମଧ୍ୟ କରିଥିଲେ। ଏପରି କାର୍ଯ୍ୟରେ ଆଉ କରିବେ ନାହିଁ ବୋଲି ସ୍ୱୀକାରନାମା କରିଥିଲେ ହେଁ ଏସବୁ ତତ୍‌କାଳୀନ କୁଳାଧିପତି ତଥା ରାଜ୍ୟପାଳଙ୍କ ପାଖରେ ସେତେବେଳର ବିଜେପି ନେତା ତଥା ବର୍ତ୍ତମାନର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଅଭିଯୋଗ କଲା ପରେ ଶ୍ରୀ ଦାଶଙ୍କୁ ସେ ପଦବୀରୁ ତୁରନ୍ତ ହଟାଯାଇଥିଲା। ସବୁଠାରୁ ବଡ଼କଥା ଶ୍ରୀ ଦାଶ ଗଞ୍ଜାମ ଜିଲ୍ଲାର ମୂଳ ବାସିନ୍ଦା ହୋଇଥିଲା ବେଳେ କୁଳାଧିପତି ତଥା ରାଜ୍ୟପାଳଙ୍କ ମନୋନୀତ ସିଣ୍ଡିକେଟ ସଦସ୍ୟ ଭାବରେ ତାଙ୍କର ଠିକଣାରେ ତାହା ଦର୍ଶା ନଯାଇ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ବୋଲି ଦର୍ଶାଯାଇଛି। ଏପରି ବିବାଦୀୟ ଜଣେ କର୍ମଚାରୀଙ୍କୁ ତୁରନ୍ତ ସିଣ୍ଡିକେଟ୍ ସଦସ୍ୟରୁ ହଟାଯାଇ ମୟୂରଭଞ୍ଜ ଜିଲ୍ଲାର ଏକ ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନ ବ୍ୟକ୍ତିଙ୍କୁ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ସଦସ୍ୟ ଭାବରେ ରାଜ୍ୟପାଳ ମନୋନୀତ କରିବାକୁ ମୟୂରଭଞ୍ଜ ବାସୀ ଆପତ୍ତି କରିବା ସହିତ ଦାବି ରଖିଛନ୍ତି।

ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

● ଟ୍ରାଫିକ ନିୟମ ଉଲଙ୍ଘନ

## ୧୨ଟି ଗାଡ଼ିକୁ ୧ଲକ୍ଷ ୧୫ ହଜାର ଟଙ୍କାର ଚାଲାଣ ଆଦାୟ

ବୈଶିଙ୍ଗା,୧୫।୧୦(ସମିସ): ବେତନଟୀ ପୁଲିସ ଓ ମୟୂରଭଞ୍ଜ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଥାନାଛକରେ ମିଳିତ ଚେକିଂ କରାଯାଇ ଟ୍ରାଫିକ ନିୟମ ଉଲଙ୍ଘନ କରିଥିବା ୧୨ଟି ଗାଡିକୁ ୧ଲକ୍ଷ ୧୫ ହଜାର ଟଙ୍କାର ଚାଲାଣ କଟାଯାଇଛି। ରାଜ୍ୟରେ ଅମାନିଆ ଗାଡିଚାଳକଙ୍କୁ ସାବାଡ କରିବା ସହିତ ଗାଡିଚାଳକମାନେ ଟ୍ରାଫିକ ନିୟମର କିଭଳି କଡାକଡି ଅନୁପାଳନ କରିବେ ସେନେଇ ରାଜ୍ୟବ୍ୟାପୀ ଚେକିଂକୁ କଡାକଡି କରାଯାଇଛି। ଟ୍ରାଫିକ ନିୟମର ଉଲଙ୍ଘନ ପାଇଁ ଦୈନିକ ରାଜ୍ୟର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ବ୍ୟାପକ ଧନଜୀବନର ହାନି ଘଟୁଥିବା ବେଳେ ବର୍ତ୍ତମାନ ଏହି ସମସ୍ୟା ଉଦ୍‌ବେଗଜନକସ୍ଥିତିରେ ପହଞ୍ଚିଛି। ଏଭଳି ସମସ୍ୟାର ସମାଧାନ ପାଇଁ ଟ୍ରାଫିକ ନିୟମ ଉଲଙ୍ଘନକାରୀଙ୍କ ବିରୁଦ୍ଧରେ ଜରିମାନା ସହିତ ଦୃଢ କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସନ୍ଧ୍ୟାରେ ବେତନଟୀ ଥାନାଛକରେ ପରିବହନ ବିଭାଗ ଓ ପୁଲିସ ପକ୍ଷରୁ ମିଳିତ ଯାଞ୍ଚ କରାଯାଇଥିଲା। ଏଥିରେ ବେତନଟୀ ଥାନା ପକ୍ଷରୁ ଏସିଆଇ ସୌମେଲିନ ରାଉତଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିବାବେଳେ ପରିବହନ ବିଭାଗ ପକ୍ଷରୁ କନିଷ୍ଠ ଏମଭିଆଇମ ରାଜେନ୍ଦ୍ର ମାଝୀ ମଧ୍ୟ ନିଜର କର୍ମଚାରୀଙ୍କ ସହିତ ଉପସ୍ଥିତ ଥିଲେ। ହେଲମେଟ ପିନ୍ଧିନଥିବା, ତିନିଜଣ ବାଇକରେ ଯାଉଥିବା, ମଦପିଇ ଗାଡି ଚଳାଉଥିବ, ମାଲପରିବହନ ପାଇଁ ଉଦ୍ଦିଷ୍ଟ ଗାଡିରେ ଲୋକମାନଙ୍କୁ ବସାଇ ପରିବହନ କରିବା ଭଳି ବିଭିନ୍ନ ପ୍ରକାର ଟ୍ରାଫିକ ନିୟମର ଉଲଙ୍ଘନ କରିଥିବ ୧୨ଟି ଯାନବାହନକୁ ୧.୧୫ଲକ୍ଷ ଟଙ୍କାର ଚାଲାଣ କଟଯାଇଥିବା କନିଷ୍ଠ ଏମଭିଆଇ ସୂଚନା ଦେଇଛନ୍ତି।

## ସୁନିତା ମହାନ୍ତିଙ୍କ ବିୟୋଗ

ଆନନ୍ଦପୁର, ୧୫।୧୦ (ସମିସ): ଆନନ୍ଦପୁର ପୂର୍ତ୍ତ ବିଭାଗର ୱାର୍କ ସରକାର ସରୋଜ କୁମାର ମହାନ୍ତି (ଛାବୁ)ଙ୍କ ପତ୍ନୀ ସୁନିତା ମହାନ୍ତି (୫୧)ଙ୍କ ଆଜି ଦେହାନ୍ତ ହୋଇଛି। ସେ ଆଜିକୁ କିଛିଦିନ ହେବ ଅସୁସ୍ଥ ହୋଇ କେନ୍ଦୁଝର ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଦିନ ୧୨ଟାରେ ପରଲୋକ ହୋଇଯାଇଛି। ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଆନନ୍ଦପୁର ପୂର୍ତ୍ତ ବିଭାଗର ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କେଳୁଚରଣ ଦଳେଇ ଏବଂ ସମସ୍ତ ଯନ୍ତ୍ରୀ ଓ କର୍ମଚାରୀ ଘସିପୁରାସ୍ଥିତ ବାସଭବନରେ ଶେଷ ଦର୍ଶନ କରିଥିଲେ। ତାଙ୍କର ପାର୍ଥିବ ଶରୀର ପୁରୀ ସ୍ୱର୍ଗଦ୍ୱାରରେ ସଂସ୍କାର କରାଯାଇଛି।



## ୬ ମୋରମ ବୋଝେଇ ଟ୍ରାକ୍ଟର ଓ ମାଙ୍କଡା ପଥର ବୋଝେଇ ଟ୍ରକ ଜବତ

ବାରିପଦା/ଉଦଳା,୧୫।୧୦(ସମିସ): ପୁଲିସ ଟାର୍ଗେଟରେ ଲଘୁଖଣିଜ ଚାଲାଣକାରୀ ମାଫିଆ। ସମସ୍ତଙ୍କୁ ଚକମା ଦେଇ ଗଳାବାଟରେ ମୋରମ ଚୋରା ଚାଲାଣ କରି ଖସି ଯାଉଥିବା ମାଫିଆଙ୍କୁ ମାଡି ବସିଲା ଉଦଳା ପୁଲିସ। ୬ଟିମୋରମ ବୋଝେଇ ଟ୍ରାକ୍ଟର ଜବତ ସହିତ ୬ ଡ୍ରାଇଭରଙ୍କୁ ଗିରଫ କରିଛି। ଉଦଳା ଥାନା ପଥୁରିଆ ଅଞ୍ଚଳରେ ଚୋରା ମୋରମ ଖାଦାନରୁ ଚାଲାଣ ହେଉଥିବା ଉଦଳା ପୁଲିସ ଖବର ପାଇଥିଲା। ଖବର ପାଇ ପୁଲିସ ଅନନ୍ତପୁର ଅଞ୍ଚଳରେ ଚଢ଼ଉ କରିଥିବା ବେଳେ ମାଫିଆମାନେ ମୋରମ ନେଇ ଯାଉଥିବା ୬ ଗୋଟି ଟ୍ରାକ୍ଟର ପୁଲିସ ହାବୁଡ଼ରେରେ ପଡିଥିଲା। ସେହିପରି ଗୋଟିଏ ମାଙ୍କଡା ବୋଝେଇ ମିନି ଟ୍ରକକୁ ଉଦଳି ବନବିଭାଗ ଜବତ କରିଛି। ଉଦଳା ବନାଞ୍ଚଳ କୁଣ୍ଡାବାଇ ଅଞ୍ଚଳରୁ ଚୋରା ମାଙ୍କଡା ପଥର ବୋଝେଇ କରି ଏକ ମିନି ଟ୍ରକ ଉଦଳା ଅଭିମୁଖେ ଆସୁଥିଲା। ବିଶେଷସୂତ୍ରରୁ ଖବର ପାଇ ଉଦଳା ବନ ବିଭାଗ ସ୍ଥାନୀୟ ପାଟପୁର କେନାଲ ଛକ ନିକଟରେ ଚଢ଼ଉ କରିଥିବା ବେଳେ ଗାଡି ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଥିଲା। ବନ ବିଭାଗ ପଥର ବୋଝେଇ ମିନି ଟ୍ରକକୁ ଜବତ କରି କାର୍ଯ୍ୟାଳୟକୁ ଆଣିଛି। ଜବତ ମାଙ୍କଡା ପଥରର ଆନୁମାନିକ ମୂଲ୍ୟ ୨୦ ହଜାରରୁ ଉର୍ଦ୍ଧ୍ୱ ହେବ।

## ପୃଥକ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ

କୁଆମରା,୧୫।୧୦(ସମିସ): ଖୁଣ୍ଟା ଓ ଉଦଳା ଅବକାରୀ ବିଭାଗ ପକ୍ଷରୁ ଆଜି ଖୁଣ୍ଟା ଥାନା ଅନ୍ତର୍ଗତ କୁସୁମ ଘାଟି ଓ କେନ୍ଦୁଆମୁଣ୍ଡି ଠାରେ ଚଢ଼ଉ କରାଯାଇ ୨୮୫୦ କେଜି ମହୁଲ ପୋଚ ଓ ୧୭୦ ଲିଟର ଦେଶୀ ମଦକୁ ନଷ୍ଟ କରାଯାଇଛି। ଉକ୍ତ ଦୁଇଟି ସ୍ଥାନରେ ବେଆଇନ ଭାବେ ମଦ ତିଆରି ହେଉଥିବାର ଅଭିଯୋଗ ହୋଇଆସୁଥିଲା। ତେବେ ଚଢ଼ଉ ପୂର୍ବରୁ ଅଭିଯୁକ୍ତ ମାନେ କୈଣସି ସୂତ୍ରରୁ ଖବର ପାଇ ସେଠାରୁ ଖସି ପଳାଇଥିଲେ। ଏଣୁ ବିଭାଗ କାହାକୁ ଗିରଫ କରିବାରେ ସଫଳ ହୋଇପାରିନାହିଁ। ତେବେ ଏ ନେଇ ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ ହୋଇଛି। ଉଦଳା ଅବକାରୀ ବିଭାଗ ଓଆଇ ସି ସୂର୍ଯ୍ୟକାନ୍ତ ମଲ୍ଲିକ, ଏସ୍‌ଆଇ ରବିନ୍ଦ୍ର ରେଡ୍ଡୀ, ଖୁଣ୍ଟା ଅବକାରୀ ବିଭାଗ ଓଆଇସି ମମତା ଦାସ, କୃଷ୍ଣ ଚନ୍ଦ୍ର ସେଠୀ, ଗୌତମ ମହାନ୍ତ, ନିରଞ୍ଜନ ମହାନ୍ତ ପ୍ରମୁଖ ଚଢଉରେ ସାମିଲ ହୋଇଥିଲେ।

## ଶିଶୁ ସୁରକ୍ଷା ଓ ପୋକ୍ସୋ ଆଇନ ସଚେତନତା




କେନ୍ଦୁଝର, ୧୫।୧୦(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ, କେନ୍ଦୁଝର ଆୟୋଜନରେ ଯୋଡା ବ୍ଲକସ୍ଥିତ ଓଡିଶା ଖଣି ନିଗମ କାର୍ଯ୍ୟାଳୟ ପରିସରରେ ଡିଏଭି ପବ୍ଲିକ ସ୍କୁଲ ସଭାଗୃହଠାରେ ଶିଶୁ ସୁରକ୍ଷା ଆଇନ ଓ ଶିଶୁ ଯୌନ ସୁରକ୍ଷା ଆଇନ ସମ୍ବନ୍ଧୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଇନସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଚିନ୍ମୟୀ ଚିତ୍ରାଙ୍ଗଦା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ପ୍ରାଧିକରଣ ଦ୍ୱାରା ପରିଚାଳିତ ମାଗଣା ଆଇନ ସେବା, ମଧ୍ୟସ୍ଥତା, ସ୍ଥାୟୀ ଲୋକ ଅଦାଲତର କାର୍ଯ୍ୟ ବିଷୟରେ ଜଣାଇଥିବାବେଳେ ବଡବିଲ କୋର୍ଟ ଆଇନଜୀବୀ ଅକ୍ଷୟ ଧିର ଶିଶୁଙ୍କ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଓଡିଶା ଖଣି ନିଗମ କନିଷ୍ଠ ପରିଚାଳକ ଅଶା ମଞ୍ଜୁଲା ଟପ୍ପୋ, ଖଣି ପରିଚାଳକ ଗଣେଶ୍ୱର ଭୂୟାଁ, କନିଷ୍ଠ ପରିଚାଳକ ଜଗନ୍ନାଥ ବେହେରା, ପାରିପାର୍ଶ୍ୱିକ ପରାମର୍ଶଦାତା ନୂତନ କୁମାର ରାଉତ, ପ୍ରଫୁଲ୍ଲଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ।

# ଆନ୍ତଃ ୟୁପି ସ୍କୁଲ୍ ସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ଉଦ୍‌ଯାପିତ

ଝାରପୋଖରିଆ/ସାରସକଣା,୧୫।୧୦(ସମିସ):

ସ୍ଥାନୀୟ ସୀମାନ୍ତ ମହାବିଦ୍ୟାଳୟ ଆନୁକୂଲ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଆନ୍ତଃ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମଟିକୁ ପାରମ୍ପରିକ ଭାବେ ଅଧ୍ୟକ୍ଷ ପ୍ରହ୍ଲାଦ ଅଗସ୍ତି ଉଦ୍‌ଘାଟନ କରିଥିଲେ। ପ୍ରତଯୋଗିତାରେ କୋରାପୁଟ, କଳାହାଣ୍ଡି, ସୋନପୁର, ସୁନ୍ଦରଗଡ଼ ସମେତ ବିଭିନ୍ନ ଜିଲ୍ଲାରୁ ୩୧ଟି ତିରନ୍ଦାଜ୍ ଦଳ ଭାଗ ନେଇଥିଲେ। ଅଧ୍ୟକ୍ଷ ପ୍ରହ୍ଲାଦ ଅଗସ୍ତି ପ୍ରଥମେ ଲକ୍ଷ୍ୟଭେଦ କରି ଶୁଭାରମ୍ଭ କରିବା ପରେ ସକାଳ ୯ଟାରୁ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମଟି ଖେଳ ବିଭାଗର ଉପସଭାପତି ଥୋମାସ ମାରାଣ୍ଡି ଓ କ୍ରୀଡ଼ା ଶିକ୍ଷକ ଶ୍ରଦ୍ଧାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଫିସିଆଲ୍ ଷ୍ଟାଫ୍ ଭାବେ ଯଶୋବନ୍ତ ମହାନ୍ତ, ଉଦୟ ମାଝୀ, ଧନେଶ୍ୱର ମୁର୍ମୁ, ରାସ ବିହାରୀ ନାଏକ, ବିଜୟ କୁମାର ଗିରି, ସୌରଭ ଦେ ଆଦି କ୍ରୀଡା ଶିକ୍ଷକ ଅଂଶଗ୍ରହଣ କରି ଖେଳକୁ ପରିଚାଳନା କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ଅନିଲ କୁମାର ଝା, ପ୍ରାଧ୍ୟାପକ ଦିଲ୍ଲୀପ ସେନାପତି, ରଞ୍ଜନ ମହାନ୍ତି, ଅରୁଣ ପାତ୍ର, ଏକାଡେମିକ୍ ବର୍ଷାର ଡ. ଗଣେଶ କିଙ୍କର ସାହୁ, ଧରିତ୍ରୀ ବେହେରା, ବିଶ୍ୱନାଥ ମହାନ୍ତ, ନିହାର ରଞ୍ଜନ ମହାନ୍ତ, ସ୍ୱପ୍ନେଶ୍ୱରୀ ମୁର୍ମୁ, ପ୍ରାଚୀପ୍ରଭା ପଢ଼ିଆରୀ, ଶିଶିର ପଟ୍ଟନାୟକ, ପ୍ରିତମ ପଣ୍ଡା, ସାନ ଧାନାଇ ମୁର୍ମୁ, ସଞ୍ଜୟ ମାଝୀ, ଜଗନ୍ନାଥ ମାଝୀ, ଯୋଗେଶ୍ୱର ବେହେରା, ବାପୁନ୍ ଘୋଷ, ଶିବପ୍ରସାଦ ମହାନ୍ତ, ଦିପ୍ତେନ୍ଦୁ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। +୨ ଜାତୀୟ ସେବାଯୋଜନାର ୩୦ ଜଣ ସ୍ୱେଚ୍ଛାସେବୀ, କାର୍ଯ୍ୟକ୍ରମ ଅଧିକାରୀ ଓ ସମର ଶିକ୍ଷାର୍ଥୀ ବାହିନୀର ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମରେ ଆରମ୍ଭରୁ ଶେଷ ଯାଏ ସହଯୋଗ କରିଥିଲେ। ଶେଷରେ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ଚାରିଜଣଙ୍କୁ ଅଧ୍ୟକ୍ଷ ସାର୍ଟିଫିକେଟ ଓ ମେଡାଲ ପ୍ରଦାନ କରିଥିଲେ। ଏଥିରେ କଳାହାଣ୍ଡିର ଲାଞ୍ଜିଗଡ, ଭୁବନେଶ୍ୱରର କିସ୍, ରାଇସୁଆଁ କେନ୍ଦୁଝର, ସମ୍ବଲପୁର, ସୁନ୍ଦରଗଡ ଓ ରେଭେନ୍ସା କଲେଜ କଟକ ଆଦି ଜିଲ୍ଲା ଓ କଲେଜର ପ୍ରତିଯୋଗୀମାନେ ଜାତୀୟ ସ୍ତରର ପ୍ରତିଯୋଗିତା ମଣିପୁର ଇମ୍ଫା ପାଇଁ ମନୋନୀତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପିକା ପ୍ରାଚୀ ପ୍ରଭା ପଢ଼ିଆରୀ ସଭାକୁ ସମ୍ବୋଧନ କରିଥିବା ବେଳେ ନିହାର ରଞ୍ଜନ ମହାନ୍ତ ରାଜ୍ୟସ୍ତରୀୟ ସମସ୍ତ କୃତୀ ପ୍ରତିଯୋଗୀଙ୍କ ସହିତ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।



## ଜିଲ୍ଲାସ୍ତରୀୟ ମହିଳାଙ୍କ ପାରିବାରିକ ହିଂସା ସୁରକ୍ଷା ଆଇନ ପ୍ରଶିକ୍ଷଣ



ବାରିପଦା,୧୫।୧୦(ସମିସ): ସ୍ଥାନୀୟ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଜିଲ୍ଲାସ୍ତରୀୟ ମହିଳାଙ୍କ ପାରିବାରିକ ହିଂସା ସୁରକ୍ଷା ଆଇନ-୨୦୦୫ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକଙ୍କ ଅଧକ୍ଷ୍ୟତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଶିଶୁ ବିକାଶ ଯୋଜନା ଅଧିକାରୀ, ପୁଲିସ ଅଧିକାରୀ, ଶକ୍ତି ସଦନ, ସଖି, ୱାନ ଷ୍ଟପ୍ ସେଣ୍ଟରର କର୍ମକର୍ତ୍ତା, ଜିଲ୍ଲାର କାର୍ଯ୍ୟକ୍ରମ ଅଧିକାରୀ, ପରିବାର ପରାମର୍ଶ କେନ୍ଦ୍ରର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମକର୍ତ୍ତା ସତ୍ୟନାରାୟଣ ବେହେରା ପାରିବାରିକ ହିଂସା ସୁରକ୍ଷା ଆଇନ-୨୦୦୫ ସମ୍ବନ୍ଧରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ବାରିପଦା ଆଇନ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ସୁନୀଲ କୁମାର ଜେନା ଏହି ଆଇନର ସମସ୍ତ ଦିଗ ଓ ସମସ୍ତ ଅଧିକାରୀଙ୍କ ଦାୟିତ୍ୱ, ପୀଡ଼ିତାମାନେ କିପରି ନିଜର ଅଭିଯୋଗ ଦାଖଲ କରିପାରିବେ ସେ ସମ୍ବନ୍ଧରେ ପ୍ରଶିକ୍ଷାର୍ଥୀ ମାନଙ୍କୁ ବୁଝାଇ କହିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ନିହାରିକା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁରକ୍ଷା ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ ସସ୍ମିତା ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲ୍ଲା ମହିଳା ସଶକ୍ତିକରଣର କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଆୟୋଜନ ଏବଂ ପରିଚାଳନା କରିଥିଲେ।

## ମେଲାଣି ନେଲେ ମା’ ଧନଦାତ୍ରୀ



ଡେରାବିଶ, ୧୫।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରସିଦ୍ଧ ଚାନ୍ଦୋଳ ବଜାରରେ ହୋଇଥିବା ମା’ ଗଜଲକ୍ଷ୍ମୀଙ୍କ ପୂଜାର ଆଜି ଅନ୍ତିମ ଦିବସରେ ମା’ଙ୍କୁ ମେଲାଣି ଦିଆଯାଇଛି। ଚାନ୍ଦୋଳ ବଜାରରେ ଗତ ୬ ତାରିଖ ସୋମବାରଠାରୁ ନଅଦିନ ବ୍ୟାପୀ ୧୮ ଟି ମଣ୍ଡପରେ ପୂଜାପାଇ ଆସୁଥିବା ମା’ ଧନଦାତ୍ରୀଙ୍କ ମେଢ଼ ଏହି ଭସାଣି ଶୋଭାଯାତ୍ରାରେ ଭାଗ ନେଇଥିଲେ। ଅପରାହ୍ନ ୨ଟା ସୁଦ୍ଧା ପୂଜା ମଣ୍ଡପରୁ ମା’ଙ୍କ ମୃଣ୍ମୟ ମୂର୍ତ୍ତିକୁ ପାରମ୍ପରିକ ବାଜା ଓ ଘଂଟ ସଂକୀର୍ତନ ମଧ୍ୟରେ ଚାନ୍ଦୋଳ ଫାଣ୍ଡିଛକସ୍ଥିତ ଥାନପତି ପୂଜା କମିଟିଙ୍କ ମଣ୍ଡପ ନିକଟକୁ ନିଆଯାଇଥିଲା। ସେଠାରେ ଥାନପତି ପୂଜା କମିଟି ପକ୍ଷରୁ ପ୍ରତ୍ୟେକ ମେଢ଼ ନିକଟରେ ଭୋଗଲାଗି କରାଯିବା ପରେ ଆସନ୍ତା ବର୍ଷ ମେଲଣକୁ ଆସିବା ପାଇଁ କମିଟି ପକ୍ଷରୁ ସମସ୍ତ ମେଢ଼ଙ୍କୁ ନିମନ୍ତ୍ରଣ କରାଯାଇଥିଲା। ପରେ ପୁଣି ମେଢ଼ ଗୁଡ଼ିକ କ୍ରମାନ୍ୱୟରେ ପୁନଃ ପାରମ୍ପରିକ ବାଜା ଓ ରୋଷଣୀରେ ମେଲଣ ପଡ଼ିଆକୁ ଯାଇ ନିଜ ନିଜ ନିର୍ଦ୍ଧାରିତ ସ୍ଥାନରେ ବିସର୍ଜିତ ହୋଇଥିଲେ। ଏହି ମେଲଣ କାର୍ଯ୍ୟକ୍ରମ ଆଜି ଅପରାହ୍ନ ୨ ଟା ଠାରୁ ବିଳମ୍ବିତ ରାତିଯାଏ ଚାଲିଥିଲା। ଭିଡ଼ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଚାନ୍ଦୋଳ ଫାଣ୍ଡି ଅଧିକାରୀଙ୍କ ପ୍ରତାପ ରଥଙ୍କ ନେତୃତ୍ୱରେ ୨ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ।

## ବର୍ଦ୍ଧିତ ଭତ୍ତା ପାଇଲେ ୯୪ ବର୍ଷୀୟ ନୃସିଂହ

**‘ସକାଳ’ ପ୍ରଭାବ**

ଡେରାବିଶ, ୧୫।୧୦(ସମିସ): ଡେରାବିଶ ବ୍ଲକ ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଗ୍ରାମର ୯୪ ବର୍ଷୀୟ ବୃଦ୍ଧ ନୃସିଂହ ଚରଣ ମଲ୍ଲ ସରକାରଙ୍କ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ପାଇବାରୁ ବଞ୍ଚିତ ରହିଥିଲେ। ଏ ସମ୍ପର୍କରେ ‘ସକାଳ’ରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇ ଆଜି ବୃଦ୍ଧଙ୍କୁ ପଞ୍ଚାୟତକୁ ଡକାଇ ତାଙ୍କର ବର୍ଦ୍ଧିତ ଭତ୍ତା ରାଶି ପ୍ରଦାନ କରିଥିବା ଜଣାଯାଇଛି।

## ପେଣ୍ଠ ବେଳାଭୂମିରୁ ବଉଳା କୁମ୍ଭୀର ଉଦ୍ଧାର

ରାଜନଗର,୧୫।୧୦ (ସମିସ): ରାଜନଗର ଅଞ୍ଚଳରେ କୁମ୍ଭୀର ଉପଦ୍ରବ ଆତଙ୍କ ସୃଷ୍ଟି କରିଛି । ପୂର୍ବରୁ ପୋଖରୀ ଓ କେନାଲରୁ କୁମ୍ଭୀର ଉଦ୍ଧାର ହେଉଥିବା ବେଳେ ଆଜି ପେଣ୍ଠ ବେଳାଭୂମିରୁ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି । ପେଣ୍ଠ ବେଳାଭୂମିକୁ ବୁଲିବାକୁ ଯାଇଥିବା ପର୍ଯ୍ୟଟକ କୁମ୍ଭୀରକୁ ଦେଖି ବନବିଭାଗକୁ ଖବର ଦେଇଥିଲେ। ରାଜନଗର ବନବିଭାଗର କର୍ମଚାରୀମାନେ ଆଜି ସନ୍ଧ୍ୟାରେ ପେଣ୍ଠ ବେଳାଭୂମିରେ ପହଞ୍ଚି କୁମ୍ଭୀରକୁ ଉଦ୍ଧାର କରିଛନ୍ତି। ପେଣ୍ଠ ସମୁଦ୍ରକୂଳରେ ଥିବା ଜିଓ ସିନ୍ଥେଟିକ ୱାଲ ନିକଟରେ ସମୁଦ୍ର ଜୁଆର ପାଣି ଜମାହୋଇ ଥିବା ନାଳରେ କୁମ୍ଭୀର ଧରିବାକୁ ଜାଲ ବିଛାଇଥିଲେ। ଜାଲ ମାଧ୍ୟମରେ ବନ କର୍ମଚାରୀମାନେ ୮ ଫୁଟ ୨ ଇଞ୍ଚର ବଉଳା ଅଣ୍ଡିରା କୁମ୍ଭୀର ଉଦ୍ଧାର କରିଥିଲେ। କୁମ୍ଭୀରକୁ ଉଦ୍ଧାର ପରେ ପିକଅପ ଭ୍ୟାନରେ ନିଆଯାଇ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ଗୁପ୍ତି ନିକଟସ୍ଥ ହବାଳି କ୍ରିକରେ ଛାଡି ଦିଆଯାଇଛି । ଗତ ୫ ମାସ ମଧ୍ୟରେ ପେଣ୍ଠ ଓ ଏହି ପଞ୍ଚାୟତର ଏଣ୍ଠୁଳାପୁର ଗାଁରୁ ୮ଟି କୁମ୍ଭୀର ଉଦ୍ଧାର ହେବା ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କର କାରଣ ହୋଇଛି । ଉଦ୍ଧାର କାର୍ଯ୍ୟରେ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ବନ କର୍ମଚାରୀ ସାମିଲ ହୋଇଥିଲେ।



## ୧୧୫ ଗ୍ରାମ୍ ବ୍ରାଉନସୁଗର ଜବତ, ୨ ଗିରଫ

ପଟ୍ଟାମୁଣ୍ଡାଇ, ୧୫।୧୦ (ସମିସ): ପଟ୍ଟାମୁଣ୍ଡାଇ-ଅବକାରୀ ଥାନା ପୁଲିସ ଆଜି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ୧୧ନମ୍ବର ୱାର୍ଡର ସେକ ମୁଜାଫର ଅଲ୍ଲୀ ଓ ସେକ ଗରିବୁଲ୍ଲାଙ୍କୁ ବ୍ରାଉନ ସୁଗର ବିକ୍ରି ଅଭିଯୋଗରେ ଗିରଫ କରିଛି । ସେମାନଙ୍କ ପାଖରୁ ୧୧୫ ଗ୍ରାମ ବ୍ରାଉନ ସୁଗର ଜବତ ହୋଇଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ପ୍ରାୟ ୧୧ ଲକ୍ଷ ୫୦ ହଜାର ଟଙ୍କା ହେବ। କେନ୍ଦ୍ରାପଡ଼ା ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ଟିମ ଓ ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ଉ କରି ପଟ୍ଟାମୁଣ୍ଡାଇ ମୁସଲମାନ ବସ୍ତି ୧୧ନମ୍ବର ୱାର୍ଡର ଦୁଇ ଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## କାର୍ ଧକ୍କାରେ ଯୁବକ ଗୁରୁତର

ଆଳି,୧୫।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ନୂଆ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଜଣେ ଯୁବକଙ୍କୁ ଏକ କାର ଧକ୍କା ଦେବା ଫଳରେ ସେ ଗୁରୁତର ହୋଇ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । ସେ ହେଲେ ଯାଜପୁର ବଡ଼ଚଣା ବନ୍ତଳ ଅଞ୍ଚଳର ଚନ୍ଦନ ନାଥ। ସେ ପତ୍ନୀଙ୍କ ସହ ତାଙ୍କ ଭଉଣୀ ଘର ରାଜକନିକା ଓଳାଭରକୁ ଆସିଥିଲେ। ଭଉଣୀ ଘରୁ ଫେରିବା ସମୟରେ ଆଜି ସନ୍ଧ୍ୟା ରେ ଆଳି ନୂଆ ବସଷ୍ଟାଣ୍ଡ ସମ୍ମୁଖରେ ରାସ୍ତା କଡ଼ ରେ ଠିଆ ହୋଇଥିବା ସମୟରେ ହଠାତ ଏକ କାର ଚନ୍ଦନଙ୍କୁ ଧକ୍କା ଦେଇଥିଲା । କାର ସାଙ୍ଗରେ ନେଇ ଆସିଥିବା ଯାତ୍ରୀଙ୍କୁ ଘଟଣା ସ୍ଥଳ ରେ ଛାଡ଼ି ଗାଡ଼ି ସହ ଡ୍ରାଇଭର ଚମ୍ପଟ ମାରିଥିବା ଜଣାପଡିଛି । ଅପରପକ୍ଷେ ଚନ୍ଦନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ାକୁ ସ୍ଥାନାନ୍ତର କରାଯାଇଛି।

**ବଳଦେବଜୀଉ ମନ୍ଦିର ବୁଲି ଦେଖିଲା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ**

# ଆର୍କିଟେକ୍ ସଂସ୍ଥାକୁ ଡିପିଆର ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା,୧୫।୧୦(ସମିସ):



ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଏକ ଉଚ୍ଚସ୍ତରୀୟ ଟିମ୍ ଆଜି କେନ୍ଦ୍ରାପଡ଼ାର ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିଦର୍ଶନ କରି ରକ୍ଷଣାବେକ୍ଷଣ ସ୍ଥିତି ଅନୁଧ୍ୟାନ କରିଛନ୍ତି । ବିଗତ ଦିନରେ ମନ୍ଦିରର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହେବା ନେଇ ଅଭିଯୋଗ ପରେ ଆଜି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଦେବଯାନୀ ଭୂୟାଁଙ୍କ ନେତୃତ୍ୱରେ ଏକ ୪ ଜଣିଆ ଟିମ୍ ମନ୍ଦିରରେ ପହଞ୍ଚି ସ୍ଥିତି ପରଖିଥିଲେ। ଶ୍ରୀ ବଳଦେବଜୀଉ ମନ୍ଦିରର ଜଗମୋହନର ୨ଟି ଖମ୍ବ ଆଂଶିକ ଭାଙ୍ଗି ଯାଇଥିବା ବେଳେ ନୀଳଚକ୍ର ସାମାନ୍ୟ ଦୋହଲୁଥିବା ଦେଖିବାକୁ ପାଇଥିଲା ଟିମ୍ । ମନ୍ଦିର ବେଢାରେ ଥିବା ସିନ୍ଦୁକ ଘର, ଭଣ୍ଡାର ଘର, ଝୁଲଣ ଘର ସମେତ ପାଶ୍ୱର୍ ଦେବଦେବୀଙ୍କ ମନ୍ଦିର, ନିକଟସ୍ଥ ପୋଖରି, ପାର୍କ, ଅତିଥି ଭବନ, ଆନନ୍ଦ ବଜାର, ବିବାହ ମଣ୍ଡପ ପ୍ରଭୃତି ବୁଲି ଦେଖିଥିଲେ। ପରେ ପରେ ବିଶେଷଜ୍ଞ ଟିମ୍ ମାଉସୀମା ମନ୍ଦିର ମଧ୍ୟ ପରିଦର୍ଶନ କରିଥିଲେ। ଖୁବ୍‌ଶୀଘ୍ର ମନ୍ଦିର ମରାମତି ସହ ଆବଶ୍ୟକୀୟ ନବୀକରଣ କାର୍ଯ୍ୟ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ସେହିପରି ମନ୍ଦିର ନୀଳଚକ୍ର ଦୋହଲୁଥିବା ହେତୁ ଏକ ନୂତନ ନୀଳଚକ୍ର ଲଗାଇବା ପାଇଁ ଯୋଜନା ଥିବା ଜିଲ୍ଲାପାଳ ରଘୁରାମ ଆର ଆୟର ସୂଚନା ଦେଇଛନ୍ତି । ମନ୍ଦିର ମରାମତି ସହିତ ପାର୍କିଂ, ଶୌଚାଳୟ, ପାନୀୟଜଳ, ଆଲୋକୀକରଣ, ସୌନ୍ଦର୍ଯ୍ୟକରଣ ଓ ରଥଦାଣ୍ଡର ବିକାଶ କରାଯିବ ବୋଲି ସୂଚନା ମିଳିଛି। ଏହି ଦଳ ପ୍ରଥମେ ଶ୍ରୀଜୀଉଙ୍କ ମୁଖ୍ୟ ଦେଉଳର ଜଗମୋହନରେ ଥିବା ଖୁମ୍ବର ଫାଟକୁ ତଦାରଖ କରିଥିଲେ। ପୂର୍ବରୁ ପ୍ଲେଟ୍ ପଡିବା ଯୋଗୁଁ ସମସ୍ୟା ସୃଷ୍ଟି ହୋଇଛି। ତେଣୁ ଏବେ ଯେଉଁ ଡିପିଆର ପ୍ରସ୍ତୁତ ହେବ ସେଥିରେ ପ୍ଲେଟ୍ ଲାଗିବାର ବ୍ୟବସ୍ଥା ରହିବ ନାହିଁ। ଏକ ସ୍ୱତନ୍ତ୍ର ପଥର ଦ୍ୱାରା ଜଗମୋହନର ଖୁମ୍ବକୁ ସୌନ୍ଦର୍ଯ୍ୟକରଣ କରାଯିବ। ମନ୍ଦିରର ନୀଳଚକ୍ର ହୁଗୁଳି ଯାଇଥିବାରୁ ତାହାର ମରାମତି କରାଯିବ। ଝୁଲଣ ଘରର କେତେକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବାରୁ ଫାଟର ମରାମତି କରାଯିବ। ପୁରୁଣା ଆନନ୍ଦବଜାରର ସୌନ୍ଦର୍ଯ୍ୟକରଣ କରାଯିବ। ବିବାହ ମଣ୍ଡପ ପଛପଟେ ଥିବା ପୁରୁଣା ଆଉଟହାଉସ ଘର ଭଙ୍ଗାଯାଇ ଯାତ୍ରୀ ବିଶ୍ରାମଗାର ନିର୍ମାଣ କରାଯିବ। ମନ୍ଦିର ପରିସରରେ ଥିବା ବିବାହ ମଣ୍ଡପକୁ ସ୍ଥାନାନ୍ତର କରାଯାଇ ପାର୍କ ନିକଟରେ ନୂତନ ବିବାହ ମଣ୍ଡପ ନିର୍ମାଣ କରାଯିବ। ପୁରୁଣା ଚନ୍ଦନ ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରାଯିବ। ଭଣ୍ଡାର ଘରର ଅବସ୍ଥା ଭଲ ନଥିବାରୁ ଏହି ଦଳ ତାହାର ତଦାରଖ କରି ସୌନ୍ଦର୍ଯ୍ୟକରଣ କରାଯିବ ବୋଲି କହିଥିଲେ। ମନ୍ଦିର ମଧ୍ୟରେ ଥିବା ପାଶ୍ୱର୍ ଦେବଦେବୀ ମନ୍ଦିର ଯଥା କନକ ଦୁର୍ଗା ମନ୍ଦିର, ରାମଜୀ ମନ୍ଦିର, ସରସ୍ୱତୀ ମନ୍ଦିର ପ୍ରଭୃତିର ସୌନ୍ଦର୍ଯ୍ୟକରଣ କରାଯିବ। ବଳଦେବଜୀଉ ପାର୍କର ଓ ଯାତ୍ରୀ ନିବାସର ଉନ୍ନତିକରଣ କରାଯିବ। ନୂଆ ଚନ୍ଦନ ପୋଖରୀର ସୌନ୍ଦର୍ଯ୍ୟକରଣ କରାଯିବ। ଗୁଣ୍ଡିଚା ମନ୍ଦିରର ମଧ୍ୟ ଉନ୍ନତିକରଣ କରାଯିବ। ଏ ନେଇ ଏକ ଘରୋଇ ଆର୍କିଟେକ୍ ସଂସ୍ଥାକୁ ଡିପିଆର ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେମାନେ କହିଛନ୍ତି। ସେହି ସଂସ୍ଥା ଡିପିଆର ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବା ପରେ ଏଷ୍ଟିମେଟ୍ ଅନୁଯାୟୀ ସରକାର ଅର୍ଥ ମଞ୍ଜୁର କରିବେ ବୋଲି ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତ୍ନତତ୍ତ୍ୱ ବିଭାଗ ଟିମ୍ ପରିଦର୍ଶନ ସମୟରେ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ, ସହ ସଂଗ୍ରାହକ ରୁଦ୍ର ପ୍ରସାଦ ବେହେରା, ପଣ୍ଡିତ ହୃଷିକେଶ ରଥ, ପୂର୍ବତନ ନଗରପାଳ ଧୀରେନ୍ ସାହୁ, ନୃସିଂହ ପତ୍ରୀ, ସଂଗ୍ରହାଧ୍ୟକ୍ଷ ରୁଦ୍ରପ୍ରସାଦ ବେହେରା, ଆର୍କିଟେକ୍ଟ ରୋସନ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ମନ୍ଦିର ପ୍ରଶାସନ ପକ୍ଷରୁ ଟ୍ରଷ୍ଟ ବୋର୍ଡ ସଭ୍ୟ ହୃଷିକେଶ ରଥ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ସଭ୍ୟ ଧୀରେନ୍ ସାହୁ ପ୍ରମୁଖ ଆଲୋଚନା କରିଥିଲେ। ଆର୍କିଟେକଚର ସଂସ୍ଥା ପ୍ରାଥମିକ ପର୍ଯ୍ୟାୟରେ ପ୍ରସ୍ତୁତ କରିଥିବା ଏକ ମଡେଲ ନକ୍ସା ଜିଲ୍ଲାପାଳଙ୍କୁ ଦେଖାଇ ଆଲୋଚନା କରିଥିଲେ। ଜିଲ୍ଲାପାଳ ସୂଚନା ଦେଇଥିଲେ ମନ୍ଦିରର ବିକାଶ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଫଳରେ ଜିଲ୍ଲା ପ୍ରଶାସନ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଚିଠି ଲେଖିଥିଲା। ଫଳରେ ଆଇନ୍ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପ୍ରତ୍ନତତ୍ତ୍ୱ ବିଭାଗର ଏକ ଟିମ କେନ୍ଦ୍ରାପଡ଼ାରେ ପହଞ୍ଚି ଶ୍ରୀଜୀଉଙ୍କ ମନ୍ଦିର ଓ ପାଶ୍ୱବର୍ତ୍ତୀ ଅଞ୍ଚଳର ଅନୁଧ୍ୟାନ କରିଥିଲେ।

**■ ରାଜ୍ୟ ବିଦ୍ୟାଳୟ ସମୂହ ଭଲିବଲ ପ୍ରତିଯୋଗିତା**

## ତିନୋଟି ବର୍ଗରେ କେନ୍ଦ୍ରାପଡ଼ା ଜିଲ୍ଲା ଚାମ୍ପିଅନ



କେନ୍ଦ୍ରାପଡ଼ା,୧୫।୧୦(ସମିସ): ୬୯ତମ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଭଲିବଲ ପ୍ରତିଯୋଗିତା- ୨୦୨୫ରେ କେନ୍ଦ୍ରାପଡା ଜିଲ୍ଲା ତିନୋଟି ବର୍ଗରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିବା ସହ ୩ଟି ଟ୍ରଫି ହାସଲ କରିଛି। ଚଳିତମାସ ୧୧ତାରିଖରୁ ୧୪ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ଭଦ୍ରକ ଜିଲ୍ଲାର ଚରମ୍ପାସ୍ଥିତ ଶ୍ରୀ ଶ୍ରୀ ହନୁମାନଜୀଉ ଉଚ୍ଚବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ରାଜ୍ୟ ବିଦ୍ୟାଳୟ ସମୂହ ୬୯ତମ ଭଲିବଲ ପ୍ରତିଯୋଗିତାରେ ୧୪ବର୍ଷରୁ କମ୍ ବର୍ଗର ବାଳକ ବିଭାଗରେ କେନ୍ଦ୍ରାପଡା ଜିଲ୍ଲା ଚାମ୍ପିଅନ ହୋଇ ଟ୍ରଫି ହାସଲ କରିଛି। ସେହିଭଳି ୧୭ବର୍ଷରୁ କମ ବର୍ଗର ବାଳକ ଓ ବାଳିକା ବିଭାଗରେ ମଧ୍ୟ କେନ୍ଦ୍ରାପଡା ଜିଲ୍ଲା ଚମ୍ପିୟନ ହୋଇ ଟ୍ରଫି ହାସଲ କରିଛି। ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ପ୍ରଥମଥର ପାଇଁ କେନ୍ଦ୍ରାପଡା ଜିଲ୍ଲା ତିନୋଟି ବର୍ଗରେ ସମୁଦାୟ ୩ଟି ଟ୍ରଫି ହାସଲ କରି ଇତିହାସ ସୃଷ୍ଟି କରିଛି। ମଙ୍ଗଳବାର ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଉଚ୍ଚଶିକ୍ଷା, କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଚମ୍ପିୟନ ଦଳ କେନ୍ଦ୍ରାପଡା ଜିଲ୍ଲାର ତିନି ଦଳକୁ ୩ଟି ଚାମ୍ପିୟନସ୍ ଟ୍ରଫି ପ୍ରଦାନ କରିଥିଲେ। ଜିଲ୍ଲାଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କ ପ୍ରୋତ୍ସାହନ ଓ ସହଯୋଗ ଯୋଗୁଁ ପ୍ରଥମଥର ପାଇଁ ଜିଲ୍ଲାକୁ ଏଭଳି ସଫଳତା ମିଳିଥିବା କ୍ରୀଡାବୀତମାନେ କହିଛନ୍ତି। କେନ୍ଦ୍ରାପଡାରୁ ମ୍ୟାନେଜର ଶଶାଙ୍କଶେଖର ସାହୁ ଓ ତୃପ୍ତିମୟୀ ତରାଇ ଏବଂ କୋଚ୍ ଉତ୍କଳ ମହାପାତ୍ର ଓ ସୁଶ୍ରୀସଂଗୀତା ଜେନାଙ୍କ ତତ୍ତ୍ୱାବଧାନରେ ୧୪ବର୍ଷରୁ କମ ବାଳକ ଓ ବାଳିକା, ୧୭ବର୍ଷରୁ କମ ବାଳକ ଓ ବାଳିକା ଏଭଳି ୪ଟି ବର୍ଗରେ ୧୨ଜଣ କରି ମୋଟ ୪୮ ଜଣ ଛାତ୍ରଛାତ୍ରୀ ରାଜ୍ୟ ସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିସହିତ କେନ୍ଦ୍ରାପଡା ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ସ୍ମିତାପ୍ରତିଭା ସାହୁ ଓ ମନୋଜ କୁମାର ସାହୁ ଷ୍ଟେଟ ଅଫିସିଆଲ ଭାବେ ଏହି ପ୍ରତିଯୋଗିତାରେ ଯୋଗଦେଇଥିଲେ। ବୁଧବାର ୩ଟି ଚମ୍ପିୟନସ୍ ଟ୍ରଫି ସହିତ ବିଜୟୀ ଛାତ୍ରଛାତ୍ରୀ ଜିଲ୍ଲାଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଜିଲ୍ଲାଶିକ୍ଷାଧିକାରୀ ଶ୍ରୀ ବାରିକ ସଫଳତା ହାସଲ କରି ଫେରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁଷ୍ପମାଲ୍ୟ ପ୍ରଦାନ ସହ ମିଠାଖୁଆଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

## ପୂର୍ବତନ ସରପଞ୍ଚ ନୃସିଂହ ବିଶ୍ୱାଳଙ୍କ ପରଲୋକ


ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୧୫।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ତରଡ଼ିପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ନୃସିଂହ ଚରଣ ବିଶ୍ୱାଳଙ୍କ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇ ଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା। ତାଙ୍କ ମରଶରୀରକୁ ତରଡ଼ିପାଳ ଠାରେ ପହଂଚିବା ପରେ ସମଗ୍ର ପଞ୍ଚାୟତ ପରିକ୍ରମା କରାଯାଇଥିଲା ଓ ଏହି ଶୋଭାଯାତ୍ରାରେ ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତି ସଭ୍ୟ ନିରଞ୍ଜନ ବାରିକ,୧୫ନଂ ଜୋନ ଜିଲ୍ଲା ପରିଷଦ ପ୍ରତିନିଧି ପୁରୁଷୋତ୍ତମ ତରାଇ, ପୂର୍ବତନ ସରପଞ୍ଚ ଅଜୟ ବିଶ୍ୱାଳ ଓ ସମିତି ସଭ୍ୟ ଦେବେନ୍ଦ୍ର ବିଶ୍ୱାଳ ବରିଷ୍ଠ ନେତା ହିମାଂଶୁ ବିଶ୍ୱାଳ ପ୍ରମୁଖ ସାମିଲ ହୋଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଗାଁ ତୁଳସୀଡିଆ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ଓ ସାନ ପୁଅ ରଜତ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ବସନ୍ତ କୁମାର ମଲ୍ଲିକ, ପ୍ରଫେସର ନିର୍ମଳ ଚନ୍ଦ୍ର ବିଶ୍ୱାଳ, ପେଣ୍ଠପାଳ ସମବାୟ ସମିତି ସଭାପତି ଧନେଶ୍ୱର ପ୍ରଧାନ, ପୂର୍ବତନ ସରପଞ୍ଚ କୈଳାଶ ସେଠୀ, ଅଣରା ଶ୍ରୀରାମ ମନ୍ଦିର ସଭାପତି ବସନ୍ତ ସ୍ୱାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି।







## ମୃତକଙ୍କ ନାଁରେ ପାକ୍ସରେ ଋଣ ଉଠାଣ

ରାଜକନିକା, ୧୫।୧୦ (ସମିସ): ରାଜକନିକା ବ୍ଲକ ସମବାୟ ବିଭାଗରେ ଚାଲିଥିବା ମହାଘୋଟାଲାରେ ଆଜି ଆଉ ଏକ ଫର୍ଦ ଯୋଡି ହୋଇଛି । ଜଣେ ବ୍ୟକ୍ତି ମୃତ୍ୟୁବରଣ କରିବାର ୩ ବର୍ଷ ପରେ ତାଙ୍କ ନାମରେ ଋଣ ଉଠାଣ ହେବା ଏବଂ ସେହି ଋଣ ପରିଶୋଧ ପାଇଁ ଉକ୍ତ ମୃତ ବ୍ୟକ୍ତିଙ୍କୁ ମରିବାର ୧୮ ବର୍ଷ ପରେ ଋଣ ପରିଶୋଧ ନୋଟିସ ମିଳିବା ଭଳି ଖବର ସମବାୟ ବିଭାଗର ମହାଦୁର୍ନୀତିର ପର୍ଦ୍ଦାଫାସ କରିଛି । ଏଭଳି ଏକ ଅଦ୍ଭୁତ ଘଟଣାରେ ମୃତ ବ୍ୟକ୍ତିଙ୍କ ପୁଅ ଆଜି ଏହି ଘଟଣାର ପ୍ରତିବାଦ କରି ରାଜକନିକା ଥାନାରେ ଏତଲା ଦେଇ ଏଭଳି ଘୋଟାଲାର ତଦନ୍ତ ଏବଂ ତାଙ୍କ ମୃତ ପିତାଙ୍କ ପ୍ରତି ହୋଇଥିବା ଅସମ୍ମାନ ଓ ଅପବାଦରୁ ମୁକ୍ତି ପାଇଁ ନ୍ୟାୟ ମାଗିଛନ୍ତି। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ସିକୋ ପାକ୍ସ ଅଧୀନରେ ଥିବା ସିକୋ ଗ୍ରାମର ସ୍ୱର୍ଗତ ନାରାୟଣ ସ୍ୱାଇଁଙ୍କ ନାମରେ ଗତ ୨୩/୯/୨୫ ରିଖ ଦିନ ତାଙ୍କ ନାମରେ ମୋଟ ୬୬୫୫୭ ଟଙ୍କାର ବକେୟା ଋଣ ଅର୍ଥ ରାଶି ପୈଠ କରିବାକୁ ସିକୋ ପାକ୍ସ ପକ୍ଷରୁ ନୋଟିସ ଜାରି କରାଯାଇଛି । ଏହି ନୋଟିସ ମୁତାବକ ସ୍ୱର୍ଗବାସୀ ନାରାୟଣ ସ୍ୱାଇଁ ରବି ଚାଷ ପାଇଁ ୪୩, ୨୬୨ ଟଙ୍କା ଋଣ ନେଇଥିବା ବେଳେ ସୁଧ ବାବଦକୁ ୨୩, ୨୯୫ ହୋଇଥିବା ଦର୍ଶାଯାଇଛି । ପୁନଶ୍ଚ ଯଦି ସ୍ୱର୍ଗତ ନାରାୟଣ ସ୍ୱାଇଁ ଏହି ଋଣ ଅର୍ଥକୁ ୬/୧୦/୨୫ ସୁଦ୍ଧା ନ ସୁଝିବେ ତେବେ ତାଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ସମିତି ସୂଚାଇ ଦେଇଛି । ଏ ସମ୍ପର୍କରେ ନୋଟିସ ପାଇବା ପରେ ମୃତ ନାରାୟଣଙ୍କ ପୁଅ ନିରଞ୍ଜନ ସ୍ୱାଇଁ ଖୋଳତାଡ଼ କରିବାରୁ ଜାଣିଲେ ଯେ ତାଙ୍କ ବାପାଙ୍କର ୨୦/୭/୨୦୦୭ ରେ ମୃତ୍ୟୁ ହେବାର ୩ ବର୍ଷ ପରେ ସେ ସମିତିରୁ ଋଣ କରିଥିବା ନଜରକୁ ଆସିଥିଲା । ବାପାଙ୍କ ସ୍ୱର୍ଗବାସ ହେବାର ୩ ବର୍ଷ ପରେ ମୃତ ବାପା ଋଣ ନେବା ଏବଂ ମରିବାର ୧୭ ବର୍ଷ ପରେ ଏହି ଋଣ ନ ଶୁଝିଲେ ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଥିବା ନୋଟିସରେ ସେ ସ୍ୱର୍ଗବାସୀ ବାପାଙ୍କ ପ୍ରତି ଅପମାନ ବୋଧ କରି ତାଙ୍କୁ ଅପବାଦରୁ ମୁକ୍ତି ଦେବାକୁ ଆଜି ଥାନାରେ ଦ୍ୱାରସ୍ଥ ହୋଇ ନ୍ୟାୟ ମାଗିବା ଘଟଣା ଚର୍ଚ୍ଚା ପାଲଟିଛି ।













# ୨୪ରେ ପଦଯାତ୍ରା ପାଇଁ ବିଜୁ ଜନତା ଦଳର ପ୍ରସ୍ତୁତି ବୈଠକ



ଜଗତସିଂହପୁର,୧୫।୧୦(ସମିସ): ଜଗତସିଂହପୁର ବିଜୁ ଜନତା ଦଳ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ପଦଯାତ୍ରା ପାଇଁ ଆଜି ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଯାଇଛି। ଅକ୍ଟୋବର ୨୪ ତାରିଖ ଶୁକ୍ରବାର ଗାନ୍ଧିଛକ ନିକଟରୁ ପଦଯାତ୍ରା ଶୁଭାରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡି ଉପସଭାପତି ଚିରଞ୍ଜୀବୀ ବିଶ୍ୱାଳ, ଜିଲ୍ଲାପରିଷଦ ସଭାପତି ମନୋଜ କୁମାର ଭୋଇ, ଜିଲ୍ଲା ବିଜେଡି ଉପସଭାପତି ଦିପ୍ତିକୁମାର ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ବ୍ଲକ ମହିଳା ବିଜେଡି ସଭାପତି ପ୍ରଭାତି ମହାନ୍ତି, ଜିଲ୍ଲା ଛାତ୍ର ବିଜେଡି ସଭାପତି ସମିତ୍ ଲେଙ୍କା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଜଗନ୍ନାଥ ମୁଦୁଲି, ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର, ବରିଷ୍ଠ କର୍ମୀ କାଳନ୍ଦୀ ପତି, ବ୍ଲକ ଯୁବ ବିଜେଡି ସଭାପତି ସମ୍ବିତ ମହାନ୍ତି, ଯୁବନେତା ପ୍ରଶାନ୍ତ ମଲ୍ଲିକ, ବରିଷ୍ଠ କର୍ମୀ ଅଦ୍ୱୈତ ଜେନା, ମନୋଜ ମହାନ୍ତି ଓ ସମସ୍ତ ଦଳୀୟ କାଉନସିଲର, ବିଜେଡି ସମର୍ଥିତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ସାମିଲ ହୋଇଥିଲେ।

# ଜିଲ୍ଲାସ୍ତରୀୟ ସୁନାମି ପ୍ରସ୍ତୁତି ଶୀର୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଜଗତସିଂହପୁର,୧୫।୧୦(ସମିସ):



ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଜିଲ୍ଲା ଜରୁରୀ ବିଭାଗ ମିଳିତ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ସୁନାମି ପ୍ରସ୍ତୁତି ଶୀର୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସଦ୍‌ଭାବନା ସଭାଗୃହରେ ଆୟୋଜିତ ହୋଇଛି। ସମୁଦ୍ରତଟୀୟ ଅଞ୍ଚଳର ସହନଶୀଳତା ବୃଦ୍ଧି ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ବିତ କୁମାର ରାଉତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଓସଡମାର ଜେନେରାଲ ମ୍ୟାନେଜର ଡ. ସୁନିତା ଜେନା ସୁନାମି ରେଡି ରେକଗ୍ନିସନ୍ ପ୍ରୋଗ୍ରାମ (ଟ୍ରାପ) ବିଷୟରେ ଅଲୋଚନା କରିଥିଲେ। ଜିଲ୍ଲା ଜରୁରୀ ବିଭାଗ ଅଧିକାରୀ ଅନିଶା ଦାସ ପ୍ରଶିକ୍ଷଣର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ବାପି ବିଶ୍ୱଜିତ ସାହୁ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଓସଡମା, ପ୍ରାୟୋଗିକ ନିର୍ଗମ ପ୍ରକ୍ରିୟା ଓ ସୁରକ୍ଷା ପଦକ୍ଷେପ ବିଷୟରେ ପାୱାର ପଏଣ୍ଟ ମାଧ୍ୟମରେ ବୁଝାଇଥିଲେ। ପ୍ରଶିକ୍ଷଣରେ ଶିକ୍ଷା ସାମଗ୍ରୀ, ଆନିମେସନ୍ ଓ ବିଦ୍ୟାଳୟ ପାଇଁ ଆଇଇସି ଉପରେ ଆଲୋକପାତ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ପ୍ରାୟୋଗିକ ଅଭ୍ୟାସ ଓ ଆଲୋଚନା ମାଧ୍ୟମରେ ଜ୍ଞାନ ଆହରଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲାସ୍ତରର ଟ୍ରାପ କାର୍ଯ୍ୟଯୋଜନା ତିଆରି ହୋଇଥିଲା ଓ ସମନ୍ୱିତ ପ୍ରଚେଷ୍ଟାର ଆହ୍ୱାନ ଦିଆଯାଇଥିଲା। ଏରସମା ଓ ବାଲିକୁଦା ବିଡିଓ ଗୁରୁବାର ବ୍ଲକ୍ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ ପ୍ରସ୍ତାବ ରଖିଥିଲେ।

# ଘୋଡ଼େଶ୍ୱର ମନ୍ଦିର ମୁଖ୍ୟ ପୂଜକଙ୍କ ଦେହାନ୍ତ



ନାଉଗାଁ,୧୫।୧୦(ସମିସ): ନାଉଗାଁ ବ୍ଲକ ଅଧୀନ ସର୍ବ ପୁରାତନ ପ୍ରସିଦ୍ଧ ଶୈବପୀଠ ଘୋଡେଶ୍ୱର ମନ୍ଦିରର ମୁଖ୍ୟ ପୂଜକ ରମାରଞ୍ଜନ ଦିଖିତି(୭୨)ଙ୍କର ଦେହାନ୍ତ ହୋଇଛି। ଶ୍ରୀ ଦିଖିତିଙ୍କ ଘର ଉକ୍ତ ବ୍ଲକର ଜାମୁଦଣ୍ଡା ଗ୍ରାମରେ ହୋଇଥିବା ବେଳେ ସେ ଜଣେ ମିଷ୍ଟଭାଷୀ, ସେହିଁ, ପରୋପକାରୀ ବ୍ୟକ୍ତି ଥିଲେ। ଛାତିରେ ଯନ୍ତ୍ରଣା ଅନୁଭବ ହେବା ସହ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପ୍ରଚାରିତ ହେବାପରେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ତିହୁଡା ଗୁରୁକୃପା କୁଟିରର ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ, ଓଡିଶା ଉଚ୍ଚନ୍ୟାୟାଳୟର ଅବସରପ୍ରାପ୍ତ ପ୍ରଶାସକ ରବିନ୍ଦ୍ର କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ଚୈତନ୍ୟ ଚରଣ ନାୟକଙ୍କ ସମେତ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି।

# ବିଜେଡି ଉପସଭାପତି ଚିରଞ୍ଜୀବ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା ଜଣାଇଲେ ବାପି ସର୍ଖେଲ



ଜଗତସିଂହପୁର,୧୫।୧୦(ସମିସ): ଜଗତସିଂହପୁର ସଦର ଏବଂ ତିର୍ତୋଲର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ଚିରଞ୍ଜୀବ ବିଶ୍ୱାଳଙ୍କୁ ନିକଟରେ ଦଳର ସୁପ୍ରୀମୋ ନବୀନ ପଟ୍ଟନାୟକ ଉପସଭାପତି ଭାବେ ଦାୟିତ୍ୱ ଦେଇଛନ୍ତି। ଏହି ଦାୟିତ୍ୱ ମିଳିବା ପରେ ଦଳୀୟ ନେତା ଓ କର୍ମୀମାନେ ଶ୍ରୀ ବିଶ୍ୱାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ ସହିତ ଅଭିନନ୍ଦନ ଜଣାଇଛନ୍ତି। ଏହିକ୍ରମରେ ପାରାଦୀପର ବିଶିଷ୍ଟ ଶ୍ରମିକ ସଂଗଠକ ତଥା ବରିଷ୍ଠ ବିଜେଡି ନେତା ବାପି ସର୍ଖେଲ ବିଜେଡି ଉପସଭାପତି ଚିରଞ୍ଜୀବ ବିଶ୍ୱାଳଙ୍କୁ ତାଙ୍କ ଭୁବନେଶ୍ୱର ବାସଭବନରେ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଶ୍ରୀ ବିଶ୍ୱାଳଙ୍କ ଭଳି ଜଣେ ପୁରୁଖା ଏବଂ ଅଭିଜ୍ଞ ରାଜନେତାଙ୍କୁ ଏହି ଦାୟିତ୍ୱ ମିଳିଥିବାରୁ ଜଗତସିଂହପୁର ଜିଲ୍ଲା ସମେତ ସମଗ୍ର ଓଡିଶାରେ ବିଜେଡି ସଂଗଠନ ଅଧିକ ସକ୍ରୀୟ ହୋଇପାରିବ ବୋଲି ଶ୍ରୀ ସର୍ଖେଲ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ପୁନଙ୍ଗ ପଞ୍ଚାୟତର ସରପଞ୍ଚ ଦୁର୍ଗା ମହାପାତ୍ର, ପଞ୍ଚାୟତ ସଭାପତି ସୁଜିତ୍ ଘୋଷ, ପଳାଶୋଳ ପଞ୍ଚାୟତର ସମିତିସଭ୍ୟ ପ୍ରଦ୍ୟୁମ୍ନ ମଲ୍ଲିକ, ପ୍ରସନ୍ନ କୁମାର ନାୟକ, ବଟକୃଷ୍ଣ ରାଉତ ଏବଂ ନରେନ୍ଦ୍ର ଭୋଇ ପ୍ରମୁଖ ଦଳୀୟ ନେତାମାନେ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ବିଶ୍ୱାଳଙ୍କୁ ଅଭିନନ୍ଦନ ଜଣାଇଥିଲେ।

# କେଉଟପାଳ ବିଦ୍ୟାଳୟରେ ପୋଷାକ ବଣ୍ଟନ



ବାଲିକୁଦା,୧୫।୧୦(ସମିସ): ତିତିରା ପଞ୍ଚାୟତର କେଉଟପାଳ ଉପ୍ରା ବିଦ୍ୟାଳୟରେ ପୋଷାକ ବଣ୍ଟନ କରାଯାଇଛି। ସୁଶାନ୍ତ ବାରିକଙ୍କ ସଭାପତିତ୍ୱରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହକାରୀ ଶିକ୍ଷକ ପ୍ରଶାନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ଶିକ୍ଷୟିତ୍ରୀ ମେନକା ଦେଇ, ସସ୍ମିତା ବାରିକ, ପାନା ସୋରେନଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି ୪୨ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରିଥିଲେ।

# ସର୍ପାଘାତରେ ଜଣଙ୍କର ମୃତ୍ୟୁ

ତିର୍ତ୍ତୋଲ,୧୫।୧୦(ସମିସ): ତିର୍ତ୍ତୋଲ ଥାନା ଗୋବିନ୍ଦପୁର ଗ୍ରାମର ପବିତ୍ର ଦାସ(୪୯)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମଧ୍ୟାହ୍ନରେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ସେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ବାଇକ୍‌ରେ ଗୋରେଖନାଥ ପୀଠକୁ ନେଲାବେଳେ ବାଟରେ ସେ ଗାଡ଼ିରୁ ତଳକୁ ଖସି ପଡ଼ିଥିଲେ। ପରେ ପରିବାର ଲୋକେ ତାଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘରେ ତାଙ୍କର ବିଧବା ସ୍ତ୍ରୀ ଓ ଦୁଇଟି ଝିଅ ଅଛନ୍ତି। ମୃତ ପବିତ୍ରଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।

**● ବନ୍ଦର ନିଷିଦ୍ଧାଞ୍ଚଳରେ ଅଘଟଣ;**

# କଟିଲା ଦୁଇ ଶ୍ରମିକଙ୍କ ଗୋଡ଼

ପାରାଦୀପ,୧୫।୧୦(ସମିସ): ପାରାଦୀପ ବନ୍ଦର ନିଶିଦ୍ଧାଞ୍ଚଳ ମଧ୍ୟରେ ଥିବା ଟ୍ରେନ ଲାଇନରେ କାମ କରୁଥିବା ବେଳେ ଏକ ବଡ ଅଘଟଣ ଘଟିଛି। ଦୁଇ ଶ୍ରମିକ କାର୍ଯ୍ୟ କରୁଥିବା ବେଳେ ଟ୍ରେନ ଲାଇନର ଜଏଣ୍ଟ ମୁଣ୍ଡ ସେହି ପଏଣ୍ଟରେ ଖୋଲି ଯାଇଥିଲା। ଯାହାଫଳରେ ଜଣେ ଶ୍ରମିକଙ୍କ ଦୁଇ ଗୋଡ କଟିଯିବା ସହ ଅନ୍ୟ ଜଣଙ୍କର ଗୋଟିଏ ଗୋଡ କଟିଯାଇଛି। ଅନ୍ୟ ସାଥି ଶ୍ରମିକମାନେ ତୁରନ୍ତ ୟୁନିୟନର ସାଧାରଣ ସମ୍ପାଦକ ସନାତନ ବେହେରାଙ୍କୁ ଜଣାଇବା ପରେ ସ୍ଥାନୀୟ ଅଠରବାଙ୍କୀ ମେଡ଼ିକାଲ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର ସଙ୍ଗେ ସଙ୍ଗେ କଟକ ଏସିବି ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ। ଏହା ଆଇପିଆରସିଏଲ କମ୍ପାନୀର କାମ ହୋଇଥିବା ବେଳେ ପାରାଦୀପ ବନ୍ଦରର ଲାଇନ ଅଟେ। ଦୁଇ ଶ୍ରମିକ ପାରାଦୀପ ପୋର୍ଟଡକ ମଜଦୂର ୟୁନିୟନ ଅଧୀନରେ କାର୍ଯ୍ୟ କରୁଥିଲେ। ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରିବା ବେଳେ ଆମ୍ବୁଲାନ୍ସ ମେଡ଼ିକାଲ ପାଖରେ ନଥିଲା ତେଣୁ ଶ୍ରମିକଙ୍କ ମଧ୍ୟରେ କିଛି ସମୟ ଚାପା ଉତ୍ତେଜନା ଦେଖାଦେଇଥିଲା। ଏତେବଡ ଶିଳ୍ପ ସହରରେ ଜଣେ ଶ୍ରମିକ ଆହତ ହେଲେ ଚିକିତ୍ସିତ ହେବା ପାଇଁ କଟକ ସ୍ଥାନାନ୍ତରିତ ହେବା ଛଡ଼ା କୌଣସି ସୁବିଧା ନାହିଁ। ଏନେଇ ଶ୍ରମିକ ମାନେ ବାରମ୍ବାର ମୁହଁ ଖୋଲିଲେ ମଧ କୌଣସି ସୁଫଳ ମିଳୁ ନଥିବା ଜଣାପଡିଛି।

# ହୋଟେଲ ଏମ୍ପାୟାରସରେ ଦିୱାଲି ବମ୍ପର୍

ପାରାଦୀପ,୧୫।୧୦(ସମିସ): ପାରାଦୀପର ହୋଟେଲ ଏମ୍ପାୟରସ ତରଫରୁ ପ୍ରତିବର୍ଷ ବର୍ଷ ଭଳି ଚଳିତ ବର୍ଷ ମଧ ଦିୱାଲି ଉପଲକ୍ଷେ ବିଭିନ୍ନ ପ୍ରକାର ସୁସ୍ୱାଦୁ, ମିଷ୍ଟାନ୍ନ ଓ ବିଭିନ୍ନ ପ୍ରକାର ସାମଗ୍ରୀ ମାନ ରିହାତି ଦରରେ ଗ୍ରାହକମାନଙ୍କ ମନକୁ ସୁହାଇଲା ଭଳି ବ୍ୟବସ୍ଥା କରାଯାଇଛି। ଏହାର ଦାମ୍ ସର୍ବନିମ୍ନ ୫୦୦ ଟଙ୍କାରୁ ଆରମ୍ଭ ହୋଇ ହଜାରେ ଦୁଇ ହଜାର ପ୍ୟାକେଟ ଗୁଡିକର ଦାମ ରହିଛି। ବାହାରୁ ଆସୁଥିବା ଗ୍ରାହକ ଓ ଜନ ସାଧାରଣଙ୍କ ମନକୁ ଆପ୍ୟାୟିତ କଲାଭଳି ବ୍ୟବସ୍ଥା ଥିବା ହୋଟେଲ ସିନିୟର୍ ମର୍କେଟିଂ ମ୍ୟାନେଜର ଏମଏମ ଖାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଗୋଖାଦ୍ୟ ସମ୍ବନ୍ଧୀୟ ତାଲିମ ଏବଂ କ୍ଷେତ୍ର ପ୍ରଦର୍ଶନୀ



ଜଗତସିଂହପୁର,୧୫।୧୦(ସମିସ): ଅଖିଳ ଭାରତୀୟ ସମନ୍ୱିତ ଅନୁସନ୍ଧାନ ପ୍ରକଳ୍ପ ଅଧୀନ ସଠିକ୍ ପୋଷଣ ଓ ଶରୀର କ୍ରିୟା ମାଧ୍ୟମରେ ପ୍ରାଣୀମାନଙ୍କ ପ୍ରଜନନ କ୍ଷମତା ବୃଦ୍ଧି ପରିଯୋଜନା ପାଇଁ ଭାରତୀୟ କୃଷି ଓ ଅନୁସନ୍ଧାନ ପରିଷଦ ନୂଆଦିଲ୍ଲୀ, ଓଡ଼ିଶା ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ମହାବିଦ୍ୟାଳୟ ଓୟୁଏଟି ଏବଂ କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁରର ମିଳିତ ଆନୁକୁଲ୍ୟରେ ଏରସମା ବ୍ଲକ ଅଧୀନ ଭେଣ୍ଡାସାହିଠାରେ ତାଲିମ୍ ଏବଂ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ୩୨ଜଣ ଗୋପାଳକ ଭାଗନେଇଥିଲେ। ଭାଗନେଇଥିବା ଗୋପାଳକମାନଙ୍କୁ ଗୋଖାଦ୍ୟ ପରିଚାଳନା ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ପ୍ରାଣୀ ଚିକିତ୍ସା, ପ୍ରାଣୀ ପାଳନ ମହାବିଦ୍ୟାଳୟର ସହକାରୀ ଅଧ୍ୟାପକ ତଥା ପ୍ରକଳ୍ପର ଅନୁସନ୍ଧାନକାରୀ ଡ଼ଃ କାମଦେବ ସେଠୀ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ପ୍ରାଣୀ ବିଜ୍ଞାନୀ ଡ଼ଃ ତପନ କୁମାର ପଲାଇ ଗୋପାଳକ ମାନଙ୍କୁ ଉଚିତ୍ ଜ୍ଞାନ ପ୍ରଦାନ କରିଥିଲେ। ଗୋପାଳକ ମାନେ ସେମାନଙ୍କର ସମସ୍ୟା ମାନ ଆଲୋଚନା କରିଥିଲେ। ପ୍ରକଳ୍ପ ଅଧୀନ କ୍ଷେତ୍ର ପ୍ରଦର୍ଶନୀରେ ଗୋପାଳକମାନଙ୍କୁ ଗୋଖାଦ୍ୟ ଭାବେ ଦାନା ଏବଂ ଦାନାପାତ୍ର ପ୍ରଦାନ କରାଯାଇଥିଲା।

# ବିଜେଡି ରାଜ୍ୟ ସମ୍ପାଦକ ସନ୍ତୋଷ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା



ପାରାଦୀପ,୧୫।୧୦(ସମିସ): ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଂଘ ପକ୍ଷରୁ ବିଜେଡି ରାଜ୍ୟ ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକଙ୍କୁ ତାଙ୍କ ଜିରୋ ପଏଣ୍ଟ ସ୍ଥିତ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ସଂଘର ସମସ୍ତ ଉପଦେଷ୍ଟା ମଣ୍ଡଳୀ, ବରିଷ୍ଠ କର୍ମକର୍ତ୍ତାଙ୍କ ସମେତ ବହୁ ସଂଖ୍ୟାରେ ସଦସ୍ୟ ଉପସ୍ଥିତ ରହି ଶ୍ରୀ ପଟ୍ଟନାୟକଙ୍କ ଦୀର୍ଘ ଜୀବନ କାମନା କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ବର୍ତ୍ତମାନ ବ୍ୟବସାୟରେ ମାନ୍ଦା ଅବସ୍ଥା ହେତୁ ଟ୍ରକ ମାଲିକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଜେଡି ସରକାର ସମୟରେ ଏଭଳି ସ୍ଥିତି କେବେ ବି ହୋଇନଥିଲା। ଯାହା କି ସରକାର ପରିବର୍ତ୍ତନ ପରେ ଲୁହାପଥର ବ୍ୟବସାୟ ମାନ୍ଦା ପଡିଛି। ଆଗକୁ କିଭଳି ସୁରୁଖୁରୁରେ ବ୍ୟବସାୟ ଚାଲିପାରିବ ସେ ନେଇ ଶ୍ରୀ ପଟ୍ଟନାୟକଙ୍କ ସହିତ କିଛି ସମୟ ଆଲୋଚନା କରିଥିଲେ।

# ସୋସିଆଲ ମିଡିଆରେ ଅପପ୍ରଚାରକୁ ଖଣ୍ଡନ କଲେ ରେସ୍ତୁରାଣ୍ଟ ମାଲିକ

ଜଗତସିଂହପୁର,୧୫।୧୦(ସମିସ): ଜଗତସିଂହପୁର ସହରର ପୁରୁଣା କୋର୍ଟ ନିକଟସ୍ଥ ଦଶନମ୍ବର କେନାଲ ପାଶ୍ୱର୍ରେ ଥିବା ଗୋଲଡେନ ସ୍ପୁନ ଓ ରେସ୍ତୁରାଣ୍ଟ ନାମରେ ସାମାଜିକ ଗଣମାଧ୍ୟମରେ ହେଉଥିବା ଅପପ୍ରଚାରକୁ ଖଣ୍ଡନ କରିଛନ୍ତି ହୋଟେଲ ମାଲିକାଣି ରତୁପ୍ରଜ୍ଞା ମହାନ୍ତି। ରେସ୍ତୁରାଣ୍ଟ ପରିସରରେ ସାମ୍ବାଦିକ ସମ୍ମିଳନୀରେ ସେ ଏଭଳି ମିଥ୍ୟା ଅପପ୍ରଚାରକୁ ନିନ୍ଦା କରିବା ସହିତ ଗୁଜବରେ ବିଶ୍ୱାସ ନକରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ତାଙ୍କ ରେଷ୍ଟୁରାଣ୍ଟରେ ଗୋମାଂଶ ବିକ୍ରି ହେଉଥିବା ସମ୍ପର୍କରେ ମିଥ୍ୟା ଏବଂ କପୋଳକଳ୍ପିତ ଖବର ସାମାଜିକ ଗଣମାଧ୍ୟମରୁ ଦେଖିବା ପରେ ତାହା



ତାଙ୍କୁ ବ୍ୟଥିତ କରିଥିଲା। ସେ ଏବଂ ତାଙ୍କର କର୍ମଚାରୀମାନେ ସଦାବେଳେ ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇ ଆସୁଛନ୍ତି। ତେଣୁ ଏଭଳି ଅପପ୍ରଚାର ତାଙ୍କର ପ୍ରତିଷ୍ଠା ଉପରେ ଆଞ୍ଚ ଆଣିଥିବା ବେଳେ ବ୍ୟବସାୟ ଉପରେ କୁପ୍ରଭାବ ପକାଇଥିବା ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ କୁମାର ମହାନ୍ତି, ଗୀତାଳି ମହାନ୍ତି, ନବକିଶୋର ତ୍ରୀପାଠୀ, ମନୋରଞ୍ଜନ ମହାନ୍ତି, ସତ୍ୟବ୍ରତ ଦାସ ଏବଂ ତପସ୍ୱିନୀ ମହାନ୍ତି ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ବିଶ୍ୱ ହାତଧୁଆ ଦିବସ



ପାରାଦୀପ,୧୫।୧୦(ସମିସ): ପାରାଦୀପ ଏନ୍‌ଏସି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପରିବେଶ କର୍ମୀ ବାପି ଗୋଛାୟତଙ୍କ ତତ୍ତ୍ୱାବଧାନରେ ବିଶ୍ୱ ହାତଧୁଆ ଦିବସ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଅକ୍ଟୋବର ୧୫ ତାରିଖରେ ପାଳନ କରାଯାଉଛି ବିଶ୍ୱ ହାତଧୁଆ ଦିବସ। ଏହାକୁ ପାଳନ କରିବାର ଉଦ୍ଦେଶ୍ୟ ହେଉଛି, ଦୈନନ୍ଦିନ କାର୍ଯ୍ୟ କରିବା ପୂର୍ବରୁ ଏବଂ ପରେ ହାତ ଧୋଇବା ବିଷୟରେ ସମସ୍ତଙ୍କୁ ଅବଗତ ବା ସଚେତନ କରାଇବା। ଶେଷରେ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଦିପ୍ତିମୟୀ ସେଠୀ ଛାତ୍ରୀମାନଙ୍କୁ ହାତ ଧୋଇବାର ମହତ ବିଷୟରେ କହି କାର୍ଯ୍ୟକ୍ରମ ଶେଷ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଦିପ୍ତିମୟୀ ସେଠୀ, ରୋହିତ ମହାପାତ୍ର, ଅରୂପ ବିଶ୍ୱାଳ, ଅନ୍ୟାନ୍ୟ ଶିକ୍ଷକ ତଥା ଶିକ୍ଷୟତ୍ରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।






# ଶ୍ରୀମଦ ଭାଗବତ ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଘାଟିତ


ପାରାଦୀପ,୧୫।୧୦(ସମିସ): ଉନ୍ନବିଂଶତମ ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବାବା ବୈକୁଣ୍ଠନାଥ ଭାଗବତ ପ୍ରଚାର ସମିତି, ପାରାଦୀପ ଆନୁକୂଲ୍ୟରେ ସ୍ଥାନୀୟ ଭାଗବତ ମଇଦାନ ଜିଜେଏଆଇ କଲୋନୀ ମଧୁବନ ଠାରେ ଆୟୋଜିତ ଏହି ପ୍ରବଚନ କାର୍ଯ୍ୟକ୍ରମରେ ଉଦ୍‌ଘାଟନୀ ସନ୍ଧ୍ୟାରେ ପ୍ରବକ୍ତା ଭାବେ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଭାଗବତ ମଇଦାନରେ ସପ୍ତାହବ୍ୟାପୀ ପ୍ରବଚନ ଓ ଜ୍ଞାନଯଜ୍ଞ ଚାଲିବ। ଏହି ଭାଗବତ ସପ୍ତାହ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ପୁରୀ ରାଧାବଲ୍ଲଭ ମଠର ସନ୍ଥ ଶ୍ରୀରାମକୃଷ୍ଣ ଦାସ ମହାରାଜ। ଆଜି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପାରାଦୀପ ସମେତ ଓଡିଶାର ଭାଗବତ ଅନୁଷ୍ଠାନର କର୍ମକର୍ତ୍ତା ଓ ଭଗବତ ରସପିପାସୁ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।



# କୃଷି ବିପଣନ ଓ ପ୍ରାଥମିକ ସମବାୟ ସମିତି କମ୍ପ୍ୟୁଟରୀକରଣ କର୍ମଶାଳା



ଜଗତସିଂହପୁର,୧୫।୧୦(ସମିସ): ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ବିଭାଗ ପକ୍ଷରୁ କୃଷି ବିପଣନ ଓ ପ୍ରାଥମିକ ସମବାୟ ସମିତି କମ୍ପ୍ୟୁଟରୀକରଣ ସଚେତନତା କର୍ମଶାଳା ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ସମବାୟ ସମିତି ସମୂହ ଉପନିବନ୍ଧକ ପ୍ରଭାତ ଶତପଥି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମବାୟ ସମିତି ସ୍ତରରେ କୃଷି ବିପଣନ ସମ୍ପର୍କରେ ସମିତି ସମ୍ପାଦକଙ୍କୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାବାର୍ଡର ଡିଡିଏମ ବିଦ୍ୟୁତଲତା ବେହେରା କୃଷି ବିପଣନ ଉପରେ ଗୁରୁତ୍ୱ ଦେଇଥିବା ବେଳେ ସହକାରୀ ନିବନ୍ଧକ ରଶ୍ମିପ୍ରଭା ଦାସ ସମିତି ମାଧ୍ୟମରେ ଚାଷୀ କିପରି ଉପକୃତ ହେଇପାରିବ ଏହା ଉପରେ ମତବ୍ୟକ୍ତ କରିଥିଲେ। ଏଡିଭିଓ ଯଦୁନାଥ ପରିଡା କୁକୁଡା ଚାଷ, କୁକୁଡା ଅଣ୍ଡା ବ୍ୟବସାୟ କିପରି ବଢାଯାଇପାରିବ ଏହା ଉପରେ ଆଲୋଚନା କରିଥିଲେ। ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ଅନୀଲ ସେଠୀ, କୃଷି ଅଧିକାରୀଙ୍କ ପ୍ରତିନିଧି ସ୍ମୃତିରେଖା ବେହେରା ଓ ଜଗତସିଂହପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କର୍ମଶାଳାରେ ଟଏସ କମ୍ପାନୀର ଜିଲ୍ଲା ସଂଯୋଜକ ଦେବୀପ୍ରସନ୍ନ ସାହୁ ପ୍ରାଥମିକ ସମବାୟ ସମିତିରେ କମ୍ପ୍ୟୁଟରୀକରଣ ଉପରେ ଆଲୋଚନା କରିଥିଲେ। ପିଙ୍କି ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ।

# ଜାପାନରେ ଅଲିମ୍ପିକ ଖେଳିବା ପାଇଁ ଭିନ୍ନକ୍ଷମ ସମ୍ବିତ ଚୟନ



**ଆର୍ଥିକ ସହାୟତା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ**

**ବାଲେଶ୍ୱର,୧୫ ।୧୦(ସମିସ):** ଭିନ୍ନକ୍ଷମ ହୋଇ ମଧ୍ୟ ସେ ଜାତୀୟ ସ୍ତରରେ ଖେଳି ଅଞ୍ଚଳ ପାଇଁ ଗୌରବ ଆଣି ପାରିଛନ୍ତି। ସେ ହେଉଛନ୍ତି ବାଲେଶ୍ୱର ଅଞ୍ଚଳର ସମ୍ବିତ ଦାସ। ଜୁଡୋରେ ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଏବେ ଜାପାନ ଠାରେ ଅନୁଷ୍ଠିତ ହେବାକୁ ଥିବା ଅଲିମ୍ପିକ ପାଇଁ ସେ ଚୟନ ହୋଇଛନ୍ତି। ହେଲେ ଏହା ପୂର୍ବରୁ ତାଙ୍କୁ ପଞ୍ଜାବର ପଟିଆଲାଠାରେ ରହି ଅଭ୍ୟାସ କରିବାକୁ ପଡିବ। ଏଥିପାଇଁ ଅର୍ଥର ଆବଶ୍ୟକତା ରହିଛି। ପରିବାର ଲୋକେ ଆଜି ଜିଲ୍ଲାପାଳଙ୍କ ଠାରେ ତାଙ୍କୁ ସରକାରୀ ସ୍ତରରେ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ନିବେଦନ କରିଛନ୍ତି। ଆସନ୍ତା ନଭେମ୍ବର ୧୫ରୁ୨୬ତାରିଖ ପର୍ଯ୍ୟନ୍ତ ଜାପାନ ଠାରେ ଅଲମ୍ପିକ ଖେଳ ହେବ। ଏଥିରେ ସମ୍ବିତ ଜୁଡୋ ପାଇଁ ମନୋନୀତ ହୋଇଛନ୍ତି। ଏହି ଜୁଡୋ ଖେଳ ପାଇଁ ଚଳିତ ମାସ ୨୪ତାରିଖରୁ ପଞ୍ଜାବର ପଟିଆଲା ଠାରେ ଏକ ଟ୍ରେନିଂ କ୍ୟାମ୍ପ ଅନୁଷ୍ଠିତ ହେବ। ସେ ସେଠାକୁ ଯାଇ ଟ୍ରେନିଂ ନେବା ପରେ ଜାପାନ ଯାତ୍ରା କରିବେ। ହେଲେ ସେଠାକୁ ଯିବା ରହିବା ଏବଂ ଖାଇବା ପିଇବା ପାଇଁ ଆବଶ୍ୟକ ଅର୍ଥର ଆବଶ୍ୟକତା ରହିଛି। ଏଣୁ ତାଙ୍କୁ ସରକାରୀ ସ୍ତରରେ ଏହି ସହଯୋଗ କରିବାକୁ ସେ ଜିଲ୍ଲାପାଳଙ୍କ ଠାରେ ନିବେଦନ କରିଛନ୍ତି।

## ବିଶ୍ୱ ଛାତ୍ର ଦିବସ




**ବାଲିଆପାଳ, ୧୫।୧୦ (ସମିସ):** ଏହି ବ୍ଲକ ନୂଆଗାଁ ସ୍ଥିତ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବୁଧବାର ଡ. ଅବଦୁଲ କଲାମଙ୍କ ଜନ୍ମଦିନ ଅବସରରେ ବିଶ୍ୱ ଛାତ୍ର ଦିବସ ପାଳନ କରାଯାଇଛି। ବିଦ୍ୟାଳୟର ସମ୍ପାଦକ ରଞ୍ଜନ କୁମାର ବେହେରା ବିଶ୍ୱ ଛାତ୍ର ଦିବସ ବିଷୟରେ ପ୍ରାରମ୍ଭିକ ସୂଚନା ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପଞ୍ଚୁପାଲି କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜକିଶୋର ବାରିକ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ ଯୋଗଦେଇ କଲାମଙ୍କ ପରି ସ୍ୱପ୍ନ ଦେଖି ତାହା ଦିନେ ବାସ୍ତବରେ ପରିଣତ ହେବ, ପ୍ରତ୍ୟେକ ପିଲା ନିଜ ଜନ୍ମଦିନରେ ବୃକ୍ଷ ରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ପରିଚାଳନା କମିଟିର ସଦସ୍ୟ ପ୍ରଭାକର ସେଠୀ, ଗୁରୁଜୀ ସାଇ ବିକାଶ ବେହେରା, ବସନ୍ତ ପ୍ରଧାନ, ନିଆଶୀ ରଣଜିତ, ଧରଣୀଧର ନାୟକ ପ୍ରମୁଖ ଯୋଗଦେଇ ଥିଲେ। ଗୁରୁମା ଅଞ୍ଜୁବାଳା ମିଶ୍ର, ଛବିରାଣ ପରିଡ଼ା, ରଶ୍ମିତା ପାଢୀ ଓ ଅନ୍ୟ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ। ଗୁରୁଜୀ ଉମାଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଗଣ ସମ୍ମେଳନରେ ସାମିଲ ହେବ ସିପିଏମ୍

**ବାଲେଶ୍ୱର, ୧୫ ।୧୦ (ସମିସ):** ଜିଲ୍ଲାରେ ସାମ୍ପ୍ରଦାୟିକ ଶକ୍ତିର ତାଣ୍ଡବ ସହିତ ଆଇନ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ହୋଇଛି ପଡିଛି। ଏହାଛଡା ଲଗାଣ ବର୍ଷାରେ ଚାଷୀଙ୍କର ପ୍ରଭୂତ କ୍ଷତି ହେବା, ଚିକିତ୍ସା କେନ୍ଦ୍ର ଗୁଡିକରେ ଡାକ୍ତର ଓ ଆନୁସଙ୍ଗିକ ବ୍ୟବସ୍ଥା ନ ରହିବା, ଟ୍ରମ୍ପଙ୍କ ତାରିଫ ବୃଦ୍ଧି ଯୋଗୁଁ ଚିଙ୍ଗୁଡିଚାଷୀ ଓ ଚିଙ୍ଗୁଡି ଶିଳ୍ପ କ୍ଷତିଗ୍ରସ୍ତ ହେବା, ରାଜ୍ୟସରକାରଙ୍କ ଆଠ ଘଣ୍ଟା ବଦଳରେ ଦଶ ଘଣ୍ଟା କାମକରିବା, ଜିଲ୍ଲାରେ ବନ୍ଦ ପଡ଼ିଥିବା ଛୋଟ ବଡ଼ ଶିଳ୍ପ ତୁରନ୍ତ କାର୍ଯ୍ୟକ୍ଷମ କରିବା ଆଦି ଦାବି ଗୁଡିକୁ ନେଇ ଚଳିତ ମାସ ୨୬ତାରିଖରେ ଜିଲ୍ଲାସ୍ତରୀୟ ମିଳିତ ଟ୍ରେଡ଼ ୟୁନିଅନ, ଏସକେଏମ ଏବଂ କ୍ଷେତମଜଦୁରମାନଙ୍କ ସର୍ବଭାରତୀୟ ସଙ୍ଗଠନମାନେ ଦେଇଥିବା ଜିଲ୍ଲା ସ୍ତରୀୟ ସମାବେଶକୁ ସିପିଆଇଏମ ପକ୍ଷରୁ ଏହାକୁ ସମର୍ଥନ କରାଯିବ ବୋଲି କୁହାଯାଇଛି। ଏହା ସହିତ ନଭେମ୍ବର ମାସ ୭ତାରଖରୁ୧୫ତାରିଖ ମଧ୍ୟରେ ପ୍ରତ୍ୟେକ ଆଞ୍ଚଳିକ ସ୍ତରରେ ବିକ୍ଷୋଭ ଓ ଆନ୍ଦୋଳନମାନ ସଂଗଠିତ କାରାଯିବ ବୋଲି ଆହ୍ୱାନ ଦିଆଯାଇଛି। ସୀତାଂଶୁ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପାର୍ଟିର ପଲଟିବ୍ୟୁରୋ ସଦସ୍ୟ ଶ୍ରୀଦୀ ଭଟ୍ଟାଚାର୍ଯ୍ୟ ଯୋଗଦେଇ ଥିଲେ। ବୈଠକରେ ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ପୂର୍ବତନ ନୀଳଗିରି ବିଧାୟକ ପ୍ରଦୀପ୍ତ ପଣ୍ଡା, ରାଜ୍ୟ କମିଟି ସଭ୍ୟା ତାପସୀ ପ୍ରହରାଜ, ବିଜୟ ପାତ୍ର, ପ୍ରେମ ରଞ୍ଜନ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ଦିଲ୍ଲୀ ଗିରି, ଅକ୍ଷୟ ମିଶ୍ର, ସ୍ନେହଲତା ମିଶ୍ର, ହରପ୍ରିୟା ଜେନା ପ୍ରମୁଖ ଯେଗାଦେଇ ନିଜର ମତ ରଖିଥିଲେ।

**ଏପିଜେ ଅବଦୁଲ କଲାମଙ୍କ ୯୪ତମ ଜନ୍ମଦିବସ**

# 'ସ୍ୱପ୍ନକୁ ମିଶନରେ ପରିଣତ କରିଥିଲେ କଲାମ'

ବାଲେଶ୍ୱର,୧୫।୧୦(ସମିସ)






ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆଜି ଭାରତର ମିସାଇଲ ମ୍ୟାନ ଓ ଜନତାଙ୍କ ରାଷ୍ଟ୍ରପତି ଭାବେ ପରିଚିତ ଡ଼କ୍ଟର ଏପିଜେ ଅବଦୁଲ କଲାମଙ୍କ ୯୪ତମ ଜନ୍ମଜୟନ୍ତୀ 'ବିଶ୍ୱ ଛାତ୍ର ଦିବସ' ଭାବେ ଶ୍ରଦ୍ଧା, ସ୍ମୃତି ଓ ପ୍ରେରଣା ସହ ପାଳନ କରାଯାଇଛି। ଭୌତିକ ବିଜ୍ଞାନ ବିଭାଗାଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲଙ୍କ ଉଦ୍ବୋଧନ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ଡ଼. କଲାମଙ୍କ ଜୀବନ ଓ ସଫଳତା ଉପରେ ଏକ ସଂକ୍ଷିପ୍ତ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରି ଡ଼. କଲାମଙ୍କ ବିଜ୍ଞାନ, ପ୍ରଯୁକ୍ତି ଓ ମାନବତା ପ୍ରତି ଅବଦାନକୁ ସ୍ମରଣ କରି ଡ଼କ୍ଟର କଲାମ ସ୍ୱପ୍ନକୁ ମିଶନରେ ପରିଣତ କରିଥିଲେ। ବିଶେଷ ଅତିଥି ଭାବେ ଚାନ୍ଦିପୁର ସ୍ଥିତ ଡିଆରଡିଓର ଆଇଟିଆର ର ବୈଜ୍ଞାନିକ-ଜି ଓ ଅତିରିକ୍ତ ନିର୍ଦ୍ଦେଶକ ଗୌତମ ସାଧୁଖାନ ଯୋଗଦେଇ ଡ଼କ୍ଟର କଲାମଙ୍କ ସହ କାମ କରିବାର ଅନୁଭବ ବଖାଣି କଲେ। ମୁଖ୍ୟ ବକ୍ତା ଡ଼କ୍ଟର କେ.କେ. ଚାନ୍ଦ, (ପ୍ରଫେସର ଅଫ ପ୍ରାକ୍ଟିସ, ଫକୀରମୋହନ ବିଶ୍ୱବିଦ୍ୟାଳୟ), ତାଙ୍କ ଉଦବୋଧନରେ ବିକଶିତ ଭାରତ ୨୦୨୦ ଉପରେ ଡ଼କ୍ଟର କଲାମଙ୍କ ଦୃଷ୍ଟିକୋଣ ଓ ଉଚ୍ଚଶିକ୍ଷାରେ ବୈଜ୍ଞାନିକ ଚେତନା ସହ ନୀତିଗତ ମୂଲ୍ୟବୋଧ ଗଠନର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏହି ସମାରୋହରେ ବିଶ୍ୱବିଦ୍ୟାଳୟର ରାଷ୍ଟ୍ରୀୟ ଓ ଆନ୍ତର୍ଜାତୀୟ ସମ୍ମାନପ୍ରାପ୍ତ ୬ ଜଣ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଏଥସହିତ ଏନଏସଏସ ବ୍ୟୁରୋର ଛାତ୍ର ଦେବେନ୍ଦ୍ର ଆଚାର୍ଯ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ସମାରୋହ ଶେଷରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସର "କଲାମ ଛକ'ଠାରେ ସ୍ଥାପିତ ଡ଼କ୍ଟର କଲାମଙ୍କ ମୂର୍ତ୍ତିରେ ପୁଷ୍ପାଞ୍ଜଳି ଓ ମାଲ୍ୟାର୍ପଣ କରି ତାଙ୍କ ଆଦର୍ଶ ଓ ଦେଶନିର୍ମାଣର ବାର୍ତ୍ତାକୁ ମନେପକାଇ ଥିଲେ । ଭୂତତ୍ତ୍ୱ ବିଭାଗର ସହାୟକ ଅଧ୍ୟାପକ ଡ. ଅସୀମ ଅମିତାଭ ପ୍ରଧାନ ଧନ୍ୟବାଦ ଦେଇଥିଲେ।

**ଓୟୁଜେ :** ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଷ୍ଟେସନ ଛକ ଠାରେ ଥିବା କଲାମଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ କଲାମଙ୍କ ଦେଶପ୍ରେମକୁ କେବେ ଭୁଲିହେବ ନାହିଁ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ କଲାମଙ୍କ ଦେଶପ୍ରେମ ଓ ପ୍ରେରଣାରେ ଯୁବ ସମାଜ ସର୍ବଦା ଅନୁପ୍ରାଣିତ ହେଉଥିବ ବୋଲି କହିଥିଲେ। ୟୁନିଅନର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ଅଧ୍ୟକ୍ଷତାରେ ୟୁନିଅନର ସଂପାଦକ ବିବେକାନନ୍ଦ ଦାସ, ଅଜିତ କୁମାର ମହାନ୍ତି, ଲକ୍ଷ୍ମୀଧର ଗାଣ, ମହେଶ୍ୱର ପ୍ରଧାନ, ସୋମନାଥ ସାହୁ, କହ୍ନେଇ ପ୍ରଧାନ, ଲକ୍ଷ୍ମୀଧର ବାରିକ, ହିମାଂଶୁ ଦାସ ପ୍ରମୁଖ ଯୋଗଦେଇଥିଲେ। ଟାଉନ ସଭାପତି ହାଇଦର ଖାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

**ସୁଲଗ୍ନା କଲେଜ:** ମଠସାହି ସରିତାନଗରସ୍ଥିତ ସୁଲଗ୍ନା କଲେଜ ପରିସରରେ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ମିସାଇଲ ମ୍ୟାନ ଭାବେ ସୁପରିଚିତ ବିଶିଷ୍ଟ ବୈଜ୍ଞାନିକ ଡ. ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ପାଳିତ ହୋଇଛି। ସୁଲଗ୍ନା ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଡ. ଘନଶ୍ୟାମ ବିଶ୍ୱାଳ କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଉଦଘାଟନ କରିବା ସହ ଜାତି ଓ ଦେଶକୁ ବିଶ୍ୱସ୍ତରରେ ସଶକ୍ତ ଓ ସ୍ୱୟଂ ସମ୍ପୂର୍ଣ୍ଣ କରିବାରେ କଲାମଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଲଗ୍ନା ଯୁକ୍ତ ତିନି ବିଜ୍ଞାନ କଲେଜର ଅଧ୍ୟକ୍ଷ ଡ. ଧରଣୀଧର ଘୋଷ, ସୁଲଗ୍ନା ଯୁକ୍ତ ଦୁଇ ବିଜ୍ଞାନ କଲେଜର ଅଧ୍ୟକ୍ଷ ପ୍ରଫେସର ଚକ୍ରଧର ସାହୁ, ସୁଲଗ୍ନା ପବ୍ଲିକ ସ୍କୁଲର ପ୍ରିନସିପାଲ ମଧୁସ୍ମିତା ଦାସ, ବରିଷ୍ଠ ଶିକ୍ଷାବିତ ଡ. ଶଙ୍କର୍ଷଣ ପଣ୍ଡା, ପ୍ରଫେସର ଗଜେନ୍ଦ୍ର ମହାନ୍ତି, ପ୍ରଫେସର ସରୋଜ ବେହେରା, ବରିଷ୍ଠ ଅଧିକାରୀ ସଂଜୀବ ମିର୍ଦ୍ଧା, ରମେଶ ଚନ୍ଦ୍ର ବିଶ୍ୱାଳ ଶୁଭେନ୍ଦୁ ଦିଣ୍ଡା, ଜଗଦୀଶ କୁମାର ସିଂହ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ଡ଼ କାଲାମଙ୍କ ଉପରେ ଆଧାରିତ କବିତା ଆବୃତ୍ତି, ସଂଗୀତ ଓ ଚିତ୍ରାଙ୍କନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।

## ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ




**ବାଲେଶ୍ୱର,୧୫ ।୧୦(ସମିସ):** ଭାରତ ମୁକ୍ତି ମୋର୍ଚ୍ଚା, ବହୁଜନ କ୍ରାନ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ଏବଂ ରାଷ୍ଟ୍ରୀୟ ପରିବର୍ତ୍ତନ ମୋର୍ଚ୍ଚାର ତତ୍ୱାବଧାନରେ ଭାରତୀୟ ସମ୍ବିଧାନ, ଗଣତନ୍ତ୍ରର ସୁରକ୍ଷା ଏବଂ ମୂଳ ନିବାସୀ ବହୁଜନ ସାମଜ ଉପରେ ଦେଶବ୍ୟାପୀ ହେଉଥିବା ଅନ୍ୟାୟଅତ୍ୟାଚାର ବିରୋଧରେ ସାମାଜିକ ନ୍ୟାୟ ପାଇଁ ଆନ୍ଦୋଳନ ଜାରି ରହିଛି। ଆଜି ମଧ୍ୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରର୍ଦାନ କରାଯାଇଛି। ଏହି ଅବସରରେ କୁହାଯାଇଛି ଯେ, ଦେଶବ୍ୟାପୀ ୬୨୫ଟି ଜିଲ୍ଲାରେ ଏହି ବିକ୍ଷୋଭ ଅନୁଷ୍ଠିତ ହେଉଥିବା ବେଳେ ଆଜି ଶେଷ ପର୍ଯ୍ୟାୟରେ ବାଲେଶ୍ୱର ଜିଲ୍ଲାରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଦେଶବ୍ୟାପୀ ଜନଆକ୍ରୋଶ ରାଲି ପୁଲିସ ଲାଇନ ଛକ ଠାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସେଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଶେଷ କରି ଦାବି ଗୁଡିକ ମଧ୍ୟରେ ରାଷ୍ଟ୍ରବ୍ୟାପି ବର୍ତ୍ତମାନ ମୁଖ୍ୟ ସମସ୍ୟା ହେଉଛି ଇଭିଏମ। ଏଣୁ ଇଭିଏମ ପରିବର୍ତ୍ତେ ସମସ୍ତ ନିର୍ବାଚନ ବ୍ୟାଲେଟ ପେପରରେ କରାଯାଉ ବୋଲି ଦାବି କରାଯାଇଛି। ଏହାଛଡା ପଛୁଆ ବର୍ଗ ଓ ସମସ୍ତ ଜାତି ସମୂହର ଜାତିଭିତିକ ଗଣନା କରିବା, ଆଦିବାସୀଙ୍କ ବିରୋଧରେ ବଢୁଥିବା ଅତ୍ୟାଚାରକୁ ରୋକିବା, ବେରୋଜଗାର ଯୁବକଙ୍କୁ ନିଯୁକ୍ତି ନ ଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁଣିଥରେ କାର୍ଯ୍ୟରେ ନିଯୁକ୍ତି ଦେବା ବନ୍ଦ କରିବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସଂଯୋଜକ ସାଧୁଚରଣ ମଲ୍ଲିକ, ଭାରତୀୟ ବିଦ୍ୟାର୍ଥି ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଇଂ ସୌମ୍ୟରଞ୍ଜନ ଆଢ଼୍ୟ, ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚାର ରାଜ୍ୟ ସଭାପତି ଡି ବି ହୃଦୟ, ଭାରତୀୟ ବିଦ୍ୟାର୍ଥି ମୋର୍ଚ୍ଚାର ରାଜ୍ୟ ସଭାପତି ବାଇଧର ସିଂ, ନିରଞ୍ଜନ କୁଜୁର, ଆଇନଜୀବୀ ମନୋଜ ନାୟକ, ପ୍ରଫୁଲ୍ଲ ଜେନା,ଗୌତମ ସିଂ, ଗଣେଶ ରାମ, ତପନ ନାୟକ, ଗୋପୀନାଥ ସିଂ, ଜିତୁ ସିଂ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ୧୬୨ ମିଟର ରାସ୍ତାର ମରାମତି ପାଇଁ ୨୭ ଲକ୍ଷ ମଞ୍ଜୁର



**ଚନ୍ଦନେଶ୍ୱର, ୧୫।୧୦(ସମିସ) :** ଭୋଗରାଇର ୫୭ନମ୍ବର ରାଜ୍ୟ ରାଜପଥକୁ ସଂଲଗ୍ନ ଜଗନ୍ନାଥପୁର ଛକଠାରୁ ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ଭୂଷଣ୍ଡେଶ୍ୱରକୁ ଯାଇଥିବା ମୁଖ୍ୟ ରାସ୍ତାର ଫୁଲବଣୀ ପୋଷ୍ଟ ଅଫିସଠାରୁ ବିବେକାନନ୍ଦ ପାଠାଗାର ମଧ୍ୟରେ ଥିବା ପ୍ରାୟ ୧୬୨ ମିଟର ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ଯାତ୍ରୀବାହୀ ବସ୍ ସମେତ ବିଭିନ୍ନ ଛୋଟ ବଡ ଯାନବାହାନ ଚଳାଚଳ ତଥା ବାରମ୍ବାର ଛୋଟମୋଟ ଦୁର୍ଘଟଣା ଘଟୁଥିଲା। ଏଥିପାଇଁ ସ୍ଥାନୀୟ ଅଧିବାସୀ ବିଧାୟକ ଓ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଥିଲେ। ସେଥିପାଇଁ ବିଧାୟକ ଗୌତମବୁଦ୍ଧ ଦାସ ଏହି ରାସ୍ତା ପାଇଁ ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ କଲା ପରେ ୨୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଗତକାଲି ମଙ୍ଗଳବାର ପୂର୍ତ୍ତ ବିଭାଗର ଯନ୍ତ୍ରୀ ଓ ଠିକାଦାରଙ୍କୁ ଘଟଣାସ୍ଥଳକୁ ଡକାଇ ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ବ୍ଲକ୍ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ସନ୍ତୋଷ ସାସମଲ ଓ ଜିଲ୍ଲା ପରିଷଦ ସଭ୍ୟା ପ୍ରତିମା ଚାନ୍ଦଙ୍କ ଉପସ୍ଥିତିରେ ବିଧାୟକ ଶ୍ରୀ ଦାସ ଏହି ରାସ୍ତାର ପରିଦର୍ଶନ କରିଥିଲେ ଏବଂ ଏଇ ମାସ ଶେଷ ସୁଦ୍ଧା ରାସ୍ତା କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେଥିପାଇଁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି।

## ୨ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଦୁଇ ଅଟକ

**ନୀଳଗିରି, ୧୫।୧୦ (ସମିସ):** ନୀଳଗିରି ଦୈନିକ ମାର୍କେଟରେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ଉକ୍ତ ମାର୍କେଟରେ ମନୱାର ହୁସେନ୍ ଶାହା ମାଂସ ଦୋକାନ କରି ବ୍ୟବସାୟ କରିଆସୁଛନ୍ତି। ବୁଧବାର ଅପରାହ୍ନରେ ନିକଟସ୍ଥ ଦୋକାନରେ ଖାଉଥିବା ବେଳେ ହଠାତ୍ ତିନି ଜଣ ଯୁବକ ପହଞ୍ଚି କୌଣସି କାରଣକୁ ନେଇ ଦୁଇ ପକ୍ଷ ମଧ୍ୟରେ ଅଶାଳୀନ ଭାଷାରେ ଗାଳି ଗୁଲଜ ପରେ ପିଟାପିଟି ହୋଇଥିଲା। ପରେ ଫିରୋଜ ଶାହା ଓ ମନ୍ ୱାର ହୁସେନ୍ ଶାହା ଏକ ଧାରୁଆ ଅସ୍ତ୍ରରେ ରେମୁଣା ମଙ୍ଗଳପୁର ଗ୍ରାମର ହିତେସ ବେହେରା (୨୮)ଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଦେଇଥିଲା ବେଳେ ତାର ସାଙ୍ଗ ମନୋଜ ଟୁଙ୍ଗଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ପରେ ହିତେଶ ଓ ମନୋଜ ଟୁଙ୍ଗଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲକୁ ନେଇ ଚିକିତ୍ସା ଚାଲିଛି। ଏହି ଘଟଣାକୁ ନେଇ ନୀଳଗିରି ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ପୁଲିସ ଫୋର୍ସ ନେଇ ପହଞ୍ଚି ମନୱାର ହୁସେନ୍ ଶାହା ଓ ଫିରୋଜ ଶାହାଙ୍କୁ ଆଣି ନୀଳଗିରି ଧାନାରେ ଅଟକ ରଖିଥିବା ଜଣା ପଡିଛି। ଏ ନେଇ ଉଭୟଙ୍କ ପକ୍ଷରୁ ପୃଥକ ମାମଲା ହୋଇଛି।

**● ଲକ୍ଷ୍ମୀକାନ୍ତ ହେଲଥ୍ କେୟାରରେ ତ୍ରୁଟି ପୂର୍ଣ୍ଣ ଚିକିତ୍ସା ଅଭିଯୋଗ**

## ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ଗଣଧାରଣା



**ବାଲେଶ୍ୱର,୧୫।୧୦(ସମିସ):** ବାଲେଶ୍ୱର ସହର ଆଇଟିଆଇ ଛକ ସ୍ଥିତ ଲକ୍ଷ୍ମୀକାନ୍ତ ହେଲଥ୍ କେୟାରରେ ତ୍ରୁଟି ପୂର୍ଣ୍ଣ ଚିକିତ୍ସା ଅଭିଯୋଗରେ ଆଜି କୁରୁଡ଼ା ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ହେଲଥ୍ କେୟାର ସମ୍ମୁଖରେ ଗଣଧାରଣା ଦିଆଯାଇଛି। ରୋଗୀର ଚିକିତ୍ସା ବାବଦରେ ହେଲଥ୍ କେୟାର କର୍ତ୍ତୃପକ୍ଷ ସମସ୍ତ ବ୍ୟବସ୍ଥା କରିବା ପାଇଁ ଦାବି ହୋଇଛି। ଗତ ସେପ୍ଟେମ୍ବର ୭ରେ ଖନ୍ତାପଡ଼ା ଥାନା ସାହାର୍ଦ୍ଦା ଅଞ୍ଚଳର ରତ୍ନମଣି ଦାସ ଏହି ହେଲଥ୍ କେୟାରରେ ଜରାୟୁ ଅପରେସନ୍ ହୋଇଥିଲେ। ଡା. ନିହାର ରଞ୍ଜନ ବେହେରାଙ୍କ ପରାମର୍ଶ କ୍ରମେ ତାଙ୍କୁ ଏଠାରେ ଭର୍ତ୍ତି କରାଯାଇଥିଲା। ଅପରେସନ୍ ପରେ ରୋଗୀ ସୁସ୍ଥ ଥିଲେ। ଏହା ପରଦିନ ତାଙ୍କୁ ଏକ ଇଞ୍ଜେକସନ୍ ଓ ଔଷଧ ଦିଆଯିବା ପରେ ସେ ତତକ୍ଷଣାତ୍ ଚେତାଶୂନ୍ୟ ହୋଇପଡ଼ିଥିଲେ। ଏ ସମ୍ପର୍କରେ ତାଙ୍କ ପୁଅଙ୍କୁ ଫୋନ୍ ଯୋଗେ ହେଲଥ୍ କେୟାର ପକ୍ଷରୁ ଜଣାଯାଇଥିଲା। ପରିବାର ଲୋକେ ସେଠାରେ ପହଞ୍ଚି ଡା. ବେହେରାଙ୍କ ଉପସ୍ଥିତିରେ ଆମ୍ବୁଲାନ୍ସ ଯୋଗେ ରତ୍ନମଣିଙ୍କୁ ଭୁବନେଶ୍ୱର କିମସ୍‌କୁ ସ୍ଥାନାନ୍ତର କରିଥିଲେ। ହେଲଥ୍ କେୟାରର ଜଣେ ତାଲିମପ୍ରାପ୍ତ କର୍ମଚାରୀ ମଧ୍ୟ ଆମ୍ବୁଲାନ୍ସରେ ଯାଇ ରୋଗୀଙ୍କୁ କିମସ୍‌ରେ ଆଡମିଟ୍ କରି ଫେରିଥିଲେ। ସେବେଠାରୁ ଗତ ୧୩ ତାରିଖ ପର୍ଯ୍ୟନ୍ତ ତାଙ୍କର ଚିକିତ୍ସା ସମ୍ପର୍କରେ ହେଲଥ୍ କେୟାର ପକ୍ଷରୁ କିଛି ବୁଝୁ ନ ଥିଲେ। ଏବେ ରୋଗୀଙ୍କ ଅବସ୍ଥା ଗୁରୁତର ରହିଛି। ତ୍ରୁଟି ପୂର୍ଣ୍ଣ ଇଞ୍ଜେକସନ୍ ଓ ଔଷଧ ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିବା ରୋଗୀଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ହେଲଥ୍ କେୟାର କର୍ତ୍ତୃପକ୍ଷ ରୋଗୀର ଚିକିତ୍ସା ବାବଦରେ ସମସ୍ତ ଖର୍ଚ୍ଚ ପ୍ରଦାନ ସହ ଅପରେସନ୍ ଠାରୁ ଏଯାବତ୍ ଚିକିତ୍ସା ପାଇଁ ଖର୍ଚ୍ଚ ବାବଦକୁ ୧ଲକ୍ଷ ଟଙ୍କା ଦେବାର ଲିଖିତ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସହଦେବଖୁଣ୍ଟା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ସୁରକ୍ଷା ମଞ୍ଚ କର୍ମକର୍ତ୍ତା କମଳ ଲୋଚନ ରାଉତ, ରଞ୍ଜନ କୁମାର ଦାସ, ଅଶ୍ୱିନୀ କୁମାର ଦାସ, ତପନ ସେଠୀଙ୍କ ସମେତ ମେଡିକାଲ କର୍ତ୍ତୃପକ୍ଷ ଓ ରୋଗୀଙ୍କ ସମ୍ପର୍କୀୟ ଉପସ୍ଥିତ ଥିଲେ।

**ଚୋରା ବାଲି ଉତ୍ତୋଳନକୁ ନେଇ ପଞ୍ଚାୟତସ୍ତରୀୟ ବୈଠକ**

# ବାଲି ଉତ୍ତୋଳନ ବନ୍ଦ ନହେଲେ ଆନ୍ଦୋଳନ ଚେତାବନୀ

ବାଲିଆପାଳ, ୧୫।୧୦ (ସମିସ)



ବାଲିଆପାଳ ତହସିଲ ଅଧିନରେ ଥିବା ଚଡବଢାପାଳ, ବଡଖାନପୁର, ଛୋଟଖାନପୁର ଓ ଜଳେଶ୍ୱର ତହସିଲ ଅଧିନରେ ଥିବା କଂଟାପାଳ, ଆକାନା, ଗୋହାଳପାଳଠାରେ ଦିନକୁଦିନ ବେଆଇନ ବାଲି ଉତ୍ତୋଳନ ଓ ଚୋରା ଚାଲାଣ ବଢ଼ିବାରେ ଚାଲିଛି। ପ୍ରତ୍ୟେକ ଦିନ ବାଲି ମାଫିଆ ମାନେ ତିରିଶିରୁ ଅଧିକ ଯନ୍ତ୍ର ଚାଳିତ ନୌକାରେ ସୁବର୍ଣ୍ଣରେଖା ନଦୀ ଗର୍ଭରୁ ବାଲି ଉତ୍ତୋଳନ କରି ୧୦୦ରୁ ଅଧିକ ଟ୍ରାକ୍ଟରରେ ନଦୀ ବନ୍ଧ ଉପର ଦେଇ ପଶ୍ଚିମ ବଙ୍ଗକୁ ଚୋରା ବାଲି ଚାଲାଣ କରୁଛନ୍ତି। ଅସାଧୁ ବ୍ୟବସାୟୀମାନେ ଦିନ ରାତିକୁ ଏକ କରି ବାଲି ଚୋରି କରି ଚାଲାଣ କରି ମାଲେମାଲ ହେଉଛନ୍ତି। ଯାହାଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି। ଧନ ଜୀବନ ଅସୁରକ୍ଷିତ ହୋଇ ପଡୁଥିବାରୁ ସରପଞ୍ଚ ଏବଂ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଖଣି ଅଧିକାରୀଙ୍କ ସହିତ ମାଫିଆମାନଙ୍କ ସଲାସୁତୁରାରେ କାରବାର ଚାଲିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଗାଁ ରାସ୍ତାରେ ଏତେ ମାତ୍ରାରେ ଟ୍ରାକ୍ଟର ଯିବା ଆସିବା କରୁଥିବାରୁ ପିଲାଙ୍କୁ ସ୍କୁଲ ଛାଡିବା ପାଇଁ ଅମଙ୍ଗ ହେଉଛନ୍ତି ଅଭିଭାବକ। ଗାଡି ଗୁଡ଼ିକ ଦ୍ରୁତଗତିରେ ଯାତାୟାତ କରୁଥିବାରୁ ସାଧାରଣ ଲୋକ ମଧ୍ୟ ଯିବାଆସିବା କରିବାକୁ ନିରାପଦ ମଣୁନାହାନ୍ତି। ଗୋରୁଗାଇ, ଛେଳି, ବୁଲା କୁକୁରଙ୍କ ଗାଡ଼ି ଚକା ତଳେ ଜୀବନ ଯାଉଛି। ଏହାବ୍ୟତୀତ ଏମିତି ବାଲି ଉତ୍ତୋଳନ ଆଗକୁ ଚାଲିଲେ ନଦୀ ଗର୍ଭରେ ଗାଁ ଗୁଡ଼ିକ ଲୀନ ହେବାର ସମ୍ଭାବନା ରହିଛି। ଗ୍ରାମବାସୀ ଭୟଭୀତ ହୋଇ ବାଇଗଣବାଡିଆ ପଞ୍ଚାୟତର ସରପଞ୍ଚ ବିଷ୍ଣୁପଦ ପାତ୍ରଙ୍କୁ ଏହାର ତ୍ୱରିତ ସମାଧାନ ପାଇଁ ଜଣାଇଥିଲେ। ଏ ନେଇ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ପଞ୍ଚାୟତ ଅଫିସ୍ ଠାରେ ବିଭିନ୍ନ ଗ୍ରାମର ମୁଖିଆମାନଙ୍କୁ ନେଇ ଏକ ପଞ୍ଚାୟତ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗ୍ରାମବାସୀମାନେ ବାଲି ଉତ୍ତୋଳନକୁ ସମ୍ପୂର୍ଣ୍ଣ ରୂପେ ବିରୋଧ କରିବା ସହିତ ବାଲି ଉତ୍ତୋଳନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯାଉ ବୋଲି ପ୍ରଶାସନକୁ ନିବେଦନ କରିଛନ୍ତି। ଆଗକୁ ଯଦି ଏହି ସବୁ ସ୍ଥାନରୁ ବାଲି ଉତ୍ତୋଳନ ବନ୍ଦ କରାନଯାଏ ଆନ୍ଦୋଳନର ଚେତାବନୀ ଦେଇଛନ୍ତି ନୀଳକଣ୍ଠ ରଣା, ସାଗର ବେହେରା, ଶିବ ଶଙ୍କର ମାହାନା, ମଧୁସୂଦନ ଦଳାଇ, ଲକ୍ଷ୍ମୀ ଦଳାଇ, ଝରଣା ଦଳାଇ, ମଞ୍ଜୁଳତା ପାତ୍ର ପ୍ରମୁଖ ଗ୍ରାମବାସୀ।

## ଶ୍ରମିକ ନେତା ରତ୍ନାକର ବିଶ୍ୱାଳଙ୍କ ବିୟୋଗରେ ଶୋକ

**ବାଲେଶ୍ୱର,୧୫ ।୧୦(ସମିସ):** ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ୱାର୍କରର୍ସ ୟୁନିୟନର ପ୍ରତିଷ୍ଠାତା ସଭ୍ୟ ରତ୍ନାକର ବିଶ୍ୱାଳଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ନୂଆବଜାର ସ୍ଥିତ ୟୁନିୟନର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ବିଶ୍ୱାଳ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ସଂଘର ସଭ୍ୟ ତଥା ବିଭିନ୍ନ ପଦପଦବୀରେ କାର୍ଯ୍ୟକରି ଆସିଥିଲେ। ତାଙ୍କ ବିୟୋଗରେ ୟୁନିୟନ ଜଣେ ପ୍ରବୀଣ ସାଥୀଙ୍କୁ ହରାଇଲା ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଥିଲା। ଅସିତ ବରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଘର ସାଧାରଣ ସମ୍ପାଦକ ରାଜକିଶୋର ଲେଙ୍କାଙ୍କ ସମେତ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସିଆଇଟିୟୁର ନେତା ବିଜୟ ପାତ୍ର, ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ଶ୍ୟାମସୁନ୍ଦର ଜେନା, ଟିୟୁଏସିସିର ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, ବାମପନ୍ଥୀ ନେତା ସୀତାଂଶୁ ସେନାପତି, ଜୀବନବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା, 'ଅଶ୍ରୁ'ର ସମ୍ପାଦକ ନୀଳମଣି ଦକ୍ଷିତ ଓ ଅରୁଣ ମିଶ୍ର,ପାଚିକା ସଂଘର ରାଜ୍ୟ ସମ୍ପାଦିକା ଈଷାଣୀ ଷଡ଼ଙ୍ଗୀ ଓ ମୃତ୍ୟୁଞ୍ଜୟ ରାଉତ,ନିର୍ମାଣ ଶ୍ରମିକନେତା ସୁଶାନ୍ତ ଜେନା,ଶିକ୍ଷକନେତା ସତ୍ୟଜିତ ଦାସ, ପ୍ରଭାକର ବେହେରା ଓ ସ୍ୱର୍ଗତ ବିଶ୍ୱାଳଙ୍କ ଜ୍ୟେଷ୍ଠପୁତ୍ର ପ୍ରଶାନ୍ତ ବିଶ୍ୱାଳ,ସାମ୍ବାଦିକ ଜଗନ୍ନାଥ ପାତ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସୁଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।